# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୭/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, October 27/2025 | Page 12 | ₹ 7.00

୫୧ଶ ଭାଗ ୩୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 330 | ମୂଲ୍ୟ ₹୭/-









ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ରବିବାର ପୁରୀ ଉପକୂଳରେ ଲାଇଫ୍ ଗାର୍ଡମାନେ ସମୁଦ୍ର ଭିତରକୁ ନ ଯିବା ପାଇଁ ପର୍ଯ୍ୟଟକଙ୍କୁ ସତର୍କ କରାଉଛନ୍ତି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ଆଦୌ ପିଲା ନ ଥିବା ୮ ହଜାର ସ୍କୁଲରେ ୨୦,୮୧୭ ଶିକ୍ଷକ

**ଦେଶର ପ୍ରାୟ ୮,୦୦୦ ସ୍କୁଲରେ ଜଣେ ହେଲେ ପିଲା ପାଠ ପଢୁନାହାନ୍ତି। କିନ୍ତୁ ସେହି ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପାଇଁ ୨୦,୦୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଆଦୌ ପିଲା ନ ଥିବା ସର୍ବାଧିକ ସ୍କୁଲ ପଶ୍ଚିମବଙ୍ଗରେ ଥିବାବେଳେ ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ତେଲଙ୍ଗାନା ରହିଛି।**

**ନୂଆଦିଲ୍ଲୀ,୨୬।୧୦(ପି.ଟି.)**

୨୦୨୪-୨୫ ଶିକ୍ଷାବର୍ଷରେ ଭାରତର ବିଭିନ୍ନ ଭାଗରେ ଥିବା ୮,୦୦୦ ସ୍କୁଲରେ ଜଣେ ହେଲେ ଛାତ୍ରୀଛାତ୍ର ପାଠ ପଢୁ ନ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପରିସଂଖ୍ୟାନ ତଥ୍ୟରୁ ଜଣାପଡ଼ିଛି। ତେବେ ସବୁଠୁ ଆଶ୍ଚର୍ଯ୍ୟ ବିଷୟ ହେଉଛି ଉକ୍ତ ସ୍କୁଲଗୁଡ଼ିକରେ ମୋଟ ୨୦,୮୧୭ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି, ଯେଉଁମାନେ କି ବିନା ଶିକ୍ଷାଦାନରେ ପ୍ରତିମାସରେ ସରକାରଙ୍କଠାରୁ ଦରମା ପାଉଛନ୍ତି। ସେମାନଙ୍କ ମଧ୍ୟରୁ ସର୍ବାଧିକ ୧୭,୯୬୫ ଶିକ୍ଷକ କେବଳ ପଶ୍ଚିମବଙ୍ଗର ହୋଇଥିବାବେଳେ ନିଯୁକ୍ତ ହୋଇଥିବା ସ୍କୁଲ ସଂଖ୍ୟା ୩,୮୧୨। ଶିକ୍ଷା ମନ୍ତ୍ରଣାଳୟର ତଥ୍ୟ ଦେଶର ଏଭଳି ସ୍କୁଲ ସଂଖ୍ୟା ୭,୯୯୩ ବୋଲି ଦର୍ଶାଉଛି। ଏହାର ପୂର୍ବ ଶିକ୍ଷାବର୍ଷରେ ୫,୦୦୦ରୁ ଅଧିକ ସ୍କୁଲରେ ୧୨,୯୫୪ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତ ହୋଇଥିଲେ। ଅନ୍ୟପକ୍ଷେ ହରିୟାଣା, ମହାରାଷ୍ଟ୍ର, ଗୋଆ, ଆସାମ, ଛତିଶଗଡ଼, ନାଗାଲାଣ୍ଡ, ସିକିମ୍ ଓ ତ୍ରିପୁରାରେ ଆଦୌ ପିଲା ନ ଥିବା ଗୋଟିଏ ମଧ୍ୟ ବିଦ୍ୟାଳୟ ନାହିଁ। କେନ୍ଦ୍ରଶାସିତ ଅଞ୍ଚଳ କଥା ଦେଖିଲେ ଦିଲ୍ଲୀ, ପଣ୍ଡିଚେରୀ, ଲାକ୍ଷାଦ୍ୱୀପ, ଦାଦ୍ରା ଓ ନଗର ହାଭେଳି, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଡାମନ ଓ ଡିଉ ଏବଂ ଚଣ୍ଡିଗଡ଼ରେ ମଧ୍ୟ ଶୂନ ପିଲାଙ୍କୁ ନେଇ ଗୋଟିଏ ହେଲେ ସ୍କୁଲ ଚାଲିନାହିଁ।

ବିନା ପିଲାରେ ସ୍କୁଲ ଚାଲିଥିବା ରାଜ୍ୟ ମଧ୍ୟରେ ତେଲଙ୍ଗାନା ଦ୍ୱିତୀୟରେ ରହିଛି। ତେଲଙ୍ଗାନାରେ ଏପରି ୨,୨୪୫ ସ୍କୁଲ ଥିବାବେଳେ ଶିକ୍ଷକଙ୍କ ସଂଖ୍ୟା ହେଉଛି ୧,୦୧୬। ସେହିପରି ମଧ୍ୟପ୍ରଦେଶରେ ଏପରି ୪୬୩ଟି ବିଦ୍ୟାଳୟ ରହିଛି, ଯେଉଁଠି ୨୨୩ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଉତ୍ତର ପ୍ରଦେଶରେ ମଧ୍ୟ ୮୧ଟି ଏଭଳି ସ୍କୁଲ ରହିଛି। ଉତ୍ତର ପ୍ରଦେଶ ମାଧ୍ୟମିକ ଶିକ୍ଷା ପରିଷଦ (ୟୁପି ବୋର୍ଡ) କ୍ରମାଗତ ୩ ଶିକ୍ଷାବର୍ଷରେ ଆଦୌ ପିଲା ନାମ ଲେଖାଇ ନ ଥିବା ସ୍କୁଲଗୁଡ଼ିକର ଅନୁମୋଦନ ପ୍ରତ୍ୟାହାର କରିବାକୁ ଘୋଷଣା କରିଛି।

ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସ୍କୁଲ ଶିକ୍ଷା ହେଉଛି ରାଜ୍ୟର ବିଷୟ। ରାଜ୍ୟଗୁଡ଼ିକୁ ଜିରୋ ଏନ୍‌ରୋଲ୍‌ମେଣ୍ଟ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦିଆଯାଇଛି। କେତେକ ରାଜ୍ୟ ନିଜ ଭିତ୍ତିଭୂମି ଓ କର୍ମଚାରୀ ଭଳି ସମ୍ବଳର ଉପଯୁକ୍ତ ଉପଯୋଗ ☞ପୃଷ୍ଠା-୪

# ବିଶ୍ୱ ରେକର୍ଡ ସହ ପ୍ରୀତିସ୍ମିତାଙ୍କୁ ସ୍ୱର୍ଣ୍ଣ

**ଏସିଆନ ୟୁଥ୍ ଗେମ୍ସ**



**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

ବାହାରିନ୍‌ର ମାନାମାଠାରେ ଚାଲିଥିବା ଏସିଆନ ୟୁଥ୍ ଗେମ୍ସ ଭାରୋତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରୀତିସ୍ମିତା ଭୋଇ ନୂଆ ଏସିଆନ ଓ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। ଢେଙ୍କାନାଳସ୍ଥିତ ଭାରୋତ୍ତୋଳନ ଉପକେନ୍ଦ୍ରରେ ପ୍ରଶିକ୍ଷଣପ୍ରାପ୍ତ ପ୍ରୀତିସ୍ମିତା ରବିବାର ବାଳିକା ୪୪ କେଜି ବର୍ଗରେ ମୋଟ ୧୫୮ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୬୬ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ କରିଥିଲେ। ଏହି ଓଜନ ବର୍ଗରେ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ ଏକ ଏସୀୟ ଓ ବିଶ୍ୱ ରେକର୍ଡ। ପୂର୍ବରୁ ୮୯ କେଜି ଏସିଆନ ଏବଂ ☞ପୃଷ୍ଠା-୪

# ବାତ୍ୟା ପାଇଁ ଛୁଟି ବାତିଲ

**ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ୨୮ ତାରିଖରେ ଆନ୍ଧ୍ରପ୍ରଦେଶ ଉପକୂଳରେ ଲ୍ୟାଣ୍ଡ ଫଲ୍ କରିବ ବୋଲି ପାଣିପାଗ ବିଭାଗ ଆକଳନ କରିଥିଲେ ମଧ୍ୟ ଓଡ଼ିଶାରେ ୩ଦିନ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ବାତ୍ୟାଜନିତ ବର୍ଷା ଓ ପବନ ଯୋଗୁ ଓଡ଼ିଶାରେ କ୍ଷୟକ୍ଷତିର ଆଶଙ୍କା ଥିବାରୁ ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ରବିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୈଠକ ଡାକି ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ସମସ୍ତ ଜିଲାପାଳଙ୍କ ସହିତ ଆଲୋଚନା କରିଛନ୍ତି। ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଥିବାବେଳେ ଅଧିକ ପ୍ରଭାବିତ ହେବାକୁ ଥିବା ୮ ଜିଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରକୁ ରେଡ୍ ଜୋନ୍‌ରେ ରଖାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲାର ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ ସହ ସମସ୍ତ ସ୍କୁଲ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଏହି ସବୁ ଜିଲାଗୁଡ଼ିକରେ ସମସ୍ତ ଅଙ୍ଗନୱାଡିକୁ ୨ଦିନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଶ୍ରୟସ୍ଥଳ ପ୍ରସ୍ତୁତ ରହିଥିବାବେଳେ ଲୋକଙ୍କୁ ସ୍ଥାନାନ୍ତର ପାଇଁ ସମ୍ପୃକ୍ତ ଜିଲାପାଳମାନଙ୍କୁ କୁହାଯାଇଛି। ତୁରନ୍ତ ଉଦ୍ଧାର କାର୍ଯ୍ୟ, ରାସ୍ତା ସଫା, ଜଳନିଷ୍କାସନକୁ ଗୁରୁତ୍ୱ ଦିଆଯାଇଛି। ଭୂସ୍ଖଳନ ସମ୍ଭାବିତ ଅଞ୍ଚଳ ପାଇଁ ମଧ୍ୟ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି।**

- **ରେଡ୍ ଜୋନ୍‌ରେ ୮ ଜିଲା**
- **୨୮,୨୯ରେ ସାରା ଓଡ଼ିଶାରେ ବର୍ଷା**

**ଭୁବନେଶ୍ୱର, ୨୬।୧୦ (ବନ୍ଦନା ସେଠୀ)**

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଥିବା ଅବପାତ ରବିବାର ଗଭୀର ଅବପାତରେ ପରିଣତ ହୋଇଛି। ସନ୍ଧ୍ୟା ସୁଦ୍ଧା ଏହା ଗୋପାଳପୁରଠାରୁ ୯୩୦ କି.ମି. ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ରହି ବଳ ଗୋଟାଉଛି। ଏହା କ୍ରମଶଃ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ୬ କି.ମି. ବେଗରେ ଗତି କରୁଥିବାବେଳେ ସୋମବାର ଦକ୍ଷିଣ-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ବାତ୍ୟା 'ମୋନ୍ଥା'ରେ ପରିଣତ ହେବାର ସମ୍ଭାବନା ରହିଛି। ଏହାପରେ ଉତ୍ତର-ପଶ୍ଚିମ ଦିଗରେ ଗତିକରି ୨୮ ତାରିଖ ସକାଳ ସୁଦ୍ଧା ଭୟଙ୍କର ବାତ୍ୟା କିମ୍ବା ସିରିୟସ୍ ସାଇକ୍ଲୋନିକ୍ ଷ୍ଟର୍ମରେ ପରିଣତ ହେବ। ପରେ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଆଗକୁ ବଢ଼ିବା ସହ ମଙ୍ଗଳବାର ସନ୍ଧ୍ୟା କିମ୍ବା ରାତିରେ ଆନ୍ଧ୍ରପ୍ରଦେଶର କାକିନାଡା ପାଖାପାଖି ମଛଲିପଟ୍ଟନମ୍ ଏବଂ କଳିଙ୍ଗପଟ୍ଟନମ ମଧ୍ୟରେ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହି ସମୟରେ ଘଣ୍ଟାପ୍ରତି ପବନ ବେଗ ୯୦ରୁ ୧୦୦ କି.ମି. ରହିବ ଏବଂ ଝଟ୍‌କା ପବନର ଗତି ୧୧୦ କି.ମି. ପର୍ଯ୍ୟନ୍ତ ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି।

ବାତ୍ୟା ଆନ୍ଧ୍ର ଉପକୂଳରେ ମାଡ଼ ହେବାର ସମ୍ଭାବନା ଥିବାରୁ ଓଡ଼ିଶାରେ ଏହାର ପ୍ରଭାବ କମ୍ ରହିବ। ମାତ୍ର ରାଜ୍ୟରେ ୩ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିବା ପରେ ଏହାକୁ ନେଇ ରାଜ୍ୟବାସୀ ବିଶେଷକରି ଚାଷୀକୂଳଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ୨୭, ୨୮ ଓ ୨୯ ତାରିଖରେ ରାଜ୍ୟରେ ପ୍ରବଳ ☞ପୃଷ୍ଠା-୪

# ସ୍କୁଲ ଯିବାବେଳେ ଛାତ୍ରୀଙ୍କୁ ବଳାତ୍କାର

**ଜମନକିରା, ୨୬।୧୦ (ରବୀନ୍ଦ୍ର ପ୍ରସାଦ ଦାନୀ)**

**ଅଭିଯୁକ୍ତ ଗିରଫ**

ସମ୍ବଲପୁର ଜିଲା ଜମନକିରା ସଦର ମହକୁମାରେ ସ୍କୁଲ ଯାଉଥିବାବେଳେ ଜଣେ ଛାତ୍ରୀ ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ରାଧାକୃଷ୍ଣପଡ଼ାର ମହମ୍ମଦ ଅମିର କୁରେଶି(୩୧)ଙ୍କୁ ଗିରଫ କରିଛି। ଏନେଇ ଜମନକିରା ଥାନାରେ ବିଏନ୍‌ଏସ୍ ଦଫା ୬୪(୨)(ଆଇ) ୬୫(୧), ଏବଂ ପୋକ୍‌ସୋ ଆଇନର ଦଫା ୬ରେ ଗିରଫ କରି ସମ୍ବଲପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ☞ପୃଷ୍ଠା-୪

# କାହା ସପକ୍ଷରେ ବିରୋଧୀ

**ନୂଆପଡ଼ା ଉପନିର୍ବାଚନ**

**ନୂଆପଡା,୨୬।୧୦ (ପୀତାମ୍ବର ସାହୁ)**

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ମାଲମାଲ ନେତାଙ୍କୁ ନିର୍ବାଚନମଣ୍ଡଳୀର ଭୋଟ ହାତେଇବା ଲାଗି ଦାୟିତ୍ୱ ଦେଇଛି। ୨୦୨୪ ନିର୍ବାଚନରେ ବିଜେଡି ହାତରେ ଥିବା ଏହି ଆସନ କାହା ପାଖକୁ ଯିବ ସେକଥା ଫଳାଫଳ ବାହାରିବା ପୂର୍ବରୁ ଆକଳନ କରିବା କଷ୍ଟକର ବ୍ୟାପାର। ହେଲେ କେଉଁ ଦଳ କେମିତି ଲଢୁଛି, ତାକୁ ଦେଖିଲେ ଅନେକ କିଛି ଅନୁମାନ କରାଯାଇପାରିବ। ଏହାକୁ ଭିତ୍ତିକରି ରାଜନୈତିକ ବିଶ୍ଳେଷକମାନେ ବିଭିନ୍ନ ମତ ଦେଉଛନ୍ତି। ଭାଜପା ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ବିଜେଡି ଛାଡିବା ପରେ ରାଜ୍ୟର ମୁଖ୍ୟ



ନବୀନ ପଟ୍ଟନାୟକ



ଭକ୍ତଚରଣ ଦାସ

ବିରୋଧୀ ଦଳର ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ହୋଇଥିଲା। ରାଜ୍ୟ ସଭାରେ ଖାଲି ହେବାକୁ ଥିବା ୪ଟି ଆସନର ଗଣିତରେ ଶାସକ ଭାଜପାକୁ ସମର୍ଥନ ଦେବାଲାଗି ବିଜେଡି ଚାହୁଁଥିବା ବିଷୟ ଜୟ ଦଳ ପରିବର୍ତ୍ତନ କରିବା ପରେ ଆଲୋଚନା ହେଲା। ବର୍ତ୍ତମାନ ସମୟରେ ବିଜେଡି ଏବଂ କଂଗ୍ରେସର ଉପନିର୍ବାଚନ ଲଢ଼ିବା ଶୈଳୀକୁ ଦେଖିଲେ ଉଭୟ ଭାଜପାକୁ ଉକ୍ତ ଆସନ ଟେକିଦେବା ଭଳି ରାସ୍ତା ପ୍ରସ୍ତୁତ କରୁଥାଇପାରନ୍ତି ବୋଲି ଚାଲିଥିବା ଆଲୋଚନାକୁ ଏଡ଼ାଇ ଦିଆଯାଇ ନ ପାରେ। ବିଜେଡି ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୬ ନେତାଙ୍କୁ ଦାୟିତ୍ୱ ଦେଇସାରିଛି। ସେମାନଙ୍କ ସହିତ କର୍ମୀ ଭାବେ ଅନେକ କାମକରୁଛନ୍ତି। ସେହିପରି କଂଗ୍ରେସର ବହୁ ନେତା ଏଠାରେ ପ୍ରଚାର କାମରେ ଲାଗିଥିଲେ ମଧ୍ୟ ଅନେକଙ୍କୁ ଲୋଡ଼ା ନ ଯିବା ଭବିଷ୍ୟତରେ ଭାଜପାକୁ ସୁହାଇବାର ପଥ ପ୍ରସ୍ତୁତି ବୋଲି ତାଙ୍କରି ଭିତରେ ଚର୍ଚ୍ଚା ଚାଲିଛି।

ଉପମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା କନକବର୍ଦ୍ଧନ ସିଂଦେଓ ଏବଂ ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର ନୂଆପଡ଼ା ଉପନିର୍ବାଚନର ମଙ୍ଗ ଧରିଥିବା ନେଇ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

**ବେପରୁଆ ଚାଳକ**

## ଆଜିର ମନ୍ତବ୍ୟ

"୨୦୦୫ ନଭେମ୍ବରେ ଜେଡିୟୁ କ୍ଷମତାକୁ ଆସିବା ପୂର୍ବରୁ ବିହାରବାସୀ ଆତଙ୍କିତ ଅବସ୍ଥାରେ ଥିଲେ। ଆଜି ସେମାନେ ରାଜ୍ୟରେ ଚାଲିଥିବା ସୁଶାସନ ଓ ଉନ୍ନତିମୂଳକ କାର୍ଯ୍ୟକୁ ନେଇ ବିହାରୀ ବୋଲି ଗର୍ବିତ।

**-ନୀତିଶ କୁମାର, ମୁଖ୍ୟମନ୍ତ୍ରୀ, ବିହାର**




**ପ୍ୟାରିସ୍ ମ୍ୟୁଜିୟମ୍‌ରୁ ଅଳଙ୍କାର ଚୋରି ମାମଲାରେ ୨ ଗିରଫ**

ପ୍ୟାରିସ୍‌ର ଲୁଭ୍ର ମ୍ୟୁଜିୟମ୍‌ରୁ ରାଜମୁକୁଟ ଅଳଙ୍କାର ଚୋରି ଘଟଣା ସହ ସମ୍ପୃକ୍ତ ୨ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ପ୍ୟାରିସ୍-ଚାର୍ଲ୍ସ ଡି ଗୌଲେ ଏୟାରପୋର୍ଟରୁ ଶନିବାର ରାତି ୧୦ଟାରେ ଜଣଙ୍କୁ ଗିରଫ କରାଯାଇଛି। ସେ ବିମାନରେ ବିଦେଶ ପଳାଇଯିବାକୁ ଉଦ୍ୟମ କରୁଥିଲେ। ପ୍ୟାରିସ୍ ଅଞ୍ଚଳରୁ ଅନ୍ୟ ଜଣଙ୍କୁ ଗିରଫ କରାଯାଇଛି। ଚୋରମାନେ କ୍ରେନ୍ ସହାୟତାରେ ଉପର ମହଲା ଝରକା ଭାଙ୍ଗି ମ୍ୟୁଜିୟମ୍‌ରେ ପ୍ରବେଶ କରି ୮ଟି ଅଳଙ୍କାର ଚୋରାଇ ନେଇଥିଲେ।



## ସଂକ୍ଷେପରେ

### ଦେଶବ୍ୟାପୀ ଏସ୍‌ଆଇଆର୍: ଆଜି ତାରିଖ ଘୋଷଣା

ନୂଆଦିଲ୍ଲୀ,୨୬।୧୦

ଭାରତର ନିର୍ବାଚନ କମିଶନ (ଇସିଆଇ) ଦେଶବ୍ୟାପୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମ୍ପର୍କିତ କାର୍ଯ୍ୟସୂଚୀ ସୋମବାର ଅପରାହ୍ଣରେ ଘୋଷଣା କରିବାକୁ ଯାଉଛନ୍ତି। ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ୨ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଷୀଙ୍କ ଉପସ୍ଥିତିରେ ତାରିଖ ଘୋଷଣା କରିବେ। ଇସିଆଇ ସୂତ୍ର ଅନୁଯାୟୀ ନଭେମ୍ବର ୧ରୁ ପ୍ରଥମ ପର୍ଯ୍ୟାୟ ଏସ୍‌ଆଇଆର୍ ଆରମ୍ଭ ହୋଇପାରେ। ଏହି ପର୍ଯ୍ୟାୟରେ ୧୦ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କରାଯିବ। ଆସନ୍ତାବର୍ଷ ନିର୍ବାଚନ ହେବାକୁ ଥିବା ଆସାମ, ତାମିଲନାଡୁ, ପଣ୍ଡିଚେରୀ, କେରଳ ଏବଂ ପଶ୍ଚିମବଙ୍ଗ ଏହି ତାଲିକାରେ ରହିଛି। ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଦ୍ୱିତୀୟ ପର୍ଯ୍ୟାୟରେ ଏସ୍‌ଆଇଆର୍ କରାଯିବ। ଯେକୌଣସି ସମୟରେ ଏହି କାର୍ଯ୍ୟ ଆରମ୍ଭ ହେବାକୁ ଥିବାରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ନିକଟରେ ଦିଲ୍ଲୀରେ ଅନୁଷ୍ଠିତ ସିଇଓମାନଙ୍କ ୨ ଦିନିଆ ସମ୍ମିଳନୀରେ ଇସିଆଇ ରାଜ୍ୟଗୁଡ଼ିକର ପ୍ରସ୍ତୁତି ସମୀକ୍ଷା କରିଥିଲେ।

### ଡିୟୁ ଛାତ୍ରୀଙ୍କୁ ଏସିଡ୍ ଆକ୍ରମଣ

ନୂଆଦିଲ୍ଲୀ,୨୬।୧୦

ଦିଲ୍ଲୀ ୟୁନିଭର୍ସିଟି(ଡିୟୁ)ର ଜଣେ ୨୦ ବର୍ଷୀୟା ଛାତ୍ରୀଙ୍କୁ ରବିବାର ସକାଳେ ଉତ୍ତରପଶ୍ଚିମ ଦିଲ୍ଲୀର ଅଶୋକ ବିହାର ଅଞ୍ଚଳରେ ଥିବା ଲକ୍ଷ୍ମୀବାଈ କଲେଜ ନିକଟରେ ଏସିଡ୍ ଆକ୍ରମଣ ହୋଇଛି। ଛାତ୍ରଙ୍କୁ ପିଛା କରୁଥିବା ଜିତେନ୍ଦ୍ର ଓ ତାଙ୍କର ୨ ସହଯୋଗୀ ଏସିଡ୍ ଫିଙ୍ଗି ଫେରାର ହୋଇଯାଇଛନ୍ତି। ଛାତ୍ରୀ ଜଣକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ହସ୍ପିଟାଲରୁ ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ପୀଡ଼ିତା ମହିଳାଙ୍କ ଘର ମୁକୁନ୍ଦପୁର ହୋଇଥିବାବେଳେ ସେ ଜଣେ ଅଣକଲେଜ ଦ୍ୱିତୀୟ ବର୍ଷ ଛାତ୍ରୀ। ସେ ସକାଳ ୧୦ଟାରେ ଏକ୍ସଟ୍ରା କ୍ଲାସ୍ ପାଇଁ ଲକ୍ଷ୍ମୀବାଈ କଲେଜକୁ ଯାଉଥିଲାବେଳେ ଜିତେନ୍ଦ୍ର, ଇଶାନ ଓ ଅର୍ମାନ ଏକ ମୋଟରସାଇକେଲ୍‌ରେ ଆସି ଏସିଡ୍ ଫିଙ୍ଗିଥିଲେ। ଛାତ୍ରୀ ଜଣକ ମୁହଁ ଢାଙ୍କିବାକୁ ଉଦ୍ୟମ କଲାବେଳେ ତାଙ୍କ ଦୁଇ ହାତ ପୋଡ଼ିଯାଇଛି। ଛାତ୍ରୀଙ୍କ କହିବା ଅନୁଯାୟୀ ଜିତେନ୍ଦ୍ର କିଛିଦିନ ହେଲା ତାଙ୍କୁ ପିଛା କରୁଥିଲେ ଓ ଗତ ମାସରେ ଏନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଘର ମୁକୁନ୍ଦପୁର ବୋଲି ପୋଲିସ କହିଛି।

### ଦଳିତ ଯୁବକଙ୍କୁ ପିଟି ହତ୍ୟା

ଭିଣ୍ଡ,୨୬।୧୦

ମଧ୍ୟପ୍ରଦେଶର ଭିଣ୍ଡ ଜିଲାରେ ଏକ ବିବାଦକୁ ନେଇ ଜଣେ ୩୫ ବର୍ଷୀୟ ଦଳିତ ଯୁବକଙ୍କୁ ପଡ଼ୋଶୀ ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ଶନିବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବାବେଳେ ମୃତକଙ୍କ ସମ୍ପର୍କୀୟ ଓ ଅନ୍ୟମାନେ ଜଣେ ଅଭିଯୁକ୍ତଙ୍କ ଘରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇଦେଇଛନ୍ତି। ଏଥିସହିତ ଆକ୍ରମଣକାରୀଙ୍କ ଘରର ଏକ କାର୍ ଓ ବାଇକ୍‌କୁ ମଧ୍ୟ ପୋଡ଼ିଦିଆଯାଇଛି। ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ମୃତ ଯୁବକ ରୁଦ୍ରପ୍ରତାପ ସିଂ ଯାଟଭଙ୍କର ଏକ ପଡ଼ୋଶୀ ପରିବାର ସହ ବିବାଦ ରହିଥିଲା। ଶନିବାର ସନ୍ଧ୍ୟାରେ ପଡ଼ୋଶୀ କୌରଭ ପରିବାରର ୫ ସଦସ୍ୟ ରୁଦ୍ରଙ୍କୁ ଲାଠିରେ ଆକ୍ରମଣ କରି ଗୁରୁତର ଆହତ କରିଥିଲେ। ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ଜଣେ ବୟସ୍କ ବ୍ୟକ୍ତି ଆହତ ହୋଇଛନ୍ତି। ରୁଦ୍ରଙ୍କୁ ପ୍ରଥମେ ପାଖ ହସ୍ପିଟାଲରେ ଭର୍ତ୍ତି କରାଯାଇ ପରେ ଗ୍ୱାଲିଅର ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୁକ୍ତ ରଣବୀର କୌରବ, ଅଶୁ କୌରବ, ପ୍ରହଲ୍ଲାଦ କୌରବ, ରାଜୀବ କୌରବ ଏବଂ କୁନୱାର ସିଂ କୌରବଙ୍କ ନାମରେ ବିଏନ୍‌ଏସ୍‌ର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।



ଗାଜାରେ ହମାସ୍ କବଳରୁ ନିକଟରେ ମୁକ୍ତ ହୋଇଥିବା ଇସ୍ରାଏଲୀ ପଣବନ୍ଦୀ ଏଭ୍ୟାଟାର ଡାଭିଡ୍ ରବିବାର ହସ୍ପିଟାଲରୁ ଘରକୁ ଫେରିବା ପରେ ଲୋକେ ଉତ୍ସବ ମନାଉଛନ୍ତି।

# ଗାଜାରେ ପୁଣି ପଶିଲା ଇସ୍ରାଏଲ୍

ଗାଜା ସିଟି/କାଇରୋ,୨୬।୧୦

ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧବିରତି ସତ୍ତ୍ୱେ ଇସ୍ରାଏଲୀ ସେନା ପୁଣିଥରେ ଗାଜାରେ ପଶିଛି। ଇସ୍‌ଲାମିକ୍ ଜିହାଦ ଆତଙ୍କବାଦୀ ସଂଗଠନକୁ ଟାର୍ଗେଟ କରି ଗାଜା ଷ୍ଟ୍ରିପ୍‌ରେ ଏୟାରଷ୍ଟ୍ରାଇକ୍ କରାଯାଇଥିବା ଇସ୍ରାଏଲୀ ସେନା (ଆଇଡିଏଫ୍) କହିଛି। ୨ ସପ୍ତାହ ହେଲା ଯୁଦ୍ଧବିରତି ସତ୍ତ୍ୱେ ବହୁ ପାଲେଷ୍ଟିନୀୟ ସେମାନଙ୍କ ଘରକୁ ଫେରିପାରି ନାହାନ୍ତି। ଆତଙ୍କବାଦୀ ଆକ୍ରମଣରୁ ନିଜକୁ ଓ ନିଜ ସେନାକୁ ସୁରକ୍ଷା ଦେବା ଅଧିକାର ଇସ୍ରାଏଲ୍‌ର ରହିଥିବା ଆଇଡିଏଫ୍ କହିଛି। ଆଇଡିଏଫ୍ ସୈନ୍ୟଙ୍କ ଉପରେ ଇସ୍‌ଲାମିକ୍ ଜିହାଦି ଆତଙ୍କବାଦୀ ଆକ୍ରମଣ ଯୋଜନା କରିଥିଲେ। ସେଥିପାଇଁ କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ର ନୁସେଇରାତ୍ ଅଞ୍ଚଳରେ ଏୟାରଷ୍ଟ୍ରାଇକ୍ କରାଯାଇଥିବା ଇସ୍ରାଏଲ୍ କହିଛି। ଏଥିରେ କେତେଜଣ ଆହତ ହୋଇଥିବା ଏଲ୍-ଅୱଦା ହସ୍ପିଟାଲ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ହମାସ୍ ଇତିମଧ୍ୟରେ ଗାଜା ଷ୍ଟ୍ରିପ୍‌ର ନୂଆ ଅଞ୍ଚଳଗୁଡ଼ିକରେ ପଣବନ୍ଦୀଙ୍କ ମୃତଦେହ ଖୋଜିବା ଆରମ୍ଭ କରିଛି। ଏଥିରେ ସହାୟତା କରିବାକୁ ଇଜିପ୍ଟ ଏକ ବିଶେଷଜ୍ଞ ଟିମ୍ ସହ ଓଜନଦାର ଉପକରଣ ପଠାଇଛି। ଗତ ୧୦ ତାରିଖରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ, ହମାସ୍ ଅବଶିଷ୍ଟ ଇସ୍ରାଏଲୀ ପଣବନ୍ଦୀଙ୍କୁ ଯଥାଶୀଘ୍ର ଫେରାଇଦେବା ଆଶା କରାଯାଉଛି। ପଣବନ୍ଦୀଙ୍କ ମୃତଦେହ ବଦଳରେ ଇସ୍ରାଏଲ୍ ମଧ୍ୟ ୧୫ ପାଲେଷ୍ଟିନୀୟଙ୍କ ମୃତଦେହ ଫେରାଇବାକୁ ରାଜି ହୋଇଛି।



ଇସ୍‌ଲାମିକ୍ ଆତଙ୍କବାଦୀଙ୍କୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍

# ୨୦୨୬ ହେବ ଆସିଆନ୍-ଇଣ୍ଡିଆ ସାମୁଦ୍ରିକ ସହଯୋଗର ବର୍ଷ

ନୂଆଦିଲ୍ଲୀ/କୁଆଲାଲମ୍ପୁର,୨୬।୧୦

ଭାରତ-ଆସିଆନ୍ ବିସ୍ତୃତ ରଣନୈତିକ ସହଭାଗିତା ସମ୍ପ୍ରତି ବୈଶ୍ୱିକ ସ୍ଥିରତା ଓ ଅଭିବୃଦ୍ଧିର ଏକ ଶକ୍ତିଶାଳୀ ମୂଳଦୁଆ ଭାବେ ଉଭା ହେଉଛି ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାରତ-ଆସିଆନ୍ (ଆସୋସିଏଶନ୍ ଅଫ୍ ସାଉଥ୍‌ଇଷ୍ଟ ଏସିଆନ୍ ନେଶନ୍ସ)ର ବାର୍ଷିକ ଶିଖର ସମ୍ମିଳନୀକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀର ଆକ୍ଟ ଇଷ୍ଟ ପଲିସିକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଅଭିହିତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ସବୁବେଳେ 'ଆସିଆନ୍ ସେଣ୍ଟ୍ରାଲି' ଏବଂ 'ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆସିଆନ୍‌ର ଦୂରଦୃଷ୍ଟି'କୁ ସମର୍ଥନ ଦେଇଆସିଛି। ଏପରି କି ବର୍ତ୍ତମାନର ଅନିଶ୍ଚିତତା ଭିତରେ ମଧ୍ୟ ଭାରତ-ଆସିଆନ୍ ବିସ୍ତୃତ ରଣନୈତିକ ସହଭାଗିତା ପ୍ରଗତି ପଥରେ ଆଗେଇ ଚାଲିଛି। ଆମ ଦୃଢ଼ ସହଭାଗିତା ହେଉଛି ବୈଶ୍ୱିକ ସ୍ଥିରତା ଓ ଅଭିବୃଦ୍ଧି ପାଇଁ ଏକ ପ୍ରଭାବଶାଳୀ ମୂଳଦୁଆ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଆସିଆନ୍ ବନ୍ଧୁ ରାଷ୍ଟ୍ରଗୁଡ଼ିକ ସହ ଭାରତ ପ୍ରତ୍ୟେକ ସଙ୍କଟ ସମୟରେ ଛିଡ଼ା ହୋଇଆସିଛି। ସାମୁଦ୍ରିକ ସୁରକ୍ଷା ଓ ନୀଳ ଅର୍ଥନୀତିରେ ଦ୍ୱିପାକ୍ଷିକ ସହଯୋଗ ଦ୍ରୁତଗତିରେ ଆଗକୁ ବଢ଼ୁଛି। ଏହି ପରିପ୍ରେକ୍ଷୀରେ ଆମେ ୨୦୨୬କୁ ସାମୁଦ୍ରିକ ସହଯୋଗର ଆସିଆନ୍-ଇଣ୍ଡିଆ ବର୍ଷ ରୂପେ ଘୋଷଣା କରୁଛୁ। ଶିକ୍ଷା, ପର୍ଯ୍ୟଟନ, ବିଜ୍ଞାନ ଓ କାରିଗରି, ସ୍ୱାସ୍ଥ୍ୟ, ସବୁଜ ଶକ୍ତି ଏବଂ ସାଇବର ନିରାପତ୍ତାରେ ଅମେ ଦୃଢ଼ତାର ସହ ପାରସ୍ପରିକ ସହଯୋଗ ଆଡ଼କୁ ଅଗ୍ରସର ହେଉଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଥାଇଲାଣ୍ଡ-କାମ୍ବୋଡିଆ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ତାଙ୍କ ଦ୍ୱିତୀୟ ପାଳିର ପ୍ରଥମ ଏସିଆ ଗସ୍ତ ମାଲେସିଆରୁ ଆରମ୍ଭ କରିଛନ୍ତି। ୪୭ତମ ଆସିଆନ୍ ସମିଟ୍‌ରେ ଯୋଗଦେଇ ଟ୍ରମ୍ପ୍ ମାଲେସିଆ ପ୍ରଧାନମନ୍ତ୍ରୀ ଅନ୍‌ୱର ଇବ୍ରାହିମ୍‌ଙ୍କ ସମେତ ଅନେକ ଦକ୍ଷିଣ ଏସୀୟ ରାଷ୍ଟ୍ରନେତାଙ୍କୁ ଭେଟିଛନ୍ତି। ଏହି ଅବସରରେ ଟ୍ରମ୍ପ୍ ଥାଇଲାଣ୍ଡ-କାମ୍ବୋଡିଆ ଶାନ୍ତି ଚୁକ୍ତିକୁ ସମର୍ଥନ ଜଣାଇ ଏହାକୁ ଆସିଆନ୍ ନେତୃତ୍ୱାଧୀନ ଏକ 'ମଡେଲ କୂଟନୀତି' ଭାବେ ଅଭିହିତ କରିଛନ୍ତି। ଆସିଆନ୍ ରାଷ୍ଟ୍ରଗୁଡ଼ିକ ସହ ଆମେରିକାର ବାଣିଜ୍ୟିକ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହା ପରେ ଟ୍ରମ୍ପ୍ ଜାପାନ ଓ ଦକ୍ଷିଣ କୋରିଆ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ସିଓଲରେ ସେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟି ଆମେରିକା-ଚାଇନା ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବେ ବୋଲି ଟ୍ରମ୍ପ୍ ଆଶାବାଦୀ।




କୁଆଲାଲମ୍ପୁରରେ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷର ଅବସରରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଅନୁଟିନ୍ ଚାର୍ନଭିରାକୁଲ ଓ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ୍ ମନେଟ୍‌ଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

### ପୂର୍ବ ତିମୋର ଆସିଆନ୍‌ର ୧୧ତମ ସଦସ୍ୟ

ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ସଙ୍ଗଠନ (ଆସିଆନ୍)ରେ ରବିବାର ପୂର୍ବ ତିମୋର ନୂଆ ସଦସ୍ୟ ରୂପେ ସାମିଲ ହୋଇଛି। ପୂର୍ବରୁ ଏଥିରେ ୧୦ ସଦସ୍ୟ ରାଷ୍ଟ୍ର ଥିବାବେଳେ ଇଷ୍ଟ ତିମୋର ଏହାର ଏକାଦଶ ସଦସ୍ୟ। ୧୯୬୭ ଅଗଷ୍ଟ ୮ରେ ୫ ଦେଶକୁ ନେଇ ଆସିଆନ୍ ଗଠନ କରାଯାଇଥିଲା। ଇଣ୍ଡୋନେସିଆ, ମାଲେସିଆ, ଫିଲିପାଇନ୍ସ, ସିଙ୍ଗାପୁର ଓ ଥାଇଲାଣ୍ଡ ସେବେଠୁ ଏହାର ପ୍ରତିଷ୍ଠାତା ସଦସ୍ୟ ରହିଆସିଛନ୍ତି। ପରବର୍ତ୍ତୀ ସମୟରେ ବ୍ରୁନେଇ(୧୯୮୪), ଭିଏତ୍‌ନାମ (୧୯୯୫), ଲାଓସ୍ (୧୯୯୭), ମ୍ୟାନ୍‌ମାର (୧୯୯୭), କାମ୍ବୋଡିଆ (୧୯୯) ଆସିଆନ୍‌ରେ ସାମିଲ ହୋଇଥିଲେ। କୁଆଲାଲମ୍ପୁର ସମ୍ମିଳନୀରେ ଇଷ୍ଟ ତିମୋର ଜାତୀୟ ପତାକାକୁ ଆସିଆନ୍‌ରେ ଆନୁଷ୍ଠାନିକ ଭାବେ ସାମିଲ କରାଯିବା ପରେ ପ୍ରଧାନମନ୍ତ୍ରୀ ଜାନାନା ଗୁସ୍‌ମାଓ କହିଛନ୍ତି, ଆଜି ଇତିହାସ ସୃଷ୍ଟି ହୋଇଛି।

## ମଦ୍ୟପ ବାଇକ୍ ଚାଳକଙ୍କ ଯୋଗୁ ଦୁର୍ଘଟଣା ଘଟିଥିଲା

କୁର୍ନୁଲ,୨୬।୧୦

ହାଇଦ୍ରାବାଦରୁ ବେଙ୍ଗାଲୁରୁ ଯାଉଥିବା ଏକ ଲକ୍ସୁରି ବସ୍ ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗିଯିବାରୁ ୨୦ ଜଣଙ୍କ ମୃତ୍ୟୁ ଘଟିଥିଲା। ମଦ୍ୟପ ବାଇକ୍ ଆରୋହୀଙ୍କ ପାଇଁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଲା ବୋଲି ଫୋରେନ୍‌ସିକ୍ ରିପୋର୍ଟରେ କୁହାଯାଇଛି। ଦୁର୍ଘଟଣାସ୍ଥଳରେ ବସ୍ ପହଞ୍ଚିବା ପୂର୍ବରୁ ବାଇକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆରୋହୀ ଶିବଶଙ୍କରଙ୍କ ମୃତ୍ୟୁ ଘଟିଥିଲା ବୋଲି ପୋଲିସ ଜାଣିବାକୁ ପାଇଛି। ସେ ମଦ୍ୟପାନ କରି ବେପରୁଆ ବାଇକ୍ ଚଳାଉଥିଲେ ବୋଲି ଭିସେରା ରିପୋର୍ଟ ଏବଂ ସିସିଟିଭି ଫୁଟେଜ୍‌ରୁ ସ୍ପଷ୍ଟ ହୋଇଛି। ଏସ୍‌ପି ବିକ୍ରାନ୍ତ ପାଟିଲ୍ କହିଛନ୍ତି,



ଆଞ୍ଚଳିକ ଫୋରେନ୍‌ସିକ୍ ସାଇନ୍ସ ଲାବ୍ ରିପୋର୍ଟରୁ ଶିବଶଙ୍କରଙ୍କ ଭିସେରା ନମୁନାରେ ଆଲକୋହଲ ଥିବା ଜଣାପଡ଼ିଛି। ତେଣୁ ସେ ଦୁର୍ଘଟଣା ପୂର୍ବରୁ ମଦ ପିଇଥିଲେ। ଏଥିସହିତ ବାଇକ୍‌ର ହେଡ୍‌ଲାଇଟ୍ ଜଳୁ ନ ଥିବାରୁ ଏହା ମଧ୍ୟ ଦୁର୍ଘଟଣାର ଅନ୍ୟତମ କାରଣ ହୋଇପାରେ ବୋଲି ସେ କହିଛନ୍ତି। ପୋଲିସ କହିବା ଅନୁଯାୟୀ, ଭେମୁରି କାବେରି ଟ୍ରାଭେଲ୍ସ ବସ୍ ପହଞ୍ଚିବା ପୂର୍ବରୁ ବାଇକ୍‌ଟି ରାସ୍ତାରେ ପଡ଼ିଥିଲା। ଏହା ବସ୍ ତଳେ ଲାଖିଯାଇ ଅନେକ ଦୂର ପର୍ଯ୍ୟନ୍ତ ଘୋଷାଡ଼ି ହେବାରୁ ନିଆଁ ଲାଗିଯାଇ ସମ୍ପୂର୍ଣ୍ଣ ବସ୍ ଜଳିଯାଇଥିଲା।

ଶିବଶଙ୍କରଙ୍କ ସହ ବାଇକ୍ ପଛ ସିଟ୍‌ରେ ବସିଥିବା ତାଙ୍କ ସାଙ୍ଗ ୟେରିସ୍ୱାମୀ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଦୁର୍ଘଟଣା ପୂର୍ବରୁ ଉଭୟ ଲକ୍ଷ୍ମୀପୁରମ୍‌ର ଏକ ମଦ ଦୋକାନରୁ ମଦ କିଣିଥିବା ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଉଭୟ ମଦ ପିଇଥିଲେ ବୋଲି ୟେରିସ୍ୱାମୀ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ବେପରୁଆ ଗାଡ଼ି ଚାଳନା ଯୋଗୁ ବାଇକ୍ ଡିଭାଇଡରରେ ଧକ୍କା ହୋଇ ଘଟଣାସ୍ଥଳରେ ଶିବଶଙ୍କରଙ୍କ ମୃତ୍ୟୁ ଘଟିଥିଲା ବୋଲି ସେ କହିଛନ୍ତି।

## ମଧ୍ୟପ୍ରଦେଶ ବିଚାରପତିଙ୍କୁ ହତ୍ୟା ଧମକ, ଘର ଉପରେ ଆକ୍ରମଣ

ଅନୁପୁର,୨୬।୧୦

ମଧ୍ୟପ୍ରଦେଶର ଅନୁପୁର ଜିଲାରେ ଜଣେ ବିଚାରପତିଙ୍କୁ ଦଳେ ଲୋକ ହତ୍ୟା ଧମକ ଦେବା ସହ ତାଙ୍କ ଘର ଉପରେ ଟେକାମାଡ଼ କରିଛନ୍ତି। ଜିଲା ମୁଖ୍ୟାଳୟଠାରୁ ୩୫ କି.ମି. ଦୂର ଭାଲୁମଡ଼ାଠାରେ ଶନିବାର ରାତି ୧୨ଟା ୩୦ ମିନିଟ୍ ସମୟରେ ଟେକାମାଡ଼ ହୋଇଥିବା ଏସ୍‌ପି ମୋତିଉର୍ ରେହମନ୍ ଗଣମାଧ୍ୟମକୁ କହିଛନ୍ତି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅମନଦୀପ ସିଂ ଛାବ୍ରା ଭାଲୁମଡ଼ା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ଓ ତାଙ୍କ ପରିବାର ସରକାରୀ ବାସଭବନରେ ଶୋଇଥିବାବେଳେ ଦଳେ ଲୋକ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ସେମାନେ ବିଚାରପତିଙ୍କ ବାସଭବନ ଗେଟ୍‌ରେ ଲାଗିଥିବା ଲାଇଟ୍ ଭାଙ୍ଗିବା ସହ ଆଇରନ୍ ଫିକ୍ସରକୁ ନଷ୍ଟ କରିଛନ୍ତି ଓ ଅଗଣାକୁ ଟେକାମାଡ଼ କରିଛନ୍ତି। ମାଜିଷ୍ଟ୍ରେଟ୍ ଘରୁ ବାହାରିବା ପରେ ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ଅଭିଯୋଗ ଆଧାରରେ ବିଏନ୍‌ଏସ୍‌ର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ନିକଟରେ ବିଚାରପତି ଏକ ଜାମିନ ଆବେଦନକୁ ଖାରଜ କରିଥିଲେ। ଏହାର ଆକ୍ରମଣ ସହ ସମ୍ପୃକ୍ତ ରହିଛି କି ନାହିଁ, ପୋଲିସ ତା'ର ତଦନ୍ତ ଚଳାଇଛି।

### ୫ ବର୍ଷ ପରେ ଚାଇନାକୁ ପ୍ରତ୍ୟକ୍ଷ ବିମାନ ଚଳାଚଳ ଆରମ୍ଭ

କୋଲକାତା,୨୬।୧୦

ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ଭାରତ ଓ ଚାଇନା ମଧ୍ୟରେ ବିମାନ ଚଳାଚଳ ବନ୍ଦ ରହିବା ପରେ ରବିବାରଠାରୁ ପ୍ରତ୍ୟକ୍ଷ ବିମାନସେବା ଆରମ୍ଭ ହୋଇଛି। ଭାରତରେ ଥିବା ଚାଇନା ଦୂତାବାସ ମୁଖପାତ୍ର ୟୁ ଜିଙ୍ଗ୍ ଏହା ସ୍ପଷ୍ଟ କରିଛନ୍ତି। କୋଲକାତାରୁ ରବିବାର ଗୁଆଙ୍ଗଝୋଉକୁ ପ୍ରଥମ ବିମାନ ଉଡ଼ାଣ କରିଛି। ନଭେମ୍ବର ୯ରୁ ସାଙ୍ଘାଇ-ନୂଆଦିଲ୍ଲୀ ରୁଟ୍‌ରେ ସପ୍ତାହକୁ ୩ ଥର ବିମାନ ଚଳାଚଳ ଆରମ୍ଭ ହେବାକୁ ଯାଉଛି। କୋଭିଡ୍-୧୯ ମହାମାରୀ ଯୋଗୁ ଚାଇନା ସହ ସିଧାସଳଖ ବିମାନ ଚଳାଚଳ ବନ୍ଦ ରହିଥିଲା। ଅକ୍ଟୋବର ୨୬ରୁ କୋଲକାତାରୁ ଗୁଆଙ୍ଗଝୋଉ ଦୈନିକ ବିମାନ ଚଳାଚଳ ଆରମ୍ଭ କରିବ ବୋଲି ଗତ ୨ ତାରିଖରେ ଇଣ୍ଡିଗୋ ଏୟାରଲାଇନ୍ସ ଘୋଷଣା କରିଥିଲା।

### ଆଇନ ଛାତ୍ରଙ୍କ ପେଟ ଚିରିଦେଲେ

କାନପୁର,୨୬।୧୦

କାନପୁର ୟୁନିଭର୍ସିଟିର ୨୨ ବର୍ଷୀୟ ଆଇନ ଛାତ୍ର ଅଭିଜିତ ସିଂ ଚାଣ୍ଡେଲଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଔଷଧ ଦାମ୍‌କୁ ନେଇ ସ୍ଥାନୀୟ ମେଡିସିନ୍ ଷ୍ଟୋର ଅପରେଟର ଅମର ସିଂଙ୍କ ସହ ଅଭିଜିତ୍‌ଙ୍କର ବଚସା ହୋଇଥିଲା। ପରେ ଅମର ତାଙ୍କ ୨ ଭାଇ ଓ ଅନ୍ୟ ୨ ଜଣଙ୍କ ସହ ମିଶି ଅଭିଜିତଙ୍କ ଉପରେ ଆକ୍ରମଣ କରିଥିଲେ। ସେମାନେ ଅଭିଜିତଙ୍କ ମୁଣ୍ଡକୁ ପିଟିବା ସହ ଧାରୁଆ ଅସ୍ତ୍ରରେ ପାକସ୍ଥଳୀକୁ ଚିରିଦେଇଛନ୍ତି ଓ ୨ଟି ଆଙ୍ଗୁଠି କାଟିଦେଇଛନ୍ତି। ଗୁରୁତର ଅବସ୍ଥାରେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅଭିଜିତଙ୍କ ମୁଣ୍ଡରେ ୧୪ଟି ଷ୍ଟିଚ୍ କରାଯାଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୧୬ ଜେଡିୟୁ ବିଦ୍ରୋହୀ ବହିଷ୍କୃତ

**ବିହାର ନିର୍ବାଚନ**

ପାଟନା, ୨୬।୧୦(ପି.ଟି./ଏଜେନ୍ସି)

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଶାସକ ସଂଯୁକ୍ତ ଜନତା ଦଳ(ଜେଡିୟୁ)ରେ ବିଦ୍ରୋହର ସ୍ୱର ଉଠିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜେଡିୟୁର ଜଣେ ବିଧାୟକ ଓ ୨ ପୂର୍ବତନ ମନ୍ତ୍ରୀଙ୍କ ସମେତ ୧୬ ବିଦ୍ରୋହୀଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ବହିଷ୍କୃତ ନେତାଙ୍କ ମଧ୍ୟରୁ ଅଧିକାଂଶ ଦଳୀୟ ନିର୍ଦ୍ଦେଶକୁ ଅବଜ୍ଞା କରି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପ୍ରାର୍ଥୀମାନଙ୍କ ବିରୋଧରେ ନାମାଙ୍କନପତ୍ର ଦାଖଲ କରିଥିଲେ। ବିଦା ହୋଇଥିବା ନେତାଙ୍କ ମଧ୍ୟରୁ ସବୁଠୁ ଚର୍ଚ୍ଚିତ



ନୀତୀଶ କୁମାର

ଚେହେରା ହେଉଛନ୍ତି ନରେନ୍ଦ୍ର ନିରଜ ଓରଫ ଗୋପାଳ ମଣ୍ଡଳ। ଭାଗଲପୁର ଜିଲା ଗୋପାଳପୁର ନିର୍ବାଚନମଣ୍ଡଳୀର ବିଧାୟକ ନରେନ୍ଦ୍ର ଅନେକ ସମୟରେ ଭୁଲ୍ କାର୍ଯ୍ୟ ପାଇଁ ଚର୍ଚ୍ଚାରେ ରହିଆନ୍ତି। ନରେନ୍ଦ୍ର ତାଙ୍କୁ ଦଳ ପକ୍ଷରୁ ୫ମ ଥର ପ୍ରାର୍ଥୀ କରାଯାଉ ନାହିଁ ବୋଲି ଜାଣିବା ପରେ ଜେଡିୟୁ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସରକାରୀ ବାସଭବନ ଆଗରେ ଧାରଣା ଦେଇଥିଲେ। ଏହି ଆସନରେ ଆର୍‌ଜେଡିରୁ ଆସିଥିବା ବୁଲୋ ମଣ୍ଡଳଙ୍କୁ ଟିକେଟ ଦେବା ପରେ ନରେନ୍ଦ୍ର ତାଙ୍କ ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ସେହିପରି ପୂର୍ବତନ ଏମ୍‌ଏଲ୍‌ସି ସଞ୍ଜୀବ ଶ୍ୟାମ ସିଂଙ୍କୁ ମଧ୍ୟ ଜେଡିୟୁ ବିଦା କରିଛି। ସଞ୍ଜୀବ ଗୟା ଜିଲା ଗୁରୁଆ ଆସନରୁ ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟିରୁ ପ୍ରାର୍ଥୀ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ହିମରାଜ ସିଂ କଟିହାର ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ୁଛନ୍ତି। ଟିକେଟ ନ ପାଇ ପୂର୍ବତନ ବିଧାୟକ ମହେଶ୍ୱର ପ୍ରସାଦ ଯାଦବ ଓ ତାଙ୍କ ସମର୍ଥକ ପ୍ରଭାତ କିରନ ବିଦ୍ରୋହୀ ସାଜିଲେ।

### ଡଷ୍ଟବିନ୍‌କୁ ଯିବ ୱାକ୍‌ଫ ଆଇନ: ତେଜସ୍ୱୀ

ବିହାରରେ ମହାମେଣ୍ଟ ସରକାର ଗଢ଼ିଲେ କେନ୍ଦ୍ରର ୱାକ୍‌ଫ (ସଂଶୋଧନ) ଆଇନକୁ ରଦ୍ଦ କରାଯିବ ବୋଲି ରବିବାର ବିରୋଧୀଙ୍କ ମୁଖ୍ୟମନ୍ତ୍ରୀ ଚେହେରା ତେଜସ୍ୱୀ ଯାଦବ କହିଛନ୍ତି। ଆର୍‌ଜେଡି ନେତା ତେଜସ୍ୱୀ ମୁସଲିମ୍ ବହୁଳ ଜିଲା କଟିହାରରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ଇଣ୍ଡିଆ ବ୍ଲକ୍ ଜିତିଲେ ଗତ ଏପ୍ରିଲରେ ପାର୍ଲାମେଣ୍ଟରେ ପାରିତ ୱାକ୍‌ଫ ଆଇନକୁ ଡଷ୍ଟବିନ୍‌କୁ ଫୋପାଡ଼ି ଦିଆଯିବ। ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ କେବେହେଲେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଭଳି ସାମ୍ପ୍ରଦାୟିକ ଶକ୍ତି ସହ ସାଲିସ କରି ନ ଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ଏହାର ସହଯୋଗୀ ସଙ୍ଗଠନଗୁଡ଼ିକ ବିହାର ସମେତ ସାରା ଦେଶରେ ଘୃଣା ବିସ୍ତାର କରୁଛନ୍ତି। ଭାଜପା ଏକ 'ଭାରତ ଜାଳ ପାର୍ଟି'। ଏହି ଦଳ କ୍ଷମତାକୁ ଆସିଲେ ସାମ୍ପ୍ରଦାୟିକ ଏଜେଣ୍ଡାଗୁଡ଼ିକ ଆହୁରି ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରାଇବ ବୋଲି ସେ ସମାଲୋଚନା କରିଛନ୍ତି।

# ଆଜି ଇଣ୍ଡିଆ ମେରିଟାଇମ ୱିକ୍‌ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

## ରାଜ୍ୟର ବନ୍ଦର-ଆଧାରିତ ନିବେଶ ସୁଯୋଗ ଓ ରପ୍ତାନି ଉପରେ ଆଲୋଚନା କରିବେ

ଭୁବନେଶ୍ୱର,୨୬।୧୦
(ଅନୁରାଧା ମହାରଣା)


ମୋହନ ଚରଣ ମାଝୀ

ଇଣ୍ଡିଆ ମେରିଟାଇମ ୱିକ୍(ଆଇଏମ୍‌ଡବ୍ଲ୍ୟୁ) ୨୦୨୫ ସୋମବାର ମୁମ୍ବାଇଠାରେ ଆରମ୍ଭ ହେବ। ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ପରେ ଓଡ଼ିଶା ସ୍ୱତନ୍ତ୍ର ଅଧିବେଶନରେ ରାଜ୍ୟର ବନ୍ଦର-ଆଧାରିତ ନିବେଶ ସୁଯୋଗ ଓ ରପ୍ତାନି ସମ୍ଭାବନା ଉପରେ ଆଲୋଚନା କରିବେ। ଇତିମଧ୍ୟରେ ଓଡ଼ିଶା ସରକାରଙ୍କ ଏକ ପ୍ରତିନିଧି ଦଳ ଏହି ସମ୍ମିଳନୀରେ ଅଂଶଗ୍ରହଣ ପାଇଁ ମୁମ୍ବାଇ ପହଞ୍ଚିସାରିଥିବା ସୂଚନା ମିଳିଛି। ସୂଚନାଥାଉକି, ଇଣ୍ଡିଆ ମେରିଟାଇମ ୱିକ୍ ହେଉଛି ଏକ ପ୍ରମୁଖ ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ, ଯେଉଁଥିରେ ନେତା, ଶିଳ୍ପ ବିଶେଷଜ୍ଞ ଓ ନିବେଶକମାନେ ମିଳିତ ହୋଇ ବନ୍ଦର ଭିତ୍ତିଭୂମି, ମେରିଟାଇମ ଉନ୍ନୟନ ଓ ବ୍ଲୁ ଇକୋନୋମିରେ ଅଗ୍ରଗତି ଏବଂ ସୁଯୋଗ ଉପରେ ଆଲୋଚନା କରିବେ। ଓଡ଼ିଶାର ଅଂଶଗ୍ରହଣ ରାଜ୍ୟକୁ ବନ୍ଦର-ଆଧାରିତ ଶିଳ୍ପ ଓ ଉପକୂଳୀୟ ଅର୍ଥନୀତିରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିବାର ଲକ୍ଷ୍ୟକୁ ପ୍ରତିଫଳିତ କରୁଛି। ଓଡ଼ିଶା ପ୍ରତିନିଧି ଦଳ ବନ୍ଦର-ଆଧାରିତ ଶିଳ୍ପ, ଲଜିଷ୍ଟିକ୍ସ, ମତ୍ସ୍ୟ ଓ ମେରିଟାଇମ ଟେକ୍ନୋଲୋଜିରେ ନିବେଶ ସୁଯୋଗକୁ ପ୍ରୋତ୍ସାହିତ କରିବେ। ଓଡ଼ିଶା ଅଧିବେଶନରେ ରାଜ୍ୟର ଉନ୍ନତ ବନ୍ଦର ଭିତ୍ତିଭୂମି ଓ ମେରିଟାଇମ ସମ୍ଭାବନା ପ୍ରଦର୍ଶିତ ହେବ, ଯାହା ଦେଶୀୟ ଓ ବିଦେଶୀ ନିବେଶକଙ୍କୁ ଆକର୍ଷିତ କରିବ। ମୁଖ୍ୟମନ୍ତ୍ରୀ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ୫୦୦ ଦିନ ପୂର୍ଣ୍ଣ ହୋଇଥିବାବେଳେ ତାଙ୍କର ଏହି ଗସ୍ତ ସମାବେଶୀ ଉନ୍ନୟନ, ଶିଳ୍ପ ବୃଦ୍ଧି ଓ ରୋଜଗାର ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ବହନ କରୁଛି।

# ମନ୍ କୀ ବାତ୍‌ରେ କୋରାପୁଟ କଫିକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

କୋରାପୁଟ,୨୬।୧୦(ଅମିତାଭ ବେହେରା)


କୋରାପୁଟ ଜିଲାର ମହିଳା କଫି ଚାଷୀ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କୋରାପୁଟ କଫିକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ୧୨୭ତମ ମନ୍ କୀ ବାତ୍‌ରେ ସ୍ୱଦେଶୀ ସାମଗ୍ରୀର ଚାହିଦା ବଢୁଥିବା ନେଇ ଖୁସି ବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଭାରତରେ ଅନେକ କିସମର କଫି ଅଛି। ସମଗ୍ର ବିଶ୍ୱରେ ଏହାର ବହୁତ ଚାହିଦା ରହିଛି। ଭାରତର ଏକ ସ୍ଥାନୀୟ ଉତ୍ପାଦକୁ ବିଶ୍ୱସ୍ତରୀୟ ହେଉଥିବା ଦେଖିଲେ ଗର୍ବ ଅନୁଭବ କରିବା ସ୍ୱାଭାବିକ ବୋଲି ସେ କହିଛନ୍ତି। କୋରାପୁଟ କଫି ମଧ୍ୟ ଏଭଳି ଏକ ଉତ୍ପାଦ। କୋରାପୁଟ କଫି ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଏକ ଗୌରବ। କଫି ଚାଷ ଦ୍ୱାରା ଆଦିବାସୀ କୃଷକମାନଙ୍କ ଆୟ ବୃଦ୍ଧି ପାଇଛି। ଆଦିବାସୀ ସମ୍ପ୍ରଦାୟ ଏଥିରୁ ଉପକୃତ ହୋଇଛନ୍ତି। ଆଦିବାସୀ ମହିଳାମାନେ ମଧ୍ୟ ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ପରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଏହା ଓଡ଼ିଶା ଏବଂ ଜିଲା ପାଇଁ ଏକ ଗୌରବର ବିଷୟ ବୋଲି କହିଛନ୍ତି। ଜିଲାରେ ୪୭୦୦ ହେକ୍ଟରରେ କଫି ପ୍ଲାଣ୍ଟେଶନ କରାଯାଇଛି। ଜିଲାର ୭ ହଜାର ଆଦିବାସୀ ଓ ଘରୋଇ ଚାଷୀ କଫି ଚାଷ କରୁଛନ୍ତି। ଜିଲା ପ୍ରଶାସନ ଅଧିକ କଫି ଚାଷ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି। ଆଗାମୀ ଦିନରେ କୋରାପୁଟ କଫି ବିଶ୍ୱ ଦରବାରରେ ଏକ ବ୍ରାଣ୍ଡ ହେବା ନେଇ ଟାର୍ଗେଟ ଥିବା ଜିଲାପାଳ ମହାଜନ କହିଛନ୍ତି। ଦୀର୍ଘଦିନ ଧରି ଆରକୁ କଫି ସମ୍ପର୍କରେ ଆଲୋଚନା ହେଉଥିବା ବେଳେ କୋରାପୁଟ କଫି ନିଜର ସ୍ୱାଦ ଓ ଗୁଣବତ୍ତା ଯୋଗୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଓଡ଼ିଶା କଫି ଗ୍ରୋୟର ଆସୋସିଏଶନ୍ ପକ୍ଷରୁ ସଭାପତି ପ୍ରଦୀପ ମହାନ୍ତି, ଉପସଭାପତି ସୁଜୟ କୁମାର ପ୍ରଧାନ, ସମ୍ପାଦକ ଲଲାଟେନ୍ଦୁ ଦେଓ ଏବଂ ସମସ୍ତ କଫି ଚାଷୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

# କଳବଳ କଲାଣି ଉପନିର୍ବାଚନ

- ୩ ଗୁଣା ବଢ଼ିଯାଇଛି ଘରଭଡ଼ା
- ନେତାଙ୍କ ଦଖଲରେ ହୋଟେଲ, ଲଜ୍
- ଘରଭଡ଼ା ନ ପାଇ ରୋଗୀ ସମ୍ପର୍କୀୟ ହଇରାଣ
- ବିଜେଡି ନେତାଙ୍କୁ ନାମ ଦେଇଦେଲେ ଜୟ

ନୂଆପଡ଼ା,୨୬।୧୦
(ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଆସନ ଲାଗି ଉପନିର୍ବାଚନକୁ ନେଇ ରାଜନୀତି ଜୋର ଧରିଛି। ଏହା ଭିତରେ ନୂଆପଡ଼ାରେ ଘରଭଡ଼ା ମିଳିବା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଯାହାର ସମାଧାନ ପାଇଁ ପୂର୍ବରୁ ଚିନ୍ତା କରାଯାଇନାହିଁ। ରାଜ୍ୟସ୍ତରରୁ ଆସିଥିବା ବଡ ନେତାମାନେ ନିଜର ଆରାମଦାୟକ ରହଣି ପାଇଁ ଯେଉଁଠି ଭଲ ଘର ମିଳିଲା ସେଠାରେ ଅଧିକ ଭଡ଼ା ଦେଇ ସେହି ସ୍ଥାନକୁ ହାତେଇ ନେଇଛନ୍ତି। ପ୍ରାୟ ସବୁ ହୋଟେଲ, ଲଜ୍ ବୁକ୍ ହୋଇ ରହିଛି। ଫଳରେ ଏହାର ପ୍ରଭାବ ଏବେ ସାଧାରଣ ଜନତାଙ୍କୁ ଭୋଗିବାକୁ ପଡୁଛି। ନୂଆପଡ଼ା ଜିଲାରେ ସେଭଳି ବଡ ହୋଟେଲ ନ ଥିବାବେଳେ ଯେଉଁ କେତୋଟି ଛୋଟ ଛୋଟ ଲଜ୍ ରହିଛି, ସେସବୁ ବିଭିନ୍ନ ଦଳର ନେତାମାନେ ହାତେଇ ନେଇଛନ୍ତି। ତେଣୁ କୌଣସି ଜରୁରୀ କାର୍ଯ୍ୟରେ ନୂଆପଡ଼ାକୁ ଗସ୍ତ କରୁଥିବା ବ୍ୟବସାୟୀ, ସାଧାରଣ ଲୋକେ ଘରଭଡ଼ା ନ ପାଇ ଅସୁବିଧା ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। କୌଣସି ବ୍ୟକ୍ତି ସ୍ୱାସ୍ଥ୍ୟସେବା ପାଇଁ ଆସୁଥିଲେ ଘର ନ ପାଇ ନାନା ପ୍ରକାର ହଇରାଣ ହରକତ ହେଉଛନ୍ତି। ଓଡ଼ିଶାର ସୀମାନ୍ତବର୍ତ୍ତୀ ଛତିଶଗଡ଼ ରାଜ୍ୟର ରସେଲା ଗାଁର ଜଣେ ବ୍ୟକ୍ତି ରବିବାର ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ଲାଗି ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଡାକ୍ତର ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ଲାଗି ୩ ଦିନ ଏଠାରେ ରହିବାକୁ ପ୍ରସ୍ତାବ ଦେଇଥିଲେ। ହେଲେ ନୂଆପଡ଼ାର ଉପନିର୍ବାଚନ ଯୋଗୁ ଏଠାରେ ସୃଷ୍ଟି ହୋଇଥିବା ଘର ଭଡ଼ା ସମସ୍ୟା ତାଙ୍କ ଚିନ୍ତା ବଢାଇଦେଇଛି। ସାଧାରଣ ଲୋକଙ୍କ ପାଇଁ ଏବାବଦରେ ନୂଆପଡ଼ା ଜିଲା ପ୍ରଶାସନର ଅଦୂରଦୃଷ୍ଟିକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ନୂଆପଡ଼ା ଭିତରେ ଯେଉଁ ଘର ଭଡ଼ା ଉପନିର୍ବାଚନ ଘୋଷଣା ପୂର୍ବଯାଏ ୨ରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ରହୁଥିଲା ତାହା ବର୍ତ୍ତମାନ ୨ଗୁଣା ବଢ଼ିଯାଇଛି। ରାଜନେତାମାନଙ୍କ ଗହଳ କାରଣରୁ ଘରଭଡ଼ା ଦେବା ପୂର୍ବରୁ ଭଡାଟିଆଙ୍କଠାରୁ ରଖାଯିବାକୁ ଥିବା ପରିଚୟପତ୍ର ମଧ୍ୟ ଘର ମାଲିକମାନେ ଏବେ ଲୋଡୁ ନାହାନ୍ତି। ଯେଉଁ ଭଡାଟିଆଙ୍କ ତଥ୍ୟ ସ୍ଥାନୀୟ ଥାନାରେ ଦାଖଲ କରିବା କଥା ତାହା ମଧ୍ୟ ହେଉନାହିଁ। ଏହାକୁ ଜିଲା ପୋଲିସ ପ୍ରଶାସନ ମଧ୍ୟ ଗୁରୁତ୍ୱ ଦେଉନାହିଁ। ଜିଲାରେ ଚାକିରି କରୁଥିବା କେତେକ ବୁଦ୍ଧିଜୀବୀ ଏବିଷୟରେ ଚର୍ଚ୍ଚା କରିବା ଆରମ୍ଭ କରିଛନ୍ତି।

ସୂଚନା ମୁତାବକ ସବୁଦଳର କେତେଜଣ ବଡ ନେତା ବର୍ତ୍ତମାନ ଖଡିଆଳ ଅଞ୍ଚଳରେ ହୋଟେଲ ଏବଂ ଫାର୍ମ ହାଉସକୁ ନିଜ ରହଣି ସ୍ଥାନ କରିଦେଲେଣି। ଏହି ଅଞ୍ଚଳ ନୂଆପଡ଼ା ନିର୍ବାଚନମଣ୍ଡଳୀ ବାହାରେ ଆସୁଥିବାରୁ ସେଠାରେ ରହିବାକୁ ଅଧିକ ପସନ୍ଦ କରୁଛନ୍ତି। କାରଣ ସେହି ସ୍ଥାନରେ ପୋଲିସର ଚଢାଉ ବା ଚେକିଂ ହେବାର ସମ୍ଭାବନା ନାହିଁ। ଟଙ୍କା ରଖିବା ଏବଂ ସେଠାରୁ କିଛି କିଛି କରି ଭୋଟ ହାତେଇବାକୁ ନେଣଦେଣ କରିବା ପାଇଁ ସେହି ସ୍ଥାନ କୁଆଡେ ସୁବିଧା ସ୍ଥାନ ପାଲଟିଛି ବୋଲି ଶୁଣିବାକୁ ମିଳିଛି।

ଏହି ଘରଭଡ଼ା ସମସ୍ୟା ଭିତରେ ନୂଆପଡ଼ାରେ ହୋଟେଲରେ ରହିବା ଲାଗି ବିଜେଡି ନେତାଙ୍କୁ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ପାନେ ଦେଇଥିବା ଚର୍ଚ୍ଚା ହେଉଛି। ଜଣେ ଯୁବ ବିଜେଡି ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଉପନିର୍ବାଚନ ଘୋଷଣା ପରେ ଜୟ ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ସମସ୍ତେ ଚିନ୍ତା କରୁଥିଲେ। ସେହି ସମୟରେ ନିର୍ବାଚନ ବେଳକୁ ହୋଟେଲ ଓ ଘର ଭଡ଼ାର ସମସ୍ୟା ହୋଇପାରେ ଭାବି ବିଜେଡିର ରାଜ୍ୟସ୍ତରୀୟ କେତେ ଜଣ ନେତା ଆଗୁଆ ହୋଟେଲଗୁଡ଼ିକୁ ବୁକିଂ କରିଦେବା ପାଇଁ ଜୟଙ୍କ ନିକଟକୁ ଟଙ୍କା ପଠାଇ ଦେଇଥିଲେ। ଜୟ ମଧ୍ୟ ସବୁ ହୋଟେଲରେ ରୁମ ବୁକିଂ ପାଇଁ ଟଙ୍କା ଦେଇଦେଲେ। ହେଲେ ହୋଟେଲ ମାଲିକମାନେ ନିଜ ରୁମ୍ ସଂଖ୍ୟାର ଅଧା ଭାଜପାକୁ ଏବଂ ଆଉ ଅଧା ବିଜେଡିକୁ ଦେଲେ। ପରବର୍ତ୍ତୀ ସମୟରେ ବିଜେଡି ନେତାମାନେ ଜୟ ବୁକିଂ କରିଥିବା ହୋଟେଲର ରୁମଗୁଡିକରେ ଆସି ନିଜର ରହଣି ବ୍ୟବସ୍ଥା କରିଦେଲେ। ମାତ୍ର ପରବର୍ତ୍ତୀ ସମୟରେ ଜୟ ଭାଜପାରେ ଯୋଗଦେବା ପରେ ବିଜେଡି ନେତାଙ୍କୁ ସେ ବୁକିଂ କରିଥିବା ରୁମରୁ କାଢ଼ିବା ଲାଗି ହୋଟେଲ ମାଲିକ ଉପରେ ଚାପ ପକାଇଥିଲେ। ଯାହା ବିଜେଡି ନେତାଙ୍କ ଅକଲ ଗୁଡୁମ କରି ଦେଇଥିବା ଯୁବ ନେତା ଜଣଙ୍କ କହିଛନ୍ତି। ପରବର୍ତ୍ତୀ ସମୟରେ ବିଜେଡି ନେତାଙ୍କୁ ଜବରଦସ୍ତ କିଛି ରୁମ ରଖିବାକୁ ପଡ଼ିଥିବା ଜଣାପଡିଛି। ପ୍ରକାଶ ଯେ, ନୂଆପଡ଼ା ସଦର ମହକୁମା ଏକ ବିଜ୍ଞପିତ ଅଞ୍ଚଳ ପରିଷଦ। ଏହା ବଡ଼ ସହର ହୋଇ ନ ଥିବାରୁ ସେମିତି ଅଧିକ ହୋଟେଲ, ଲଜ ନାହିଁ। ତେଣୁ ସବୁ ରାଜ୍ୟସ୍ତରୀୟ ନେତା ଏଠାରେ ଡେରା ପକାଇ ଥିବାରୁ ଘରଭଡ଼ା ମିଳିବା ବଡ଼ ସମସ୍ୟା ସୃଷ୍ଟି ହୋଇଛି। ସତେ ଯେମିତି ସାଧାରଣ ଲୋକଙ୍କୁ କଳବଳ କଲାଣି ଉପନିର୍ବାଚନ।

# କଳିଙ୍ଗା ଘାଟି କାର୍ଯ୍ୟ ୩ ଦିନ ବନ୍ଦ ରଖିବାକୁ ନିର୍ଦ୍ଦେଶ

ଫୁଲବାଣୀ,୨୬।୧୦
(ରାକେଶ କୁମାର ରାଉତ)



ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ନଜରରେ ରଖି କଳିଙ୍ଗା ଘାଟିରେ ଚାଲିଥିବା କାର୍ଯ୍ୟ ୩ ଦିନ ବନ୍ଦ ରଖିବାକୁ କନ୍ଧମାଳ ଜିଲାପାଳ ବେଦଭୂଷଣ ନିର୍ଦ୍ଦେଶ ଦେଇଛନ୍ତି। ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଲାଗୁ ରହିବ। ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୬ରେ ଘାଟିରେ ଭୂସ୍ଖଳନ ହୋଇ ରାସ୍ତା ଧୋଇ ଯାଇଥିଲା। ଏହାର ମରାମତି କାର୍ଯ୍ୟ ବର୍ତ୍ତମାନ ଚାଲୁ ଥିବାରୁ ଯାତାୟାତ ବନ୍ଦ ରହିଛି। ତେବେ କିଛି ଅମାନିଆ ଲୋକ କଟକଣା ନ ମାନି ଯାତାୟାତ କରୁଛନ୍ତି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଆସନ୍ତା ୩ ଦିନ ମଧ୍ୟରେ କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଧନଜୀବନ ହାନୀକୁ ନଜରରେ ରଖି ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସପକ୍ଷବାଦୀଙ୍କ ସପକ୍ଷରେ ନିଷେଧାଦେଶ

## ଢିଙ୍କିଆର ୨ ସ୍ଥାନରେ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଲାଗୁ

କୁଜଙ୍ଗ, ୨୬।୧୦ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ଏକ ମେଗା ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି। ଏହି ଶିଳ୍ପକୁ ନେଇ ବିରୋଧୀ ଏବଂ ସପକ୍ଷବାଦୀଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ଉଭୟ ପକ୍ଷ ପଞ୍ଚାୟତର ବିଭିନ୍ନ ସ୍ଥାନରେ ସଭାସମିତି, ଖବରଦାତା ସମ୍ମିଳନୀ କରି ପରସ୍ପର ବିରୋଧରେ ମନ୍ତବ୍ୟ ଦେଉଛନ୍ତି। ଏଭଳିସ୍ଥଳେ ସପକ୍ଷବାଦୀଙ୍କ ସପକ୍ଷରେ ଯାଇ ଜିଲା ପ୍ରଶାସନ ଢିଙ୍କିଆର ୨ ସ୍ଥାନରେ ସଭା, ସମାବେଶ ଉପରେ ରବିବାର ରାତିରେ ନିଷେଧାଦେଶ ଜାରି କରିଛି।

ପୂର୍ବତନ ସରପଞ୍ଚ ଶିଶିର ମହାପାତ୍ର, ନୃସିଂହ ରାଉତ, ଅକ୍ଷୟ ବେହେରା, ଚନ୍ଦ୍ରକାନ୍ତ ଭୋଇ, ରଞ୍ଜନ ସ୍ୱାଇଁ ଓ ପ୍ରଶାନ୍ତ ଲେଙ୍କାଙ୍କ ସମେତ କେତେଜଣ ବ୍ୟକ୍ତି ରବିବାର ଜିଲାପାଳ ଜେ.ସୋନାଲଙ୍କ ଅନୁପସ୍ଥିତିରେ ତାଙ୍କ ଆବାସିକ କାର୍ଯ୍ୟାଳୟ ଓ ପରେ ଏସ୍‌ପି ଅଙ୍କିତ ବର୍ମାଙ୍କୁ ଭେଟି ସ୍ଥାନୀୟ ଅଞ୍ଚଳରେ ଭାଇଚାରା ନଷ୍ଟ ନ କରିବାକୁ ଦାବି କରିଥିଲେ। ସେମାନେ ଦାବିପତ୍ରରେ ଶିଳ୍ପ ସପକ୍ଷରେ ମତଦେଇ କେତେଜଣ ବ୍ୟକ୍ତି ବିଶୃଙ୍ଖଳା ସୃଷ୍ଟି କରୁଥିବା ଦର୍ଶାଇବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଭଳିସ୍ଥିତିରେ ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କା କରି ଜଗତ୍‌ସିଂହପୁର ଉପଜିଲାପାଳ ତଥା ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ପ୍ରଶାନ୍ତ ତରାଇ ଢିଙ୍କିଆ ଗ୍ରାମର ୨ ସ୍ଥାନରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଧାରା ୧୬୩ ଲାଗୁ କରିଛନ୍ତି। ଏନେଇ ଉପଜିଲାପାଳ ତରାଇ ମିସ୍ କେସ୍ ନଂ. ୨୮/୨୫ ଆଧାରରେ ଏବଂ ୧୩୨୯/ପିଏସ୍ ନମ୍ବର ନିର୍ଦ୍ଦେଶନାମା ବଳରେ ଏସ୍‌ପି, କୁଜଙ୍ଗ ତହସିଲଦାର, ତିର୍ତ୍ତୋଲ ଏସ୍‌ଡିପିଓ ଓ ଅଭୟଚାନ୍ଦପୁର ଥାନାକୁ ବିହିତ ପଦକ୍ଷେପ ନେବାକୁ ଅବଗତ କରାଇଛନ୍ତି। ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ ଅଛି ଯେ, ଢିଙ୍କିଆର ଫୁଲାଖାଇ ମନ୍ଦିର ପରିସର ଓ ପଞ୍ଚାୟତ କାର୍ଯ୍ୟାଳୟ ପଡ଼ିଆରେ ଅକ୍ଟୋବର ୨୭ରୁ ନଭେମ୍ବର ୨୭ ଏକ ମାସ ପର୍ଯ୍ୟନ୍ତ କୌଣସି ସଭା ଅବା ସମାବେଶ ହୋଇପାରିବ ନାହିଁ। ଏପରିକି ୫ରୁ ଅଧିକ ଲୋକ ଏକତ୍ର ହୋଇପାରିବେ ନାହିଁ।

# ଇ-ଗେଜେଟ୍ ନୋଟିଫିକେଶନରେ ଦୁର୍ନୀତି

- ମାସ ମାସ ଧରି ପଡ଼ି ରହୁଛି ନାମ ପରିବର୍ତ୍ତନ ଦରଖାସ୍ତ
- ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ପ୍ରତିବନ୍ଧକ
- ବାଣିଜ୍ୟ, ପରିବହନ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ

ଯାଜପୁର,୨୬।୧୦
(ହର୍ଷବର୍ଦ୍ଧନ ବେହେରା)

ମାନବ ହସ୍ତକ୍ଷେପକୁ ଦୂର କରିବା ସହ ସ୍ୱଚ୍ଛତା ଓ ସାଧାରଣ ଲୋକଙ୍କୁ ତୁରନ୍ତ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଇ-ଗେଜେଟ୍ ନୋଟିଫିକେଶନ ବ୍ୟବସ୍ଥା କରାଯାଇଛି। ଏଥିରେ ଆଧାର କାର୍ଡ ଓ ଅନ୍ୟାନ୍ୟ ଅଫିସିଆଲ କାର୍ଯ୍ୟରେ ନାମ ସଂଶୋଧନ ବ୍ୟବସ୍ଥା ରହିଛି। ହେଲେ ଏଥିରେ ବ୍ୟାପକ ଦୁର୍ନୀତି ହେଉଛି। ଅସାଧୁ ଓ ଅନୈତିକ ଉପାୟରେ କେତେଜଣ ବ୍ୟକ୍ତିଙ୍କ ୧୫ରୁ ୨୦ ଦିନ ମଧ୍ୟରେ ସମାଧାନ ହେଉଥିବାବେଳେ ଅନ୍ୟ କେତେଜଣଙ୍କ ୭୦ରୁ ଉର୍ଦ୍ଧ୍ୱ ଦିନ ଧରି ଆବେଦନ ପଡ଼ି ରହୁଥିବା ଅଭିଯୋଗ ହୋଇଛି। ଏହିମର୍ମରେ ଗୌରୀଶଙ୍କର ନାୟକ, ସୁଚିତ୍ରା ମହାରଣା ପ୍ରମୁଖ ଅଭିଯୋଗ କରିବା ପରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁସଚିବ ନିର୍ମଳା କୁମାରୀ ବିଶ୍ୱାଳ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନାୟକଙ୍କ ଅଭିଯୋଗ ଅନୁସାରେ ସମ୍ପ୍ରତି ଆଧାର କାର୍ଡ ଓ ଅନ୍ୟାନ୍ୟ କାର୍ଯ୍ୟରେ ନାମ ସଂଶୋଧନ ପାଇଁ ଜଟିଳ ପଦ୍ଧତି ସୃଷ୍ଟି କରାଯାଉଛି। ପୂର୍ବରୁ କୋର୍ଟ ଆଫିଡାଭିଟ ଦ୍ୱାରା ଏହି କାର୍ଯ୍ୟ ହେଉଥିଲାବେଳେ ଏବେ ଏଥିପାଇଁ ଗେଜେଟ ନୋଟିଫିକେଶନ ବାଧ୍ୟତାମୂଳକ କରାଯାଇଛି। ଜନସାଧାରଣଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଇ-ଗେଜେଟ୍ ପ୍ରଣୟନ ହୋଇଛି। ତେବେ ଏଥିପାଇଁ ଆହୁରି ହଇରାଣ ହେବାକୁ ପଡ଼ିବା ସହ ବାରମ୍ବାର ଭୁବନେଶ୍ୱର ଦୌଡ଼ିବାକୁ ପଡୁଛି। ଆବେଦନର ୫୦ରୁ ୬୦ ଦିନ ପରେ ମଧ୍ୟ ଅନ୍‌ଲାଇନରେ କୌଣସି ନୋଟିଫିକେଶନ ଦିଆଯାଉନାହିଁ। ଏହାବାଦ ଭୁବନେଶ୍ୱର ଅଫିସକୁ ଏନେଇ ପଚାରିବାକୁ ଗଲେ ଅନ୍‌ଲାଇନରେ ଆବେଦନ କରିଥିବା ଆଫିଡାଭିଟ୍ ଓ ଖବରକାଗଜରେ ବାହାରିଥିବା ବିଜ୍ଞାପନ ଠିକ୍ ନୁହେଁ, ଆବଶ୍ୟକ କାଗଜପତ୍ର ନାହିଁ ଇତ୍ୟାଦି କୁହାଯାଉଛି। ଭୁବନେଶ୍ୱର ଅଫିସ୍‌କୁ ବାରମ୍ବାର ଦୌଡ଼ିବା ଓ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ କଥା ବୁଝିବାରେ କେତେ ଅର୍ଥ ଓ ସମୟ ବ୍ୟୟ ହେଉଛି ତାହା ଅନୁଭବୀ ହିଁ ଜାଣିପାରିବ। ସ୍ୱତନ୍ତ୍ର ଯାଞ୍ଚ ଅଧିକାରୀ ଓ ଏଜେନ୍ସି ଦ୍ୱାରା ଏହାର ସମୀକ୍ଷା କରାଗଲେ ଇ-ଗେଜେଟ୍‌ରେ କିଭଳି ମହା ବିଭ୍ରାଟ ହେଉଛି ତାହା ଜାଣିହେବ ବୋଲି ଅଭିଯୋଗକାରୀ ପ୍ରସ୍ତାବ ଦେଇଛନ୍ତି। ଏହି ବ୍ୟବସ୍ଥାର ସରଳୀକରଣ ସହ ୭ ଦିନ ମଧ୍ୟରେ ଅନ୍‌ଲାଇନ ଆବେଦନ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଦାବି ହେଉଛି। ମହାରଣାଙ୍କ ଅଭିଯୋଗ ଅନୁସାରେ ତାଙ୍କ ଝିଅର ନାମ ପରିବର୍ତ୍ତନ କରିବାକୁ ଇ-ଗେଜେଟ୍‌ରେ ସେ ଦୁଇଥର ଆବେଦନ କରିଛନ୍ତି। ଗୋଟିଏ ଆବେଦନ ୩ ମାସ ପରେ ଖାରଜ ହୋଇଥିବାବେଳେ ଅନ୍ୟଟି ୨ ମାସରୁ ଉର୍ଦ୍ଧ୍ୱ ହେବ ପଡ଼ିରହିଛି। ସେ ଯେହେତୁ ଜଣେ ବିଧବା ମହିଳା, ବିଭାଗୀୟ କାର୍ଯ୍ୟାଳୟକୁ ଯାଇପାରିବେ ନାହିଁ। ନାମ ପରିବର୍ତ୍ତନ ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ତାଙ୍କ ଝିଅର ଶିକ୍ଷାକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଝିଅର ନାମ ପରିବର୍ତ୍ତନ ପ୍ରକ୍ରିୟାରେ ଯଦି କୌଣସି ତଦନ୍ତର ଆବଶ୍ୟକତା ରହୁଛି ତେବେ ସେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବେ। ତେଣୁ ଏହାକୁ ଜରୁରୀ ଭାବେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଇ-ଗେଜେଟ୍ ଓଡ଼ିଶା ନିକଟରେ ଆବେଦନ କରିଛନ୍ତି। ତେବେ ଏଭଳି ଶତାଧିକ ଲୋକଙ୍କ ଇ-ଗେଜେଟ୍ ଆବେଦନ ଉପରେ ସମାଧାନ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଏହିକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ୨୩।୧୦।୨୦୨୫ରେ ହୋଇଥିବା ତଦନ୍ତ ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେଉଛି ଏବଂ ଆବେଦନକାରୀଙ୍କ ସମସ୍ୟାର ସମାଧାନ ତ୍ୱରିତ ଭାବେ କେବେ କରାଯାଉଛି ତାହା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

DSPL-328

ଓଡ଼ିଶା ସରକାର

**ଦୁର୍ନୀତି ନିବାରଣ**
**ସଚେତନତା ସପ୍ତାହ ୨୦୨୫**
**ପାଳନ ଅବସରରେ**

**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ଦୁର୍ନୀତି ପ୍ରଗତିର ପରିପନ୍ଥୀ । ସ୍ୱଚ୍ଛତା ଉତ୍ତମ ପ୍ରଶାସନର ପ୍ରତିଛବି । ଚଳିତ ବର୍ଷ ୨୦୨୫ ଅକ୍ଟୋବର ୨୭ ତାରିଖଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହେବା ଅବସରରେ ମୁଁ ରାଜ୍ୟର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ କରୁଛି । ଏଥି ସହିତ, କୌଣସି ପରିସ୍ଥିତିରେ ଦୁର୍ନୀତି ସହ ସାଲିସ ନକରି ସାଧାରଣ ଜୀବନରେ ସାଧୁତା ଓ ସ୍ୱଚ୍ଛତା ପାଳନ କରିବାକୁ ଅନୁରୋଧ କରୁଛି ।

ଆମ ସରକାର "ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି" (Zero Tolerance to Corruption) ଆପଣାଇଛନ୍ତି । ଦୁର୍ନୀତିକୁ କୌଣସି ସ୍ତରରେ ବରଦାସ୍ତ କରାଯିବ ନାହିଁ । ଦୁର୍ନୀତି ସାମାଜିକ ଛବି ମଳିନ କରିବା ସହ ସମାଜର ତଳ ସ୍ତରରେ ଥିବା ନାଗରିକଙ୍କୁ ତାଙ୍କର ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କରିଥାଏ । କେବଳ ଏତିକି ନୁହେଁ, ଧନୀ ଦରିଦ୍ର ମଧ୍ୟରେ ବ୍ୟବଧାନ ବୃଦ୍ଧି କରିବା ସହ ଅର୍ଥନୀତି କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିଥାଏ । ଆମ ସରକାର ଦୁର୍ନୀତି ପରାୟଣ ସରକାରୀ କର୍ମଚାରୀ, ଏପରିକି ସର୍ବଭାରତୀୟ ସେବାର ଅଧିକାରୀଙ୍କ ପ୍ରତି ମଧ୍ୟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ନିକଟରେ ବହୁ ସଂଖ୍ୟାର ସରକାରୀ ଅଧିକାରୀଙ୍କୁ ଦୁର୍ନୀତିରେ ଲିପ୍ତ ଥିବାରୁ ସେମାନଙ୍କୁ ସରକାରୀ କାର୍ଯ୍ୟରୁ ବହିଷ୍କାର କରାଯାଇଛି କିମ୍ବା ବାଧ୍ୟତାମୂଳକ ଅବସର ଦିଆଯାଇଛି ।

ଏହି ଅବସରରେ ମୁଁ ଆମ ରାଜ୍ୟର ଦୁର୍ନୀତି ନିବାରଣ ବିଭାଗକୁ ସେମାନଙ୍କର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଓ ସଫଳତା ନିମନ୍ତେ ଅଭିନନ୍ଦନ ଜଣାଉଛି ।

ଆସନ୍ତୁ, ସାଧୁତାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଏକ ଦୁର୍ନୀତିମୁକ୍ତ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ଆମେ ସମସ୍ତେ ପ୍ରଚେଷ୍ଟା ଜାରି ରଖିବା ।

***ବନ୍ଦେ ଉତ୍କଳ ଜନନୀ ।***

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12120/13/0003/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭେଙ୍କଟେଶ୍ୱର ଇଂରାଜୀ ମିଡିୟମ୍ ସ୍କୁଲ୍ ପକ୍ଷରୁ ସାଇନ୍ସ ଏକ୍ସିବିଶନ୍, ସ୍ଥାନ: ସ୍କୁଲ୍ ପରିସର, ମଧୁସୁଦନ ନଗର, ୟୁନିଟ୍ ୪, ସମୟ: ସକାଳ ୯ଟା।
- ଦେବର୍ଷଣା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୨ୟ ଶ୍ରୀଜା ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ୍ ପକ୍ଷରୁ ଆୱାର୍ଡ ଫେଷ୍ଟିଭାଲ୍ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର, ସ୍ଥାନ: ବଡ଼ମ୍ବା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସମ୍ମିଳନୀ, ସ୍ଥାନ: ବଡ଼ମ୍ବା ଟେନିସ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- କଟକ ମହାନଗର ଛଟ ପୂଜା ସମିତି ପକ୍ଷରୁ ଛଟ ପୂଜା ଉଦ୍‌ଘାଟନ, ସ୍ଥାନ: ଦେବୀଗଡ଼ା, ପୁରୀଘାଟ, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା
- ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୁରୁଜଙ୍ଗ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭାଲିଆବାଡ଼ି କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଭାଲିଆବାଡ଼ି ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଔପଦା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- କାଳୀପୂଜାର ୭ମ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।

## କେନ୍ଦୁଝର
- ଶ୍ରୀପୂର୍ଣ୍ଣବ୍ରହ୍ମ ମହାବୈଷ୍ଣବ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସୀତାବିଞ୍ଜି, ଢେଙ୍କିକୋଟ୍, ସମୟ: ପୂର୍ବାହ୍ନ ୧୦ ଟା।
- ରାଧାକୃଷ୍ଣ ଯୁବକ ସଂଘ ତରଫରୁ ପ୍ରସ୍ତୁତି ବୈଠକ, ସ୍ଥାନ: ବଡ଼ରମ୍ପାସ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ଜଗଦ୍ଧାତ୍ରୀ ମେଳା କମିଟି ପକ୍ଷରୁ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା, ସ୍ଥାନ: କୁମାର୍ସ କ୍ଲବ, ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଚନ୍ଦ୍ରଶେଖର ମହାଦେବଙ୍କ ନାଗମଣ୍ଡପ ପ୍ରତିଷ୍ଠାର ପ୍ରଥମ ବାର୍ଷିକୀ, ସ୍ଥାନ: ୧୧ନଂ. ୱାର୍ଡ, ଚନ୍ଦ୍ରଶେଖର ମନ୍ଦିର ସାହି, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ଭିଜିଲାନ୍ସ ସଚେତନତା ସପ୍ତାହ, ସ୍ଥାନ: ଛତ୍ରପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାଲିଗୁଡା ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଭିଯୋଗ ଜନଶୁଣାଣି ଶିବିର, ସ୍ଥାନ: କୋରଡ଼ା ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ବଇଣ୍ଡା : ହନୁମାନ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶରଧାମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ବଅଁରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଭିଯୋଗ ଜନ ଶୁଣାଣି, ସ୍ଥାନ: ଗୋଡୋମରା, ବଅଁରପାଳ, ସମୟ: ୧୦ଘଟିକା।

## ଜଗତ୍‌ସିଂହପୁର
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା ସମିତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦ୍ରାପଡ଼ା
- ଶ୍ରୀସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ: ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ଦାନଗଦି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ୪ର୍ଥ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସକାଳ ୫ଟା।
- ପଞ୍ଚମ ବାର୍ଷିକ ଭାଗବତ କଥାମୃତ ଉଦ୍‌ଯାପନ ଦିବସରେ ହୋମ, ପୂଜାନୀତି, ସ୍ଥାନ: ଗୋଡିପଡା ନିକଟସ୍ଥ ପଞ୍ଚୁମୁ ପଞ୍ଚାୟତ ମଝିଆଖଣ୍ଡ, ସମୟ: ସକାଳ ୭ଟା ।

## ରାୟଗଡ଼ା
- ମୋ ଭାରତ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: କର୍ଲାକନା ପଞ୍ଚାୟତ ମିନି ଷ୍ଟାଡିୟମ, ଜେକେପୁର, ସମୟ: ସକାଳ ୯ ଟା।

## ନବରଙ୍ଗପୁର
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: କୋଷାଗୁମୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରଜା ମୁଠାଇ,ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି
- ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଚିତ୍ରକୋଣ୍ଡା ବ୍ଲକ୍ ପଡ଼ପଡ଼ା ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଆଇଏଫଡବ୍ଲୁଜେ ପ୍ରତିଷ୍ଠା ଦିବସ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ସକାଳ ୯ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା କାର୍ଯ୍ୟକ୍ରମ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟା ୩୦ରୁ ସନ୍ଧ୍ୟା ୭ଟା ୩୦।

## ବଲାଙ୍ଗୀର
- ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ରାଉରକେଲା
- ସୁଶୀଳାବତୀ ସରକାରୀ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସେକ୍ଟର–୨, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ରାଜଗାଙ୍ଗପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଗାଇସିଲେଟ,ସମୟ: ପୂର୍ବାହ୍ନ ୧୦ଟା।

# ରକ୍ତ ନେଇ ୫ ପିଲା ଏଚ୍‌ଆଇଭି ସଂକ୍ରମିତ

## ସିଭିଲ୍ ସର୍ଜନ ନିଲମ୍ବିତ

ରାଞ୍ଚି,୨୬।୧୦

ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲାର ସଦର ହସ୍ପିଟାଲରେ ରକ୍ତ ନେଇଥିବା ୫ ଜଣ ପିଲା ଏଚ୍‌ଆଇଭି ସଂକ୍ରମିତ ହୋଇଛନ୍ତି। ଚାଇବାସାର ଥାଲାସେମିଆ ପୀଡ଼ିତ ଉକ୍ତ ପିଲାମାନଙ୍କୁ ଏଚ୍‌ଆଇଭି ସଂକ୍ରମିତ ରକ୍ତ ଦିଆଯାଇଥିବା ଖବର ପ୍ରକାଶ ପାଇବା ପରେ ତ୍ରୁଟି ପାଇଁ ଦାୟୀ ସିଭିଲ୍ ସର୍ଜନ ଏବଂ ଅନ୍ୟ ଅଧିକାରୀମାନଙ୍କୁ ନିଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ପୀଡ଼ିତ ଶିଶୁଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିବା ସହ ପିଲାଙ୍କୁ ମାଗଣାରେ ଚିକିତ୍ସା ଯୋଗାଇଦେବାକୁ କହିଛନ୍ତି।




ସେପ୍ଟେମ୍ବର ମାସରେ ସଂକ୍ରମିତ ରକ୍ତ ନେଇଥିବା ଜଣେ ୭ ବର୍ଷର ଥାଲାସେମିଆ ପୀଡ଼ିତ ପିଲାର ରକ୍ତ ପରୀକ୍ଷାରୁ ଏଚ୍‌ଆଇଭି ପଜିଟିଭ୍ ରିପୋର୍ଟ ଆସିବା ପରେ ଡାକ୍ତରୀ ଅବହେଳା ଘଟଣା ପଦାକୁ ଆସିଥିଲା। ସମ୍ପୃକ୍ତ ପିଲାର ପରିବାର ଡେପୁଟି କମିଶନର ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ଗମ୍ଭୀରତା ଦୃଷ୍ଟିରୁ ଝାଡ଼ଖଣ୍ଡ ହାଇକୋର୍ଟ ନିଜଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରିବା ସହ ଶୁକ୍ରବାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣା ପରେ ରାଞ୍ଚିରୁ ଏକ ୫ ଜଣିଆ ଟିମ୍ ଚାଇବାସା ଯାଇ ସଦର ହସ୍ପିଟାଲରେ ତଦନ୍ତ କରିଛି। ଟିମ୍‌ରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ଦିନେଶ କୁମାର, ଡା. ଶିପ୍ରା ଦାସ, ଡା. ଏସ୍.ଏସ୍. ପାଶ୍ୱାନ, ଡା. ଭଗତ ଏବଂ ଚାଇବାସା ସିଭିଲ ସର୍ଜନ ଡ. ସୁଶାନ୍ତୋ କୁମାର ମାଝୀଙ୍କ ସମେତ ଡା. ଶିବଚରଣ ହାଁସଦା ଏବଂ ଡା. ମୀନୁ କୁମାରୀ ରହିଛନ୍ତି। ଉକ୍ତ ଟିମ୍ ହସ୍ପିଟାଲର ବ୍ଲଡ୍ ବ୍ୟାଙ୍କ ଏବଂ ପିଆଇସିୟୁ ୱାର୍ଡ ଯାଞ୍ଚ କରିବା ସହ ସଂକ୍ରମିତ ପିଲାଙ୍କ ପରିବାରରୁ ସବିଶେଷ ତଥ୍ୟ ସଂଗ୍ରହ କରିଛି। ତଦନ୍ତ ସମୟରେ ରକ୍ତ ନେଇଥିବା ଆଉ ୪ ପିଲା ଏଚ୍‌ଆଇଭିରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ ଏବେ ବି ସଦର ହସ୍ପିଟାଲ ପିଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ସଂକ୍ରମଣର ଉତ୍ସ ଖୋଜିବାକୁ ଉଦ୍ୟମ ଚାଲିଥିବା ଡା. ଦିନେଶ କୁମାର କହିଛନ୍ତି। ଡ. କୁମାରଙ୍କ କହିବା ଅନୁଯାୟୀ, ଜିଲାରେ ମୋଟ ୫୧୫ ଏଚ୍‌ଆଇଭି ରୋଗୀ ରହିଥିବାବେଳେ ୫୬ ଜଣ ଥାଲାସେମିଆ ପୀଡ଼ିତ। ବ୍ଲଡ୍ ବ୍ୟାଙ୍କ ଏବଂ ଲାବୋରେଟୋରି ଯାଞ୍ଚ ବେଳେ ମେଡିକାଲ ଟିମ୍ ଅନେକ ଅଭାବ ଏବଂ ଗମ୍ଭୀର ଅନିୟମିତତା ଥିବା ଜାଣିବାକୁ ପାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରାଶି ପ୍ରତି ମଙ୍ଗଳଙ୍କ ପୂର୍ଣ୍ଣ ଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ବହୁ ପୂର୍ବରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇପାରନ୍ତି। ଅଶ୍ୱିନୀ ନକ୍ଷତ୍ର ସକାଶେ ବନ୍ଧୁଙ୍କ ସଙ୍ଗ ଲାଭରୁ ଧର୍ମକାର୍ଯ୍ୟ ପାଇଁ ପ୍ରେରଣା ମିଳିପାରେ। ଘର ଲୋକମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କଲେ କଳହକୁ ନିମନ୍ତ୍ରଣ କରିବା ପରି ହୋଇପାରେ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ମତଭେଦ କାରଣରୁ ପାରିବାରିକ ଓ କର୍ମକ୍ଷେତ୍ର ସମସ୍ୟାବହୁଳ ରହିବ। କୃତ୍ତିକା ନକ୍ଷତ୍ର ସକାଶେ ଆଜି ସହକର୍ମୀଙ୍କ ସହାୟତାରେ ଅର୍ଥ ଲାଭ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଘରର କେତେକ ବ୍ୟତିକ୍ରମ ବିଷୟକୁ ନେଇ ଚିନ୍ତିତ ରହିବେ। କମ୍ପାନୀ କାମରେ ମାଲିକ ସହ ଛୋଟ କଥାରୁ ମନୋମାଳିନ୍ୟର ସୂଚନା ରହିଛି।

**ମିଥୁନ** ଆତ୍ମୀୟ ସ୍ୱଜନଙ୍କ ସହ ଭୁଲ୍ ବୁଝାମଣା କଳହର କାରଣ ହୋଇପାରେ। ମୃଗଶିରା ନକ୍ଷତ୍ର ରାଜନୀତି, ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ପ୍ରଭାବରେ ଅଟକି ରହିଥିବା କାମଟିକୁ ଆରମ୍ଭ କରିବାକୁ ମନ ବଳାଇବେ। ଅସାବଧାନତା କାରଣରୁ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**କର୍କଟ** ପାରିବାରିକ ଜୀବନରେ ବହୁଳ ବ୍ୟୟ ମାନସିକ ସ୍ଥିତିକୁ ପ୍ରଭାବିତ କରିବ। ସ୍ୱାର୍ଥ ସାଧନ ଦିଗରେ ଅନ୍ୟକୁ ନିୟୋଜିତ କରିପାରନ୍ତି। ପୁନର୍ବସୁ ନକ୍ଷତ୍ର ବନ୍ଧୁମାନଙ୍କ ସାହାଯ୍ୟରେ ବାଣିଜ୍ୟ, ଶିଳ୍ପ ଓ ବ୍ୟବସାୟରେ ଦ୍ୱନ୍ଦ୍ୱର ଅବସାନ ଘଟିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବାର ଆଶଙ୍କା ରହିଛି।

**ସିଂହ** ମନ କଥା ମନ ଭିତରେ ସାଇତି ରଖି ନିର୍ଦ୍ଦିନିଆ କାମ ସକାଶେ ସକାଳୁ ସକାଳୁ ବାହାରିବାକୁ ପଡ଼ିପାରେ। ବାରମ୍ବାର ଅସଫଳତା ହେତୁ ନିଜ ଲୋକଙ୍କ ଉପରୁ ଭରସା ତୁଟି ଯାଇପାରେ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ଅନିୟମିତ ଆହାର ଯୋଗୁ ଅସୁସ୍ଥ ହୋଇପାରନ୍ତି।

**କନ୍ୟା** ଯୋଜନା ଅନୁଯାୟୀ କାର୍ଯ୍ୟ ହାସଲରେ ଅସୁବିଧା ରହିବ ନାହିଁ। ସହକର୍ମୀଙ୍କ ପରାମର୍ଶକୁ ଗ୍ରହଣ କରି ଧୈର୍ଯ୍ୟଧାରଣ ପୂର୍ବକ କାର୍ଯ୍ୟ କଲେ ଉପକୃତ ହେବେ। ଚିତ୍ରା ନକ୍ଷତ୍ର ରପ୍ତାନି ବାଣିଜ୍ୟ, ପରିବହନ ଓ ନୂତନ ବ୍ୟବସାୟରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ କଥା ଓ କାମକୁ ପ୍ରାଧାନ୍ୟ ଦେଇ ଘର କାମକୁ ଅବହେଳା କରିପାରନ୍ତି।

**ତୁଳା** ବିଶାଖା ନକ୍ଷତ୍ରର ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣ ଓ ଅକାରଣ ଜିଦ୍ ମନକୁ ବିଭ୍ରାନ୍ତ କରିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଆର୍ଥିକ ସ୍ଥିତି ପୂର୍ବ ପରି ରହିବା କାରଣରୁ ମନରେ ସରସତା ରହିବ ନାହିଁ। କାର୍ଯ୍ୟସାଧନ କ୍ଷେତ୍ରରେ ସମ୍ପର୍କୀୟଙ୍କଠାରୁ ସାହାଯ୍ୟ ପାଇ ଖୁସି ହୋଇପାରନ୍ତି।

**ବିଛା** ନୂତନ ବନ୍ଧୁତ୍ୱ ସାଙ୍ଗକୁ କର୍ମକ୍ଷେତ୍ର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। କିଶାବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ ନ କଲେ ଠକାମିରେ ପଡ଼ିଯାଇପାରନ୍ତି। ବୃଥା ସନ୍ଦେହଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଅନୁରାଧା ନକ୍ଷତ୍ରର ସାହିତ୍ୟ, ଚଳଚ୍ଚିତ୍ର ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**ଧନୁ** ଆନୁଷ୍ଠାନିକ କାର୍ଯ୍ୟ ମଧ୍ୟରେ ପ୍ରିୟ ବନ୍ଧୁଙ୍କର ଦର୍ଶନଜନିତ ଆନନ୍ଦ ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପ୍ରଶାସନିକ ଆଲୋଚନା କ୍ଷେତ୍ରରେ ଅପରାହ୍ନ ସମୟରେ ଟେନସନ୍ କିଛି ମାତ୍ରାରେ କମିଯିବ। ଉତ୍ତରାଷାଢ଼ା ନକ୍ଷତ୍ର ପର ଉପରେ ନିର୍ଭର କରିବା ସକାଶେ ବାଧ୍ୟ ହେବାକୁ ପଡ଼ିପାରେ।

**ମକର** କାମ ହାସଲରେ ବିଳମ୍ବ ମନକୁ ଭାରାକ୍ରାନ୍ତ କରିବ। ଏହା ସାଙ୍ଗକୁ ସଦା ସର୍ବଦା ରୋଗ, ଋଣ ଓ ଶତ୍ରୁତା ଲାଗି ରହିବା କାରଣରୁ ମନ ଭଲ ରହିବ ନାହିଁ। ଶ୍ରବଣା ନକ୍ଷତ୍ର ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନଙ୍କ ଦ୍ୱାରା ମିଥ୍ୟା ଗୁଜବରେ ଆତଙ୍କିତ ହୋଇପାରନ୍ତି। ଆକସ୍ମିକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ** ପ୍ରତ୍ୟେକ କାମ ବିଳମ୍ବରେ ସମ୍ପନ୍ନ ହେବ। ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ରରେ କିଛି କରିବା ସକାଶେ ଯାହା ଓ ଯେପରି ଭାବୁଛନ୍ତି ତାହା ଆରମ୍ଭ କରିବା ଭଲ ହେବ। ସାମ୍ବାଦିକତା, ପ୍ରଶାସନ, ବାଣିଜ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। ବିବାଦୀୟ ପରିସ୍ଥିତିରେ ମନଭୁଲାଣିଆ କଥା କହି ପରିବେଶକୁ ସ୍ୱାଭାବିକ କରିପାରନ୍ତି।

**ମୀନ** ଉତ୍ତରଭାଦ୍ର ନକ୍ଷତ୍ର ସକାଶେ ଧୀରେ ଧୀରେ ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ଆସିବାର ସୂଚନା ରହିଛି। ମାଲିମକଦ୍ଦମା, ରାଜନୀତି କ୍ଷେତ୍ରରେ ଶୁଭଫଳ ପାଇବେ। ନିଜ ପରିବାର ସମ୍ବନ୍ଧରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। କର୍ମକ୍ଷେତ୍ରରେ ବୁଝାମଣା ନେଇ ତିକ୍ତତା ଦୂରେଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

ଆଜି ଅକ୍ଟୋବର ୨୭ ତାରିଖ, ସତର୍କତା ସଚେତନତା ସପ୍ତାହାରମ୍ଭ, କାର୍ତ୍ତିକ ଶୁକ୍ଳଷଷ୍ଠୀ ସୋମବାର। ଦିବା ଘ.୦୧।୨୭ ଗତେ, ରାଶିନକ୍ଷତ୍ର–ପୂର୍ବାଷାଢ଼ା/ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୪୯ ଗତେ ଘ.୦୭।୧୪ମି. ମଧ୍ୟେ, ଘ.୦୮।୫୧ ଗତେ ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୪ ଗତେ ଘ.୦୮।୩୯ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ବିଶ୍ୱ ରେକର୍ଡ ସହ ...

ପ୍ରଥମ ପୃଷ୍ଠାରୁ...

୯୦ କେଜି ଉତ୍ତୋଳନ ବିଶ୍ୱ ରେକର୍ଡ ଥିଲା ବୋଲି ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ୯୦ କେଜି ଉତ୍ତୋଳନର ବିଶ୍ୱ ରେକର୍ଡ ପ୍ରିତିସ୍ମିତାଙ୍କ ନାମରେ ହିଁ ଥିଲା। ଅର୍ଥାତ୍ ସେ ନିଜ ରେକର୍ଡକୁ ଭାଙ୍ଗିଛନ୍ତି। ପ୍ରୀତିସ୍ମିତା ସମ୍ପ୍ରତି ଉତ୍ତର ପ୍ରଦେଶର ମୋଦିନଗରସ୍ଥିତ 'ୱେଟ୍‌ଲିଫ୍‌ଟିଂ ୱାରିୟର୍ସ' ଅନୁଷ୍ଠାନରେ କୋଚ୍ ବିଜୟ ଶର୍ମାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କର ଏହି ସଫଳତାରେ ରାଜ୍ୟ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଗୋପାଳ କୃଷ୍ଣ ଦାସ, ଉପସଭାପତି ହରି ପ୍ରସାଦ ପଟ୍ଟନାୟକ, ଜାନକୀ ବଲ୍ଲଭ ମିଶ୍ର ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ ପେଟ, ଏଇ ପେଟ ଲାଗି ଲାଗିଛି ନାଟ**
**ଏଇ ପେଟ ଲାଗି ଛଟପଟ**
**ଏଇ ପେଟ ଲାଗି ବଙ୍ଗଳା ବାଟ**
**ଏଇ ପେଟ ଲାଗି ଢିଙ୍କି କୁଟ**
**ନଟ କୂଟ, ମୁଣ୍ଡ କାଟ।**

ପେଟ ଲାଗି ସବୁ ନାଟ। ପେଟର ଭୋକ ପୂରଣ କରିବା ଲାଗି କିଏ କେଉଁଠି ମୂଲ ମଜୁରି ଲାଗୁଛି। ସେହିପରି କେଉଁଠି କୂଟକପଟର ଖେଳ, ହଣାମରା ଭଳି କେତେ କ'ଣ ଲାଗି ରହୁଛି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଏକକୁ କହିଲେ ଦୁଇକୁ ବାଜେ**
**ଯିଏ ସେ ନାଗର ସେ ତାହା ବୁଝେ।**

ମନର କଥା ବା ଭାଷା କେବଳ ମନର ମଣିଷ ହିଁ ବୁଝିଥାଏ। ଯେଉଁଠି ଗୋଟିଏ କଥାର ଦୁଇଟି ଅର୍ଥ ବାହାରେ, ସେଠି ସମ୍ପୃକ୍ତ ଚତୁର ବ୍ୟକ୍ତି ଜଣକ ହିଁ ଅତି ସହଜରେ ତା' ଭିତର ଅର୍ଥକୁ ଧରି ନିଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସ୍କୁଲ ଯିବାବେଳେ ...

ତାଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ୧୦ମ ଶ୍ରେଣୀର ଉକ୍ତ ନାବାଳିକା ଜଣକ ସ୍ଥାନୀୟ ଏକ ସ୍କୁଲକୁ ଶନିବାର ସକଳେ ପାଠ ପଢ଼ିବାକୁ ଯାଉଥିଲେ। ସ୍ଥାନୀୟ କଲେଜ ନିକଟରେ ଅଭିଯୁକ୍ତ ଅମିର ତାଙ୍କୁ ଦେବଗଡ଼ ପ୍ରଧାନପାଟ ଜଳପ୍ରପାତ ବୁଲିଯିବାକୁ ଡାକିଥିଲେ। ଏଥିରେ ରାଜି ନ ହେବାରୁ ସେ ତାଙ୍କୁ ବଳପୂର୍ବକ ଏକ କାର୍‌ରେ ଉଠେଇ ନେଇଯାଇଥିଲେ। ବାଟରେ ତାଙ୍କୁ ବଳାତ୍କାର କରିଥିଲେ। ପରେ ପୀଡ଼ିତାଙ୍କୁ ଆଣି ତାଙ୍କ ଘର ପାଖରେ ଛାଡ଼ିଦେଇଥିଲେ। ରାତିରେ ପୀଡ଼ିତାଙ୍କ ମା' ଜମନକିରା ଥାନାରେ ଅମିରଙ୍କ ବିରୋଧରେ ଏତଲା ଦେଇଥିଲେ। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ବିଳମ୍ବିତ ରାତିରେ ଗିରଫ କରିଥିଲା। ରବିବାର ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଘଟଣାରେ ବ୍ୟବହୃତ କାର୍‌କୁ ପୋଲିସ ଜବତ କରିଛି।

## ଆଦୌ ପିଲା ନ ଥିବା ...

ପାଇଁ ଏହି ଧରଣର ସରକାରୀ ସ୍କୁଲଗୁଡ଼ିକର ମିଶ୍ରଣ କରାଉଛନ୍ତି। ସାରା ଦେଶରେ ଏପରି ଲକ୍ଷାଧିକ ସ୍କୁଲ ରହିଛି, ଯେଉଁଠି ଜଣେ ଲେଖାଏ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏଭଳି ସ୍କୁଲ ପିଲାଙ୍କ ସଂଖ୍ୟା ୩୩ ଲକ୍ଷରୁ ଅଧିକ ହେବ। ମାତ୍ର ଜଣେ ଶିକ୍ଷକଙ୍କୁ ନେଇ କାମ ଚଳାଉଥିବା ସର୍ବାଧିକ ସ୍କୁଲ ଆନ୍ଧ୍ର ପ୍ରଦେଶରେ ରହିଛି। ଏହା ପଛକୁ ୟୁପି, ଝାଡ଼ଖଣ୍ଡ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଲାକ୍ଷାଦ୍ୱୀପ ରହିଛି। ୨୦୨୨–୨୩ରେ ଦେଶରେ ସିଙ୍ଗଲ–ଟିଚର ସ୍କୁଲ ସଂଖ୍ୟା ୧,୧୮,୧୯୦ ଥିବାବେଳେ ୨୦୨୩–୨୪ ଶିକ୍ଷାବର୍ଷରେ ପ୍ରାୟ ୬ ପ୍ରତିଶତ ହ୍ରାସ ପାଇ ୧,୧୦,୯୭୧କୁ ଖସିଆସିଥିଲା।

## ବାତ୍ୟା ପାଇଁ ଛୁଟି ...

ବର୍ଷା ହେବ। ବିଶେଷକରି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ। ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, କନ୍ଧମାଳ, ନୂଆପଡା, କଳାହାଣ୍ଡି ଓ ବୌଦ୍ଧରେ ସର୍ବାଧିକ ପ୍ରଭାବ ରହିବାର ସମ୍ଭାବନା ରହିଛି। ସେହିପରି ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼ ଜିଲାଗୁଡ଼ିକ ମଧ୍ୟ ପ୍ରଭାବିତ ହେବା ନେଇ ପୂର୍ବାନୁମାନ କରାଯାଇଛି। ପ୍ରବଳ ପବନ ଯୋଗୁ ଉଦ୍ୟାନ କୃଷି ଏବଂ ଧାନ ଫସଲର କ୍ଷତି ହୋଇପାରେ। ସେହିପରି କଚ୍ଚା ଘର, କାନ୍ଥ ଏବଂ କୁଡିଆର ସାମାନ୍ୟ କ୍ଷତି, ବିଦ୍ୟୁତ୍ ଏବଂ ଯୋଗାଯୋଗ ଲାଇନ୍‌ର ସାମାନ୍ୟ କ୍ଷତି, କଚ୍ଚା ଏବଂ ପକ୍କା ରାସ୍ତାର ସାମାନ୍ୟ କ୍ଷତି, ଗଛଡାଳ ଭାଙ୍ଗିବା, ଗଛ ଉପୁଡିବା, ତଳିଆ ଅଞ୍ଚଳରେ ପାଣି ଜମି ରହିବା, ସ୍ଥାନୀୟ ଭୂସ୍ଖଳନ, ମାଟି ଅଡଡା ଖସିବା ଆଦି ପ୍ରଭାବ ପଡିପାରେ। ଏହାସହ ବାତ୍ୟା ସମୟରେ ଓଡ଼ିଶାରେ ପବନର ବେଗ ୬୦ ରୁ ୭୦ କି.ମି ରହିବ। ଝଟକା ପବନ ଘଣ୍ଟା ପ୍ରତି ୮୦ କି.ମି ରହିବ। ପବନର ବେଗକୁ ନେଇ ସମୁଦ୍ର ମଧ୍ୟ ଅଶାନ୍ତ ରହିବ। ତେଣୁ ରବିବାରଠାରୁ ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି।

### ଆଜି ୮ ଜିଲାରେ ପ୍ରବଳ ବର୍ଷା

ସୋମବାର ପ୍ରବଳରୁ ଅତି ପ୍ରବଳ (୧୨ରୁ ୨୦ ସେ.ମି ପର୍ଯ୍ୟନ୍ତ) ବର୍ଷା ନେଇ ୮ଟି ଜିଲା କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ନୂଆପଡା, ବଲାଙ୍ଗୀର, ବୌଦ୍ଧ, ନୟାଗଡ଼, କଟକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ ଆଦି ଜିଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ବର୍ଷା ସମୟରେ ଗଜପତି, ଗଞ୍ଜାମ ଏବଂ ପୁରୀ ଜିଲାରେ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ପର୍ଯ୍ୟନ୍ତ ପବନ ବହିବା ନେଇ ସତର୍କତା ଜାରି କରାଯାଇଛି।

### ୨୮ ତାରିଖରେ ୫ ଜିଲାକୁ ରେଡ୍ ଆଲର୍ଟ

ମଙ୍ଗଳବାର ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ସମୟରେ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିପାଇଁ ଗଞ୍ଜାମ, ଗଜପତି, ରାୟଗଡ଼, ମାଲକାନଗିରି ଓ କୋରାପୁଟ ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୬୦ରୁ ୭୦ କି.ମି ପର୍ଯ୍ୟନ୍ତ ରହିବ। ଏଥିସହ କଳାହାଣ୍ଡି, ନବରଙ୍ଗପୁର, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଏହି ସମୟରେ ଘଣ୍ଟାପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ଅନ୍ୟ ସମସ୍ତ ଜିଲାଗୁଡିକରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଥିବାବେଳେ ପବନର ବେଗ ଘଣ୍ଟାପ୍ରତି ୪୦ ରୁ ୫୦ କି.ମି ମଧ୍ୟରେ ରହିବ ବୋଲି ସୂଚନା ଦିଆଯାଇଛି।

## କାହା ସପକ୍ଷରେ ...

ଦୁଇ ଦିନ ତଳେ ଗଣମାଧ୍ୟମରେ ପ୍ରକାଶ ପାଇଲା। ରବିବାର ନୂଆପଡ଼ା ଏନ୍‌ଏସି ଏବଂ ନିର୍ବାଚନମଣ୍ଡଳୀର କେତେକ ସ୍ଥାନରେ କନକବର୍ଦ୍ଧନ ଦଳୀୟ କାର୍ଯ୍ୟରେ ବୁଲୁଥିବା ଦେଖିବାକୁ ମିଳିଛି। ସେହିପରି ଭାଜପା ପଶ୍ଚିମ ଓଡ଼ିଶାର ନେତାମାନଙ୍କୁ ଏହି ଉପନିର୍ବାଚନର ଜୋନ୍‌ୱାରି ଦାୟିତ୍ୱ ବଣ୍ଟନ କରିଛି। ଏହାଦ୍ୱାରା ପଶ୍ଚିମ ଓଡ଼ିଶାରେ ସେମାନଙ୍କ ସ୍ଥାନୀୟ ନେତାଙ୍କ ଗୁରୁତ୍ୱ ଦଳ ଭିତରେ ବଢ଼ିଥିବା ନେଇ ଭାଜପା ଏକ ବାର୍ତ୍ତା ଦେବାକୁ ଚେଷ୍ଟା କରିଛି। ଏହି ଉପନିର୍ବାଚନରେ ଭାଜପା ଉପକୂଳିଆ ନେତାଙ୍କୁ ଦାୟିତ୍ୱ ଦେଇଥିଲେ ମଧ୍ୟ ଆଗଧାଡ଼ିରେ ପଶ୍ଚିମ ଓଡ଼ିଶା ନେତାଙ୍କୁ ରଖିଛି। ହେଲେ ପୂର୍ବଭଳି ବିଜେଡି ପୁଣିଥରେ ପଶ୍ଚିମ ଓଡ଼ିଶା ନେତାଙ୍କୁ ଅବହେଳା କରିବାର ବାର୍ତ୍ତା ସେହି ଅଞ୍ଚଳକୁ ଆସି ଦେଉଛି ବୋଲି ତାଙ୍କ ଦଳରେ ଚର୍ଚ୍ଚା କରାଯାଉଛି। ଯେଉଁଥିପାଇଁ ପଶ୍ଚିମ ଓଡ଼ିଶାର ଅନେକ ନେତା ଏବେ ଅସୁସ୍ଥତା ଏବଂ ଅନ୍ୟାନ୍ୟ ବାହାନା ଦେଖାଇ ଉପନିର୍ବାଚନରୁ ନିଜକୁ ଦୂରେଇ ରଖିଛନ୍ତି। ଜଣେ ବିଜେଡି ନେତାଙ୍କ କହିବା ମୁତାବକ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ, ଟୁକୁନି ସାହୁ, ପଦ୍ମନାଭ ବେହେରା, ପୂର୍ବତନ ବିଧାୟକ ଭୂପିନ୍ଦର ସିଂଙ୍କ ଭଳି ଅନେକ ପଶ୍ଚିମ ଓଡ଼ିଶା ନେତା ଉପନିର୍ବାଚନରେ ଦେଖିବାକୁ ମିଳୁନାହାନ୍ତି। ଅନେକ ଉପକୂଳିଆ ନେତା ଆସି ଉପନିର୍ବାଚନରେ ମାମଲାତି କରିବା ଆଗକୁ ଦଳ ପାଇଁ ବୁମେରାଂ ହୋଇପାରେ ବୋଲି କୁହାଯାଉଛି। ବିଜେଡି ପକ୍ଷରୁ ଖରିଆର ରୋଡ୍ ଏନ୍‌ଏସି, ନୂଆପଡା ଏନ୍‌ଏସି, କୋମନା ଏବଂ ନୂଆପଡ଼ା ବ୍ଲକର ଦାୟିତ୍ୱ ସମ୍ପୂର୍ଣ୍ଣ ଉପକୂଳ ନେତାଙ୍କ ହାତରେ ଟେକି ଦିଆଯାଇଛି। ଖରିଆର ରୋଡ୍ ଏନ୍‌ଏସି ଦାୟିତ୍ୱ ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଦିଆଯାଇଛି। ସେହିପରି କୋମନା ବ୍ଲକରେ ପ୍ରଣବ ପ୍ରକାଶ ଦାସ(ବବି), ନୂଆପଡା ଏନ୍‌ଏସିରେ ଅତନୁ ସବ୍ୟସାଚୀ ନାଏକ ଏବଂ ନୂଆପଡ଼ା ବ୍ଲକରେ ସଞ୍ଜୟ ଦାସବର୍ମା, ଅରୁଣ ସାହୁ ଓ ପ୍ରତାପ ଜେନା ମୁଖ୍ୟ ଦାୟିତ୍ୱ ତୁଲାଉଛନ୍ତି। ଏମାନେ ସମସ୍ତେ ଉପକୂଳ ନେତା ହୋଇଥିବାବେଳେ ଜଣେ ହେଲେ ପଶ୍ଚିମ ଓଡ଼ିଶା ନେତାଙ୍କୁ ମୁଖ୍ୟ ଭୂମିକାରେ ରଖାଯାଇନାହିଁ। ମିଳିଥିବା ସୂଚନା ଅନୁଯାୟୀ ଆଉ ଜଣେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ସମ୍ପୂର୍ଣ୍ଣ ନିର୍ବାଚନ ମଣ୍ଡଳୀର ରିପୋର୍ଟ ସଂଗ୍ରହ କରି ନବୀନ ନିବାସ ପଠାଉଛନ୍ତି। ତେଣୁ ପଶ୍ଚିମ ଓଡ଼ିଶାରେ ଉପକୂଳର ଏହି ମାମଲତି ଭୋଟିଂ ପ୍ରକ୍ରିୟାକୁ ଯେ କେବଳ ପ୍ରଭାବ ପକାଇବ ତାହା ନୁହେଁ, ଏହା ଭାଜପାକୁ ମଧ୍ୟ ସୁହାଇବ ବୋଲି କୁହାଯାଉଛି।

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ପୂର୍ବରୁ ଲଢ଼ିଥିବା କଳାହାଣ୍ଡି ଲୋକ ସଭା ଆସନ ଅଧୀନରେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଆସୁଛି। ସ୍ୱାଭାବିକ ଭାବେ ଭକ୍ତ ନୂଆପଡ଼ାରେ ଜଣେ ପରିଚିତ ଏବଂ ପୁରୁଖା ନେତା। ହେଲେ କଂଗ୍ରେସ ସଭାପତିଙ୍କ ଦୁଇଟି ଚିଠି ଦଳୀୟ ମହଲରେ ନିରାଶା ସୃଷ୍ଟି କରିବା ସହ ତାଙ୍କର କିଛି ନ୍ୟସ୍ତସ୍ୱାର୍ଥ ଉପନିର୍ବାଚନକୁ ନେଇ ରହିଛି ବୋଲି ବହୁଜଣ କହିବା ଆରମ୍ଭ କଲେଣି। ଗୋଟିଏ ଚିଠିରେ ଭକ୍ତ ଉଲ୍ଲେଖ କରିଛନ୍ତି, ଅଯଥାରେ ଏଠାକୁ ଆସି କେହି ଗହଳି କରନ୍ତୁ ନାହିଁ। ଆଉ ଏକ ଚିଠିରେ ଉଲ୍ଲେଖ କରିଛନ୍ତି, ଯାହା ପାଖରେ ସମ୍ଭବ କିଛି ଆର୍ଥିକ ସହାୟତା ପ୍ରଦାନ କରନ୍ତୁ। ବିଧିବଦ୍ଧ ଭାବେ ସବୁ ଅଞ୍ଚଳର ନେତାମାନଙ୍କୁ ଉପନିର୍ବାଚନରେ ସାମିଲ କରିବାକୁ ଭକ୍ତ ନ ଚାହିଁବା ନେଇ ଦଳରେ ଅସନ୍ତୋଷ ଦାନା ବାନ୍ଧିଲାଣି। ଉପକୂଳର ଜଣେ ବରିଷ୍ଠ ନେତା କହିଛନ୍ତି, ଆମେମାନେ ପଚାଶ ବର୍ଷ ହେଲା କଂଗ୍ରେସରେ କାମ କରୁଛୁ। ଅନେକ ନୂଆ ଏବଂ ଯୁବନେତା ଦଳରେ ଯୋଡ଼ିହେବାକୁ ଚାହୁଁଛନ୍ତି। ଉପନିର୍ବାଚନରେ ଯଦି ସବୁ ପ୍ରାନ୍ତର ନୂଆ ପିଲାଙ୍କୁ ଏବଂ ବରିଷ୍ଠ ନେତାଙ୍କୁ ସାମିଲ କରାଯାଇଥାନ୍ତା, ତେବେ ଲଢ଼େଇରେ ଦଳୀୟ ପ୍ରାର୍ଥୀଙ୍କୁ ଆଉ ଟିକିଏ ବଳ ମିଳିଥାନ୍ତା। ଶୁଣିବାକୁ ମିଳୁଛି, ବରିଷ୍ଠ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ମହମ୍ମଦ ମୋକିମ, ବିଧାୟକ ରମେଶ ଜେନା ଏବଂ ତାରାପ୍ରସାଦ ବାହିନୀପତିଙ୍କ ଭଳି ବହୁନେତା ଏବେ ଉପନିର୍ବାଚନ ପାଇଁ ଡାକରା ପାଇନାହାନ୍ତି। ଭକ୍ତଙ୍କ ଏହି ରଣନୀତି କାହା ସପକ୍ଷରେ ବୋଲି ଚର୍ଚ୍ଚା ହେଲାଣି।

# ନୂଆ ଆପରାଧିକ ଆଇନକୁ ଡାକ୍ତରଙ୍କ ବିରୋଧରେ ଅପବ୍ୟବହାର କରାଯାଉଛି

## ଜାତୀୟ ମେଡିକୋଲିଗାଲ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର, ୨୬।୧୦(ବନ୍ଦନା ସେଠୀ)



ମେଡିକୋଲିଗାଲ୍ ସମ୍ମିଳନୀରେ ଯୋଗଦେଇଥିବା ବିଶେଷଜ୍ଞ ଓ ଅତିଥିମାନେ।

ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ (ଆଇଏପି)ର ମେଡିକୋଲିଗାଲ ଚାପ୍ଟର ପକ୍ଷରୁ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏଶନ୍ (ଆଇଏମ୍ଏ) ସହଯୋଗରେ ଜାତୀୟ ମେଡିକୋଲିଗାଲ୍ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇଦିନିଆ ସମ୍ମିଳନୀରେ ରାଜ୍ୟ ତଥା ଦେଶ ବିଦେଶରୁ ଆସିଥିବା ଡାକ୍ତର, ଆଇନ ବିଶେଷଜ୍ଞ ଓ ବିଚାରପତିମାନେ ଗୋଟିଏ ମଞ୍ଚରେ ଚିକିତ୍ସା ଓ ଆଇନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଆୟୋଜିତ ଆଲୋଚନାଚକ୍ରରେ ବିଶେଷଜ୍ଞମାନେ କ୍ଲିନିକାଲ ସଂସ୍ଥା ବିଶେଷକରି ଡାକ୍ତରୀ ପେସାରେ ସମ୍ମୁଖୀନ ହେଉଥିବା ଆଇନଗତ ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଆଇଏପି ମେଡିକୋଲିଗାଲ୍ ଚାପ୍ଟରର ଡା. ଜେ.କେ. ଗୁପ୍ତା ସମ୍ମିଳନୀରେ ଅଧ୍ୟକ୍ଷତା କରି ନୂତନ ଆପରାଧିକ ଆଇନକୁ ଡାକ୍ତରଙ୍କ ବିରୋଧରେ ଅପବ୍ୟବହାର କରାଯାଉଥିବାରୁ ଗଭୀର ଚିନ୍ତାବ୍ୟକ୍ତ କରିଥିଲେ। ବୃଦ୍ଧି ପାଉଥିବା ହିଂସା, ଅନ୍ୟାୟ ମାମଲା ଓ ଲୋକଙ୍କ ଅବିଶ୍ୱାସ ଡାକ୍ତରଙ୍କ ମନୋବଳ ହ୍ରାସ କରୁଛି ଏବଂ କେତେକ କ୍ଷେତ୍ରରେ ଚିକିତ୍ସା ଖର୍ଚ୍ଚ ବଢାଇ ରୋଗୀ ସେବାକୁ ହାନି କରାଯାଉଛି। ଏଭଳି କ୍ଷେତ୍ରରେ ଡାକ୍ତରମାନଙ୍କୁ ରୋଗୀ ପ୍ରତି ଅଧିକ ସହାନୁଭୂତିଶୀଳ ହେବା ଓ ସହଜ ଚିକିତ୍ସା ଦେବା ପାଇଁ ଅତିଥିମାନେ ଆହ୍ୱାନ କରିଥିଲେ।

ସେହିପରି ୟୁନିସେଫ୍ ସହିତ ମିଳିତ ଭାବେ ଆୟୋଜିତ ବିଶେଷ ଅଧିବେଶନରେ ଶିଶୁ ସୁରକ୍ଷାରେ ଡାକ୍ତରଙ୍କ ଭୂମିକା ଓ ଆଇନଗତ ଦାୟିତ୍ୱ ବିଷୟରେ ଚର୍ଚ୍ଚା ହୋଇଥିଲା। ଡାକ୍ତରମାନେ ଶିଶୁ ଅପମାନ ବା ଚିକିତ୍ସାରେ ଅବହେଳା କଲେ ୨୪ଘଣ୍ଟା ମଧ୍ୟରେ ରିପୋର୍ଟ କରିବା ଆବଶ୍ୟକ ବୋଲି କୁହାଯାଇଥିଲା। ଆଇଏପି ମେଡିକୋଲିଗାଲ୍ ଚାପ୍ଟରର ଜାତୀୟ ସଚିବ ଡା. ସତୀଶ ଶର୍ମା ଯୋଗଦେଇ ସରକାର ଓ ଡାକ୍ତରୀ ସଂଘମାନେ ମିଳିତ ଭାବେ ନିରାପଦ କାର୍ଯ୍ୟସ୍ଥଳ ଓ ଆଇନ୍ ସୁରକ୍ଷା ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ସେ କେନ୍ଦ୍ରୀୟ ମେଡିକାଲ୍ ପ୍ରୋଟେକ୍ସନ୍ ଆକ୍ଟ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ଡକ୍ୟୁମେଣ୍ଟେଶନ ଓ ରେକର୍ଡ ରଖିବା ସଂକ୍ରାନ୍ତ କର୍ମଶାଳାରେ ପ୍ରେସ୍କ୍ରିପସନ ଲେଖା, ସାର୍ଟିଫିକେଟ ଇସ୍ୟୁ କରିବା ଓ ଠିକ୍ ରେକର୍ଡ ରଖିବା ବିଷୟରେ ଆଲୋଚନା ହୋଇଥିଲା। ଆଇଏମ୍ଏ ଅଧ୍ୟକ୍ଷ ଡା. ଜୟନ୍ତ ପଣ୍ଡା, ଜଷ୍ଟିସ୍ ଡି.ପି. ଚୌଧୁରୀ, ଜଷ୍ଟିସ୍ ଦୁର୍ଗା ପ୍ରସନ୍ନ ଚୌଧୁରୀ, ଅବସରପ୍ରାପ୍ତ ଜିଲା ଜଜ୍ ଦୁର୍ଗା ଚରଣ ମିଶ୍ର, ଆଇପିଏସ୍ ଡ. ସନ୍ତୋଷ ବାଲା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଇଏପି ଭୁବନେଶ୍ୱର ଅଧ୍ୟକ୍ଷ ଡା. ଆଶୁତୋଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କବି ଡ. ଫନୀ ମହାନ୍ତିଙ୍କୁ 'ଗୋଦାବରୀଶ ସମ୍ମାନ'


ଉତ୍ସବରେ ଅତିଥିମାନେ କବି ଡ. ଫନୀ ମହାନ୍ତିଙ୍କୁ 'ଗୋଦାବରୀଶ ସମ୍ମାନ' ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୬।୧୦ (ସୌମ୍ୟରଞ୍ଜନ ରାଉତ)

## ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୮ତମ ଜୟନ୍ତୀ ଉତ୍ସବ

### ଉପେନ୍ଦ୍ରଙ୍କ 'ଭିନ୍ନ ଦୃଷ୍ଟି ଭିନ୍ନ ଦିଗନ୍ତ', କାଳନ୍ଦୀଙ୍କ 'ମଧୁମତି' ପୁସ୍ତକ ଉନ୍ମୋଚିତ

ଗୋଦାବରୀଶ ସାହିତ୍ୟ ସଂସଦର ୬୮ତମ ବାର୍ଷିକ ଉତ୍ସବ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୮ତମ ଜୟନ୍ତୀ ଉତ୍ସବ ରବିବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଡ. ସଂଘମିତ୍ରା ମିଶ୍ର, ଡ. ମୃତ୍ୟୁଞ୍ଜୟ ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ଫନୀ ମହନ୍ତିଙ୍କୁ 'ଗୋଦାବରୀଶ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ କବିତା, ଗଳ୍ପ, ପ୍ରବନ୍ଧ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୃପାସାଗର ସାହୁ, ଅଶ୍ୱିନୀ କୁମାର ମିଶ୍ର, ପ୍ରଫେସର ଶରତ ଚନ୍ଦ୍ର ରଥ, ଇନ୍ଦିରା ଦାଶ, ଅନିତା ରାୟ, ପ୍ରିୟ ରଞ୍ଜନ ସାହୁ ଓ ରାଉତରାୟ ମିନତି ଲେଙ୍କାଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସଂସଦର ମୁଖପତ୍ର 'ମୂର୍ଚ୍ଛନା', ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ 'ଭିନ୍ନ ଦୃଷ୍ଟି ଭିନ୍ନ ଦିଗନ୍ତ' ଓ କାଳନ୍ଦୀ ଚନ୍ଦ୍ର ଭଞ୍ଜଙ୍କର 'ମଧୁମତି' ପୁସ୍ତକ ଉନ୍ମୋଚିତ ହୋଇଥିଲା। ସଂସଦ ସଭାପତି ରାଧାମୋହନ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିବାବେଳେ ଯୁଗ୍ମ ସମ୍ପାଦକ ମହିମାପ୍ରସାଦ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ଡିସିପିଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୨୬।୧୦(ସତ୍ୟଜିତ ରାଉତ)

## ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ ଘଟଣା

ଭରତପୁର ଥାନା ଅନ୍ତର୍ଗତ ଜିଏ କଲୋନୀସ୍ଥିତ ଏକ ନିଶା ନିବାରଣ କେନ୍ଦ୍ର (ଡିଅର୍ ଲାଇଫ୍ ହିଲିଂ ଆଣ୍ଡ ୱେଲ୍‌ନେସ୍ ସେଣ୍ଟର)ରେ ଜଣେ ଯୁବକଙ୍କ ମୃତ୍ୟୁ ଘଟଣାକୁ ଓଡ଼ିଶା ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ ଭୁବନେଶ୍ୱର ଡିସିପିଙ୍କୁ ଆୟୋଗ ରିପୋର୍ଟ ତଲବ କରିଛନ୍ତି। ଘଟଣାରେ ଅନୁସନ୍ଧାନ କରି ଡିସେମ୍ବର ୪ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାସେ ହେବ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହୋଇଥିବା କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ସିଂହନାଥପୁର ଗ୍ରାମର ସୂର୍ଯ୍ୟକାନ୍ତ ମହାପାତ୍ର (୨୮)ଙ୍କ ମୃତ୍ୟୁ ହୋଇଥିଲା। ସୂର୍ଯ୍ୟକାନ୍ତ ସେପ୍ଟେମ୍ବର ୩ରେ ଗାମୁଛା ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିବା କର୍ତ୍ତୃପକ୍ଷ ପୋଲିସକୁ କହିଥିଲେ। ହେଲେ ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ସୂର୍ଯ୍ୟକାନ୍ତଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ଦାଦା ପ୍ରଶାନ୍ତ କୁମାର ମହାପାତ୍ର ଭରତପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ.୫୧୮/୨୦୨୫) ପଞ୍ଜୀକୃତ କରିଥିଲା। ଏନେଇ ଓଏଚ୍‌ଆର୍‌ସିଙ୍କ ନିକଟରେ ସାମାଜିକକର୍ମୀ ସୁନୀଲ କୁମାର ରଥ ପିଟିଶନ୍ ଦାଖଲ କରିଥିଲେ।

# ଦେବପ୍ରସାଦ ଉତ୍ସବ: ନୃତ୍ୟରେ ଗୁରୁଙ୍କୁ ସ୍ମରଣକଲେ ଶିଳ୍ପୀ


ଅତିଥିଙ୍କ ଗହଣରେ ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନର ଶିଳ୍ପୀମାନେ।

ଭୁବନେଶ୍ୱର,୨୬।୧୦ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶୀ ନୃତ୍ୟଗୁରୁ ଡ. ଦେବପ୍ରସାଦ ଦାସଙ୍କର ୯୩ତମ ଜୟନ୍ତୀ ପାଳନ ଅବସରରେ ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ୧୦ମ ଦେବ ପ୍ରସାଦ ଉତ୍ସବ ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ଏହି ଅବସରରେ ଫାଉଣ୍ଡେଶନର ଛାତ୍ରୀମାନେ ମଙ୍ଗଳାଚରଣ ପରିବେଷଣ କରି ଗୁରୁଙ୍କୁ ମନେ ପକାଇଥିଲେ। ଗୁରୁ ଦେବପ୍ରସାଦଙ୍କ ପୁରାତନ ସଂରଚନାକୁ ନୃତ୍ୟଶିଳ୍ପୀମାନେ ପରିବେଷଣ କରିଥିବାବେଳେ ଏହା ଅତି ଚିତ୍ତାର୍କଷକ ହୋଇଥିଲା। ପରେ ପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି, ରବିଶଙ୍କର ମହାନ୍ତି, ସତ୍ୟ ପ୍ରକାଶ ସାହୁ, ଗୋକୁଳଶ୍ରୀ ଦାସ ପ୍ରମୁଖ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ଦେବଦାସୀ ଗାଥା ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝି, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଏବଂ ଖବରଦାତା ନବୀନ ଦାସ ପ୍ରମୁଖ ଯୋଗଦେଇଥିଲେ। ଫାଉଣ୍ଡେଶନ ସଭାପତି ଗୋପାଳକୃଷ୍ଣ ମହାପାତ୍ର ଓ ଉପସଭାପତି ନମ୍ରତା ଚଡ୍ଢା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ୟାଙ୍ଗ ସଦସ୍ୟ ଗିରଫ, ୨ ଫେରାର

## ଆମ ବସ୍‌ରୁ ମହିଳାଙ୍କ ଅଳଙ୍କାର ଚୋରି


ଗିରଫ ଅଭିଯୁକ୍ତ ମୁନା ସ୍ୱାଇଁ।

ଭୁବନେଶ୍ୱର,୨୬।୧୦(ସତ୍ୟଜିତ ରାଉତ)

ଆମ ବସ୍‌ରୁ ମହିଳାଙ୍କ ଅଳଙ୍କାର ଚୋରି ଘଟଣାରେ ଏକ ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ରବିବାର ଗିରଫ କରିଛି। ସେ ହେଲେ କଟକ ଜିଲା ଓଲଟପୁର ଥାନା ଅନ୍ତର୍ଗତ ବାଘୁଆ ଗ୍ରାମର ମୁନା ସ୍ୱାଇଁ (୩୩)। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅକ୍ଟୋବର ୧୧ ଅପରାହ୍ନ ପ୍ରାୟ ୨ଟା ବେଳେ ସୋମସ୍ମାତା ରଥ ତାଙ୍କ ମା'ଙ୍କୁ ଶ୍ରୀବିହାରସ୍ଥିତ ଆମ ବସ୍‌ଷ୍ଟପରୁ ୧୮ ନଂ. ଏସି ବସ୍‌ରେ ବସାଇଥିଲେ। ତାଙ୍କ ମା'ଙ୍କ ଭ୍ୟାନିଟି ବ୍ୟାଗରେ ଥିବା ଏକ ଛୋଟ ପର୍ସରେ ହଳେ ସୁନା ପେଣ୍ଡି ଫୁଲ, ଏକ ମଙ୍ଗଳସୂତ୍ର ଓ ସୁନା ଲକେଟ୍ ଥିଲା। ମୁନା ଓ ୨ ସହଯୋଗୀ ତାଙ୍କ ମା'ଙ୍କୁ ଘେରି ଯାଇ ଗହଳି କରି କୌଶଳକ୍ରମେ ତାଙ୍କ ଭ୍ୟାନିଟିରୁ ଅଳଙ୍କାର ଚୋରି କରି ଶିଖରଚଣ୍ଡି ବସ୍ ଷ୍ଟପ୍‌ରେ ଓହ୍ଲାଇ ଯାଇଥିଲେ। ମା'ଙ୍କ ଅଳଙ୍କାର ନ ପାଇ ସୋମସ୍ମାତା ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୬୫୩/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ଗିରଫ ପରେ ମୁନା ସହଯୋଗୀ ଏସ୍.କେ. ରାଜା ଓ ରାକେଶ ପଣ୍ଡା ସହିତ ମୋ ବସ୍‌ରେ ବୟସ୍କ ଯାତ୍ରୀଙ୍କଠାରୁ ଚୋରି କରୁଥିବା ମାନିଥିଲେ। ପୋଲିସ ତାଙ୍କ ଦୁଇ ସହଯୋଗୀଙ୍କୁ ଧରିବାକୁ ଖୋଜାଖୋଜି ଚଳାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୌଜନ୍ୟ


@ ସୁଚିସ୍ମିତା


@ ସାରସ୍ୱତ


@ ଅଜୟ


@ ବାଦଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯୁବତୀଙ୍କୁ ପ୍ରତାରଣା, ଯୁବ ଇଞ୍ଜିନିୟର ଗିରଫ

ଭୁବନେଶ୍ୱର,୨୬।୧୦(ସତ୍ୟଜିତ ରାଉତ)

ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଯୌନ ସମ୍ପର୍କ ରଖିବା ଓ ପରେ ପ୍ରତାରଣା କରିବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ଯୁବକ ଇଞ୍ଜିନିୟରଙ୍କୁ ଗିରଫ କରିଛି। ସେ ହେଲେ ଢେଙ୍କାନାଳର ସ୍ୱସ୍ତିକ ପାଲ୍। ତାଙ୍କୁ ଶନିବାର କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମାମଲା ଅନୁଯାୟୀ, ବାଲେଶ୍ୱରର ଜଣେ ଯୁବତୀ ସ୍ୱସ୍ତିକଙ୍କ ସହ ୭ବର୍ଷ ଧରି ଲିଭ୍ ଇନ୍ ରିଲେଶନ୍‌ରେ ଥିଲେ। ସେ ବିବାହର ପ୍ରତିଶ୍ରୁତି ଦେଇ ପୀଡ଼ିତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ପୀଡ଼ିତା ଗର୍ଭବତୀ ହେବା ପରେ ତାଙ୍କୁ ଗର୍ଭପାତ ମଧ୍ୟ କରାଇଥିଲେ। ହେଲେ ବିବାହ ପାଇଁ କହିବାରୁ ସ୍ୱସ୍ତିକ ଅଣଦେଖା କରିବା ସହ ସମ୍ପର୍କ କାଟି ଦେଇଥିଲେ। ଏନେଇ ପୀଡ଼ିତା ଜଣକ ଗତ ମାସରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୨୭୪/୨୦୨୫) ରୁଜୁ କରି ତଦନ୍ତ ଚଳାଇଥିଲା।

# ଦେବଦାସ ଛୋଟରାୟଙ୍କୁ ୪୬ତମ 'ଶାରଳା ପୁରସ୍କାର'

ଭୁବନେଶ୍ୱର,୨୬।୧୦ (ସୌମ୍ୟରଞ୍ଜନ ରାଉତ)

## ଗୁରୁ ରାମହରି ଓ ବଳଦେବଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'


କଥାକାର ଦେବଦାସ ଛୋଟରାୟ, ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସ ଏବଂ ଚିତ୍ରଶିଳ୍ପୀ ବଳଦେବ ମହାରଥା ପୁରସ୍କାର ଗ୍ରହଣ କରୁଛନ୍ତି।

ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବୁଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ମର୍ଯ୍ୟାଦାଜନକ ୪୬ତମ 'ଶାରଳା ପୁରସ୍କାର' ଚଳିତବର୍ଷ କବି ଓ କଥାକାର ଦେବଦାସ ଛୋଟରାୟଙ୍କୁ ପ୍ରଦାନ କରାଯାଇଛି। ଗଳ୍ପ ସଂକଳନ 'ମ୍ୟାଟିନି ଶୋ' ଲାଗି ତାଙ୍କୁ ଏହି ପୁରସ୍କାର ମିଳିଛି। ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହିନ୍ଦୀ କବି ଓ ଲେଖିକା ପ୍ରଫେସର ସବିତା ସିଂହ ଯୋଗଦେଇ ପୁରସ୍କାର ବାବଦରେ ଲେଖକଙ୍କୁ ତାମ୍ରଫଳକ, ଉପାୟନ ସହିତ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି। ଏଥିସହିତ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସ ଏବଂ ପ୍ରସିଦ୍ଧ ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କୁ ୨.୫ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ଓ ତାମ୍ରଫଳକ ସହ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯାଇଛି।

ଉତ୍ସବରେ ଅଧ୍ୟକ୍ଷତା କରି ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡା କହିଲେ, ଶାରଳା ପୁରସ୍କାର ବିଜେତା କବି ଦେବଦାସ ତାଙ୍କର ନିଆରା ଉପସ୍ଥାପନା ଶୈଳୀ ପାଇଁ ସେ ସବୁବେଳେ ପାଠକ ଓ ଶ୍ରୋତାଙ୍କ ଆଦର ଲାଭ କରିଆସିଛନ୍ତି। ପୁରସ୍କୃତ ଗଳ୍ପ ସଂକଳନ 'ମ୍ୟାଟିନି ଶୋ'ରେ ସେ ଜୀବନର ଅନେକ ସାଧାରଣ ତତ୍ତ୍ୱକୁ ଅସାଧାରଣ ଉଚ୍ଚତାକୁ ନେଇପାରିଛନ୍ତି, ଯାହା କେବଳ ସୁଖପାଠ୍ୟ ନୁହେଁ, ଶିକ୍ଷଣୀୟ ଓ ଅନୁକରଣୀୟ ମଧ୍ୟ। ମୁଖ୍ୟଅତିଥି ପ୍ରଫେସର ସିଂହ କହିଲେ, ମଣିଷ ଦ୍ୱାରା ନିଜସ୍ୱ ଖୁସି ପାଇଁ ସାହିତ୍ୟ ସୃଷ୍ଟି ହୁଏ। ମୁଁ ବହୁତ ଖୁସି ଯେ ମୋର ପ୍ରିୟ କବି ଦେବଦାସ ଛୋଟରାୟ ଏହି ପୁରସ୍କାର ପାଇଛନ୍ତି। ତାଙ୍କ କବିତା ସାରା ବିଶ୍ୱକୁ ସାହିତ୍ୟ ସହ ଯୋଡିଥାଏ ଏବଂ ଏହାର ଗଭୀରତା ପାଠକଙ୍କୁ ସ୍ପର୍ଶ କରେ ବୋଲି ସେ ମତ ରଖିଥିଲେ।

ଶାରଳା ପୁରସ୍କାରପ୍ରାପ୍ତ କବି ଦେବଦାସ କହିଲେ, ମୁଁ ଲେଖେନାହିଁ କୌଣସି ବୁଝି ନ ହେଉଥିବା ଉପଭୋକ୍ତା ପାଇଁ, ଯାହା ଉପରେ ମୋର କୌଣସି ବିଶ୍ୱାସ ନାହିଁ। ମୁଁ କେବଳ ମୋ ପାଇଁ ଲେଖେ, ଆଉ ମୋର କିଛି ବନ୍ଧୁମାନଙ୍କ ପାଇଁ, ପୁଣି ସମୟ କାଟିବାର ଶ୍ଳେଷକୁ ଲାଘବ କରିବା ପାଇଁ। ଶାରଳା ପୁରସ୍କାର ପାଇଁ ମୁଁ ଉଦ୍ୟୋକ୍ତାଙ୍କ ପାଖରେ ଚିର କୃତଜ୍ଞ ବୋଲି ସେ କହିଥିଲେ।

# ଲାଇନମ୍ୟାନ୍‌ଙ୍କୁ ଅପହରଣ ଅଭିଯୋଗ, ଜଣେ ଗିରଫ

ବାରଙ୍ଗ,୨୬।୧୦(ଲିଙ୍ଗରାଜ ରାଉତ)

ଲାଇନମ୍ୟାନଙ୍କୁ ଅପହରଣ କରି ମାଡ଼ମାରିବା ଓ ହତ୍ୟା ଧମକ ମାମଲାରେ ପୋଲିସ ଫେରାର୍ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ଅଳସୁଆ ଗ୍ରାମର ସୁଧାଂଶୁ ଶେଖର ଦାସ ଓରଫ ପପୁ (୩୯)। ଏନେଇ ଥାନା ଅଧିକାରିଣୀ ସମିତା ମିଶ୍ର ମାମଲା (ନଂ. ୪୨୫/୨୫)ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

ବାରଙ୍ଗ ସେକ୍ସନର ଲାଇନମ୍ୟାନ ମହେଶ୍ୱର ଦାସ ଦାରୁଠେଙ୍ଗ ଗ୍ରାମରେ ଆଲେକ୍ସ ଟ୍ରେଡର୍ସ ସଂଲଗ୍ନ ଟ୍ରାନ୍ସଫର୍ମର ନିକଟରେ ଅକ୍ଟୋବର ୧ ରାତି ପ୍ରାୟ ୧୦ଟା ବେଳେ ବିଦ୍ୟୁତ ପୁନରୁଦ୍ଧାର କାର୍ଯ୍ୟ କରୁଥିଲେ। ଏହି ସମୟରେ ସୁଧାଂଶୁ ଶେଖର ଦାସ ଓରଫ ପପୁ ଏକ ଇଲେକ୍ଟ୍ରିକ ସ୍କୁଟର ଯୋଗେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ସାଙ୍ଗରେ ଧରି ସେଠାରେ ପହଞ୍ଚିଥିଲେ। ତାଙ୍କୁ କାମ ବିଷୟରେ ପଚାରିବାସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି, ବାଡ଼ି ଓ ଲୁହାରଡ ଦ୍ୱାରା ଆକ୍ରମଣ କରିଥିଲେ। ଏହାପରେ ମହେଶ୍ୱରଙ୍କୁ ଇଲେକ୍ଟ୍ରିକ ସ୍କୁଟରରେ ବସେଇ ଅନ୍ୟ ଏକ ସ୍ଥାନକୁ ଅପହରଣ କରି ପୁନଃ ଆକ୍ରମଣ କରି ହତ୍ୟା ଧମକ ଦେଇଥିଲେ। ଏହାପରେ ତାଙ୍କ ମୋବାଇଲ ଫୋନ ଓ ୧୮ ହଜାର ୫ଶହ ଟଙ୍କା ନଗଦ ଛଡାଇ ନେଇଥିଲେ। ସୌଭାଗ୍ୟବଶତଃ ମହେଶ୍ୱର ସେମାନଙ୍କ ହେପାଜତରୁ ଖସି ପଳାଇଆସି ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାରେ ପୋଲିସ ଖୋଜୁଥିବାର ଜାଣି ପପୁ ଫେରାର ହୋଇଯାଇଥିଲେ। ମାତ୍ର ରବିବାର ପପୁ ଉକ୍ତ ଇଲେକ୍ଟ୍ରିକ ସ୍କୁଟର ଧରି ଅଳସୁଆ ଅଞ୍ଚଳରେ ବୁଲୁଥିବାର ସୂଚନା ପାଇ ପୋଲିସ ତାଙ୍କୁ କାବୁ କରିଥିଲା। ପପୁଙ୍କ ନାମରେ ସହିଦନଗର, ନନ୍ଦନକାନନ ଓ ବାରଙ୍ଗ ଥାନାରେ ଆକ୍ରମଣ, ଆପରାଧିକ ଧମକ ଏବଂ ହିଂସାତ୍ମକ ଅପରାଧ ଭଳି ବହୁ ମାମଲା ରହିଥିବାର ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

# ଫସଲ ନଷ୍ଟ କରୁଛନ୍ତି ବାରହା: ଚିନ୍ତାରେ ଚାଷୀ



ଗ୍ରାମବାସୀ ଠେଙ୍ଗାଧରି ରାତିରେ ବାର୍‌ହା ଜଗିଛନ୍ତି ।

**ବାଙ୍କୀ , ୨୬।୧୦ ( ଶୁଭେନ୍ଦୁ ମହାପାତ୍ର):**

ବାଙ୍କୀ ଉପଖଣ୍ଡରେ ବାର୍‌ହା ଉପଦ୍ରବ ବଢ଼ିବାରେ ଲାଗିଛି। ବାର୍‌ହାଗୁଡ଼ିକ କ୍ଷେତରେ ପଶି ଫସଲ ନଷ୍ଟ କରୁଛନ୍ତି। ଏଥିସହ ପାଚିଲା ଧାନକୁ ଖାଇ ଦଳି ଚକଟି ନଷ୍ଟ କରିଦେଉଛନ୍ତି । ଫଳରେ ଚାଷୀମୁଣ୍ଡରେ ଚଡ଼କ ପଡ଼ିଛି। କରଜ କରି ଚାଷ କରିବା ପରେ ଏବେ କିପରି ଶୁଝିବେ ସେନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଅମଳ ସମୟରେ ରାତିରେ ପଶି ବାର୍‌ହା ଫସଲ ନଷ୍ଟ କରୁଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଚାଷୀମାନେ ଚାଷକାର୍ଯ୍ୟ ପ୍ରତି ଆଉ ଆଗଭର ହେଉ ନ ଥିବା କୁହାଯାଇଛି।

ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ୩୭ ପଞ୍ଚାୟତ ଓ ୧୭ ଏନ୍‌ଏସି ଅଞ୍ଚଳର ଲୋକେ ମୁଖ୍ୟତଃ ଚାଷ ଉପରେ ନିର୍ଭରଶୀଳ। ବାଙ୍କୀରୁ ପ୍ରତିଦିନ କଟକ, ଭୁବନେଶ୍ୱର, ବାରଙ୍ଗ , ଖୋର୍ଦ୍ଧା ଓ ନୟାଗଡ଼ ଆଦି ଅଞ୍ଚଳକୁ ପରିବା ଯାଇଥାଏ। ଏଭଳି ସ୍ଥିତିରେ ବାର୍‌ହା ଉପଦ୍ରବ ଯୋଗୁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଏଥିପ୍ରତି ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଗୁରୁତ୍ୱ ଦେବାକୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି । ଅନ୍ୟପଟେ ବାଙ୍କୀ ଉପଖଣ୍ଡର ଉତ୍ତର ବାଙ୍କୀ ଅର୍ଥାତ୍ ସରଣ୍ଡା ଜୋନର ୭ ପଞ୍ଚାୟତ ଆଠଗଡ଼ ବନ ବିଭାଗ ଅଧୀନରେ ଥିବା ବେଳେ ଆଠଗଡ଼ ଉପଖଣ୍ଡ ବନବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି ଏସମ୍ପର୍କରେ ଡମପଡା ବନ ବିଭାଗ ଅଧିକାରୀ ନିରଞ୍ଜନ ମହାପାତ୍ର କୁହନ୍ତି,ବାର୍‌ହା ଉପଦ୍ରବରେ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହେବା ପରେ ଚାଷୀମାନଙ୍କ କ୍ଷୟକ୍ଷତିର ଆକଳନ କରାଯାଇ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ।

### ଏମାନେ କୁହନ୍ତି...



“ଜଙ୍ଗଲରୁ ବେଆଇନ ଭାବେ ଗଛ କାଟିବା ଏବଂ ଜଙ୍ଗଲ ଅସୁରକ୍ଷିତ ଅବସ୍ଥାରେ ଥିବା ହେତୁ ବାରହା ଭଳି ବନ୍ୟଜନ୍ତୁମାନେ ଏବେ ଗାଁ ମୁହାଁ ହେଉଛନ୍ତି ଏବଂ ଫସଲ ନଷ୍ଟ କରୁଛନ୍ତି। ବନ ବିଭାଗ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଆବଶ୍ୟକ ।

**–ଅଜୟ କୁମାର ସ୍ୱାଇଁ , ସାମାଜିକ କର୍ମୀ , କୁସପଙ୍ଗି**



“ହାତ ଉଧାରୀ କରଜ ଓ ବ୍ୟାଙ୍କ ଋଣ କରି ଚାଷୀ ମାନେ ଧାନ ଓ ପରିବା ଚାଷରେ ନିଜକୁ ନିୟୋଜିତ କରିଥାନ୍ତି। ମାତ୍ର ବାରହା ପଶି ଅମଳ ସମୟରେ ଫସଲ ନଷ୍ଟ କରୁଛନ୍ତି। ସରକାରଙ୍କ ପକ୍ଷରୁ ଫସଲ ହାନି କ୍ଷତି ପୂରଣ ମିଳିପାରିଲେ ଚାଷୀମାନେ ଆଶ୍ୱସ୍ତି ଅନୁଭବ କରିବେ।

**–ରମେଶ ଚନ୍ଦ୍ର ତ୍ରିପାଠୀ , ଚାଷୀ, ସୁବର୍ଣ୍ଣ ପୁର**



“ହାତ ଉଧାର କରି ଧାନ ଓ ପୋଟଳ ଚାଷ କରିଥିଲି। ବାର୍‌ହା ପଶି ଅମଳ ସମୟରେ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରି ଦେଇଛନ୍ତି । ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ।

**–ପୂର୍ଣ୍ଣଚନ୍ଦ୍ର ନାୟକ , ଚାଷୀ**



“ଚାଷୀମାନେ ଜମିରେ ବହୁ ଅକ୍ଳାନ୍ତ ପରିଶ୍ରମ କରି ଫସଲ ଅମଳ କରିଥାନ୍ତି । ଧାର ଉଧାର କରି ଚାଷ କରିଥାନ୍ତି। ସରକାର ଏଥିପ୍ରତି ଧ୍ୟାନ ଦେଇ କ୍ଷତିପୂରଣ ପ୍ରଦାନ କଲେ ଚାଷୀମାନେ ଋଣମୁକ୍ତ ହୋଇପାରିବେ।

**–ସୁଦର୍ଶନ ସାହୁ, ବରିଷ୍ଠ ଚାଷୀ**

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅଜୟ



@ ବାଦଲ



@ ସାରଶ୍ୱତ



@ ସୌଜନ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଡିଏମ୍ ମ୍ୟୁଜିକର ପଞ୍ଚମ ବାର୍ଷିକ ଉତ୍ସବ ବଣ ମଲ୍ଲୀର ଆସର

**ଟିଗିରିଆ,୨୬।୧୦(ଜାଫର ଖାଁ):**

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡର ସାଂସ୍କୃତିକ ଅନୁଷ୍ଠାନ ଡିଏମ୍ ମ୍ୟୁଜିକ ବଣ ମଲ୍ଲୀର ଆସର ପଞ୍ଚମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି।

ନିଜିଗଡ଼ ପଞ୍ଚାୟତ ସ୍ଥିତ ରାଜବାଟି ଛକ ନିକଟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ପ୍ରଶାନ୍ତ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅଞ୍ଚଳର ସୁନାମଧନ୍ୟ ସାମାଜିକ କର୍ମୀ ତଥା ନାରିନେତ୍ରୀ ସ୍ନେହ ଲତା ପଣ୍ଡାଙ୍କ ନାମରେ ଉତ୍ସର୍ଗୀକୃତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ଚଳଚ୍ଚିତ୍ର ଓ ଧାରାବାହିକ ଅଭିନେତା ଅନ୍ନଦା ପ୍ରସାଦ ରାୟ, ମୁଖ୍ୟ ବକ୍ତାଭାବେ ଅନୁଷ୍ଠାନର ଉପଦେଷ୍ଟା ତଥା ଆଇନଜୀବୀ ବିକ୍ରମ କେଶରୀ ଦାଶ, ସମ୍ମାନିତ ଅତିଥିଭାବେ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ସଞ୍ଜୟ ଦାସ, ଆଇନଜୀବୀ ଗିରିଜା ପ୍ରସାଦ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା, ସୁନାମଧନ୍ୟ କଣ୍ଠଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ଦାସ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଅନୁଷ୍ଠାନ ଅନ୍ୟତମ ପ୍ରମୁଖ ସଦସ୍ୟ ଶିକ୍ଷାବିତ୍ ବ୍ରଜସୁନ୍ଦର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଅତିଥି ନିଜ ଅଭିଭାଷଣରେ ଅଞ୍ଚଳ ତଥା ଅଞ୍ଚଳ ବାହାରର ଲୁକ୍କାୟିତ ଆଞ୍ଚଳିକ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାର ଡିଏମ୍ ମ୍ୟୁଜିକର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ମୁଖ୍ୟ ଅତିଥି ରାୟଙ୍କୁ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗଡ଼ ସୂର୍ଯ୍ୟ ଅଭିନୟ ଭୂଷଣ ସମ୍ମାନ ୨୦୨୫, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷାବିତ୍ ସଦାନନ୍ଦ ସାହୁଙ୍କୁ ଗଡ଼ ସୂର୍ଯ୍ୟ ବଣମଲ୍ଲୀ ସମ୍ମାନ ୨୦୨୫, ମଞ୍ଚ ଅଭିନେତା ଦୀପ୍ତିରଞ୍ଜନ ଦାସଙ୍କୁ ଅଭିନୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗଡ଼ ସୂର୍ଯ୍ୟ ନାଟ୍ୟ ସୁଦ୍ଧା ସମ୍ମାନ ୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଦେବଦାସ ଛୋଟରାୟଙ୍କୁ ୪୬ତମ 'ଶାରଳା ପୁରସ୍କାର'

**ଭୁବନେଶ୍ୱର,୨୬।୧୦ (ସୌମ୍ୟରଞ୍ଜନ ରାଉତ):**

ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବୁଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ମର୍ଯ୍ୟାଦାଜନକ ୪୬ତମ 'ଶାରଳା ପୁରସ୍କାର' ଚଳିତବର୍ଷ କବି ଓ କଥାକାର ଦେବଦାସ ଛୋଟରାୟଙ୍କୁ ପ୍ରଦାନ କରାଯାଇଛି। ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୀ କବି ଓ ଲେଖିକା ପ୍ରଫେସର ସବିତା ସିଂହ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଗଳ୍ପ ସଂକଳନ 'ମ୍ୟାଟିନି ଶୋ' ଲାଗି ଦେବଦାସଙ୍କୁ ଏହି ପୁରସ୍କାର ମିଳିଛି। ପୁରସ୍କାର ବାବଦରେ ଲେଖକଙ୍କୁ ତାମ୍ର ଫଳକ, ଉପାୟନ ସହିତ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଏଥିସହିତ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସ ଏବଂ ପ୍ରସିଦ୍ଧ ଚିତ୍ରଶିଳ୍ପୀ ବଳଦେବ ମହାରଥୀଙ୍କୁ ୨.୫ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ଓ ତାମ୍ରଫଳକ ସହ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯାଇଛି।

### ଗୁରୁ ରାମହରି ଓ ବଳଦେବଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'



କଥାକାର ଦେବଦାସ ଛୋଟରାୟ ୪୬ତମ 'ଶାରଳା ପୁରସ୍କାର' ଗ୍ରହଣ କରୁଛନ୍ତି ।

ଉତ୍ସବରେ ଅଧ୍ୟକ୍ଷତା କରି ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡା କହିଲେ, ଶାରଳା ପୁରସ୍କାର ବିଜେତା କବି ଦେବଦାସ ତାଙ୍କର ନିଆରା ଉପସ୍ଥାପନା ଶୈଳୀ ପାଇଁ ସେ ସବୁବେଳେ ପାଠକ ଓ ଶ୍ରୋତାଙ୍କ ଆଦର ଲାଭ କରିଆସିଛନ୍ତି। ପୁରସ୍କୃତ ଗଳ୍ପ ସଂକଳନ 'ମ୍ୟାଟିନି ଶୋ'ରେ ସେ ଜୀବନର ଅନେକ ସାଧାରଣ ତତ୍ତ୍ୱକୁ ଅସାଧାରଣ ଉଚ୍ଚତାକୁ ନେଇପାରିଛନ୍ତି, ଯାହା କେବଳ ସୁଖପାଠ୍ୟ ନୁହେଁ, ଶିକ୍ଷଣୀୟ ଓ ଅନୁକରଣୀୟ ମଧ୍ୟ। ଶାରଳା ପୁରସ୍କାରପ୍ରାପ୍ତ କବି ଦେବଦାସ କହିଲେ, ପୁରସ୍କାର ପାଇଁ ମୁଁ ଶାରଳା ପୁରସ୍କାରର ଉଦ୍ୟୋକ୍ତାଙ୍କ ପାଖରେ ଚିର କୃତଜ୍ଞ।

## ଫୁଟ୍‌ବଲ କପ୍ ଟୁର୍ନାମେଣ୍ଟ :କୁଜିମହଲ ଚାମ୍ପିୟନ

**ତ୍ରିଶୂଳିଆ,୨୬।୧୦(ତୁଷାରକାନ୍ତ ବେହେରା):**

ମୁଣ୍ଡଳୀ ଗୋବିନ୍ଦପୁର ଖେଳପଡିଆରେ ଚାଲିଥିବା ଚୂଡ଼ଙ୍ଗଗଡ ବାରଙ୍ଗ ମହୋତ୍ସବ ଫୁଟବଲ କପ୍ ଟୁର୍ନାମେଣ୍ଟରେ ରବିବାର କୁଜିମହଲ ଚାମ୍ପିୟନ୍ ହୋଇଛି। ଚୂଡ଼ଙ୍ଗଗଡ ବାରଙ୍ଗ ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚ କୁଜିମହଲ, ଖୋର୍ଦ୍ଧା ସହ ବନ ମହାବୀର ସ୍ପୋର୍ଟିଂ କ୍ଲବ ଜୟପୁର ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏହି ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ କୁଜିମହଲ ୪-୩ ଟାଇ ବ୍ରେକର ଜରିଆରେ ଜୟପୁରକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ପ୍ରତାପ କ୍ଲବ, ପ୍ରତାପନଗରୀ ୪-୩ ଟାଇ ବ୍ରେକର ଜରିଆରେ ୟୁଥ ସ୍ପୋର୍ଟ୍ସ କ୍ଲବ, ମର୍ଚ୍ଚିଆକୁ ହରାଇ କୁଜିମହଲ ସହ ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଥିଲା। ଏହି ଫାଇନାଲ ମ୍ୟାଚ୍ କୁଜିମହଲ ଓ ପ୍ରତାପନଗରୀ ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ କୁଜିମହଲ ୭-୬ ଟାଇ ବ୍ରେକର ଜରିଆରେ ପ୍ରତାପ ନଗରୀକୁ ହରାଇ ଚାମ୍ପିୟନ୍ ହୋଇଥିଲା। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି, ସମ୍ମାନିତ ଅତିଥି ଭାବେ ମହିଳା ଫୁଟ୍‌ବଲ ତାରକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଦୌଡରାଣୀ ଦୂତୀ ଚାନ୍ଦ, ସାହିତ୍ୟିକ କାଳନ୍ଦୀ ସାମଲ, କମିଟି ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀ, ଅମିୟ ସାମନ୍ତରାୟ, ମୁଣ୍ଡଳୀ ସରପଞ୍ଚ କଣ୍ଢେଇ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମ୍ୟାଚ୍‌ଗୁଡିକୁ ରେଫରି ଦୈତାରି କାରୁଆ, ପ୍ରଦୀପ୍ତ କୁମାର ମହାନ୍ତି,ଏସ୍‌କେ ଶାହାନୱାଜ ଆଲାମ ଓ ସାଇରାମ କିସକ୍କୁ ଖେଳ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ଟୁର୍ନାମେଣ୍ଟରେ ବିଜେତା ଓ ଉପବିଜେତା ଦଳର ସମସ୍ତ ଖେଳାଳିଙ୍କୁ ମେଡାଲ ପ୍ରଦାନ କରାଯାଇଥିଲା।

## ଚନ୍ଦନ ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ନିଶ୍ଚିନ୍ତକୋଇଲି,୨୬।୧୦ ଅଶୋକ କୁମାର ମହାପାତ୍ର) :**



ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ କୋଇଲୋସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ଚନ୍ଦନ ପୋଖରୀ ପରିସରରୁ ଜଣେ ଯୁବକଙ୍କ ଭାସମାନ ମୃତଦେହ ଜବତ କରାଯାଇଛି। ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷେ ସମ୍ପୃକ୍ତ ଯୁବକଙ୍କୁ ଯୋଜନାବଦ୍ଧଭାବେ ହତ୍ୟାକରାଯାଇ ଆତ୍ମହତ୍ୟାର ରୂପ ଦିଆଯାଉଥିବା ନେଇ ପରିବାର ତରଫରୁ ଅଭିଯୋଗ କରାଯାଇଛି। ମୃତକ ହେଲେ ଏହି ପଞ୍ଚାୟତ ଅନ୍ତର୍ଗତ କୁଳଗାଁ ଇଶାଲୋ(ପୁବଂଶ) ଗ୍ରାମର ତ୍ରିଲୋଚନ ପଣ୍ଡାଙ୍କ ଏକମାତ୍ର ପୁଅ ରଘୁନାଥ ପଣ୍ଡା(୩୩)। ସେ ଶନିବାର ରାତିରୁ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ରବିବାର ସକାଳେ ସ୍ଥାନୀୟ ଦଧିବାମନ ଜୀଉଙ୍କ ଚନ୍ଦନ ପୋଖରୀରେ ଏକ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ଏହାପରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଓ ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହ ବାହାର କରିଛନ୍ତି। ଖବରପାଇ ପରିବାର ଲୋକେ ପହଞ୍ଚି ରଘୁନାଥଙ୍କ ମୃତଦେହ ଚିହ୍ନଟ କରିବା ସହ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ. ୧୮/୨୦୨୫) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଯାଇଛି। ଅପରପକ୍ଷରେ ରଘୁନାଥଙ୍କୁ ହତ୍ୟା କରାଯାଇ ପୋଖରୀକୁ ଫିଙ୍ଗି ଦିଆଯାଇଥିବା ପରିବାର ତରଫରୁ ଅଭିଯୋଗ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେଲେ ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚନ ହୋଇପାରିବ ବୋଲି ପୋଲିସ କହିଛି।

## କ୍ଷୀର ଗାଡ଼ିରେ ଗୋରୁ ଚାଲାଣ, ୭ ଗୋରୁ ଉଦ୍ଧାର



**ତ୍ରିଶୂଳିଆ/ବାରଙ୍ଗ, ୨୬।୧୦ (ତୁଷାରକାନ୍ତ ବେହେରା/ଲିଙ୍ଗରାଜ ରାଉତ):**

କ୍ଷୀର ଗାଡ଼ିରେ ଗୋଚାଲାଣ କରାଯାଉଥିବା ବେଳେ ବାଙ୍କୀ – କଟକ ମୁଖ୍ୟରାସ୍ତାର ନେତଲ ନିକଟରେ ଗୋଡ଼ିସାହି ଫାଣ୍ଡି ପୋଲିସ ରବିବାର ଚଢ଼ାଉ କରିଥିଲା। ଏହି ସମୟରେ ୭ ଗୋରୁ ଉଦ୍ଧାର କରିବା ସହ ଗାଡ଼ିକୁ ଜବତ କରିଛି। ଉଦ୍ଧାର ଗୋରୁଙ୍କୁ କଟକସ୍ଥିତ ଏକ ଗୋଶାଳାକୁ ପଠାଇ ଦିଆଯାଇଛି। ଏଥିସହିତ ପୋଲିସ ଉକ୍ତ ଗାଡ଼ିରୁ ଗୋମାଂସ ଜବତ କରି ସେଗୁଡ଼ିକୁ ମାଟିରେ ପୋତିଦେଇଛି।

ଗୋରୁ ମାଫିଆମାନେ କ୍ଷୀର ଭ୍ୟାନ୍ ଭିତରେ ଗୋରୁମାନଙ୍କ ପାଟି, ଗୋଡ ବାନ୍ଧି ଚାଲାଣ କରୁଥିଲେ। ଏହି ସମୟରେ ଗୋଡ଼ିସାହି ଫାଣ୍ଡି ନିକଟ ନେତଲ ଛକରେ ଗାଡ଼ିଟି ଖରାପ ହୋଇଯାଇଥିଲା। ଫଳରେ ଗାଡ଼ିଟି ଦୀର୍ଘ ସମୟ ଉକ୍ତ ସ୍ଥାନରେ ଅଟକି ରହିଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଗାଡ଼ି ଉପରେ ସନ୍ଦେହ ହେବାରୁ ସେମାନେ ଫାଣ୍ଡିକୁ ଖବର ଦେଇଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ସୋମ୍ୟାଶ୍ରୀ ଆଶୁତୋଷ ପାଣି ଘଟଣାସ୍ଥଳରେ ପହଞ୍ଚି ଗାଡ଼ିର ଯାଞ୍ଚ କରିଥିଲେ। ଫଳରେ ଗାଡ଼ିରୁ ୭ ଗୋରୁଙ୍କ ସହ କିଛି ଗୋରୁ ମାଂସ ମିଳିଥିଲା। ଗୋରୁମାନଙ୍କୁ ଉଦ୍ଧାର କରି କଟକ ଗୋଶାଳା ପଠାଇବା ସହ ଜବତ ମାଂସକୁ ମାଟିରେ ପୋତିବା ସହିତ କ୍ଷୀର ଭ୍ୟାନ୍‌ଟିକୁ ଜବତ କରି ଫାଣ୍ଡିରେ ରଖିଛନ୍ତି।

## ବିଜେଡି ଜନ ସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ

**ଆଠଗଡ଼, ୨୬।୧୦(ସତ୍ୟପ୍ରସାଦ ରଥ):**

ଆଠଗଡ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଆଠଗଡ ବ୍ଲକ ୩ନଂ ଜିଲ୍ଲା ପରିଷଦ ଯୋନରେ ଜନ ସମ୍ପର୍କ ପଦଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜନ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ ଓ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘଙ୍କ ନେତୃତ୍ୱରେ ଉକ୍ତ ପଦଯାତ୍ରା ଧୁରୁଷିଆ ପଞ୍ଚାୟତର ଗଜାଆମ୍ବ ଦୁଲଣା ଠାକୁରାଣୀ ମନ୍ଦିର ନିକଟସ୍ଥ ପଡିଆରୁ ବାହାରି କେଉଟ ପାଟଣା, ଜଗମୋହନପୁର, କଟକିଆ ସାହି, ବନ୍ଧହଟା, ବାଲିସାହି, କଟକିଆ ସାହି, ବଳରାମ ପୁର, ନୂଆଗଡ,ବଉଳ ପଦା,ପାଟେଣୀ ଗାଁଦେଇ ବାଉଁଶଦଣ୍ଡା ଗ୍ରାମରେ ଶେଷ ହୋଇଥିଲା। ଏହି ଅବସରରେ ବିଧାୟକ ସ୍ୱାଇଁ ଶ୍ରୀ ସର୍ପେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବିଧାୟକ ୫ଲକ୍ଷ ଟଙ୍କା ବ୍ୟୟରେ ସର୍ପେଶର ଗୋଷ୍ଠୀ କେନ୍ଦ୍ର ଗୃହ ଓ ବାଉଁଶ ଦଣ୍ଡା ଛକ ନିକଟରେ ୧୦ଲକ୍ଷ ଟଙ୍କା ବ୍ୟୟ ରେ ନୂତନ ସାପ୍ତାହିକ ହାଟର ଶୁଭାରମ୍ଭ କରିଥିଲେ। ଯୁବନେତା ଆଦିତ୍ୟ ପ୍ରତାପ ସ୍ୱାଇଁଙ୍କ ପରିଚାଳନା ରେ ପ୍ରଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ବିଜେଡି ସମ୍ପାଦିକା ମିତାଲି ରାଉତ, ଆଠଗଡ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ତଥା ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ମିନତୀ ଗାଗରାଇ, ସରପଞ୍ଚ ଶକ୍ତିକାନ୍ତ ସାହୁ, ମଗ୍ଗୁଲି ପାଣି, ମାନସୀ ରାଉତ,ରଶ୍ମିତା ପରିଡା ପ୍ରମୁଖ ଯୋଗଦେଇ ଥିଲେ।



ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀମାନେ ।

## ଧବଳେଶ୍ୱରଙ୍କୁ ଦର୍ଶନ କଲେ ୭୦ ହଜାର ଶ୍ରଦ୍ଧାଳୁ

### ଛୁଟି ସାଙ୍ଗକୁ ବାତ୍ୟା, ବର୍ଷା ଭୟ

**ଖୁଣ୍ଟୁଣୀ,୨୬।୧୦(ସଚ୍ଚିଦାନନ୍ଦ ପଣ୍ଡା)**

କାର୍ତ୍ତିକ ମାସର ସୋମବାର ଆସନ୍ତାକାଲି ଥିଲେ ମଧ ରବିବାର ଛୁଟି ସାଙ୍ଗକୁ ସମ୍ଭାବ୍ୟ ବାତ୍ୟା ଓ ବର୍ଷା ଭୟ ଯୋଗୁ ବିଭିନ୍ନ ଜିଲାରୁ ୭୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶୈବପୀଠକୁ ଆସି ବାବା ଧବଳେଶ୍ୱରଙ୍କ ଦର୍ଶନ ଲାଭ କରିଛନ୍ତି। ଭୋର ୪ଟାରେ ପୂଜକ ସମାଜ ପକ୍ଷରୁ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି ଓ ସ୍ନାନ ନୀତି କରି ପୁଷ୍ପମଣ୍ଡିତ କରାଯାଇଥିଲା। ପରେ ଖେଚୁଡ଼ି ଭୋଗ କରି ମନ୍ଦିର ଦ୍ୱାର ଖୋଲିବା ପରେ ହଜାର ହଜାର ଶ୍ରଦ୍ଧାଳୁ ନିଜ ମଧ୍ୟରେ ପ୍ରତିଯୋଗିତା ମନୋଭାବ ରଖି ପାଇକେରାପୁର ଗ୍ରାମଠାରୁ ମନ୍ଦିର ଗର୍ଭଗୃହ ପର୍ଯ୍ୟନ୍ତ ଭିଡ଼ ଲଗାଇ ଥିଲେ। ପରିସ୍ଥିତି ଏପରି ହେଲା ଯେ ଲୋକେ ଖାଇବା ପିଇବା ଭୁଲି ଗୁରୁଡିଝାଟିଆ ଥାନା ପକ୍ଷରୁ ମୁତୟନ କରାଯାଇଥିବା ଏକ ପ୍ଲାଟୁନ ଫୋର୍ସଙ୍କ ସହିତ ନିଜେ ଆଇଆଇସି ତପନ କୁମାର ପତି ଓ ଥାନାର ସମସ୍ତ ଷ୍ଟାଫ ଅଣାୟତ୍ତ ହୋଇପଡ଼ିଥିଲେ। ପୋଲିସ ଫୋର୍ସ ନିୟୋଜିତ ହୋଇ ନ ଥିବାରୁ ପୂର୍ବାହ୍ନ ୧୧ଟା ସୁଦ୍ଧା ଭିଡ ଅସମ୍ଭାଳ ହୋଇ ପଡ଼ିଥିଲା। ପୋଲିସ ନିଜ ଉଦ୍ୟମ କରି ଶେଷରେ ବାଧହୋଇ ହାତ ଟେକି ଦେଇଥିଲା। ଗର୍ଭ ଗୃହ ମଧ୍ୟକୁ ଲୋକେ ଧସେଇ ପଶୁଥିବା ଲକ୍ଷ୍ୟ କରାଯାଇଥିଲା। ପୂଜକମାନେ ମଧ୍ୟ ଅସମ୍ଭାଳ ହୋଇପଡିଥିଲେ। ପରେ ଭିଡ଼ କମିବାରୁ ଦିନ ଗୋଟାଏ ବେଳେ ସ୍ଥିତି ଆୟତ୍ତକୁ ଆସିଥିଲା ବୋଲି ଆଇଆଇସି ତପନ କୁମାର ପତି କହିଛନ୍ତି। ସୋମବାର ଆସନ୍ତାକାଲି ଥିବାରୁ ରବିବାରଠାରୁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି ବୋଲି ଆଇଆଇସି ପତି ସୂଚନା ଦେଇଛନ୍ତି।



# 'ସମାଜରେ ସ୍ଥିରତା ପାଇଁ ମହିଳା ସଶକ୍ତୀକରଣ ଅପରିହାର୍ଯ୍ୟ'

**ଜଟଣୀ,୨୬।୧୦(ରବୀନ୍ଦ୍ରନାଥ ମହାକୁଡ଼)**

ଆମରିସତ୍ୟ ବିକାଶ ପରିଷଦ ଏବଂ ଜଟଣୀ ରୋଟାରୀ କ୍ଲବ ମିଳିତ ଆନୁକୂଲ୍ୟରେ ରବିବାର 'ମହିଳା ସଶକ୍ତୀକରଣ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡ.ପ୍ରମୋଦ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ବକ୍ତାଭାବେ ଡ.ଆରତି କର ଯୋଗଦେଇ କହିଥିଲେ ଯେ, ଆଜିର ମହିଳା ଶିକ୍ଷିତା, କର୍ମଜୀବୀ ଏବଂ ସମାଜରେ ପ୍ରତିଷ୍ଠିତ। ସମାଜରେ ସ୍ଥିରତା ପାଇଁ ମହିଳା ସଶକ୍ତୀକରଣ ଅପରିହାର୍ଯ୍ୟ। ସେହିପରି ମୁଖ୍ୟ ଅତିଥି ପଣ୍ଡିତ ରମାକାନ୍ତ ମିଶ୍ର କହିଥିଲେ ଯେ,



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ଆଦର୍ଶ ଏବଂ ସୁସ୍ଥ ସମାଜ ଗଠନରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଆଲୋଚନାଚକ୍ରରେ ରୋଟାରିଆନ ଆଦିନାରାୟଣ ଖଣ୍ଡୁଆଳ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ରୋଟାରୀ କ୍ଲବର ସଭାପତି ପ୍ରସାଦ ଜଗଦ୍ଦେବ, ରୋଟାରିଆନ ରାଧାମୋହନ ପଟ୍ଟନାୟକ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ମହିଳା ସଶକ୍ତୀକରଣ ଉପରେ ଆଇନ ଅଧିକାରୀ ବିରଜା ପ୍ରସାଦ ଦାଶ, ଡା.ସୁବ୍ରତ ପାତ୍ର, ପଦ୍ମଲୋଚନ ସାହୁ, ଡ.ସୁକାନ୍ତି ମହାପାତ୍ର, ତ୍ରିଲୋଚନ ମହାପାତ୍ର, ବ୍ରଜବନ୍ଧୁ ନାୟକ, ନର୍ମଦା ଦୋରା, ବିଜୟାନନ୍ଦ ପଟ୍ଟନାୟକ ପ୍ରମୁଖ ନିଜର ମତାମତ ପ୍ରକାଶ କରିଥିଲେ। ଜବାହରଲାଲ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବିଭୁପ୍ରସାଦ ହରିଚନ୍ଦନ, ରଶ୍ମିତା ନାୟକ ଓ ପଦ୍ମଲୋଚନ ସାହୁଙ୍କ ସଂଯୋଜନାରେ ଦେବଯାନୀ ରାୟ, ଡା.ପ୍ରଭାସ ପ୍ରଧାନ, ଦ୍ୱିତୀକୃଷ୍ଣ ମହାନ୍ତି, ସୁଦର୍ଶନ ମହାପାତ୍ର, ନର୍ମଦା ଦୋରା, ବେଣୁଧର ବେହେରା, ଜଗନ୍ନାଥ ନାୟକ, ଆଦିନାରାୟଣ ଖଣ୍ଡୁଆଳ, ରୋହିତ କୁମାର ଚମ୍ପତି, ସୁରେଶ ଚନ୍ଦ୍ର ରଥ, ବାସୁଦେବ ସାହୁ, ଦିବ୍ୟଲୋଚନ ଭାରିମଲ୍ଲ, ସୁଲିଆ ଦାଶ ପ୍ରମୁଖ କବିତା ପାଠ କରିଥିଲେ।

# ଚିଲିକା ବୋଇତ ବନ୍ଦାଣ ମହୋତ୍ସବ ପାଇଁ ପ୍ରସ୍ତୁତି



ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅଧିକାରୀମାନେ।

**ବାଲୁଗାଁ,୨୬।୧୦(ସଂଗ୍ରାମ ପାଇକରାୟ)**

ନୀଳାମ୍ବୁ ଚିଲିକାର ପୁରାତନ ଐତିହ୍ୟ, ସଂସ୍କୃତି ଏବଂ ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଆସନ୍ତା ୪ ଓ ୫ ତାରିଖ ଦୁଇଦିନ ଧରି ବାଲୁଗାଁ ଚିଲିକା କୂଳରେ ବୋଇତ ବନ୍ଦାଣ ମହୋତ୍ସବ ପାଳିତ ହେବ। ଏହି ପରିପ୍ରେକ୍ଷୀରେ ରବିବାର ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଉପାଧ୍ୟକ୍ଷ ଭଗବାନ ପ୍ରଧାନ, ଚିଲିକା ବିଡିଓ ପୁନମ ମହାପାତ୍ର, ଚିଲିକା ବ୍ଲକ ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବରିଷ୍ଠ ଭାଜପା ନେତା ଦୁଷ୍ମନ୍ତ ହରିଚନ୍ଦନ ଏବଂ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ ଯୋଗଦେଇଥିଲେ। ବାଲୁଗାଁ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ତଥା ବଜାର ବଣିକ ସଂଘ, ବୋଟ୍ ଆସୋସିଏଶନ, ମତ୍ସ୍ୟ ବ୍ୟବସାୟ ସଂଘ, ପରିବା ବ୍ୟବସାୟ ସଂଘର ସଦସ୍ୟଙ୍କ ସମେତ ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଏହି ମହୋତ୍ସବ କିପରି ସରସ ସୁନ୍ଦର ହୋଇପାରିବ ସେ ଦିଗରେ ମତ ପ୍ରଦାନ କରିଥିଲେ। ଆଲୋଚନା ପରେ ମନ୍ତ୍ରୀ ହରିଚନ୍ଦନ ବକ୍ତବ୍ୟ ରଖିବା ସହ ଅଞ୍ଚଳବାସୀଙ୍କ ସହଯୋଗ ଲୋଡ଼ିଥିଲେ। ପୋଲିସ ପ୍ରଶାସନ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ବିଦ୍ୟୁତ୍ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିବା ବେଳେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସୁଚାରୁଭାବେ ସମ୍ପାଦନ ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ମହୋତ୍ସବରେ ବହୁ ମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେବାକୁ ଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆତସବାଜି ଓ ମେଲୋଡି କାର୍ଯ୍ୟକ୍ରମ ହେବ ବୋଲି ସୂଚନା ମିଳିଛି।

# ସରକାରଙ୍କ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ

**ବୋଲଗଡ଼,୨୬।୧୦(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ବଡ଼କୁମାରୀ କଲ୍ୟାଣ ମଣ୍ଡପଠାରେ ରବିବାର ଭାଜପା ପକ୍ଷରୁ ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ରାଜସୁନାଖଳା ବଜାରଠାରୁ ତାଙ୍କୁ ଏକ ଶୋଭାଯାତ୍ରାରେ କଲ୍ୟାଣ ମଣ୍ଡପକୁ ନିଆଯାଇଥିଲା। ସେଠାରେ ପାଞ୍ଚଗଡ଼ ମଣ୍ଡଳ ପୂର୍ବତନ ସଭାପତି ସୌମ୍ୟରଞ୍ଜନ ବଳିୟାରସିଂଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପସଭାପତି ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ବକ୍ତା ଭାବେ ରାଜ୍ୟ ସମବାୟ ପ୍ରକୋଷ୍ଠ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ସମ୍ମାନିତ ଅତିଥିଭାବେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ପ୍ରକାଶ ରଣବିଜୁଳି, ପୂର୍ବତନ ଜିଲାପରିଷଦ ସଭ୍ୟା ସୁମିତ୍ରା ବାହିନୀପତି, ସାମାଜିକ କର୍ମୀ ବାସୁଦେବ ବେହେରା ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ମଣ୍ଡଳ ସଭାପତି ଅଶୋକ ରାଉତ, ଯଜ୍ଞେଶ୍ୱର ସୁନ୍ଦରାୟ, ସମୀର ମହାରଥା, ଭଗବାନ ପଣ୍ଡା, ଆର୍ତ୍ତବନ୍ଧୁ ପ୍ରଧାନ, ଶାନ୍ତିଶେଖର ମହାପାତ୍ର, ପ୍ରଫୁଲ୍ଲ ରଥଙ୍କ ସମେତ ବହୁ ନେତୃବୃନ୍ଦ ଓ କର୍ମୀ ଯୋଗଦେଇଥିଲେ। ଶେଷରେ ପୂର୍ବତନ ମଣ୍ଡଳ ସଭାପତି ଅଜୟ କୁମାର ମାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ।



ଭାଜପା ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଧବଳେଶ୍ୱର ମନ୍ଦିର: ବଡ଼ଓଷା, କାର୍ତ୍ତିକ ପୂର୍ଣ୍ଣମୀ ପାଇଁ ପ୍ରସ୍ତୁତି ଆରମ୍ଭ



**ଖୋର୍ଦ୍ଧା,୨୬।୧୦(ପ୍ରଭାତ ପାଣିଗ୍ରାହୀ)**

ଆଉ ଦିନ କେଇଟା ପରେ ବଡ଼ଓଷା ଏବଂ କାର୍ତ୍ତିକ ପୂର୍ଣ୍ଣମୀ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ଶ୍ରୀଧବଳେଶ୍ୱର ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ ଏଥିଲାଗି ପ୍ରସ୍ତୁତି ଆରମ୍ଭ କରିଛି। ରବିବାରଠାରୁ ଟ୍ରଷ୍ଟ ବୋର୍ଡ ଆନୁଷ୍ଠାନିକଭାବେ ମନ୍ଦିର ପରିଚାଳନା ଦାୟିତ୍ୱ ନେଇଛି। ମନ୍ଦିର ସଫେଇ ସହିତ ରଙ୍ଗ କାମ ଆରମ୍ଭ ହୋଇଛି। ବଡ଼ଓଷା ଏବଂ କାର୍ତ୍ତିକ ପୂର୍ଣ୍ଣମୀରେ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି।

ପ୍ରକାଶ ଯେ, ଦେବୋତ୍ତର କମିଶନରଙ୍କ ଦ୍ୱାରା ମନ୍ଦିର ପରିଚାଳନା ବୋର୍ଡ ଗଠନ କରାଯାଇଥିଲା। କମିଟି ଶୃଙ୍ଖଳିତ ଭାବେ ମନ୍ଦିର ଦୈନିକ ନୀତିକାନ୍ତି ଠିକ୍ ଭାବେ ପରିଚାଳନା କରୁଥିବା ବେଳେ ୨୦୨୪ ନଭେମ୍ବର ୧୧ରେ ଖୋର୍ଦ୍ଧା ଉପଜିଲାପାଳ ବଡ଼ଓଷା ଏବଂ କାର୍ତ୍ତିକ ପୂର୍ଣ୍ଣମୀ ପାଇଁ ଏକ ଅସ୍ଥାୟୀ କମିଟି ଗଠନ କରିଥିଲେ। ତେବେ ମନ୍ଦିର ଟ୍ରଷ୍ଟ ବୋର୍ଡ ଗଠନ ସରିଥିବା ବେଳେ ପୁଣି ଏକ ଅସ୍ଥାୟୀ କମିଟି ଗଠନକୁ ନେଇ ଟ୍ରଷ୍ଟ ବୋର୍ଡ ଅସନ୍ତୋଷ ପ୍ରକାଶ କରିଥିଲା। ଏହା ଅସାମ୍ବିଧାନିକ ଦର୍ଶାଇ ଜିଲା ପ୍ରଶାସନଠାରୁ ଦେବୋତ୍ତର କମିଶନରଙ୍କୁ ଲିଖିତ ଜଣାଇଥିଲେ। ତେବେ ଏହା ଉପରେ ପ୍ରଶାସନ କିମ୍ବା କମିଶନରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ଏ ସଂକ୍ରାନ୍ତରେ ହାଇକୋର୍ଟରେ ଏକ ପିଟିଶନ ଆଗତ ହୋଇଥିଲା। ଗତ ୨୪ ତାରିଖରେ ଦୁଇ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଉପଜିଲାପାଳଙ୍କ ଦ୍ୱାରା ଗଠିତ ହୋଇଥିବା ଅସ୍ଥାୟୀ କମିଟି ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ଏଥିସହିତ ଏହି କମିଟି ସଦସ୍ୟମାନେ ସେ ପର୍ଯ୍ୟନ୍ତ ମନ୍ଦିରର ଦୈନନ୍ଦିନ ନୀତିକାନ୍ତି, ବଡ଼ଓଷା ଏବଂ କାର୍ତ୍ତିକ ପୂର୍ଣ୍ଣମୀ ପାଳନରେ ହସ୍ତକ୍ଷେପ କରିବେ ନାହିଁ। ଦେବୋତ୍ତର କମିଶନରଙ୍କ ଦ୍ୱାରା ଗଠିତ ଟ୍ରଷ୍ଟ ବୋର୍ଡ ଏହାକୁ ପରିଚାଳନା କରିବ ବୋଲି ରାୟରେ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଡିସେମ୍ବର ୧୫ରେ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ଶନିବାର ଶ୍ରୀଧବଳେଶ୍ୱର ଦେବ ବିଜେ ଗୁରୁଜଙ୍ଗ ମ୍ୟାନେଜିଂ ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ କପି ଉପଜିଲାପାଳଙ୍କ ନିକଟରେ ଦାଖଲ କରାଯାଇଛି ବୋଲି ବଦ୍ରି ନାରାୟଣ ସାହୁ ସୂଚନା ଦେଇଛନ୍ତି।

# ତୃଣମୂଳସ୍ତରରୁ ଦଳକୁ ମଜଭୁତ କରିବାକୁ ଆହ୍ୱାନ

**ବାଲୁଗାଁ,୨୬।୧୦(ସଂଗ୍ରାମ ପାଇକରାୟ)**

**କଂଗ୍ରେସର ସାଙ୍ଗଠନିକ ବୈଠକ**

ଚିଲିକା ବ୍ଲକ ହରିପୁର ପଞ୍ଚାୟତ ଅଧୀନ ନୂଆପାଟଣାସ୍ଥିତ ମା' ଉତ୍ତରାୟଣୀଙ୍କ ମନ୍ଦିର ପ୍ରାଙ୍ଗଣରେ କଂଗ୍ରେସର ବରିଷ୍ଠ ନେତା କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଖୋର୍ଦ୍ଧା ଜିଲା ମହିଳା କଂଗ୍ରେସ ସମ୍ପାଦିକା ମୀନାକ୍ଷୀ ପ୍ରଧାନଙ୍କ ନେତୃତ୍ୱରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିଲିକା ବ୍ଲକ ଅନ୍ତର୍ଗତ ୧୩ଟି ପଞ୍ଚାୟତର ଛାମୁଆ କର୍ମୀମାନଙ୍କୁ ନେଇ ଆୟୋଜିତ ଉକ୍ତ ବୈଠକରେ ପ୍ରଦୀପ୍ତ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ମା' ଉତ୍ତରାୟଣୀଙ୍କ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବୈଠକରେ ଲୋକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହ ତୃଣମୂଳସ୍ତରରୁ କଂଗ୍ରେସ ଦଳର ହାତମୁଠାକୁ ମଜଭୁତ ପାଇଁ ଆହ୍ୱାନ ଦିଆଯାଇଥିଲା। ଏଥିରେ ସେବାଦଳ ସାଧାରଣ ସମ୍ପାଦକ କୁଳମଣି ସାହୁ, ଚିଲିକା ନିର୍ବାଚନ ମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ସଭାପତି ବିପିନ ବିହାରୀ ବାରିକଙ୍କ ସମେତ ଛାମୁଆ କର୍ମୀ ଭାବେ ଗେଣ୍ଡୁ ସାହୁ, ବସନ୍ତ କୁମାର ଜେନା, ରବୀନ୍ଦ୍ର ସାହୁ, ଦୀପ୍ତିରଞ୍ଜନ ଜେନା, ରାଜେନ୍ଦ୍ର ପ୍ରଧାନ, କୈବଲ୍ୟ ସ୍ୱାଇଁ, ସୁଶାନ୍ତ ବିଶୋଇ, ଝୁଲିଆ ବାରିକ, ଦେବ ପରିଡ଼ା, ଚିନ୍ତାମଣି ସ୍ୱାଇଁ, ରବି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସର ସାଙ୍ଗଠନିକ ବୈଠକରେ ଯୋଗଦେଇଥିବା ନେତା ଓ କର୍ମୀମାନେ।

# କୁଶପଲ୍ଲାକୁ ହରାଇ ଭାଲିଆବାଡ଼ି ବିଜୟୀ

**ଖୋର୍ଦ୍ଧା,୨୬।୧୦(ପ୍ରଭାତ ପାଣିଗ୍ରାହୀ)**

ସ୍ଥାନୀୟ ଭାଲିଆବାଡ଼ି ଖେଳପଡ଼ିଆରେ ଚାଲିଥିବା ୪୮ତମ ଭାଲିଆବାଡ଼ି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ଭାଲିଆବାଡ଼ି କ୍ଲବ ଓ କୁଶପଲ୍ଲା କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଭାଲିଆବାଡ଼ି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୫ଉଇକେଟ ବିନିମୟରେ ୨୦୮ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଭବେଶ ସାହାଣୀ ୧୦୮ରନ କରିଥିଲେ। କୁଶପଲ୍ଲା ଟିମ୍‌ର ଶଶିକାନ୍ତ ଜେନା ୨ଟି ଉଇକେଟ ନେଇଥିଲେ। ଜବାବରେ କୁଶପଲ୍ଲା ଟିମ୍ ୧୦ ଓଭରରେ ୫ ଉଇକେଟ ବିନିମୟରେ ୧୧୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। କୁଶପଲ୍ଲା ଟିମ୍‌ର ମୁସ୍ତାକ ୩୨ରନ କରିଥିବା ବେଳେ ଭାଲିଆବାଡ଼ି ଟିମ୍‌ର ଗୁଡୁଲି ସାହୁ ୨ଟି ଉଇକେଟ ନେଇଥିଲେ। ଭାଲିଆବାଡ଼ି ଟିମ୍ ବିଜୟୀ ହୋଇଥିଲା। ଭବେଶ ସାହାଣୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଛବିନାରାୟଣ ରାଉତରାୟ ଏବଂ ଅଭିଳାଷ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ସୋମବାର ପଳାସପୁର ଏବଂ ଅଠାରଙ୍ଗ ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।





ଅତିଥିଙ୍କଠାରୁ ଖେଳାଳି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ୧୭ ବର୍ଷରୁ କମ୍ ଓଡ଼ିଶା ବକ୍ସିଂ ଦଳର ଅରୁଣାଚଳ ପ୍ରଦେଶ ଗସ୍ତ





**ଜଟଣୀ,୨୬।୧୦(ରବୀନ୍ଦ୍ରନାଥ ମହାକୁଡ଼)**

୧୭ବର୍ଷରୁ କମ୍ ସର୍ବଭାରତୀୟ ବକ୍ସିଂ ପ୍ରତିଯୋଗିତା ପାଇଁ ଓଡ଼ିଶା ବକ୍ସିଂ ଦଳ ରବିବାର ଖୋର୍ଦ୍ଧାରୋଡ୍‌ରୁ ଟ୍ରେନ୍‌ରେ ଅରୁଣାଚଳ ପ୍ରଦେଶର ଇଟାନଗର ଗସ୍ତ କରିଛି। ଆସନ୍ତା ୨୮ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶାରୁ ଉଭୟ ବାଳିକା ଏବଂ ବାଳକ ବର୍ଗର ମୋଟ୍ ୨୭ଜଣ ଗସ୍ତ କରିଛନ୍ତି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓଡ଼ିଶାଙ୍କ ଦ୍ୱାରା ମନୋନୀତ ହୋଇ ୟୁଜିବିଏମ୍ ସିଂହବ୍ରହ୍ମପୁର ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପୁରସ୍ତମ ମୁଦୁଲି, ଟିମ୍ ମ୍ୟାନେଜର ବାଳିକା କୋଚ୍ ଦୀପ୍ତିରାଣୀ ସାହୁ, ବାଳକ କୋଚ ପ୍ରଫୁଲ୍ଲ ମହାନ୍ତି ଓ ଅମ୍ବିକା ରଥ ବାଳକ ଟିମ୍ ମ୍ୟାନେଜରଙ୍କ ନେତୃତ୍ୱରେ ଟିମ୍ ଯାଇଥିବା ବେଳେ ଫୁଲମଣି ମୁର୍ମୁ, ଜ୍ୟୋତିପ୍ରସାଦ ପରିଡା, ସୋମନାଥ ବିଦ୍ୟାପୀଠ ହରିରାଜପୁରର ପ୍ରଧାନ ଶିକ୍ଷକ ଭାଗ୍ୟବତୀ ରାଉତ, ଅଲ୍‌ଓଡ଼ିଶା ଅଫିସର ସଂଘର ସାଙ୍ଗଠନିକ ସମ୍ପାଦକ ନଗେନ ପ୍ରଧାନ, ପଲ୍ଲବୀ ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ବିଶ୍ୱଜିତ ରାୟ, ସାମାଜିକକର୍ମୀ ରାମଚନ୍ଦ୍ର ମହାନ୍ତି, ମୋହନସୁନ୍ଦର ପାତ୍ର, ସମ୍ବାଦ ସାହିତ୍ୟ ଘର ପିପିଲି ସମ୍ପାଦକ ନରେନ୍ଦ୍ର ମୁଦୁଲିଙ୍କ ସହ ବହୁ କ୍ରୀଡାପ୍ରେମୀ ଷ୍ଟେଶନଠାରେ ଉପସ୍ଥିତ ରହି ପ୍ରତିଯୋଗିତାରେ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଜୟ



@ ବାଦଲ



@ ସାରସ୍ୱତ



@ ସୌଜନ୍ୟ



@ ଶୁଚିସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତମାଣ୍ଡୋ-ଗୁରୁଜଙ୍ଗ ଫାଇନାଲ

**ଖୋର୍ଦ୍ଧା,୨୬।୧୦(ପ୍ରଭାତ ପାଣିଗ୍ରାହୀ)**

**ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରବିବାର ସ୍ଥାନୀୟ ଖେଳପଡ଼ିଆରେ ଦୁଇଟି ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଝାଁଳା ଏବଂ ତମାଣ୍ଡୋ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଝାଁଳା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସନ୍ତୋଷ ସ୍ୱାଇଁ ୩୩ ରନ କରିଥିଲେ। ଜବାବରେ ତମାଣ୍ଡୋ ଟିମ୍ ୧୦.୧ ଓଭରରେ ୧ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସିପୁନ ପଟ୍ଟନାୟକ ୩ଟି ଉଇକେଟ ନେଇ ଶ୍ରେଷ୍ଠ ଖେଳାଳିଭାବେ ଅତିଥି ସୁନୀଲ ରାଉତରାୟଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଗୁରୁଜଙ୍ଗ ଏବଂ ମେଣ୍ଢାଶାଳ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ମେଣ୍ଢାଶାଳ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୭ ଉଇକେଟ ବିନିମୟରେ ୧୯୫ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପଙ୍କଜ ଜେନା ୮୭ରନ ସଂଗ୍ରହ କରିଥିଲେ। ଗୁରୁଜଙ୍ଗ ପକ୍ଷରୁ ଅସିତ୍ ପରିଡ଼ା ୩ଟି ଉଇକେଟ ନେଇଥିଲେ। ଜବାବରେ ଗୁରୁଜଙ୍ଗ ଟିମ୍ ୧୫.୧ ଓଭରରେ ସୁଜିତ୍ ପରିଡ଼ାଙ୍କ ଅର୍ଦ୍ଧଶତକ ବଳରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସୁଜିତ୍ ପରିଡ଼ା ୮୭ ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ଭାବେ ଅତିଥି ଅସିତ୍ ଶତପଥୀଙ୍କଠାରୁ ପୁରସ୍କୃତ ହୋଇଥିଲେ। ସାନୁଜ ବିଶ୍ୱାଳ, ପ୍ରଶାନ୍ତ ବେହେରା, ପ୍ରକାଶ ସାହୁ, ସୋମ୍ୟଜିତ୍ ପଟ୍ଟନାୟକ, ସନ୍ତୋଷ ପ୍ରଧାନ ଏବଂ ପ୍ରକାଶ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସୋମବାର ଫାଇନାଲ ମ୍ୟାଚ୍ (ମିନି ଆଧାର) ଗୁଡୁମ ଏବଂ ଗୁରୁଜଙ୍ଗ, (ଆଧାର) ଗୁରୁଜଙ୍ଗ ଏବଂ ତମାଣ୍ଡୋ ମଧ୍ୟରେ ହେବ ବୋଲି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସୂଚନା ଦେଇଛନ୍ତି।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୧୦।୨୦୨୫

| | |
|---|---|
| ୯,୨୦,୯୬୪ ଟଙ୍କା | |
| ସୁନା | ୧୭.୫୫୦ ଗ୍ରାମ୍ |
| ରୁପା | ୧୨୬.୪୦୦ ଗ୍ରାମ୍ |

# 'ମୋନ୍ଥା' ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ

### ଲାଇଫ୍ ଗାର୍ଡଙ୍କ ସହ ଆଲୋଚନା କଲେ ଜିଲାପାଳ

ପୁରୀ,୨୬।୧୦(ଅଜିତ୍ କୁମାର ମହାନ୍ତି)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ମୁକାବିଲା ପାଇଁ ରାଜ୍ୟରେ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ଜିଲା ପ୍ରଶାସନକୁ ସତର୍କ କରାଯାଇଛି। ବାତ୍ୟା ଓଡ଼ିଶାରେ ଲ୍ୟାଣ୍ଡଫଲ ନ କରୁଥିଲେ ମଧ୍ୟ ବାତ୍ୟାର ପ୍ରଭାବ ଓଡ଼ିଶା ସହ ପୁରୀରେ ଦେଖିବାକୁ ମିଳିବ। ଏହାର ପ୍ରଭାବରେ ପୁରୀରେ ପ୍ରବଳ ବର୍ଷାର ସମ୍ଭାବନା ରହିବା ସହ ସମୁଦ୍ର ଅଶାନ୍ତ ରହିବ। ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ପ୍ରଶାସନ ପକ୍ଷରୁ ଏହାର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର କରାଯାଇଛି। ପ୍ରଶାସନ ପକ୍ଷରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସବୁ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ୍ କରାଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଘନଘନ ସମୀକ୍ଷା କରୁଛନ୍ତି। ବାତ୍ୟା ମୁକାବିଲାରେ କୌଣସି ଅଧିକାରୀ କାର୍ଯ୍ୟରେ ଅବହେଳା ନ କରିବାକୁ ଜିଲାପାଳ ତାଗିଦା କରିଛନ୍ତି।



ସମ୍ଭାବ୍ୟ ବାତ୍ୟା ନେଇ ପୁରୀ ବେଳାଭୂମିରେ ଲାଇଫ୍‌ଗାର୍ଡଙ୍କ ସହ ଆଲୋଚନା କରୁଛନ୍ତି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ଏହି ପରିପ୍ରେକ୍ଷୀରେ ରବିବାର ଜିଲାପାଳ ବେଳାଭୂମି ଯାଇ ଲାଇଫ୍ ଗାର୍ଡଙ୍କ ସହ ବାତ୍ୟାକୁ ନେଇକୁ ଆଲୋଚନା କରିଛନ୍ତି। ପ୍ରତ୍ୟେକଟି ଜୀବନକୁ ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ। ବିଶେଷ କରି ସମୁଦ୍ରରେ ସ୍ନାନବେଳେ ବୁଡ଼ିଯିବା ଆଶଙ୍କା ଥିବାରୁ ସେମାନଙ୍କ ସୁରକ୍ଷା ଅତ୍ୟନ୍ତ ଜରୁରୀ ଓ ତାହାକୁ ଭଲ ଭାବେ ଲାଇଫ୍‌ଗାର୍ଡମାନେ ତୁଲାଇପାରନ୍ତି।

ସମ୍ପ୍ରତି ସମ୍ଭାବ୍ୟ ବାତ୍ୟା ଆଶଙ୍କା ପରିପ୍ରେକ୍ଷୀରେ ସମୁଦ୍ର କୂଳକୁ ଆସୁଥିବା ପର୍ଯ୍ୟଟକ ଓ ଯାତ୍ରୀଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଆହ୍ୱାନ ଦେଇଥିଲେ। ପୂର୍ବାହ୍ନରେ ଗୋଲଡେନ୍ ଟ୍ରି ହୋଟେଲ ସମ୍ମୁଖ ସି' ବିଚ୍ ଠାରେ ଜିଲାପାଳ ପରିଡ଼ା ସମସ୍ତ ଲାଇଫ୍ ଗାର୍ଡମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ବିଭିନ୍ନ ସହାୟତା ଉପକରଣଗୁଡ଼ିକୁ ଦେଖିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ସହକାରୀ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖଙ୍କ ସହ ଶତାଧିକ ଲାଇଫ୍‌ଗାର୍ଡ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାପାଳ ସୂଚନା ଦେଇ କହିଛନ୍ତି, ଆସନ୍ତା ୩ଦିନ ଆମପାଇଁ ସତର୍କର ଦିନ ରହିଛି। ସମୁଦ୍ରରେ କେହି ଯେମିତି ପର୍ଯ୍ୟଟକ ବୁଡ଼ି ନ ଯାଆନ୍ତି ସେ ନେଇ ଆମେ ଗୁରୁତ୍ୱ ଦେଉଛୁ। ପର୍ଯ୍ୟଟକଙ୍କୁ ଉଦ୍ଧାର ପାଇଁ ଯାହା ଆଧୁନିକ ଉପକରଣ ଆବଶ୍ୟକ ତାହା ଆମେ ଲାଇଫ୍‌ଗାର୍ଡଙ୍କୁ ଯୋଗାଇ ଦେଇଛୁ। ଲୋକଙ୍କୁ ସତର୍କ କରିବା ପାଇଁ ମାଇକ୍ ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୯ ତାରିଖ ଯାଏ ସମୁଦ୍ରରେ ନ ଗାଧୋଇବା ପାଇଁ ପର୍ଯ୍ୟଟକଙ୍କ ଉପରେ କଟକଣା ଲଗାଯାଇଛି। ସବୁ ବିଭାଗ ସହ ସମନ୍ୱୟ ରକ୍ଷା କରି ଏସ୍‌ଓପି ପାଳନ କରାଯାଉଛି। ବାତ୍ୟାକୁ ନେଇ ସମସ୍ତେ ସଜାଗ ରହିଛନ୍ତି। ଯେପରି ରାଶନ ସମସ୍ୟା ନ ହେବ ସେଥିପାଇଁ ଦୃଷ୍ଟି ଦିଆଯାଇଛି। ଫାୟାର, ସ୍ୱାସ୍ଥ୍ୟ ସହ ସମସ୍ତ ବିଭାଗ, ଜିଲାପ୍ରଶାସନ ସଜାଗ ଓ ପ୍ରସ୍ତୁତି ରହିଛନ୍ତି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୨୫୫ ପରୀକ୍ଷାର୍ଥୀ ଦେଲେ ଉଲ୍ଲାସ ପରୀକ୍ଷା

ଡେଲାଙ୍ଗ,୨୬।୧୦(ରଶ୍ମିରଞ୍ଜନ ପ୍ରଧାନ)

ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଶିକ୍ଷାରୁ ବଞ୍ଚିତ ଥିବା ସମସ୍ତ ବର୍ଗର ବ୍ୟକ୍ତିକୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଇବା ଲକ୍ଷ୍ୟନେଇ ବିଭିନ୍ନ ବିଦ୍ୟାଳୟରେ ଉଲ୍ଲାସ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ସାକ୍ଷରତା ସ୍ରୋତରେ ସାମିଲ କରି ସଚେତନ ନାଗରିକ ରୂପେ ଗଢ଼ିତୋଳିବା ହେଉଛି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସରେ ସାମିଲ ହୋଇ ରବିବାର ପ୍ରାରମ୍ଭିକ ପରୀକ୍ଷାରେ ଡେଲାଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ୨୫୫ ଜଣ ପରୀକ୍ଷା ଦେଇଛନ୍ତି। କ୍ଲଷ୍ଟରର ସିଆର୍‌ସିସି ଓ ପରୀକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୁସ୍ତକ ପଢ଼ିବା, ବୁଝିବା, ଲେଖିବା ଓ ହିସାବ ନିକାଶ କରିବାରେ ସକ୍ଷମ ହେବା ଲକ୍ଷ୍ୟ ନେଇ ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ଦ୍ୱାରା ଶନିବାର ଓ ରବିବାର ଶିକ୍ଷାଦାନ କରାଯିବ। ୫ ମାସ ପରେ ସେମାନଙ୍କର ପରୀକ୍ଷା କରାଯାଇ ଗଣଶିକ୍ଷା ବିଭାଗ ପକ୍ଷରୁ ସାକ୍ଷରତା ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

### ୩ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

ପୁରୀ,୨୬।୧୦(ଅଜିତ୍ କୁମାର ମହାନ୍ତି)

ଅପରେଶନ ଚକ୍ର ଅଭିଯାନରେ ୩ଜଣ କୁଖ୍ୟାତ ପେଷାଦାର ଅପରାଧୀଙ୍କୁ ଟାଉନ୍ ଥାନା ପୋଲିସ ଗିରଫ କରିଛି। ନିୟମିତ ଭାବେ ମାଦକ ଦ୍ରବ୍ୟ ସେବନ କରି ଛୁରି ଦେଖାଇ ଉଠାଦୋକାନୀ ଓ ଅଟୋ ଡ୍ରାଇଭର୍‌ଙ୍କୁ ଭୟଭୀତ କରାଇ ସେମାନଙ୍କ ଠାରୁ ବଟି ଆଦାୟ କରିବା ଏବଂ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପରି ସଙ୍ଗିନ୍ ଅଭିଯୋଗ ରହିଛି। ଟାଉନ୍ ଥାନା ପୋଲିସ ନିଜ ଆଡୁ ୫୬୮/୨୦୨୫ରେ ଏକ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ଛୁରି, ମୋବାଇଲ୍ ଏବଂ ବେଆଇନ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗନ୍ନାଥବଲ୍ଲଭର ମନୋଜ ଭୋଇ, ବନ୍ଧନ ମଲିକ (୨୭) ଏବଂ ବାଲିସାହି ଅଞ୍ଚଳର ମନୋରଞ୍ଜନ ପଣ୍ଡା (୨୮)। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜିଲା କାରାଗାରକୁ ପଠାଯାଇଛି। ତେବେ ସମସ୍ତ ଅପରାଧୀଙ୍କ ନାମରେ ପୂର୍ବରୁ ଆକ୍ରମଣ, ହତ୍ୟା ଉଦ୍ୟମ, ବଟି ଆଦାୟ ପରି ସଙ୍ଗୀନ୍ ମାମଲା ବିଭିନ୍ନ ଥାନାରେ ରହିଛି।

### ବାତ୍ୟା ନେଇ ଚନ୍ଦ୍ରଭାଗାରେ ବୁଲିଲା ପ୍ରଚାର ଗାଡ଼ି

କୋଣାର୍କ,୨୬।୧୦ (ଜ୍ୟୋତିରାଜ ମହାନ୍ତି)

ସମ୍ଭାବ୍ୟ ବାତ୍ୟା ମୋନ୍ଥା ପ୍ରଭାବରେ କୋଣାର୍କ ଚନ୍ଦ୍ରଭାଗା ସମୁଦ୍ର ଅଶାନ୍ତ ହୋଇଉଠିଛି। ପ୍ରବଳ ବର୍ଷା ଓ ପବନ ଆଶଙ୍କାରେ ଲୋକଙ୍କ ମନରେ ଭୟର ବାତାବରଣ ଖେଳିଯାଇଛି। କୋଣାର୍କ ଏନ୍‌ଏସି ପକ୍ଷରୁ ପ୍ରଚାର ଗାଡ଼ିରେ କୋଣାର୍କ ଓ ଚନ୍ଦ୍ରଭାଗାରେ ବାତ୍ୟା ସଚେତନତା କରାଯାଇଥିଲା। ସମୁଦ୍ର ଅଶାନ୍ତ ଥିବାରୁ ନୋଳିଆ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ବାରଣ କରାଯାଇଛି। ଫଳରେ ମତ୍ସ୍ୟଜୀବୀମାନେ କୂଳରେ ଡଙ୍ଗା ରଖି ବିଶ୍ରାମ ନେଉଛନ୍ତି। ଚନ୍ଦ୍ରଭାଗା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଜେନେରେଟର, ଲାଇଟ, କପର ମେସିନ ମହଜୁଦ ରହିଛି। ସେହିପରି କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀ ପକ୍ଷରୁ ବୋଟ ପ୍ରସ୍ତୁତ ରଖାଯାଇଛି। ଜିଲା ପ୍ରଶାସନ ନିର୍ଦ୍ଦେଶରେ ଚନ୍ଦ୍ରଭାଗା ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଥିବା କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ କହିଛନ୍ତି। ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନରେ ଭିଡ଼ ଦେଖିବାକୁ ମିଳିଥିଲା।

## ସଂସ୍କୃତି ପରମ୍ପରା ଓଡ଼ିଆ ଘରର ମାଇଲଖୁଣ୍ଟ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ଗୋପ,୨୬।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ସଂସ୍କୃତି, ପରମ୍ପରା ବଞ୍ଚିଲେ ଓଡ଼ିଆ ଜାତି ବଞ୍ଚିବ। ଆମ ପରମ୍ପରା ହେଉଛି ଆମମାନଙ୍କ ଲାଗି ମାଇଲଖୁଣ୍ଟ ବୋଲି କୁସୁପୁରସ୍ଥିତ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଦୁଇଦିନିଆ ଡ୍ରାମା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ଦର୍ଶକମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ହାଡୁବନ୍ଧୁ ସ୍ୱାଇଁ, ବୟୋଜ୍ୟେଷ୍ଠ ମଧୁସୂଦନ ପାଇକରାୟ, ଯୁବ ବ୍ୟବସାୟୀ ବ୍ରଜବନ୍ଧୁ ସାହୁ, କଳାକାର ରତ୍ନାକର ବାରିକ, ବିନୟ କୁମାର ଜେନା ପ୍ରମୁଖ ଯୋଗଦେଇ କଳା ହେଉଛି ଓଡ଼ିଆ ଘରର ଏକ ଦୀପଶିଖା ବୋଲି ମତବ୍ୟକ୍ତ କରିଥିଲେ।

କୁସୁପୁର ଯୁବ ପରିଷଦ ଓ ଗଜଲକ୍ଷ୍ମୀ ପୂଜା କମିଟିର ମିଳିତ ଉଦ୍ୟମରେ ଏହି ଡ୍ରାମା କାର୍ଯ୍ୟକ୍ରମ ଦୀର୍ଘ ୨୯ ବର୍ଷ ଧରି ଚାଲି ଆସୁଥିବାବେଳେ ଏହା ଆଗକୁ କ୍ରମାଗତ ଭାବେ ଚାଲିବ ବୋଲି ଉପସ୍ଥାପକ ସଂଗ୍ରାମ କେଶରୀ ଭୋଳ ସୂଚନା ଦେଇଥିଲେ। ପ୍ରଥମ ରାତ୍ରରେ ନାଟକ 'ହା କୃଷ୍ଣ ବୋଲି ଯାଉ ମୋ ଜୀବନ', ଦ୍ୱିତୀୟ ରାତ୍ରରେ 'ମୋ ଆଖି କାନ୍ଦୁଛି ତୋରି ପାଇଁ' ମଞ୍ଚସ୍ଥ ହୋଇଥିଲା। ଅପରପକ୍ଷରେ ଏହି ଯୁବ ପରିଷଦ ପ୍ରତ୍ୟେକ ବର୍ଷ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସବୁ ସମୟରେ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା ସହିତ ରକ୍ତଦାନ, ସଫେଇ, ବୃକ୍ଷ ରୋପଣ, ବାତ୍ୟା, ବନ୍ୟା ସମୟରେ କାର୍ଯ୍ୟ କରିଥାଏ। ଏହି ଡ୍ରାମା କାର୍ଯ୍ୟକ୍ରମକୁ ମନଦୀପ ପାଇକରାୟ, ପ୍ରକାଶ କୁମାର ପାଇକରାୟ, ନିରଞ୍ଜନ ସ୍ୱାଇଁ, ପ୍ରିୟବ୍ରତ ପରମାଣିକ, ଶ୍ୱାଶତ ରଞ୍ଜନ ପ୍ରଧାନ, ମାନସ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ସେତୁ ଉପରୁ କଂକ୍ରିଟ୍ ବାହାରି ରଡ୍ ଦେଖାଗଲାଣି

କଣାସ,୨୬।୧୦(ବିଭୂତି ଭୂଷଣ ତ୍ରିପାଠୀ)

ରାମେଶ୍ୱର ଠାରୁ ନୂଆଜଗନ୍ନାଥ ସଡ଼କ ପୁରୀକୁ ସଂଯୋଗ କରୁଥିବା ବେଳେ କଣାସ ବ୍ଲକ ନିକଟ ଚୁପୁରିଙ୍ଗି ଠାରେ ମକରା ସେତୁ ଉପରେ କଂକ୍ରିଟ୍ ଛାଡ଼ିଯାଇ ତାର ଗୁଡ଼ିକ ବାହାରି ପଡ଼ିଥିବାରୁ ସେତୁଟି ଦୁର୍ବଳ ହୋଇପଡ଼ିଛି। ପୂର୍ବରୁ ମଧ୍ୟ ସେତୁର ବିଭିନ୍ନ ସ୍ଥାନରେ କଂକ୍ରିଟ୍ ଛାଡ଼ିଯାଇ ତାର ବାହାରି ପଡ଼ିଥିଲା। ବିଭାଗୀୟ କର୍ତ୍ତୃପକ୍ଷ ତାହା ମରାମତି କରିଥିବା ବେଳେ ପୁଣି ସେହି ସ୍ଥାନ ଉପରୁ କଂକ୍ରିଟ୍ ବାହାରି ପଡ଼ି ତାରଗୁଡିକ ଉପରକୁ ଦେଖାଯାଉଥିବା ବେଳେ ଛୋଟ ଛୋଟ ଦୁର୍ଘଟଣାମାନ ଘଟୁଛି। ତୁରନ୍ତ ସେତୁର ମରାମତି ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଆନ୍ତଃମହାବିଦ୍ୟାଳୟ ସ୍ତରୀୟ କୁସ୍ତି ପ୍ରତିଯୋଗିତା

ପୁରୀ,୨୬।୧୦(ଅଜିତ୍ କୁମାର ମହାନ୍ତି)

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ାସଂସଦ ଆନୁକୂଲ୍ୟରେ ଗୋପୀନାଥ ଦେବ ଡିଗ୍ରୀ କଲେଜ, ପ୍ରତାପ ପୁରୁଷୋତ୍ତମର ସଂଯୋଜନାରେ ରବିବାର ପୁରୀସ୍ଥିତ ବାରବାଟୀ ଯାଗା ପରିସରରେ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ପୁରୁଷ ଓ ମହିଳା ବିଭାଗ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ ମଦନମୋହନ ଖୁଣ୍ଟିଆ, ଗୋପାଳକୃଷ୍ଣ ମହାସୁଆର, ଡିଗ୍ରୀ କଲେଜର ଅଧ୍ୟକ୍ଷ ସୁଦର୍ଶନ ମହାରଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୨୦ଟି କଲେଜର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ନୀଳକଣ୍ଠ ମିଶ୍ର ଓ ବିଚାରକ ଭାବେ ହରିହର କର ଉକ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପୁରୁଷ ବିଭାଗରେ ଗୋପୀନାଥ ଦେବ ଡିଗ୍ରୀ କଲେଜ ଏବଂ ବାଳିକା ବିଭାଗରେ ସୁରଜମଲ୍ଲ ଶାହା ମହାବିଦ୍ୟାଳୟ ଦଳଗତ ଚମ୍ପିଅନ୍ ହୋଇଥିଲେ।

## ଶିକ୍ଷକ ବଦଳି ପ୍ରତିବାଦରେ ବିଦ୍ୟାଳୟ ସମ୍ମୁଖରେ ଧାରଣା

### ୯ଟି ଶ୍ରେଣୀକୁ ୩ ଶିକ୍ଷକ, ପାଠପଢ଼ାରେ ବ୍ୟାହତ

ଡେଲାଙ୍ଗ,୨୬।୧୦(ରଶ୍ମିରଞ୍ଜନ ପ୍ରଧାନ)

ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ ଶିକ୍ଷାକ୍ଷେତ୍ରରେ ବିକାଶ କରିବା ପାଇଁ ସରକାର ଅହରହ ଚେଷ୍ଟା କରୁଛନ୍ତି। କୋମଳମତି ଶିଶୁମାନେ କିପରି ସୁବିଧାରେ ବିଦ୍ୟାଳୟରେ ପାଠ ପଢ଼ିବେ ଓ ପାଠ ପଢ଼ା ପ୍ରତି ଆଗ୍ରହ ସୃଷ୍ଟି ହେବାକୁ ନେଇ ବିଭିନ୍ନ ସୁବିଧା ସୁଯୋଗ ମଧ୍ୟ ଯୋଗାଉଛନ୍ତି। ହେଲେ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ସମାଧାନର ନା ନେଉନାହିଁ। ଫଳରେ ପାଠପଢ଼ାରେ ବ୍ୟାହତ ହେଉଥିବା ନେଇ ଅମାଳଙ୍ଗ ଉ.ପ୍ରା. ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। ବିଦ୍ୟାଳୟରେ ଶିଶୁବାଟିକା ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୯୦ରୁ ଅଧିକ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଛନ୍ତି। ମାତ୍ର ୩ ଜଣ ଶିକ୍ଷକରେ କିପରି ପାଠ ପଢ଼ାହେବ ତାହା ଅଭିଭାବକଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏନେଇ ଶନିବାର ଅଭିଭାବକମାନେ ଅମାଳଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଶିକ୍ଷକ ବଦଳିକୁ ରଦ୍ଦ କରିବା ଓ ପ୍ରତି ଶ୍ରେଣୀକୁ ଜଣେ ଲେଖାଏ ଶିକ୍ଷକ ଯୋଗାଇଦେବାକୁ ଦାବି କରିବା ସହିତ ଧାରଣା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଭିଭାବକ ବିଜୟ ସ୍ୱାଇଁ, ଅନନ୍ତ ସ୍ୱାଇଁ, ସୁରେଶ କୁମାର ସାହୁ, ପ୍ରଦୀପ ମନ୍ତ୍ରୀ, ବୃନ୍ଦାବନ ବେହେରା, ଆଦର୍ଶ ବିଦ୍ୟାଳୟ ଛାତ୍ର ଆଭିଭାବକ ସଂଘ ସଭାପତି ଅଶୋକ ପ୍ରଧାନ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।



@ ଅଜୟ



@ ବାଦଲ



@ ସାରସ୍ୱତ



@ ସୌଜନ୍ୟ



@ ଶୁଚିସ୍ମିତା

## ନାଟକ 'କର୍ଣ୍ଣ ଖୋଜୁଛି ତା ନିଜ ଠିକଣା' ମଞ୍ଚସ୍ଥ

କଣାସ,୨୬।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଦିବ୍ୟସିଂହପୁର ପଞ୍ଚାୟତର ଦିବ୍ୟସିଂହପୁର ଗ୍ରାମରେ ନାଟକ 'କର୍ଣ୍ଣ ଖୋଜୁଛି ତା ନିଜ ଠିକଣା' ମଞ୍ଚସ୍ଥ ହୋଇଯାଇଛି। ନାଟକର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ମନମୋହନ ମହାପାତ୍ର, ପଣ୍ଡିତ ନୃସିଂହ ପଣ୍ଡା, ଡ. କୃପାସିନ୍ଧୁ ପଣ୍ଡା, ଶିଶୁ ସାହିତ୍ୟିକ ବିଜୟ କୁମାର ସାହୁ, ଶିକ୍ଷକ ସୁକାନ୍ତ ସାହୁ, ଶିକ୍ଷାବିତ୍ ମନୋଜ ପଣ୍ଡା, ପ୍ରଫୁଲ୍ଲ ପ୍ରଧାନ ଅତିଥି ଭାବେ ଯୋଗଦେଇ ନାଟକକୁ ଉଦ୍‌ଘାଟନ କରିବା ସହିତ ଐତିହ୍ୟ ଓ ସଂସ୍କୃତି ବଜାୟ ରଖିବାରେ ଯୁବକଙ୍କ ଭୂମିକାକୁ ପ୍ରଶଂସା କରିଥିଲେ।

## ବଦଳିବ ଡେଲାଙ୍ଗ ଡାକ୍ତରଖାନାର ରୂପରେଖ

### ୨୦ କୋଟି ବ୍ୟୟରେ ନିର୍ମାଣ ହେବ ନୂତନ ଗୃହ

ଡେଲାଙ୍ଗ,୨୬।୧୦(ରଶ୍ମିରଞ୍ଜନ ପ୍ରଧାନ)

ବଦଳିବ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପରେଖ। ପୁରୁଣା ଗୃହଗୁଡ଼ିକୁ ଭଙ୍ଗାଯାଇ ନୂତନ ଗୃହ ନିର୍ମାଣ କରାଯିବ। ଏନେଇ ସରକାର ୨୦ କୋଟି ଟଙ୍କା ମଞ୍ଜୁର କରିଥିବା ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସ୍ଥାନୀୟ ବିଧାୟକ ପଟ୍ଟନାୟକ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ପୁରାତନ ଗୃହ ଗୁଡ଼ିକର ଅବସ୍ଥା ବୁଲି ଦେଖିଥିଲେ। ପୁରାତନ ଗୃହଗୁଡ଼ିକୁ ଭାଙ୍ଗି ନୂତନ ଓପିଡି, ଲେବର ରୁମ୍, ଲାବ୍ରୋଟୋରୀ, ନିରାୟମ, ଅଫିସ୍ କାର୍ଯ୍ୟାଳୟ ଆଦି ନିର୍ମାଣ ହେବ ବୋଲି ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡ. ଅମ୍ଳାନ ଜଗଦେବ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ପରିଚାଳକ ଶ୍ୟାମସୁନ୍ଦର ତ୍ରିପାଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶଶାଙ୍କ ଶେଖର ସାହୁ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଜଗନ କୁମାର ଜେନା, ବ୍ଲକ ପ୍ରକଳ୍ପ ପରିଚାଳକ ଦିଲୀପ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବାକୁ ଠିକ୍ ଭାବରେ ପହଞ୍ଚାଇବ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକର ଉନ୍ନତୀକରଣ କରାଯିବ। ସେ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଛି। ଏନେଇ ଶନିବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କେଉଁଠାରେ ଗୃହ ନିର୍ମାଣ କରାଯିବ ଓ କିପରି ଖୁବ୍ କମ୍ ସମୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆମ୍ବ କମିଟି ଅଧ୍ୟକ୍ଷ ଲଡୁକିଶୋର ରାୟ, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ମୁଦୁଲି, ସୁଶାନ୍ତ ବିଶ୍ୱାଳ, ଶ୍ୱେତକୁମାର ନାୟକ, ଲିଳେନ୍ଦ୍ର ଜେନା, ମହିଳା ମୋର୍ଚ୍ଚା ସଭାନେତ୍ରୀ ବବଲି କୋଦମାସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଡାକ୍ତରଖାନାରେ ବିଭିନ୍ନ ବିଶେଷଜ୍ଞଙ୍କ ପଦବୀ ଖାଲି ପଡ଼ିଥିବା ବେଳେ ତୁରନ୍ତ ଡାକ୍ତର ନିଯୁକ୍ତି କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀମାନେ ବିଧାୟକଙ୍କୁ ନିବେଦନ କରିଛନ୍ତି।

## ଶ୍ରୀକ୍ଷେତ୍ର ଜୀବାତ୍ମା, ପରମାତ୍ମାଙ୍କ ମହାମିଳନ କ୍ଷେତ୍ର

ପୁରୀ,୨୬।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ଟ୍ରଷ୍ଟ ପୁରୀ, ଓଡ଼ିଶା ପକ୍ଷରୁ ରାଧାଦାମୋଦର ଉପାସନା ଓ ମହାକାର୍ତ୍ତିକ ବ୍ରତ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶନିବାର ସ୍ଥାନୀୟ ରାଣୀସତୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ନ୍ୟାୟମୂର୍ତ୍ତି ମାନସ ରଞ୍ଜନ ମିଶ୍ର ଉଦ୍‌ଘାଟନ କରି କହିଥିଲେ ଶ୍ରୀକ୍ଷେତ୍ର ହେଉଛି ଜୀବାତ୍ମା ଓ ପରମାତ୍ମାଙ୍କ ମହାମିଳନ କ୍ଷେତ୍ର। ଏଠାରେ ମହାପ୍ରଭୁ ଜଗନ୍ନାଥ ପରମାତ୍ମା ରୂପେ ବିରାଜମାନ କରିଛନ୍ତି। ଆଦିଗୁରୁ ଶଙ୍କରାଚାର୍ଯ୍ୟ ମହାପ୍ରଭୁ ଜଗନ୍ନାଥଙ୍କୁ ଦାରୁ ବ୍ରହ୍ମସ୍ୱରୂପ ରାଧାକୃଷ୍ଣଙ୍କ ମିଳିତ ତନୁ ରୂପେ ଅବଲୋକନ କରି ଭାରତବର୍ଷରେ ଶ୍ରେଷ୍ଠତମ ଧାମ ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ଶାସ୍ତ୍ରବିତ୍ ପ୍ରଦୀପ୍ତ କୁମାର ଶତପଥୀ ଯୋଗଦେଇ କହିଥିଲେ ମୂଳ ପ୍ରକୃତି ସ୍ୱରୂପିଣୀ ଜଗଦମ୍ବିକା ରାଧା ଶ୍ରୀକ୍ଷେତ୍ରରେ ଭୁବନେଶ୍ୱରୀ ସୁଭଦ୍ରା ରୂପେ ବିରାଜିତ। ମହାକାର୍ତ୍ତିକରେ ଦ୍ୱୈତ୍ୟ ମତବାଦ ବା ସାଂଖ୍ୟ ଦର୍ଶନ ଆଧାରରେ ବିଧବା ନାରୀମାନେ ଦିବଂଗତ ସ୍ୱାମୀଙ୍କର ମୋକ୍ଷ କାମନା କରି ବୃନ୍ଦାବତୀ ସେବା ଓ ଆକାଶ ଦୀପ ଜାଳି ଏକ ମାସ ବ୍ରତ ରଖନ୍ତି। ଜଗନ୍ନାଥଧାମ ଧର୍ମ, ଅର୍ଥ, କାମ ଓ ମୋକ୍ଷ କ୍ଷେତ୍ର। ଅନ୍ୟତମ ଅତିଥି ଭାବେ ଓଡ଼ିଶା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବରିଷ୍ଠ ସେବାୟତ ଭଗବାନ ସୁଆର, ପ୍ରଫେସର ଅଭିମନ୍ୟୁ ଭୂୟାଁ, ଟ୍ରଷ୍ଟର ସଦସ୍ୟା ପ୍ରତିଭା ତ୍ରିପାଠୀ, ବିଜୟଲକ୍ଷ୍ମୀ ଦାଶ ଓ ଗୁଣ୍ଡିଚା ଆଧ୍ୟାତ୍ମିକ ପତ୍ରିକାର ମୁଖ୍ୟ ସମ୍ପାଦକ ମଦନ ମୋହନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ପର୍ବରେ ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସେହିପରି ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କାର୍ତ୍ତିକ ସ୍ୱତନ୍ତ୍ର ବିଶେଷାଙ୍କ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଟ୍ରଷ୍ଟ ପକ୍ଷରୁ ପ୍ରଫେସର ପ୍ରଦୀପ୍ତ କୁମାର ଶତପଥୀ, ବିଶିଷ୍ଟ ଗାଳ୍ପିକ ସନ୍ତୋଷ କୁମାର ସେଠୀ, ସାହିତ୍ୟିକ ଗୋଲକ ବିହାରୀ ପରିଡ଼ା, ଲେଖିକା ଚନ୍ଦ୍ରମଣି ଦାଶ, ସାମାଜିକ କର୍ମୀ ଇଂ. ଜଗନ୍ନାଥ ରାଓ ଓ ଶିକ୍ଷାବିତ୍ ଝାଡ଼େଶ୍ୱର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଆଲୋଚନାଚକ୍ରରେ ପ୍ରମୋଦ କୁମାର ପଣ୍ଡା, କୈଳାସ ଚନ୍ଦ୍ର ସାହୁ, ପ୍ରଭାତ ଚନ୍ଦ୍ର ରଥ, ଇଂ. କେଶବ ଚନ୍ଦ୍ର ପାତ୍ର, ଗୋଲକ ବିହାରୀ ପରିଡ଼ା, ଭାଗବତ ପ୍ରସାଦ ପଟ୍ଟନାୟକ, ବିଜୟ କୁମାର ପଣ୍ଡା, ଅନ୍ନପୂର୍ଣ୍ଣା ଦେବୀ, ସାରଙ୍ଗଧର ଷଡ଼ଙ୍ଗୀ, ଆଶାଲତା ପ୍ରଦାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସୁଶ୍ରୀ ସର୍ବାଣୀ ଦାସ। ଉତ୍ସବ ପରିଚାଳନାରେ ତପନ କୁମାର ସେଠୀ, ଅଜୟ କୁମାର ଦାସ, ମାନସୀ ରଥ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।




ରାଣୀ ସତୀଭବନ ପରିସରରେ ଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟର ସ୍ୱତନ୍ତ୍ର ପ୍ରକାଶନକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି– ତଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି– ସେ ସବୁ ଯେପରି ତୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ !! –ଶ୍ରୀଅରବିନ୍ଦ



# ବେପରୁଆ ଚାଳକ

ଭାରତରେ ଅନେକ ଥର କୁହାଯାଏ ଯେ, ସାଧାରଣ ମଣିଷ ଜୀବନର ମୂଲ୍ୟ କିଛି ନାହିଁ। ଆଜିକାଲି ବିଭିନ୍ନ କ୍ଷେତ୍ରରେ ତାହାର ପ୍ରମାଣ ମିଳୁଛି। ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାରେ ୨୪ ଅକ୍ଟୋବରରେ ଏକ ବସ୍ ଦୁର୍ଘଟଣାରେ ୨୦ ଜଣଙ୍କ ମୃତ୍ୟୁ ଘଟିବା ପରେ ବିଳାସପୂର୍ଣ୍ଣ ଗାଡ଼ିରେ ଯାତ୍ରୀଙ୍କ ସୁରକ୍ଷା ପ୍ରଶ୍ନବାଚୀକୁ ଆସିଯାଇଛି। ଏକ ବାଇକ୍ ସଡ଼କ ଉପରେ ଖସିଯାଇ ବସ୍ ତଳେ ପଶିବା ପରେ ବସ୍‌ଟି ଜୁଳୁଜୁଳୁ ହୋଇ ଜଳିଯାଇଥିଲା। ଏଥିରେ ଥିବା ୪୬ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୯ ଜଣଙ୍କ ଜୀବନ ଯାଇଥିବାବେଳେ ବାଇକ୍ ଚାଳକଙ୍କର ମଧ୍ୟ ମୃତ୍ୟୁ ଘଟିଛି। ୨୬ ଅକ୍ଟୋବରରେ ଆନ୍ଧ୍ରପ୍ରଦେଶ ପୋଲିସ ସ୍ପଷ୍ଟ କରିଛି ଯେ, ବାଇକ୍ ଆରୋହୀ ଅତି ମାତ୍ରାରେ ମଦ୍ୟପାନ କରିଥିବାରୁ ସେ ନିଜ ଉପରୁ ନିୟନ୍ତ୍ରଣ ହରାଇ ବସ୍ ସହ ଧକ୍କା ଦେଇଥିଲେ। ଯେଉଁ ପେଟ୍ରୋଲ ପମ୍ପରୁ ସେ ତେଲ ପକାଇଲେ ସେଠାକାର ସିସିଟିଭି ଯାଞ୍ଚ କରାଯିବା ପରେ ସେ କେତେ ମାତ୍ରାରେ ନିଶାସକ୍ତ ଥିଲେ ସେହି ଭିଡିଓରୁ ଜଣାପଡ଼ିଯାଉଛି। ନିଶାସକ୍ତ ଚାଳକ ଆତଙ୍କବାଦୀଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି କୁହାଯାଇପାରେ। କାରଣ ତାଙ୍କ ବେପରୁଆ ଗାଡ଼ିଚାଳନା ଅନ୍ୟମାନଙ୍କ ମୃତ୍ୟୁର କାରଣ ପାଲଟୁଛି। ଭାରତରେ ଦୁଇଚକିଆ, ଚାରି କିମ୍ବା ତଦୂର୍ଦ୍ଧ୍ୱ ଯାନଗୁଡ଼ିକ ପାଇଁ ଲାଇସେନ୍ସ ମିଳିବାର ପ୍ରକ୍ରିୟା ଦୁର୍ବଳ ରହିଛି। ଅନେକ କ୍ଷେତ୍ରରେ ଗାଡ଼ି ଚଳାଇବା ବା ସଡ଼କ ନିୟମ ବିଷୟରେ ତିଳେମାତ୍ର ଜ୍ଞାନ ନ ଥିବା ବ୍ୟକ୍ତିଙ୍କୁ ସହଜରେ ଲାଇସେନ୍ସ ମିଳିଯାଉଛି। କୁର୍ନୁଲ ଘଟଣାକୁ ଦେଖିଲେ ବସ୍‌ର ମାଲିକ, ଚାଳକ ଓ ସେଥିରେ ଥିବା ଅନ୍ୟ କର୍ମଚାରୀ ଏହି ଦୁର୍ଘଟଣାରେ ବହୁ ପରିମାଣରେ ଦାୟୀ ଥିବାର ପ୍ରମାଣ ମିଳୁଛି। ବସ୍ ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକ ମଧ୍ୟରେ ଚାଲୁଥିଲେ ମଧ୍ୟ ଓଡ଼ିଶା ରାୟଗଡ଼ା ଆରଟିଓରେ ପଞ୍ଜୀକୃତ ହୋଇଛି। କେବଳ ସେତିକି ନୁହେଁ, ପୂର୍ବରୁ ଏହା ତେଲଙ୍ଗାନା ଓ ଡାମନ୍ ଡିଉରେ ମଧ୍ୟ ପଞ୍ଜୀକୃତ ହୋଇଥିବା ତଥ୍ୟ ମିଳିଛି। ଏଥିରୁ ବସ୍ ମାଲିକଙ୍କ କାଗଜପତ୍ର ଉପରେ ସନ୍ଦେହ ଉପୁଜିଛି। ବସ୍ ସହ ବାଇକ୍‌ର ଧକ୍କା ହେବା ବେଳେ ତାହା ଜଳିଯାଇଥିଲା। ପୁଣି ଖବର ମିଳିଛି ଯେ ବସ୍‌ରେ ଜଣେ ବ୍ୟବସାୟୀ ୨୩୪ ସ୍ମାର୍ଟଫୋନ୍ ନେଇ ଯାଉଥିଲେ। ଦୁର୍ଘଟଣା ଯୋଗୁ ସେଗୁଡ଼ିକ ବିସ୍ଫୋରକ ପାଲଟିଯିବା ବିଷୟକୁ ମଧ୍ୟ ଅନୁଧ୍ୟାନ କରାଯାଉଛି। ଅବଶ୍ୟ ଏଠାରେ କୁହାଯାଇପାରେ ଯେ, ଯାତ୍ରୀଙ୍କର ମଧ୍ୟ ନିଜସ୍ୱ ଦାୟିତ୍ୱ ରହିବା ଦରକାର। ବିମାନବନ୍ଦରରେ ଯାଞ୍ଚ ଭଳି ବସ୍‌ରେ ଚିହ୍ନଟ କରି ଯାତ୍ରୀଙ୍କୁ ଚେକିଂ କରିବା ସମୟ ଓ ସାଧନର ଅଭାବ ଯୋଗୁ କାଠିକର ପାଠ। ଆଜିକାଲି ମାଲିକମାନେ ଉପରୁ ସୁନ୍ଦର କରିବାକୁ ଯାଇ ସେମାନଙ୍କ ଗାଡ଼ିକୁ ଖୁବ୍ ବିଳାସପୂର୍ଣ୍ଣ କରି ଅଧିକ ଅର୍ଥ ଉପାର୍ଜନ ପାଇଁ ଚେଷ୍ଟା କରୁଛନ୍ତି। ସେଥିପାଇଁ ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ଓ ଶୀତାତାପ ନିୟନ୍ତ୍ରିତ ବ୍ୟବସ୍ଥାକୁ ସୁରକ୍ଷାଠାରୁ ବେଶି ଗୁରୁତ୍ୱ ଦେଉଛନ୍ତି। ଯାତ୍ରୀଙ୍କୁ ଆରାମ ଦେବାକୁ ଯାଇ ନରମ ପଦାର୍ଥମାନ ବ୍ୟବହାର କରୁଛନ୍ତି। କିନ୍ତୁ ସେଗୁଡ଼ିକ ଯେ ଅତ୍ୟନ୍ତ ଦହନଶୀଳ ସେ ବିଷୟ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ବିଳାସପୂର୍ଣ୍ଣ ବସ୍ ଲାଗି ବସ୍‌କୁ ଉନ୍ନତ ପ୍ରଯୁକ୍ତିରେ ଗୁଛି ଦିଆଯାଉଛି। କିନ୍ତୁ ଇଲେକ୍ଟ୍ରିକାଲ ୱାୟାରିଂଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତିର ମାନ ଉପରେ ଧ୍ୟାନ ଦିଆଯାଉ ନାହିଁ। ଏଥିସହ ଅନେକ ବସ୍‌ରେ ଦୁର୍ଘଟଣା ଘଟିଲେ ସହଜରେ ଯାତ୍ରୀମାନେ ବାହାରିପାରିବାର ବାଟ ମିଳେ ନାହିଁ। ଭାରତରେ ଯାତ୍ରୀ ସୁରକ୍ଷା ଏକ ବଡ଼ ସମସ୍ୟା ଭାବେ ଦେଖାଦେଲାଣି। ସଡ଼କ ସୁରକ୍ଷା, ଟ୍ରେନ୍ ଓ ବିମାନ ଚଳାଚଳରେ ମଧ୍ୟ ଅନେକ ସୁରକ୍ଷା ଅଭାବ ଥିବା ଦେଖିବାକୁ ମିଳୁଛି। ୨୦୨୫ ଅଗଷ୍ଟରେ ମିଳିଥିବା ସୂଚନା ଅନୁଯାୟୀ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ୨୦୨୩ ତଥ୍ୟ କହେ ଭାରତରେ ରାସ୍ତା ଦୁର୍ଘଟଣାରେ ପ୍ରତି ଘଣ୍ଟାରେ ୨୦ ଜଣ ଲୋକଙ୍କ ଜୀବନ ଯାଉଛି। କର୍ନୁଲ ଘଟଣାକୁ ଦେଖିଲେ ବାଇକ ଚାଳକ - ଏବଂ ବସ୍ ଡ୍ରାଇଭର ଦୁହେଁଙ୍କ ନିଶାସକ୍ତ ଥିଲେ କୋଲି କହାଯାଉଛି। ଦେଖିବାକୁ ଗଲେ ଦେଶରେ ସଡ଼କ ଦୁର୍ଘଟଣାର ଏକ ପ୍ରମୁଖ କାରଣ ନିଶାସେବନ କରି ଗାଡ଼ି ଚାଳନା। ବିଡ଼ମ୍ବନାର ବିଷୟ, ପ୍ରତ୍ୟେକ ରାଜପଥ ପାଖାପାଖି ଅଞ୍ଚଳରେ ଅନାୟାସରେ ମଦ ଦୋକାନ ବାଣ୍ଟି ହୋଇ ଖୋଲାଯାଏ। ଏଥିସହ ମଦପିଇ ଗାଡ଼ି ଚଳାଉଥିବା ବ୍ୟକ୍ତି ଧରାପଡ଼ିଲେ ଅତି ସହଜରେ ଖସିଯାଆନ୍ତି। ସେଥିପାଇଁ ଆଇନରେ ମଧ୍ୟ ବଡ଼ ପରିବର୍ତ୍ତନ ଦରକାର। ତା'ଠାରୁ ବଡ଼ କଥାହେଲା ଆଇନର କାର୍ଯ୍ୟକାରିତା। ବିଭିନ୍ନ ସହର ଜାଗାରେ ପୋଲିସ ହେଲମେଟ୍ ଚେକିଂ କରିବା ପରିବର୍ତ୍ତେ ରାଜପଥରେ ନିଶା ଚେକିଂ ପଏଣ୍ଟ ଏବଂ ବେପରୁଆ ଗାଡ଼ିଚାଳନା ନିୟନ୍ତ୍ରଣ ପାଇଁ ଟିମ୍ ଖଞ୍ଜି ତତ୍କ୍ଷଣାତ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ହୁଏତ ସେଥିରୁ କିଛିଟା ସୁଫଳ ମିଳିପାରନ୍ତା। ସବୁଠାରୁ ବଡ଼କଥା ହେଲା, ଭାରତୀୟଙ୍କ ମାନସିକତାରେ ପରିବର୍ତ୍ତନ। ଯେପର୍ଯ୍ୟନ୍ତ ନିଜର ଓ ଅନ୍ୟମାନଙ୍କ ନିରାପତ୍ତା ଚିନ୍ତା ମନକୁ ନ ଆସିବ ଏବଂ ସର୍ବସାଧାରଣ ସ୍ଥାନରେ ଲୋକଙ୍କ ବ୍ୟବହାରରେ ପରିବର୍ତ୍ତନ ନ ଘଟିବ, ସେପର୍ଯ୍ୟନ୍ତ ସ୍ଥିତିରେ ସୁଧାର ଆସିବା କଷ୍ଟକର।

> **ବିଭିନ୍ନ ସହର ଜାଗାରେ ପୋଲିସ ହେଲମେଟ୍ ଚେକିଂ କରିବା ପରିବର୍ତ୍ତେ ରାଜପଥରେ ନିଶା ଚେକିଂ ପଏଣ୍ଟ ଏବଂ ବେପରୁଆ ଗାଡ଼ିଚାଳନା ନିୟନ୍ତ୍ରଣ ପାଇଁ ଟିମ୍ ଖଞ୍ଜି ତତ୍କ୍ଷଣାତ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ହୁଏତ ସେଥିରୁ କିଛିଟା ସୁଫଳ ମିଳିପାରନ୍ତା।**

# ଆପଣା ମହତ ଆପେ ରଖି



ଅକ୍ଷୟ କୁମାର ମିଶ୍ର

ଉତ୍କଳ ଗୌରବ ମଧୁସୂଦନ ଦାସ ସିନା କହିଥିଲେ, "ଆଲୋ ସଖୀ ଆପଣା ମହତ ଆପେ ରଖି"। କେବଳ କହି ନଥିଲେ ନିଜ ମାନ ମହତକୁ ରକ୍ଷା କରିବା ନିମନ୍ତେ କ୍ଷତି ମଧ୍ୟ ସହିଥିଲେ। ଏପରିକି ଆର୍ଥିକ ଦେବାଳିଆ ହେବାକୁ ପଡ଼ିଥିଲା ତାଙ୍କୁ। ଫଳରେ ତାଙ୍କ ସ୍ୱପ୍ନର ଚମଡ଼ା ଶିଳ୍ପ 'ଉତ୍କଳ ଟ୍ୟାନେରୀ' ବନ୍ଦ ହୋଇଯାଇଥିଲା। ଅଥଚ ସେ ଅସାଧୁ ଉପାୟ ଅବଲମ୍ବନ କରିନଥିଲେ। କିନ୍ତୁ ଏବେ ମହତ ଯାଉ, ଲାଭ ହେଉ। ସେଥିପାଇଁ ବୋଧହୁଏ ଯେକୌଣସି ବ୍ୟବସାୟର ଶୁଭାରମ୍ଭରେ "ଶୁଭମ୍ ଲାଭ" ବୋଲି ନ ଲେଖିଲେ ନଚଳେ। ସମ୍ମାନ ବରଂ ବଜାରରେ ନିଲାମ ହୋଇଯାଉ, ଅର୍ଥ ଉପାର୍ଜନ ହେଉଥାଉ। ଅର୍ଥ ନିକଟରେ ମାନ ସମ୍ମାନ ସବୁକିଛି ତୁଚ୍ଛ। ମଣିଷ ନିକଟରେ ସୁବିଧାବାଦୀ ଚରିତ୍ର ଏତେ ପରିମାଣରେ ବୃଦ୍ଧି ପାଇଲାଣି ଯେ କେବଳ ନିଜ ସ୍ୱାର୍ଥ ବ୍ୟତୀତ ତାକୁ ଆଉ କିଛି ଦେଖାଯାଉ ନାହିଁ। ସେତେଯେମିତି ଅର୍ଥର ଯାଦୁକରୀ ଶକ୍ତି ସମ୍ମୋହିତ କରିଦେଉଛି ମଣିଷକୁ। ହିତାହିତ ଜ୍ଞାନ ଭୁଲି ଏମିତି କଦର୍ଯ୍ୟ କାମ ସେ କରୁଛି, ଯଦ୍ୱାରା କି ମାନ ମହତ ଭୂଲୁଣ୍ଠିତ ହେଉଛି।

ମାଆ ବାପାଙ୍କ ଆଖିରେ ନିଦ ନାହିଁ – ପୁଅ ପାଠ ପଢ଼ିବ। ଦିନ ରାତିକୁ ଏକାକାର କରି ମୁଣ୍ଡ ଝାଳ ତୁଣ୍ଡରେ ମାରି କଠିନ ପରିଶ୍ରମ କରି ଚାଲିଛନ୍ତି – ଏକମାତ୍ର ଉଦ୍ଦେଶ୍ୟ ପିଲାଙ୍କ ପାଠପଢ଼ା ପାଇଁ ଟଙ୍କା ଦରକାର। ନ ଖାଇ ନ ପିଇ ଧନ ସଞ୍ଚୁଛନ୍ତି – ଉଚ୍ଚ ଶିକ୍ଷା କରିବାକୁ ଗଲେ ଅଧିକ ଖର୍ଚ୍ଚ ହେବ। ଭଲ ପଢ଼ୁଛି। ଶିକ୍ଷକମାନେ କହୁଛନ୍ତି – ଶହେ ଜଣରେ ଜଣେ ହୋଇ ଓଠିଥିବ, ଆମ ବିଦ୍ୟାଳୟର ନାଁ ରଖିବ। ସେଇଆ ହେଲା, ଶିକ୍ଷକମାନଙ୍କର କଥା ସତ ହେଲା। ହାଇସ୍କୁଲ ବୋର୍ଡ ପରୀକ୍ଷାରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହେଲା। ଲୋକେ କହିଲେ ସୁନା ମୁଣ୍ଡାଟିଏ। ତା'ପରେ ଉଚ୍ଚ ମାଧ୍ୟମିକ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସବୁଠି ସମାନ ସଫଳତା। ଓପିଏସ୍‌ସି ପରୀକ୍ଷାରେ ମଧ୍ୟ ରାଜ୍ୟରେ ଏକ ନମ୍ବର। ମାଆବାପାଙ୍କ ପାଦ ତଳେ ଲାଗିଲା ନାହିଁ। ବାରିଆଡୁ ପ୍ରଶଂସାର ପୁଅ ଛୁଟିଲା। ତମାମ ଗାଆଁ ଲୋକେ ଖୁସି ମନେଲେ। ଅଫିସର ଭାବରେ ନିଯୁକ୍ତି ପାଇଁ ଯେଉଁଦିନ ସେ ଘରକୁ ଆସିଲା ଗାଆଁ ଲୋକେ ଏକ ବିରାଟ ସଭାର ଆୟୋଜନ କଲେ। ମଞ୍ଚରେ ବସାଇ ସମ୍ବର୍ଦ୍ଧନା କଲେ। ଶ୍ରଦ୍ଧାରେ ଫୁଲମାଳ, ଫୁଲତୋଡ଼ା, ଉତ୍ତରୀୟ ଦେଇ କହିଲେ, "ତୁମେ ଆମ ଗାଆଁର ଦେଢ ରଖିଛ। ତୁମ ପାଇଁ ଆମେ ସଭିଏଁ ଗର୍ବିତ।" ପୁଅର ପ୍ରଶଂସାରେ ଭାବବିହ୍ୱଳ ହୋଇ ଯାଇଥିଲେ ସେଦିନ ମଞ୍ଚ ସାମନାରେ ବସିଥିବା ମାଆବାପା ଦୁହେଁ। ଉଭୟଙ୍କ ଆଖିରୁ ଝରି ପଡ଼ିଥିଲା ଆନନ୍ଦାଶ୍ରୁ। ପୁଅର ପରିଚୟରେ ଆମେ ଏଣିକି ପରିଚିତ ହେବା ଏଇ କଥା ଭାବି ହୁଏତ ସେଦିନ ସେମାନେ ଘରକୁ ଫେରିଥିବେ।



ଦୁଇ ଚାରି ବର୍ଷ ଯାଇଛି କି ନାହିଁ ହଠାତ୍ ଦିନେ ଦେଖାଗଲା ଗ୍ରାମବାସୀଙ୍କ ଦ୍ୱାରା ଉଚ୍ଛ୍ରିତ ସମ୍ବର୍ଦ୍ଧନା ପାଇଥିବା ସେହି ଅଫିସର ଜଣଙ୍କୁ ପୋଲିସ ଥାନା ହାଜତକୁ ନେଉଥିବାର ଦୃଶ୍ୟ। ଖବର ପ୍ରକାଶିତ ହେଲା, ପନ୍ଦର ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରା ପଡ଼ିଲେ ରାଜ୍ୟରେ ଓପିଏସ୍‌ସି ପରୀକ୍ଷାରେ ଏକନମ୍ବର ହୋଇଥିବା ଯୁବ ଅଫିସର। ରାଜ୍ୟବାସୀ ଛି ଛାକର କଲେ। ଗାଆଁ ଲୋକେ କହିଲେ – "ଛିଃ ଏମିତି ନୀଚକର କାମ କରିବ ବୋଲି ଆମକୁ ଜଣା ନଥିଲା। ନିଜ ମହତକୁ ନିଜେ ସାରିଲା। ମାଆବାପାର ମୁଣ୍ଡକୁ ତଳକୁ କରିଦେଲା। ଗାଆଁକୁ ବଦନାମ୍ କଲା। ଏମିତି ଜାଣିଥିଲେ ଆମେ ତାକୁ ସମ୍ବର୍ଦ୍ଧନା କରି ନଥାନ୍ତୁ। ଆମ ପ୍ରେରଣାର ମୂଲ୍ୟ ସେ ଏମିତି ଦେଲା ? ଧିକ୍ ତାକୁ, ଧିକ୍ ତା'ର ଉଚ୍ଚଶିକ୍ଷାକୁ।"

ଉପରୋକ୍ତ ଘଟଣାଟି କେବଳ ଗୋଟିଏ ଉଦାହରଣ ମାତ୍ର। ଏମିତି ଅସଂଖ୍ୟ ଘଟଣା ପ୍ରତିଦିନ ଘଟି ଚାଲିଛି ଆମ ସମାଜରେ। ବିଶେଷ କରି ଯେଉଁମାନେ ଉଚ୍ଚ ଶିକ୍ଷିତ ତଥା ଉଚ୍ଚ ପଦବୀରେ ଅଧିଷ୍ଠିତ, ଯେଉଁମାନଙ୍କଠାରୁ ସମାଜ ଅନେକ ଆଶା କରେ, ଯେଉଁମାନଙ୍କୁ ଅନେକ ଲୋକ ଅନୁସରଣ କରନ୍ତି ସେହିମାନଙ୍କଠାରେ ଏଭଳି କଦର୍ଯ୍ୟ କଳା କାରନାମା ଦେଖିବାକୁ ମିଳୁଛି। ସବୁଠି ସବୁ କ୍ଷେତ୍ରରେ ସ୍ୱଚ୍ଛତା ଖୋଜି ପାଇବା ମୁସ୍କିଲ। ବାଣିଜ୍ୟ, ବ୍ୟବସାୟ, ଶିକ୍ଷା, ସେବା, ସ୍ୱାସ୍ଥ୍ୟ, ପ୍ରତିରକ୍ଷା ସବୁଠି ସୁବିଧାବାଦୀ ଚରିତ୍ରର ଅବାଞ୍ଛିତ ଲୋକ ଭରପୂର। କାମନା, ବାସନା ପ୍ରତି ଲୋଭ, ଅର୍ଥ ପ୍ରତି ଆସକ୍ତି, ବଡ଼ ହେବାର ନିଶା, କ୍ଷମତାର ମୋହ ନିକଟରେ ମଣିଷ ଏମିତି ଆତ୍ମସମର୍ପଣ କରିଛି ଯେ, "ଆପଣା ମହତ ଆପେ ରଖି" ଆପ୍ତ ବାଣୀଟି ତା' ପାଇଁ ମୂଲ୍ୟହୀନ ପାଲଟି ଯାଇଛି। ମଣିଷ ମନେରଖିବା ଉଚିତ ଲୋଭ, ମୋହ, କାମନା, ବାସନା ଏସବୁ ତା'ର ବ୍ୟକ୍ତିଗତ। ଲାଭ ହେଲେ ନିଜର, କ୍ଷତି ହେଲେ ମଧ୍ୟ ନିଜର। କିନ୍ତୁ ମାନ ମହତ ଚାଲିଗଲେ କେବଳ ସମ୍ପୃକ୍ତ ବ୍ୟକ୍ତିର କ୍ଷତି ହୁଏ ନାହିଁ, ପରନ୍ତୁ ଅନିଷ୍ଟ ହୁଏ ପରିବାରର, ବଦନାମ ରାଜ୍ୟର, ନାଁ ପଡ଼େ ଦେଶର। ସମ୍ପୃର୍ଣ୍ଣ ଜାତିର ଅସମ୍ମାନ ହୁଏ। ସେଇଥିପାଇଁ ତ ଓଡ଼ିଆ ଜାତିର ବଦନାମ୍ ହେବ ବୋଲି ସେଦିନ ମଧୁବାବୁ ଏତେ ବଡ଼ ନିଷ୍ପତ୍ତି ନେଇଥିଲେ। ଚମଡ଼ାରେ ସାମାନ୍ୟ ଖରାପ ଥିଲା ବୋଲି ସେଥିରୁ ନିର୍ମିତ ଜୋତା ସବୁକୁ ସେ ପୋଡ଼ି ଦେବାକୁ ଶ୍ରେୟସ୍କର ମଣିଥିଲେ। ଅଥଚ ଏବର ମଣିଷମାନେ ଜାଣିଶୁଣି ଭେଜାଲ, ଅପମିଶ୍ରଣରେ ଲିପ୍ତ ରହୁଛନ୍ତି। ନିମ୍ନମାନର ସାମଗ୍ରୀ ଉପରେ ଗୁଣାତ୍ମକ ଉତ୍ପାଦର ଲେବଲ ଲଗାଇବାକୁ ଛାଡୁନାହାନ୍ତି। 'ଯିଏ ଯାହା କହୁ ମୋର ଦୋ' ଏଭଳି ମାନସିକତା ମଣିଷ ଉପରେ ସବାର ହୋଇ ସାରିଛି।

ମହତ ଓ ନୈତିକତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଗୋଟିଏ ଅପରଟିକୁ ବୁଦ୍ଧିମନ୍ତ କରେ, ବଳିଷ୍ଠ କରେ। ଗୋଟିଏ ଦୁର୍ବଳ ହେଲେ ଅନ୍ୟଟି ଦୃରେଇ ଯାଏ। ମାନ ମହତକୁ ଗୁରୁତ୍ୱ ଦେଉନଥିବା ମଣିଷ ନିକଟରେ ନୈତିକତା ଅର୍ଥହୀନ। ଆଉ ଯିଏ ନୀତିବାନ ତା' ପାଇଁ ମାନ ମହତ ଅମୂଲ୍ୟ ସମ୍ପଦ। ଏଇ ଯେଉଁମାନେ ଦୁର୍ନୀତି ଗ୍ରସ୍ତ, ଯେଉଁମାନେ ହତ୍ୟା, ବଳାତ୍କାର, ଲୁଣ୍ଠନ ସହିତ ଜଡ଼ିତ, ଯେଉଁମାନେ ନିଶା କାରବାରରେ ସାମିଲ ସେମାନେ ନୀତି, ନୈତିକତା କ'ଣ ବୁଝନ୍ତି ନାହିଁ। ଏହି ଧରଣର ଲୋକମାନେ ମାନ ମହତ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତି ନାହିଁ। ଗାଳି ଗୁଲଜ, ଜେଲ, ଜରିମାନା, ସମାଲୋଚନା, ତିରସ୍କାର ପ୍ରତି ସାମାନ୍ୟତମ ହେୟ ଜ୍ଞାନ ନଥାଏ। ଏମାନଙ୍କ ପାଇଁ ସ୍ୱାର୍ଥ ହିଁ ସର୍ବସ୍ୱ।

ସବୁଠାରୁ ବିଚିତ୍ର କଥା ହେଲା ଲୋକମାନେ ସମ୍ମାନ ପାଇବା ପାଇଁ ଯେମିତି ଲାଳାୟିତ ହେଉଛନ୍ତି ସମ୍ମାନ ରକ୍ଷା ନିମନ୍ତେ ସେତିକି ତତ୍ପରତା ପ୍ରକାଶ କରୁ ନାହାନ୍ତି। ଏଇ ଯେମିତି ପୁରସ୍କାର ପାଇବା, ସମ୍ବର୍ଦ୍ଧନା ହେବା, ନିଜର ପ୍ରଶଂସା ଶୁଣିବା ସକାଶେ ଲୋକେ କେତେ କ'ଣ କରୁଛନ୍ତି। ନିଜ ସପକ୍ଷରେ ମିଛ ପ୍ରଶଂସାପତ୍ର ପ୍ରସ୍ତୁତ କରିବା, ତୋଷାମଦ କରିବା ଏପରିକି ଲାଞ୍ଚ ଦେଇ ନିଜ ନାମକୁ ତାଲିକାରେ ଦରଜ କରିବାକୁ ପଛାଉ ନାହାନ୍ତି। କିନ୍ତୁ କଲା କୁକର୍ମ ପାଇଁ ଏପଟେ ମହତ ଯାଉଛି ସେଥିପ୍ରତି ଆଦୌ ବିଚଳିତ ନୁହନ୍ତି।

ସତ କହିବାକୁ ଗଲେ ଇଜ୍ଜତର ଭଳି ହୁଏ ମଣିଷ ତା'ର ନିଜର କର୍ତ୍ତୃତ୍ୱ, ଆଚିଜନକ ବ୍ୟବହାର ଏବଂ ଅନୈତିକ କାର୍ଯ୍ୟକଳାପ ଯୋଗୁ। ତୁଣ୍ଡ ବାଇଦ ସହସ୍ର କୋଷ ଭଳି ବଦନାମ୍ ରଟେ। ଖଣ୍ଡ ମଣ୍ଡଳ। ଇଜ୍ଜତ ପାଇବା ସେତିକି କଠିନ ଓ କଷ୍ଟକର, ଇଜ୍ଜତ ହରାଇବା ସେତିକି ସହଜ ଓ ସରଳ। ନିମିଷକ ମାତ୍ରେ ସବୁ ମହତ ମାଟିରେ ମିଶିଯିବ ନିଜର ସାମାନ୍ୟ ଭୁଲ୍ ପାଇଁ। ଥରେ ଏହା ଚାଲିଗଲେ ଫେରିପାଇବା ସମ୍ଭବ ନୁହେଁ। ମାତ୍ର ଏହାକୁ ରକ୍ଷା କରିବାର ଦାୟିତ୍ୱ ସମ୍ପୂର୍ଣ୍ଣ ନିଜର। ଏଣୁ ଆସନ୍ତୁ ଯାହା କରିବା, ଯାହା କରିବା ତାହା ପୂର୍ବରୁ ସେହି ବାଣୀଟିକୁ ମନେ ପକାଇବା – 'ଆପଣା ମହତ ଆପେ ରଖି'।

ସଭାପତି, ଓଷ୍ଠ
ମୋ: ୯୯୩୮୭୭୩୨୩୭

# ଉଚ୍ଚଶବ୍ଦ ଓ ସ୍ୱାସ୍ଥ୍ୟ ସୁରକ୍ଷା



ଡ.ବିମଳ ଷଡ଼ଙ୍ଗୀ

ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନକରି କଟକରେ ପ୍ରଶାସନ ଶବ୍ଦ ପ୍ରଦୂଷଣ ରୋକିବା ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟସୁରକ୍ଷାକୁ ଅଗ୍ରାଧିକାର ଦେଇ ଡିଜେ,ବାଣ ଏବଂ ଏଲଇଡି ଲାଇଟ ଉପରେ ନିଷେଧାଦେଶ ଦେଇଛନ୍ତି। ସେହିପରି ଭାରତର ଅନ୍ୟ ରାଜ୍ୟ ଓ ସହର ଗୁଡ଼ିକରେ ମଧ୍ୟ ଡିଜେକୁ ଅନୁମତି ଦିଆଯାଉନାହିଁ। ୧୯୪୦ମସିହାରେ "ଡିସ୍କ ଜକି" (ଡିଜେ) ଶବ୍ଦଟି ରେଡିଓ ହୋଷ୍ଟମାନଙ୍କୁ ବର୍ଣ୍ଣନା କରିବା ପାଇଁ ଉଦ୍ଭିଷ୍ଟଥିଲା। ୧୯୫୦ରୁ ୧୯୬୦ ମସିହା ଭିତରେ ସାଉଣ୍ଡ ସିଷ୍ଟମର ଉତ୍ଥାନ ପରେ ଜିଙ୍ଗଷ୍ଟନରେକ୍ଷମ-ନିର୍ମିତ ସାଉଣ୍ଡ ସିଷ୍ଟମ ବ୍ୟବହାର କରି ବଡ଼ ବଡ଼ ବାହ୍ୟ ପାର୍ଟି ଆୟୋଜନ କରାଯାଉଥିଲା।୨୦୦୦ରୁ ୨୦୧୦ ମସିହାର ଡିଜିଟାଲ ବିପ୍ଳବରେ ଡିଜେ ଗୁଡ଼ିକୁ ଡିଜିଟାଲ ଜ୍ଞାନ ସହିତ ମିଶ୍ରଣ ହୋଇଥିଲା।୨୦୨୦ ମସିହାରୁ ଆଜି ପର୍ଯ୍ୟନ୍ତ ଷ୍ଟ୍ରିମିଂ ପ୍ଲାଟଫର୍ମରେ ସଂଗୀତର ମିଶ୍ରଣ ଏବଂ ଡିଜେ ସେଟକୁ ବିକଶିତ କରି ଅତି ଉଚ୍ଚଶବ୍ଦର ଉତ୍ସ ଭାବରେ ଷ୍ଟାଣ୍ଡାଲୋନ ଡିଜିଟାଲ ଡେକ ଯଥା ପାୟୋନିୟର ସିଡି ଜେ –୩୦୦୦ରେ ପରିଣତ କରିଛି। ଆଜିକାଲୁ ସବୁକୁ ବ୍ୟବହାର ଯୋଗୁ ଡିଜେ ଶବ୍ଦ ଉପରେ ସେତେଟା ଗୁରୁ ଦିଆଯାଉ ନଥିଲା ମାତ୍ର ପରବର୍ତ୍ତୀ ସମୟରେ ଭାରତରେ ଡିଜେର ବହୁଳ ବ୍ୟବହାର ଯୋଗୁ ପରିବେଶ ଓ ସ୍ୱାସ୍ଥ୍ୟ ଉପରେ ଅଧିକ କୁପ୍ରଭାବକୁ ରୋକିବାକୁ ଆଇନ କଠୋର ହେବା ଆରମ୍ଭ ହୋଇଛି।

ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ଅନୁସାରେ ମଣିଷ,ଜୀବ ଜନ୍ତୁଙ୍କ ଉପରେ ୮୫ ଡିବିରୁ ଅଧିକ ଉଚ୍ଚ-ଡେସିବେଲ ଶବ୍ଦ ବାରମ୍ବାର ଏବଂ ସଂସ୍ପର୍ଶରେ ଆସିବା ଦ୍ୱାରା ସ୍ନାୟବିକ କ୍ଷତ ସହିତ କାନପରଦା ଫାଟିଯାଏ। ଅସ୍ଥାୟୀ କିମ୍ବା ସ୍ଥାୟୀ ଶ୍ରବଣ ଶକ୍ତି ହ୍ରାସ, କାନରେ ଘଡ ଘଡ ଶବ୍ଦ ସୃଷ୍ଟି ସହିତ କାନ ଯନ୍ତ୍ରଣା ହୋଇଥାଏ। ଉଚ୍ଚ ଶବ୍ଦ ମସ୍ତିଷ୍କର ମାନସିକ ଚାପ ପ୍ରତିକ୍ରିୟାକୁ ସକ୍ରିୟ କରେ ଓ ଚିନ୍ତା, ଚିଡ଼ିଚିଡ଼ାପଣ, ଏକାଗ୍ରତାର ନଷ୍ଟ ଏବଂ ନିଦ୍ରା ବ୍ୟାଘାତର କାରଣ ହୋଇଥାଏ। ଦୀର୍ଘ ସମୟ ଧରି ଉଚ୍ଚ-ଡେସିବେଲ ଶବ୍ଦ ସଂସ୍ପର୍ଶରେ ରହିବା ଦ୍ୱାରା ଷ୍ଟ୍ରୋକର ସମ୍ଭାବନା ବଢ଼ିଥାଏ, ରକ୍ତଚାପ, ହୃଦସ୍ପନ୍ଦନ ବୃଦ୍ଧି ପାଏ ଏବଂ ହୃଦରୋଗରେ ବ୍ୟକ୍ତି ପୀଡ଼ିତ ହୋଇ ମୃତ୍ୟୁମୁଖରେ ପଡ଼ିପାରେ। ପିଲାମାନଙ୍କର ଶ୍ରବଣ ଶକ୍ତି ଅଧିକ ସମ୍ବେଦନଶୀଳ, ତେଣୁ ଏହା ପାଠପଢ଼ା, ଆଚରଣଗତ ସମସ୍ୟା, ନିଦ୍ରାରେ ବାଧାଏବଂ କାର୍ଯ୍ୟଦକ୍ଷତା ହ୍ରାସ କରେ।ବୟସ୍କ ଲୋକମାନେ ଅଧିକ ଚାପ, ନିଦ୍ରା ବିଚଳିତ ଏବଂ ଅଧିକ ସ୍ୱାସ୍ଥ୍ୟ ବିପଦର ସମ୍ମୁଖୀନ ହୁଅନ୍ତି। ପକ୍ଷୀ, ପ୍ରାଣୀ ଏବଂ



କୀଟପତଙ୍ଗ ନିଜନିଜ ଭିତରେ ସମ୍ପର୍କ ପାଇଁ ଶବ୍ଦ ଉପରେ ନିର୍ଭର କରନ୍ତି।ଉଚ୍ଚ ଡିଜେ ଶବ୍ଦ ସେମାନଙ୍କୁ ଭୟଭୀତ କରେ, ପ୍ରଜନନକୁ ବାଧା ଦିଏ ଏବଂ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବାକୁ ବାଧ୍ୟ କରିଥାଏ। ଚୋଷ୍ଣ ଶବ୍ଦ ଫ୍ରିକ୍ୱେନ୍ସି ଯୋଗୁଁ କୁକୁର, ବିଲେଇ ଏବଂ ଗାଈମାନେ ଅତ୍ୟଧିକ ଚାପଗ୍ରସ୍ତ ହୁଅନ୍ତି। ଜଙ୍ଗଲ, ଆର୍ଦ୍ରଭୂମି କିମ୍ବା ଗ୍ରାମ ନିକଟରେ ଶବ୍ଦ ପ୍ରଦୂଷଣର ଦୀର୍ଘ ସମୟ ଧରି ସଂସ୍ପର୍ଶରେ ରହିବା ଜୈବ ବିବିଧତାକୁ ପ୍ରଭାବିତ କରେ। ପେଡ଼ା ବାଡ଼ୁଡ଼ି ପରି ରାତ୍ରିରେ ପ୍ରାଣୀଙ୍କ ଜୀବନଯାପନ ପ୍ରଣାଳୀ କ୍ଷତିଗ୍ରସ୍ତ ହୋଇଥାଏ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଔଦ୍ୟୋଗିକ କ୍ଷେତ୍ରର ଶବ୍ଦ ସୀମା ୭୫ରୁ ୭୦ ଡେସିବେଲ,ବାଣିଜ୍ୟିକ କ୍ଷେତ୍ରରେ ୬୫ ରୁ ୫୫ ଡେସିବେଲ, ଆବାସିକ କ୍ଷେତ୍ରରେ ୫୫ ରୁ ୪୫ ଡେସିବେଲ, ହସ୍ପିଟାଲ, ସ୍କୁଲ, କୋର୍ଟ, ଧାର୍ମିକ ସ୍ଥାନ ଚାରିପାଖରେ ବା ୧୦୦ ମିଟର ପରିସୀମା ଭିତରେ ୫୦ରୁ ୪୦ ଡେସିବେଲ ଶବ୍ଦ ସହିବା ଆବଶ୍ୟକ, ଯଦି ଏଥିରେ କୌଣସି ବ୍ୟାଘାତ ଘଟେ ତେବେ ସାଧାରଣ ବ୍ୟକ୍ତି ଆଇନର ଆଶ୍ରୟ ନେଇପାରିବେ। ସୁପ୍ରିମକୋର୍ଟର ୨୦୦୫ ଓ ୨୦୧୮ ମସିହା ରାୟ ଅନୁସାରେ ଶବ୍ଦ ସୀମାକୁ କଡ଼ାକଡ଼ି ଲାଗୁ କରିବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ୨୦୦୦ ଅନୁସାରେ ଆୟୋଜକ ଶବ୍ଦସୀମା ଉଲ୍ଲଂଘନ କଲେ ଉପକରଣ ଜବତ, ଜରିମାନା ଏବଂ ଜେଲଦଣ୍ଡ ମଧ୍ୟ ହୋଇପାରେ।

ରାଜନୈତିକ ରାଲି ଏବଂ ଉତ୍ସବରେ, ବିବାହ ପାର୍ଟି, ରାତ୍ରିକାଳୀନ କ୍ଲବ, ପର୍ବପର୍ବାଣି, ସ୍କୁଲ କଲେଜରେ ଯୁବକମାନେ ସଚେତନତା ଅଭାବରୁ ଦୀର୍ଘ ସମୟ ଧରି ଡିଜେ ଶବ୍ଦ ସଂସ୍ପର୍ଶରେ ଆସିବାର କ୍ଷତିକାରକ ପ୍ରଭାବକୁ ଅଣଦେଖା କରନ୍ତି। ଶବ୍ଦ ସୀମାବଦ୍ଧତା ଏବଂ ପରିବେଶର କ୍ଷତି ହ୍ରାସ କରିବାକୁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି ଜନ ସଚେତନତା ସୃଷ୍ଟି କରାଯିବା ଉଚିତ। ଅତ୍ୟଧିକ ଡିଜେ ସଂଗୀତ ବିନା ପାରମ୍ପରିକ ସଂଗୀତ ଓ ବାଦ୍ୟ ସହିତ ଉତ୍ସବକୁ ପ୍ରୋତ୍ସାହିତ କରାଯିବା ଉଚିତ। ଯୁବବର୍ଗ ତଥା ସମସ୍ତ ନାଗରିକ ନିଜର ତଥା ଭବିଷ୍ୟତ ସମାଜର ସୁରକ୍ଷା ଦୃଷ୍ଟିରୁ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ନ୍ୟାୟିକ ବ୍ୟବସ୍ଥା, ଜିଲାପାଳ, ବିଡିଓ, ସରପଞ୍ଚ ଆଦିଙ୍କୁ ଜଣାଇବା ସହିତ ଶାନ୍ତିପୂର୍ଣ୍ଣ ବିକଳ୍ପଗୁଡ଼ିକୁ ଆପଣାଇବା ଉଚିତ। ଉତ୍ସବ ଏବଂ ଦାୟିତ୍ୱ ମଧ୍ୟରେ ଏକ ସନ୍ତୁଳନ ବଜାୟ ରଖିବାକୁ ପଡ଼ିବ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଭାରତୀୟ ଚିକିତ୍ସା ଗବେଷଣା ପରିଷଦର ନିୟମ ପାଳନ କରି ସଚେତନତାକୁ ପ୍ରସାର କରି ଏବଂ ପ୍ରକୃତିକୁ ସମ୍ମାନ ଦେଇ ଉଭୟ ପରିବେଶକୁ କ୍ଷତି ନ ପହଞ୍ଚାଇ ଉତ୍ସବ ପାଳନ ସହିତ ଜୀବଜଗତକୁ ସ୍ୱାସ୍ଥ୍ୟ ସୁରକ୍ଷା ଦେଇପାରିବା।

ରିଷୋର୍ସ ପର୍ସନ, ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର, ଭାରତ ସରକାର
ମୋ: ୯୪୩୭୧୨୩୮୯୨

## ଏଇ ଭାରତରେ

ବର୍ଷେ କିମ୍ବା ଦୁଇ ବର୍ଷ ନୁହେଁ, ୧୦ ବର୍ଷ ଲାଗିଯାଇଛି ଗୋଟିଏ ଘଣ୍ଟା ସଜାଡ଼ିବାକୁ। ଏହି ଘଣ୍ଟା ସାଧାରଣ ଘଣ୍ଟା ନୁହେଁ, ଏହା ହେଉଛି ମୁମ୍ବଇର ରାଜବାଇ କ୍ଲକ ଟାୱାରର ୧୪୭ ବର୍ଷର ପୁରୁଣା ଘଡ଼ି। ଏହାକୁ ମରାମତି କରି କାର୍ଯ୍ୟକ୍ଷମ କରିପାରିଛନ୍ତି ମହେନ୍ଦ୍ର ପ୍ରସାଦ ଗୁପ୍ତା। ପେସାରେ ସେ ଜଣେ ଇଲେକ୍ଟ୍ରିସିଆନ। ପ୍ରତିଦିନ ୨୩୭ଟି ପାହାଚ ଚଢ଼ି ଟାୱାର ଉପରକୁ ଯାଇ ସେ ଘଣ୍ଟା କାମ କରନ୍ତି ଏବଂ ୧୦ ବର୍ଷ ପରେ ତାହା ଏବେ ଚାଲୁଛି। ରାଜବାଇ ଘଡ଼ିର ଓଜନ ପାଖାପାଖି ୩୦୦ କେଜି। ଲଣ୍ଡନର ବିଗ୍‌ବେନ ଘଣ୍ଟା ଢାଞ୍ଚାରେ ୧୮୭୮ରେ ରାଜବାଇ କ୍ଲକ୍ ଟାୱାର ନିର୍ମାଣ କରାଯାଇଥିଲା। ବ୍ରିଟେନର ସ୍ଥପତି ସାର୍ ଜର୍ଜ ଗିଲବର୍ଟ ସ୍କଟ ଏହାର ଡିଜାଇନ କରିଥିଲେ ଏବଂ ଷ୍ଟକ୍‌ବ୍ରୋକର ପ୍ରେମଚାନ୍ଦ ରାୟଚାନ୍ଦ ତାଙ୍କ ମା' ରାଜବାଇଙ୍କ ସ୍ମୃତିରେ ଏହାକୁ ପାଣି ଯୋଗାଇ ଦେଇଥିଲେ। ମୁମ୍ବାଇ ବିଶ୍ୱବିଦ୍ୟାଳୟର ଫୋର୍ଟ କ୍ୟାମ୍ପସରେ ଥିବା ଏହି ଟାୱାରର ଉଚ୍ଚତା ୨୮୦ ଫୁଟ୍। ଆରମ୍ଭରୁ ରାଜବାଇ ଘଡ଼ିରେ ୧୬ଟି ବେଲ୍ ଏକାଥରକେ ବାଜୁଥିଲା। ଏବେ ମରାମତି କରାଯିବା ପରେ ପ୍ରତି ୧୫ ମିନିଟରେ ୫ଟି ବେଲ୍ ବାଜୁଛି। ଐତିହାସିକ ତଥ୍ୟ କହେ, ଏହି ଟାୱାର ରୟଚାନ୍ଦଙ୍କ ଘର ନିକଟରେ ଥିଲା। ରାଜବାଇ ଦୃଷ୍ଟିହୀନ ଥିବାରୁ ସେ ଏହି ଘଣ୍ଟା ଶବ୍ଦରୁ ସମୟ ଜାଣିପାରୁଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ଅକ୍ଟୋବର ୧୯୭୬

- ଓଡ଼ିଶା ଓ ବିହାର ମଧ୍ୟରେ ସୁବର୍ଣ୍ଣରେଖା ବନ୍ଧ ଯୋଜନା ନେଇ ଆପୋଷ ମୀମାଂସା ଓ ରାଜିନାମା ସ୍ୱାକ୍ଷରିତ।
- ବିଶାଖାପାଟଣାସ୍ଥିତ ହିନ୍ଦୁସ୍ଥାନ ଜାହାଜ ନିର୍ମାଣ କାରଖାନାରେ ନିର୍ମିତ 'ଦାମୋଦର ଗଙ୍ଗା' ନାମକ ଏକ ବୃହତ୍ତମ ଆକାର ବିଶିଷ୍ଟ ଜାହାଜର ଭସାଣି ଉତ୍ସବ ଉଦ୍‌ଘାଟିତ।

## su do ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 4 | | | | | | 9 |
| 9 | 5 | | 8 | | | 4 | | |
| | | | | 6 | | | 8 | |
| | 3 | | | | | | | |
| 1 | | 9 | | 8 | 6 | | | |
| | | 5 | | | | 7 | | 2 |
| | | | | | 1 | | 2 | |
| | 2 | | | 4 | | | | |
| | | | 5 | | 9 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 9 | 1 | 7 | 2 | 8 | 6 | 3 |
| 1 | 3 | 8 | 6 | 9 | 4 | 7 | 5 | 2 |
| 6 | 2 | 7 | 8 | 5 | 3 | 9 | 4 | 1 |
| 3 | 5 | 6 | 7 | 2 | 8 | 4 | 1 | 9 |
| 2 | 8 | 1 | 3 | 4 | 9 | 5 | 7 | 6 |
| 7 | 9 | 4 | 5 | 6 | 1 | 2 | 3 | 8 |
| 4 | 6 | 3 | 9 | 8 | 5 | 1 | 2 | 7 |
| 9 | 1 | 5 | 2 | 3 | 7 | 6 | 8 | 4 |
| 8 | 7 | 2 | 4 | 1 | 6 | 3 | 9 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଦୂଷଣ ବୋର୍ଡ ଅସହାୟ

ମହାଶୟ,

ଗତ କାଳୀପୂଜା/ଦୀପାବଳୀ ସମୟରେ ସରକାରଙ୍କ ନିୟମ ତଥା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କେତେ ପ୍ରତିଶତ ପାଳନ କରାଯାଇଛି ସରକାର ତା'ର ଜବାବ ଜନତାଙ୍କୁ ଦେବେ କି? ପ୍ରଦୂଷଣର ମାତ୍ରା କଟକ, ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, ସମ୍ବଲପୁର ସହିତ ଅନ୍ୟାନ୍ୟ ସହରଗୁଡ଼ିକ ଉପରେ କି ପ୍ରଭାବ ପକାଇଛି ତା'ର ଜବାବ ହେବା ଉଚିତ। ଭାଇଚାରା, ପରମ୍ପରା, ଧର୍ମୀୟ ଭାବନା ସହିତ ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ, ପରିବେଶ ପ୍ରତି ଧ୍ୟାନଦେବାକୁ ହୋଇଥାଏ। ନିଜ ଓ ବ୍ୟବସାୟୀଙ୍କ ସ୍ୱାର୍ଥ ତଥା ଅମାନିଆ ବେଆଇନ ଆତସବାଜି ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଉପରେ କେତେ କାର୍ଯ୍ୟାନୁଷ୍ଠାନ ହୋଇଛି? ସରକାର ନିୟମ କରିଦେଲେ ତାଙ୍କ ଦାୟିତ୍ୱ ଶେଷ। ପ୍ରକୃତପକ୍ଷେ ଏହାକୁ ତଦାରଖ କରିବ କିଏ ? ସୀମିତ ସଂଖ୍ୟକ ପୋଲିସ କ'ଣ ଏ ସବୁ ରୋକି ପାରିବେ ? ଜାଣିଶୁଣି ପ୍ରଶାସନ ବୟସ୍କ ନାଗରିକ, ଶିଶୁ, ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ଶବ୍ଦକନିତ ତଥା ପ୍ରଦୂଷଣଜନିତ ଯନ୍ତ୍ରଣା ଦେଉଛନ୍ତି। ସବୁଠ ଆତସବାଜିର ନାଗ ଦେଇ ଅତ୍ୟୁଚ୍ଚ ଶବ୍ଦ ଉଦ୍ରେକକାରୀ ଫୋଟକାର ବ୍ୟବହାର ହଜାର ହଜାର ଲୋକଙ୍କ ମାନସିକ, ଶାରୀରିକ ଭାରସାମ୍ୟ ବିଗାଡ଼ି ଦେଉଛି। ବାୟୁ ପ୍ରଦୂଷଣର ଉଦାହରଣ ବୋଧହୁଏ ଭାଇଚାରା ସହରର ଲୋକମାନେ ଠିକ୍ ଭାବେ ଅନୁଭବ କରିପାରନ୍ତି ନାହିଁ। ପାଠ ପଢ଼ୁଆ, ଅପାଠୁଆ ସବୁ ମିଳିମିଶି ସହରକୁ ଧୂଆଁମୟ କରି ଦେଲେ। କଥାରେ ଅଛି ଖଣ୍ଡୁରି ଗଛର କି ଗୁଣ ଗାଇବି, ମୂଳରୁ ପାହାଚ ପାହାଚ।

–ବିଷ୍ଣୁ ପ୍ରସାଦ ଦାସ, ବରିଷ୍ଠ ନାଗରିକ, କଟକ

## ଚିରନ୍ତନୀ

ଏହି ବାତାୟନ ପାଶେ ଦେଖିଥିଲି ଦିନେ ସେ
ପରିଚିତ ରୂପ ଶୋଭା ଉଭା ହେଲା ନିମେଷେ
ଜଣାଇଲା ଦୁଇ କର ଯୋଡ଼ି ଛୋଟ ନତିଟି
ଥିଲେ ହେଁ ନିକଟେ ଯଥା ଅଛି ଦୂର ବିଦେଶେ !

–(ପଥର ପ୍ରେମିକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଜେଲରେ ଗୋଷ୍ଠୀ ସଂଘର୍ଷ: ୪ ୱାର୍ଡର ଆହତ**

ନୟାଗଡ଼,(ଲୋକନାଥ ମିଶ୍ର): ନୟାଗଡ଼ ସହର ଉପକଣ୍ଠ ଖୁଣ୍ଟୁବନ୍ଧରେ ଥିବା ନୟାଗଡ଼ ଜିଲା ଜେଲରେ ରବିବାର ପୂର୍ବାହ୍ନରେ କଏଦୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଅନ୍ୟପକ୍ଷେ କଏଦୀଙ୍କ ଆକ୍ରମଣରେ ଚିଫ୍ ୱାର୍ଡର ସତ୍ୟ ନାରାୟଣ ଲେଙ୍କା ଓ ସମରେନ୍ଦ୍ର ସ୍ୱାଇଁ, ୱାର୍ଡର ହିମାଂଶୁ ଶେଖର ପାଲେଇ ଓ ପ୍ରଭାତ ମହାପାତ୍ର ଆହତ ହୋଇଛନ୍ତି। ସେହିପରି ଜେଲ ସୁପରିଣ୍ଟେଣ୍ଡେଣ୍ଟ ବାବୁଲି ବାରିକଙ୍କୁ ମଧ୍ୟ ଆକ୍ରମଣ କରାଯାଇଛି। ଏନେଇ ସୁପରିଣ୍ଟେଣ୍ଡେଣ୍ଟ ବାରିକଙ୍କ ଅଭିଯୋଗ ପରେ ନୟାଗଡ଼ ସଦର ଥାନା ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। କଏଦୀ ବିଷ୍ଣୁ ପ୍ରସାଦ ସାହୁଙ୍କ ସମେତ ୩୫ରୁ ଊର୍ଦ୍ଧ୍ୱଙ୍କ ନାମରେ ନଂ.୨୭୬/୨୫ରେ ମାମଲା ହୋଇଛି।

# ବାତ୍ୟା ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ

## ରେଡ୍ ଜୋନ୍‌ରେ ୮ ଜିଲା, ନିଆଗଲା ଆଗୁଆ ପଦକ୍ଷେପ



ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି) ଦେଓରଞ୍ଜନ କୁମାର ସିଂଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

- ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାର ହେଲେ କଠୋର କାର୍ଯ୍ୟାନୁଷ୍ଠାନ
- ୨୪ଘଣ୍ଟା ମଧ୍ୟରେ ଶସ୍ୟକୁ ସୁରକ୍ଷିତ ରଖିବାକୁ ପରାମର୍ଶ
- ପ୍ରଭାବିତ ଜିଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ, ବନ୍ଦ ରହିବ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର

ଭୁବନେଶ୍ୱର, ୨୬।୧୦(ବନ୍ଦନା ସେଠୀ): ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଓଡ଼ିଶାରେ ବାତ୍ୟାର ପ୍ରଭାବ ନ ରହିଲେ ମଧ୍ୟ କିଛି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ତେଣୁ ଲୋକଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ପୂଜାରୀ ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି) ଦେଓରଞ୍ଜନ କୁମାର ସିଂ ଓ ସମସ୍ତ ଜିଲାର ଜିଲାପାଳଙ୍କ ସହିତ ଆଲୋଚନା କରିବା ପରେ ରାଜୀବ ଭବନଠାରେ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ବାତ୍ୟା ପ୍ରଭାବରେ ୮ ଜିଲା ଯଥା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ସବୁଠାରୁ ଅଧିକ ପ୍ରଭାବିତ ହେବ। ଏହିସବୁ ଜିଲାଗୁଡ଼ିକୁ ରେଡ୍ ଜୋନ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ସହ ଆଲୋଚନା କରାଯାଇଛି। ଆବଶ୍ୟକ ପଡ଼ିଲେ ପଡ଼ୋଶୀ ଜିଲାକୁ ସହାୟତା କରିବା ପାଇଁ ଅନ୍ୟ ଜିଲାର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗଜପତି ଜିଲାରେ ସମ୍ଭାବ୍ୟ ଭୂସ୍ଖଳନର ଆଶଙ୍କା ଥିବାରୁ ସେଠାରେ ଓଡ୍ରାଫ, ଏନ୍‌ଡିଆର୍‌ଏଫ ଓ ଅଗ୍ନିଶମ ବାହିନୀଙ୍କୁ ଆଗୁଆ ମୁତୟନ କରାଯାଇଛି। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଶକ୍ତି ବିଭାଗ ସହ ଆଲୋଚନା କରାଯାଇଛି। ଆବଶ୍ୟକସ୍ଥଳେ ଡିଜି ସେଟ୍, ହାସପାତାଳ, ଜରୁରୀସେବା, ପାନୀୟ ଜଳ ଯୋଗାଇବେ ପାଇଁ ବିକଳ୍ପ ଶକ୍ତିର ବ୍ୟବସ୍ଥା କରାଯାଇଛି। ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ସହ ସ୍କୁଲ ଘର ଓ ଗୋଷ୍ଠୀ କେନ୍ଦ୍ରଗୁଡ଼ିକରେ ବୟସ୍କ, ଶିଶୁମାନଙ୍କୁ ଆଗୁଆ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଆସନ୍ନ ପ୍ରସବମାନଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ରଖିବାର ବ୍ୟବସ୍ଥା କରାଯାଇଛି। ଗଜପତି ଜିଲାର ମହେନ୍ଦ୍ରଗିରି ଭଳି ଉଚ୍ଚସ୍ଥାନରେ ଥିବା ଲୋକମାନଙ୍କୁ ସମତଳ ସ୍ଥାନକୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଇଛି। ଆବଶ୍ୟ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ସମୁଦ୍ର କୂଳରେ ରହୁଥିବା ପର୍ଯ୍ୟଟକମାନେ ମଧ୍ୟ ସମୁଦ୍ର ତଟକୁ ନ ଯିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାର ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲାର ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ ସହ ସମସ୍ତ ସ୍କୁଲ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଏହି ୮ ଜିଲାଗୁଡ଼ିକରେ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ୨୮ ଓ ୨୯ ତାରିଖରେ ବନ୍ଦ ରଖିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ହୋଇଛି। ଆବଶ୍ୟକସ୍ଥଳେ ସ୍ଥିତି ଦେଖି ଜିଲା ପ୍ରଶାସନ ୨୭ ଏବଂ ୩୦ ତାରିଖରେ ମଧ୍ୟ ବନ୍ଦ କରିପାରିବେ। ଅମଳର ସମୟ ହୋଇଥିବାରୁ ଆଗାମୀ ୨୪ଘଣ୍ଟା ମଧ୍ୟରେ ନିଜ ଶସ୍ୟକୁ ସୁରକ୍ଷିତ ରଖିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ସହରାଞ୍ଚଳଗୁଡ଼ିକ ଜଳମଗ୍ନ ହେବାର ଆଶଙ୍କା ରହିଥିବାରୁ ଆବଶ୍ୟକସ୍ଥଳେ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜଳସମ୍ପଦ ବିଭାଗ ସହିତ ନଦୀର ଜଳସ୍ତର ନେଇ ଆଲୋଚନା ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ବାତ୍ୟାର ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନର ସିଂ ସୂଚନା ଦେଇ କହିଛନ୍ତି, ରେଡ୍‌ଜୋନରେ ଥିବା ୮ ଜିଲାରେ ସୋମବାରଠାରୁ ବର୍ଷା ଆରମ୍ଭ ହୋଇଯାଇପାରେ। ୨୮ ଓ ୨୯ ତାରିଖ ବେଳକୁ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ଏବଂ ୩୦ ତାରିଖ ବେଳକୁ ପ୍ରଭାବ ହ୍ରାସ ପାଇବାର ସମ୍ଭାବନା ରହିଛି। ତେଣୁ ଏହାର ମୁକାବିଲା ପାଇଁ ଏବେସୁଦ୍ଧା ୧୨୮ଟି ଓଡ୍ରାଫ, ଏନ୍‌ଡିଆର୍‌ଏଫ ଓ ଅଗ୍ନିଶମ ବାହିନୀ ଦଳଙ୍କୁ ସମ୍ପୃକ୍ତ ଜିଲାରେ ମୁତୟନ କରାଯାଇଛି। ଜିଲାପାଳମାନଙ୍କୁ ସୋମବାର ଅପରାହ୍ନ ୫ଟା ସୁଦ୍ଧା ବିପଦ ଆଶଙ୍କା ଥିବା ସ୍ଥାନଗୁଡ଼ିକରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# ଶିମିଳିପାଳ ଫେରୁନି ଯମୁନା

- ଆଜକୁ ବର୍ଷେ ବିତିଲା
- ବିଭାଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବା ନେଇ ଆଶଙ୍କା



ମହାବଳ ବାଘୁଣୀ ଯମୁନା।

ବାରିପଦା, ୨୬।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ): ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଯେଉଁ ଉଦ୍ଦେଶ୍ୟ ନେଇ ମହାବଳ ବାଘୁଣୀ ଯମୁନାକୁ ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନକୁ ଅଣାଯାଇଥିଲା ବିଭାଗର ସେହି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବାରେ ଆଶଙ୍କା ସୃଷ୍ଟି ହୋଇଛି। ଶିମିଳିପାଳର ବଣପାହାଡ଼ଘେରା ଅଞ୍ଚଳରେ ନିଜକୁ ଖାପ ଖୁଆଇ ନ ପାରି ଯମୁନା ଅନ୍ୟ ଜଙ୍ଗଲକୁ ପଳାଇଥିବା ବେଳେ ବର୍ଷେ ହେଲା ଫେରିବାର ନାଁ ଧରୁନି। ତେବେ ଶିମିଳିପାଳ ଅଭୟାରଣ୍ୟର ଭୌଗୋଳିକ ପରିଧି ମଧ୍ୟରେ ଥିବା ଜଙ୍ଗଲରେ ଯମୁନା ବୁଲୁଛି ତା'ର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି ବୋଲି ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବିଭାଗ ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡା.ପ୍ରକାଶ ଚାନ୍ଦ ଗୋଗିନେନି କହୁଥିବା ବେଳେ ଯମୁନା ଏବେ କେଉଁଠି ସେ ସମ୍ପର୍କରେ ବିଭାଗ ସ୍ପଷ୍ଟ ସୂଚନା ଦେଉନାହିଁ। ଫଳରେ ଶିମିଳିପାଳର ଜଳବାୟୁରେ ବାଘ ବଂଶ ବୃଦ୍ଧିକୁ ନେଇ କରାଯାଇଥିବା ଯୋଜନା ଫଳପ୍ରଦ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଡ଼ିଶାରେ ପ୍ରଥମ କରି ଅନ୍ୟ ରାଜ୍ୟରୁ ବାଘ ଆଣି ବଂଶ ବୃଦ୍ଧି କରାଇବାର ଯୋଜନା ଫେଲ୍ ମାରିଥିବା ବେଳେ ଏବେ ପୁଣିଥରେ ଏହି ଯୋଜନାରେ ଓଡ଼ିଶାରେ ଏବଂ ବିଶେଷ କରି ଶିମିଳିପାଳରେ ଏହାର ପ୍ରଭାବ କ'ଣ ରହିବ ତାହା ଉପରେ ସମସ୍ତଙ୍କର ନଜର ରହିଛି। ବନ ବିଭାଗର ଏହି ଯୋଜନା ସଫଳ ହୋଇପାରିଲେ ବାଘ ବଂଶ ବୃଦ୍ଧି ହେବାରେ ସହାୟକ ହୋଇପାରିବ ବୋଲି ମତପ୍ରକାଶ ପାଉଛି। ଦେଶରେ ବାଘ ସଂଖ୍ୟା ବୃଦ୍ଧି ଲାଗି ଶିମିଳିପାଳ ଅଭୟାରଣ୍ୟ ପ୍ରକୃଷ୍ଟ ସ୍ଥାନ ବୋଲି ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ରିପୋର୍ଟ ଦେଇଥିଲା। ଫଳରେ ରାଜ୍ୟରେ ବାଘ ବଂଶ ବୃଦ୍ଧି ଲକ୍ଷ୍ୟ ନେଇ ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଦୁଇଟି ବାଘୁଣୀ ଯମୁନା ଓ ଜିନତକୁ ଶିମିଳିପାଳ ଅଣାଯାଇଥିଲା। ୨୦୨୪ ଅକ୍ଟୋବର ୨୭ରେ ଏକ ସ୍ୱତନ୍ତ୍ର ଟ୍ରିପ୍ ଓ ଗାଡ଼ି ଯୋଗେ ଯମୁନା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପହଞ୍ଚିଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ରୟାଲ ବେଙ୍ଗଲ ଟାଇଗରମାନଙ୍କ ରଙ୍ଗ ପରିବର୍ତ୍ତନକୁ ନେଇ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା। ମହାବଳ ବାଘଙ୍କ ଜେନେଟିକ ଡାଇଭର୍ସିଟି(ବଂଶାନୁକ୍ରମିକ ବିବିଧତା)ରେ ପରିବର୍ତ୍ତନ ଘଟି କଳାବାଘ ସୃଷ୍ଟିରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ପ୍ରୟାସ ଆରମ୍ଭ କରାଯାଇଥିଲା। ବେଙ୍ଗାଲୁରୁର ନ୍ୟାଶନାଲ ସେଣ୍ଟର ଫର୍ ବାୟୋଲୋଜିକାଲ ସାଇନ୍ସ ବିଭାଗର ଏକ ବିଶେଷଜ୍ଞ ଦଳ ଆସି ପରୀକ୍ଷା ନିରୀକ୍ଷା କରିଥିଲେ। ଅସ୍ୱାଭାବିକ ପ୍ରଜନନ ଓ ଅନ୍ୟାନ୍ୟ କାରଣରୁ ବାଘଙ୍କ ରଙ୍ଗ ପରିବର୍ତ୍ତନ ହେଉଥିବା ନେଇ ପୂର୍ବରୁ ନଜର ରହିଥିବା ବେଳେ ନନ୍ଦନକାନନରେ ସେହିଭଳି ଧଳାବାଘ ଜନ୍ମ ଗ୍ରହଣ ହୋଇଥିଲେ ବୋଲି ଆଲୋଚନା ହେଉଛି। ତେବେ ଗୋଟିଏ ଅଣ୍ଡିରା ବାଘରୁ ବଂଶ ବୃଦ୍ଧି ଯୋଗୁ ଏପରି ହୋଇଥାଇପାରେ ବୋଲି ବିଭାଗ ଅନୁମାନ କରିଛି। ତେଣୁ ଅନ୍ୟ ସ୍ଥାନରୁ ମାଈବାଘ ଆଣି ବାଘ ସଂଖ୍ୟା ବୃଦ୍ଧି କରାଗଲେ ଶିମିଳିପାଳରେ ବାଘଙ୍କ ଜେନେଟିକରେ ପରିବର୍ତ୍ତନ ଘଟିବ ଏବଂ ଧୀରେ ଧୀରେ ଏଥିରେ ନିୟନ୍ତ୍ରଣ ଆସିପାରିବ ବିଷୟକୁ ଦୃଷ୍ଟିରେ ରଖି ଶିମିଳିପାଳକୁ ଦୁଇ ମହାବଳ ବାଘ ଆସିବା ନେଇ ୨୦୨୪ ଜୁଲାଇ ୨୮ରେ ଏନ୍‌ଟିସିଏ ଅନୁମତି ଦେଇଥିଲା। ବିଭାଗ ପକ୍ଷରୁ ମିଶନ ଆରମ୍ଭ କରାଯାଇ ତଡ଼ବା ଜଙ୍ଗଲରୁ ପ୍ରଥମେ ମହାବଳ ବାଘୁଣୀ ଯମୁନାକୁ ଅଣାଯାଇ ଶିମିଳିପାଳ ଅଭୟାରଣ୍ୟରେ ଛଡ଼ାଯାଇଥିଲା। ତେବେ ଯମୁନା ଶିମିଳିପାଳ କୋର ଏରିଆ ଛାଡ଼ି ପାଦଦେଶରେ ଘୂରିବୁଲିବା ସହ ଗୃହପାଳିତ ପ୍ରାଣୀ ଶିକାର କରିଥିଲା। ଶିମିଳିପାଳରେ ଯମୁନା ନିଜକୁ ଖାପ ଖୁଆଇ ନ ପାରି ଜନବସତି ଦେଇ ବାଲେଶ୍ୱର ଜିଲା କୁଲଡିହା ଅଭୟାରଣ୍ୟକୁ ପଳାଇଥିଲା। ସେଠାରେ କିଛି ଦିନ ରହିବା ପରେ ନିଜର ବାସସ୍ଥାନ ପାଇଁ କେନ୍ଦୁଝର ଜିଲା ହଦଗଡ଼ ଅଭୟାରଣ୍ୟ ପର୍ଯ୍ୟନ୍ତ ଯିବାଆସିବା କରୁଛି। ତେବେ ବାରିପଦା ସର୍କଲ ଅଧୀନରେ ଥିବା ୭ଟି ବନଖଣ୍ଡ ମଧ୍ୟରେ ହଦଗଡ଼ ଅଭୟାରଣ୍ୟ ରହିଥିବାରୁ ଏହା ଶିମିଳିପାଳ ଅଭୟାରଣ୍ୟର ଭୌଗୋଳିକ ଅଞ୍ଚଳରେ ରହୁଥିବା ଓ ଯମୁନା ଦେହରେ ଲାଗିଥିବା ରେଡିଓ କଲାର ଦ୍ୱାରା ତା'ର ଗତିବିଧି ଉପରେ ନଜର ରଖାଯାଉଛି ବୋଲି ବିଭାଗ ସୂଚନା ଦେଉଛି। ଏ ସମ୍ପର୍କରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଯେଉଁ ଉଦ୍ଦେଶ୍ୟରେ ଦୁଇ ମହାବଳ ବାଘୁଣୀଙ୍କୁ ଶିମିଳିପାଳ ଅଣାଯାଇଥିଲା ତାହା ପୂରଣ ହେବା ନେଇ ସନ୍ଦେହ ଉପୁଜିଛି। ଯମୁନା ଶିମିଳିପାଳ ଭୌଗୋଳିକ ଅବସ୍ଥିତି ମଧ୍ୟରେ ଚଳପ୍ରଚଳ କରୁଥିବା ବିଭାଗୀୟ ଅଧିକାରୀ କହୁଥିବା ବେଳେ ବାଘ ଗଣନା ସମୟରେ ବାଘ ଶୂନ୍ୟ କୁଲଡିହା କିମ୍ବା ହଦଗଡ଼ରେ ଯମୁନାକୁ ଗଣନା କରିବେ ନା ଶିମିଳିପାଳ ବାଘ ସହିତ ଗଣନା କରିବେ ତାହାକୁ ନେଇ ପ୍ରଶ୍ନ ଉଠିଛି। ବିଭାଗ ନିଜ ତ୍ରୁଟି ସଂଶୋଧନ ନ କରି ବାହାରୁ ବାଘ ଆଣି ଶିମିଳିପାଳରେ ଛାଡ଼ିବା ଏକ ପ୍ରକାର ଲୁଚ୍ଛା ଭୁଆଁ ବୁଲାଇବା ନୀତି ବୋଲି ଆଚାର୍ଯ୍ୟ କହିଛନ୍ତି।

# ବାତ୍ୟା ମୁକାବିଲା ପାଇଁ ଏନ୍‌ଡିଆର୍‌ଏଫ୍

## ୨ ଟିମ୍ ଭାଇଜାଗ, ୧ ଶ୍ରୀକାକୁଲମ ପଠାଗଲା

ବାରଙ୍ଗ, ୨୬।୧୦(ଲିଙ୍ଗରାଜ ରାଉତ): ସମ୍ଭାବ୍ୟ ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ଓ ସାଧାରଣ ଲୋକଙ୍କୁ ସୁରକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ମୁଣ୍ଡଳିସ୍ଥିତ ଏନ୍‌ଡିଆର୍‌ଏଫ୍ ୩ୟ ବାଟାଲିୟନ ରବିବାର ୩ଟି ଦଳକୁ ପ୍ରଥମ ପର୍ଯ୍ୟାୟରେ ଆନ୍ଧ୍ରପ୍ରଦେଶ ପଠାଯାଇଛି। ସେଥିରୁ ୨ଟି ଦଳ ଭାଇଜାଗ ଗସ୍ତ କରିଥିବା ବେଳେ ଗୋଟିଏ ଦଳ ଶ୍ରୀକାକୁଲମ ଗସ୍ତ କରିଛି। ତେବେ ଆଉ ୨ଟି ଦଳ ସଜାଗ ରହିଛନ୍ତି ବୋଲି ଟିମ୍ ପକ୍ଷରୁ କୁହାଯାଇଛି। ଏନ୍‌ଡିଆର୍‌ଏଫ୍ ଟିମ୍ ସମସ୍ତ ପ୍ରକାରର ଜରୁରିକାଳୀନ ଯନ୍ତ୍ରପାତି ନେଇ ଗନ୍ତବ୍ୟ ସ୍ଥଳକୁ ଗସ୍ତ କରିଛି।





ମୁଣ୍ଡଳୀରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ବାହାରିଥିବା ଏନ୍‌ଡିଆର୍‌ଏଫ୍ ଟିମ୍।

# ତରବରିଆ ଧାନ କାଟୁଛନ୍ତି ଚାଷୀ

- ସୁରକ୍ଷିତ ସ୍ଥାନକୁ ଜାଲ, ଡଙ୍ଗା ଆଣିଲେ ମତ୍ସ୍ୟଜୀବୀ
- ଅସ୍ତରଙ୍ଗରେ ଚାଷୀଙ୍କୁ 'ମୋନ୍ଥା' ଭୟ



ସମ୍ଭାବ୍ୟ ବାତ୍ୟାକୁ ନେଇ ଚାଷୀମାନେ ତରବରିଆ ଭାବେ ଧାନ କାଟି ନେଉଛନ୍ତି।

ଅସ୍ତରଙ୍ଗ, ୨୬।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ): ଆସୁଛି ବାତ୍ୟା 'ମୋନ୍ଥା', ଏଥିପାଇଁ ଏବେ ଚିନ୍ତାରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଚାଷୀଙ୍କୁ। ଗତ କିଛିବର୍ଷ ହେଲା ଅକ୍ଟୋବରରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ ବାରମ୍ବାର ବାତ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିରେ ବହୁ ଧନଜୀବନ କ୍ଷତି ହେବା ସହ ଚାଷୀମାନେ ଫସଲ କ୍ଷତି ସହିଛନ୍ତି। ବିଶେଷ କରି ଅକ୍ଟୋବର ମାସରେ ଧାନ ଫସଲ ପାଚିବା ସହ ଅମଳ ସମୟ ଆସିଯାଇଥାଏ। ବର୍ଷକର ଝାଳବୁହା ପରିଶ୍ରମର ଫଳ ସ୍ୱରୂପ ସୁନାର ଫସଲକୁ ଅମଳ କରି ସାଇତି ରଖୁଥାନ୍ତି ଚାଷୀ। କିଛି ବର୍ଷ ହେଲା ଅକ୍ଟୋବରର ବାତ୍ୟା ଯୋଗୁ ଫସଲ କ୍ଷତି ସହି ଚାଷୀଙ୍କ ମେରୁଦଣ୍ଡ ଦୋହଲିଯାଇଛି। ଚଳିତବର୍ଷ ମଧ୍ୟ ଧାନ ଫସଲ କିଛିସ୍ଥାନରେ ପାଚିଥିବା ବେଳେ ଅନେକ ଜମିରେ ଫୁଲ ଧରିଛି। ଏଭଳି କ୍ଷେତ୍ରରେ ବାତ୍ୟା ଆଶଙ୍କା ଓ ତାହା ଯୋଗୁ ଧାନ ଫସଲ ଉଜୁଡ଼ିବା ଚିନ୍ତାରେ ଚାଷୀଙ୍କ ନିଦ ହଜିଯାଇଛି। ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଉପକୂଳରେ ବାତ୍ୟା ଲ୍ୟାଣ୍ଡଫଲ କରିବା ସୂଚନା ମିଳିବା ସହ ଏହାର ପ୍ରଭାବରେ ପୁରୀ ଜିଲାରେ ବର୍ଷା ପ୍ରଭାବ ଥିବାରୁ କ୍ଷତି ଆଶଙ୍କାରେ ଚାଷୀମାନେ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ଅସ୍ତରଙ୍ଗ ମତ୍ସ୍ୟ ବିଭାଗ ପକ୍ଷରୁ ନୂଆଗଡ଼, ଡାଲୁଆକଣି, ସହନ, ସୁନ୍ଦିକେଶ୍ୱର, ପାଟସୁନ୍ଦରପୁର, ଅସନ, ନଗର, କାଳିଆକଣ ସମେତ ବିଭିନ୍ନ ସ୍ଥାନରେ ମତ୍ସ୍ୟଜୀବୀମାନଙ୍କୁ ସଜାଗ ରହିବାକୁ କୁହାଯିବା ସହ ଜାଲ, ଡଙ୍ଗା ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ମତ୍ସ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଅସ୍ତରଙ୍ଗ ବ୍ଲକ ବେରୁଣିଆବାଦ୍ ଗ୍ରାମରେ ଚାଷୀ ବର୍ଷା ଓ ପବନ ଭୟରେ ପାଚିଲା ଧାନକୁ ତରବରିଆ ଭାବେ କାଟି ନେଉଛନ୍ତି। ବର୍ତ୍ତମାନ ବିଲରେ ଧାନ ପଚିଛି। ବର୍ଷା ଓ ପବନ ହେଲେ ଧାନ ସବୁ ଭୁଇଁରେ ଲୋଟିବେ ବୋଲି ଆଶଙ୍କା ରହିଛି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୬୦ହଜାର ହେକ୍ଟର ଊର୍ଦ୍ଧ୍ୱ ଜମିରେ ଧାନ ଚାଷ ହୋଇଛି। ଧାନକେଣ୍ଡା ଧରିବା ଆରମ୍ଭ ହୋଇଛି। ଯଦି ଲଗାତାର ବର୍ଷା ହେବ, ତେବେ ଅନେକ କ୍ଷତି ହେବ। ଧାନ ପାଣିରେ ପଡ଼ିଲେ କିମ୍ବା ପଟୁ ମାଡ଼ିଗଲେ ବିଶେଷ କ୍ଷତି ହେବ।

# ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରସ୍ତୁତି

## ଜରୁରିକାଳୀନ ନମ୍ବର ଜାରି କଲା ଟିପିସିଓଡିଏଲ୍

ଭୁବନେଶ୍ୱର, ୨୬।୧୦ (ଅନୁରାଧା ମହାରଣା): ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ) ବିଦ୍ୟୁତ୍ ଭିତ୍ତିଭୂମି ଉପରେ ବାତ୍ୟା 'ମୋନ୍ଥା'ର ସମ୍ଭାବ୍ୟ ପ୍ରଭାବକୁ ହ୍ରାସ କରିବାକୁ ଗୁରୁତ୍ୱ ଦେଉଛି। ଏଥିସହ ଉପଭୋକ୍ତାମାନଙ୍କୁ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହାର ବ୍ୟବସାୟ ନିରନ୍ତରତା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା (ବିସିଡିଏମପି) ଅଧୀନରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ପାଣିପାଗ ସୂଚନା ଉପରେ ନଜର ରଖି ପୁନରୁଦ୍ଧାର ପାଇଁ ବାତ୍ୟା ପୂର୍ବରୁ ଓ ପରେ କିପରି ପଦକ୍ଷେପ ନିଆଯିବ, ସେଥିପାଇଁ ସ୍ୱତନ୍ତ୍ର ନିୟମ ଜାରି କରିଛି। ଇତିମଧ୍ୟରେ ଉଭୟ ବିତରଣ ଏବଂ ପ୍ରାଇମେରୀ ସବ୍-ଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଶେଷ ହୋଇଛି। ବାତ୍ୟା ସମୟରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେଲେ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରାନ୍ସଫର୍ମର, ଖୁଣ୍ଟ, କଣ୍ଡକ୍ଟର ଏବଂ କେବୁଲ ସମେତ ଗୁରୁତ୍ୱପୂର୍ଣ୍ଣ ଉପକରଣର ପର୍ଯ୍ୟାପ୍ତ ଷ୍ଟକ୍ ରଖାଯାଇଛି। ବିଦ୍ୟୁତ୍ ବିଭ୍ରାଟ ହେଲେ ଶୀଘ୍ର ପୁନରୁଦ୍ଧାର ପାଇଁ ସମସ୍ତ ଡିଭିଜନରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି। ହସ୍ପିଟାଲ, ଜଳଯୋଗାଣ କେନ୍ଦ୍ର ଓ ବିପର୍ଯ୍ୟୟ ପ୍ରତିକ୍ରିୟା କେନ୍ଦ୍ର ଭଳି ମୁଖ୍ୟ ସଂସ୍ଥାଗୁଡ଼ିକୁ ଅବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି।୧୯୧୨ କିମ୍ବା ୧୮୦୦-୩୪୫-୭୨୨୨ରେ ଯୋଗାଯୋଗ କରି ବିଜୁଳି ସମ୍ବନ୍ଧୀୟ କୌଣସି ଜରୁରିକାଳୀନ ପରିସ୍ଥିତି ସମ୍ପର୍କରେ ଉପଭୋକ୍ତା ଜଣାଇପାରିବେ। ସମସ୍ୟାଗୁଡ଼ିକ ତୁରନ୍ତ ଏବଂ ଦକ୍ଷତାର ସହିତ ସମାଧାନ କରିବା ପାଇଁ ବିଭିନ୍ନ ଜୋନ୍‌ରେ ଜରୁରୀକାଳୀନ-ରେସ୍ପନ୍ସ ଟିମ୍ ନିୟୋଜିତ କରାଯାଇଛି। ଉପଭୋକ୍ତାମାନେ ବର୍ଷା ଏବଂ ବନ୍ୟା ସମୟରେ ବିଦ୍ୟୁତ୍ ଖୁଣ୍ଟ, ତାର କିମ୍ବା ବିଦ୍ୟୁତ୍ ଉପକରଣକୁ ନ ଛୁଇଁବା ପାଇଁ ପରାମର୍ଶ ଦିଆଯାଇଛି। ପ୍ରବଳ ପବନ ସମୟରେ ଘର ଭିତରେ ରହିବା ସହ ଗଛ କିମ୍ବା ଅସ୍ଥାୟୀ ଗୃହଠାରୁ ଦୂରରେ ରହିବାକୁ କୁହାଯାଇଛି। ଓଦା ହାତରେ କିମ୍ବା ପାଣିରେ ଠିଆହୋଇ ବୈଦ୍ୟୁତିକ ଉପକରଣ ବ୍ୟବହାର ନ କରିବା, ଖୋଲା ଡ୍ରେନ ଏବଂ ଜଳବନ୍ଦୀ ଅଞ୍ଚଳରୁ ପିଲାମାନଙ୍କୁ ଦୂରରେ ରଖିବାକୁ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ ପରାମର୍ଶ ଦେଇଛନ୍ତି।

# ନୂଆପଡ଼ା ଉପନିର୍ବାଚନରେ ସ୍ୱଚ୍ଛତା ରକ୍ଷା ପାଇଁ ବିଜେଡିର ଆହ୍ୱାନ

## ପୁଣି ଭାଜପା ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ଭୁବନେଶ୍ୱର, ୨୬।୧୦(ବନ୍ଦନା ସେଠୀ): ନୂଆପଡ଼ା ଉପନିର୍ବାଚନରେ ସରକାରୀ ସମ୍ପତ୍ତିର ଦୁରୁପଯୋଗ ନେଇ ଶାସକ ଭାଜପା ବିରୋଧରେ ପୁଣି ଅଭିଯୋଗ ଆଣିଛି ବିଜୁ ଜନତା ଦଳ। ବିଜେଡି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ବିଜେଡି ନେତୃବୃନ୍ଦ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ଏବଂ ଭାଜପା ବିରୋଧରେ ଫେରାଦ ହୋଇ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଭଳି ଗୁରୁତର ଅଭିଯୋଗ କରିଛନ୍ତି। ଗତ ୨୫ ତାରିଖରେ ନୂଆପଡ଼ା ଭାଜପା ପକ୍ଷରୁ ସୁଭଦ୍ରା ଶକ୍ତି ସମାବେଶ ନାମରେ ଏକ ସଭା ଆୟୋଜନ କରାଯାଇଥିଲା। କିନ୍ତୁ ଏହାକୁ ସରକାରୀ ଯୋଜନାର ହିତାଧିକାରୀଙ୍କ ସଭା ବୋଲି ଦର୍ଶାଯାଇଥିଲା। ଏହି ସଭାରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ଓ ଅନ୍ୟାନ୍ୟ ଭାଜପା ନେତାମାନେ ଉପସ୍ଥିତ ଥିଲେ। ବିଜେଡି ଅଭିଯୋଗ କରିଛି ଯେ, ସରକାରୀ ଯୋଜନାର ନାମ ଓ ହିତାଧିକାରୀଙ୍କୁ କଳାୟ ପ୍ରଚାର ପାଇଁ ବ୍ୟବହାର କରାଯାଇଛି, ଯାହା ନିର୍ବାଚନ ଆଚରଣବିଧିର ସ୍ପଷ୍ଟ ଉଲ୍ଲଂଘନ ଓ ସରକାରୀ ଯୋଜନାର ଦୁରୁପଯୋଗ ବୋଲି ବିଜେଡି କହିଛି। ତେଣୁ ଏହି ଘଟଣା ଉପରେ ତତ୍କାଳ ନିରପେକ୍ଷ ତଦନ୍ତ ଆରମ୍ଭ କରିବା ସହ ନିର୍ବାଚନ ଆଚରଣବିଧି ଓ ଜନପ୍ରତିନିଧି ଆଇନ ୧୯୫୧ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଜେଡି ସିଇଓଙ୍କ ନିକଟରେ ଦାବି ଜଣାଇଛି। ସିଇଓଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ବିଜେଡି ପକ୍ଷରୁ କୁହାଯାଇଛି ଯେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସ୍ୱାଧୀନତା ରକ୍ଷା ହେବା ନିତାନ୍ତ ଆବଶ୍ୟକ। ସରକାରୀ ଯୋଜନାକୁ ଦଳୀୟ ସ୍ୱାର୍ଥ ପାଇଁ ବ୍ୟବହାର କରିବା ଲୋକତନ୍ତ୍ର ପ୍ରତି ବଡ଼ ବିପଦ। ବିଜେଡିର ଏହି ପ୍ରତିନିଧି ଦଳରେ ଲେଳିନ ମହାନ୍ତି, ସୁମିତ୍ରା ଜେନା, ମିହିର ରାୟ, ନାରାୟଣ ଜେନା, ସଂଗ୍ରାମ ମହାପାତ୍ର, ରିତାଞ୍ଜଳି ପ୍ରଧାନ, ସୋଫିଆ ଆଲମ, ଜ୍ୟୋତ୍ସ୍ନାମୟୀ ପରିଡ଼ା, ଅଂଶୁ ତ୍ରିପାଠୀ, ଲଲା ସ୍ୱାଇଁ ଓ ପ୍ରଦୀପ ପଣ୍ଡା ସାମିଲ ଥିଲେ।

# ପଛୁଆ ବର୍ଗର ବିକାଶ, ଡବଲ ଇଞ୍ଜିନ ସରକାରର ପ୍ରାଥମିକତା: ସୁରଥ ବିଶ୍ୱାଳ

ଭୁବନେଶ୍ୱର, ୨୬।୧୦(ବନ୍ଦନା ସେଠୀ): ଦେଶର ଅନ୍ୟ ରାଜ୍ୟଗୁଡ଼ିକ ସହ ଆମ ରାଜ୍ୟକୁ ତୁଳନା କଲେ, ଆମ ରାଜ୍ୟର ଅନେକ ପଛୁଆ ଜାତି ବର୍ଗ ଜାତୀୟ ତାଲିକାଭୁକ୍ତ ହୋଇ ପାରିନାହାନ୍ତି। ରାଜ୍ୟରେ ଯଦିଓ ପଛୁଆବର୍ଗଙ୍କ ସଂଖ୍ୟା ରାଜ୍ୟର ସମୁଦାୟ ଜନସଂଖ୍ୟାର ୫୪ ପ୍ରତିଶତ, ତଥାପି ଅନେକ ପଛୁଆ ଜାତି ବର୍ଗ ଜାତୀୟ ପଛୁଆବର୍ଗ ତାଲିକାଭୁକ୍ତ ହୋଇନାହାନ୍ତି। ଫଳରେ ସେମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ଉଦ୍ଦିଷ୍ଟ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଭାଜପା ତରଫରୁ ବାରମ୍ବାର ଦାବି କରିବା ପରେ ପୂର୍ବ ସରକାର ଚାପରେ ବଶବର୍ତ୍ତୀ ହୋଇ ଯେଉଁ ଓବିସି କମିଶନ ଗଠନ କରିଥିଲେ, କିନ୍ତୁ ତାଙ୍କୁ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇ ନ ଥିଲା। ବଞ୍ଚିତ ଜାତି ବର୍ଗମାନଙ୍କୁ ଜାତୀୟ ପଛୁଆ ବର୍ଗ ତାଲିକାଭୁକ୍ତ କରିବା ପାଇଁ ଭାଜପା ଓବିସି ମୋର୍ଚ୍ଚା ତରଫରୁ ବାରମ୍ବାର କେନ୍ଦ୍ରୀୟ କମିଶନଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ ତତ୍କାଳୀନ ରାଜ୍ୟ ସରକାରଙ୍କ ଚରମ ଉଦାସୀନତା କାରଣରୁ ଏହା କାର୍ଯ୍ୟକାରୀ ହୋଇପାରିନଥିଲା। ମାତ୍ର ୨୦୨୪ରେ ରାଜ୍ୟରେ ଭାଜପା ସରକାର ଶାସନକୁ ଆସିବା ପରେ ଶିକ୍ଷା କ୍ଷେତ୍ରରେ ପ୍ରଥମ ଥର ପାଇଁ ସଂରକ୍ଷଣ ପ୍ରଦାନ କରାଗଲା। ପଛୁଆ ବର୍ଗର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଐତିହାସିକ ନିଷ୍ପତ୍ତି ନେଇ ସାମାଜିକ ଓ ଆର୍ଥିକ ଭାବେ ପଛୁଆ ବର୍ଗ (ଏସଇବିସି) ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ପଛୁଆ ବର୍ଗର ବିକାଶ, ଡବଲ ଇଞ୍ଜିନ ସରକାରର ପ୍ରାଥମିକତା ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବିଶ୍ୱାଳ କହିଛନ୍ତି ଯେ, ଦେଶର ସାମଗ୍ରିକ, ସମୃଦ୍ଧି ଓ ସନ୍ତୁଳିତ ବିକାଶକୁ ଦୃଷ୍ଟିରେ ରଖି ପଛୁଆବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସାମ୍ବିଧାନିକ ଅଧିକାର ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିର ଆସନ୍ତା ୨୯ ତାରିଖ ଦିନ ଓଡିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ କମିଶନ ଅଧ୍ୟକ୍ଷ ରାଜ୍ୟର ବିଭିନ୍ନ ଜାତିବର୍ଗଙ୍କଠାରୁ ସେମାନଙ୍କ ଦାବି ସମ୍ପର୍କରେ ଶୁଣିବେ ଏବଂ ତଥ୍ୟ ସମ୍ବଳିତ କାଗଜପତ୍ର ଗ୍ରହଣ କରିବେ ବୋଲି ବିଶ୍ୱାଳ କହିଛନ୍ତି।

**OFFICE OF THE PRINCIPAL**
**K.C.G. SANSKRIT COLLEGE, JAGAMARA, BBSR-30**
Email Id : kcgsanskritcollege10@gmail.com Website - HIMS
Letter No. - 76 dt.25.10.2025
**ADVERTISEMENT**
Interested and eligible retired academicians and Non teaching staffs require purely on contractual and temporary basis following subjects for K.C.G. Sanskrit College, Jagamara, Bhubaneswar-30, Sanskrit (Sahitya), Sanskrit (Sarvadarshan), Odia, English and Jr. Clerk & Peon.
Remuneration will be paid as per Higher Education Dept. Odisha. Interested person may apply through HIMS Portal. (Last date for apply 31.10.2025). Contact No. : 7978579344
Principal
K.C.G. Sanskrit College, Jagamara, BBSR-30

No.O-1180
**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**
email : se_nerwkjr@rediffmail.com
eProcurement Notice for Road Works under PM-JANMAN Batch-I
**Identification No. NCB-24 / RWCKJR / 2025-26**
No. 4511 / Date : 23.10.2025
1. Name of the work : Construction of road works under PM-JANMAN Batch-I in the District of Keonjhar. 2. No. of work : 03 (Three) Nos. 3. Estimated cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details :

| Procurement Officer | Bid Identification No. | Availability of tender Online for bidding From | To | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-24 / RWCKJR / 2025-26 | Dt.30.10.25 at 11.00 A.M. | Dt.13.11.25 up to 5.00 P.M. | Dt.12.11.25 up to 5.00 P.M. | Dt.14.11.25 at 11.00 A.M. | Will be intimated later |

• Further details can be seen from the website : www.pmgsytenders.gov.in
Sd/- Chief Construction Engineer
R.W. Circle, Keonjhar
OIPR-25177/11/0101/2526

## ଜଳିଗଲା କବାଡ଼ିଆ ଗୋଦାମ

ବାରଙ୍ଗ,(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅଧୀନ ସୀତାରାମ ବଜାରରେ ଥିବା ଏକ କାବାଡ଼ିଆ ଗୋଦାମରେ ରବିବାର ନିଆଁ ଲାଗି ଗୋଟିଏ କବାଡ଼ିଆ ଗୋଦାମ ଜଳିଯାଇଛି। ଅଗ୍ନିକାଣ୍ଡରେ ଗୋଦାମ ଘରେ ଥିବା ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡିନାହିଁ। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ନିଆଁକୁ ପ୍ରଥମେ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଦମକଳ ବାହିନୀକୁ ଡାକିଥିଲେ। ଘଟଣାସ୍ଥଳରେ ବାରଙ୍ଗ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

# ଆବର୍ଜନାପୂର୍ଣ୍ଣ ପରିବେଶରେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଭୁବନେଶ୍ୱର, ୨୬।୧୦ (ବନ୍ଦନା ସେଠୀ)

ସୁସ୍ଥ ରହିବା ଲାଗି ସୁସ୍ଥ ପରିବେଶର ଆବଶ୍ୟକତା ରହିଛି। ସାରା ଦେଶରେ ସ୍ୱଚ୍ଛ ଭାରତର ନାରା ଦିଆଯାଉଥିବାବେଳେ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରବେଶ କଲାବେଳେ ଆବର୍ଜନାପୂର୍ଣ୍ଣ ପରିବେଶ ଦେଖିଲେ ଏସବୁ କେବଳ ସ୍ଲୋଗାନରେ ରହିଗଲା ପରି ଲାଗୁଛି। ଏଥିପ୍ରତି ନା ଡାକ୍ତରଖାନା କର୍ତ୍ତୃପକ୍ଷ ଅବା ସ୍ଥାନୀୟ ପ୍ରଶାସନ, ବ୍ୟବସାୟୀ ଓ ଜନସାଧାରଣ, କେହି ହେଲେ ନଜର ଦେଉ ନ ଥିବାରୁ ଦିନକୁ ଦିନ ଆର୍ବଜନା ବଢ଼ିବାରେ ଲାଗିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଓ ଆଖପାଖରେ ଆବର୍ଜନା ପକା ଯାଉଥିଲେ ମଧ୍ୟ ଏହାକୁ ବନ୍ଦ କରିବାରେ ପଦକ୍ଷେପ ନିଆଯାଉ ନ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆବର୍ଜନା ଉଠାଇବା ଦାୟିତ୍ୱ ତାଙ୍କର ନୁହେଁ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହୁଥିବାବେଳେ ପ୍ରଶାସନର ଅଣଦେଖା ସ୍ଥିତିକୁ ଆହୁରି ବିଗାଡିବାରେ ଲାଗିଛି। ସୂଚନାନୁସାରେ, ବାଲକାଟୀ ମାର୍କେଟରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଦୋକାନୀ ବ୍ୟବସାୟ କରୁଛନ୍ତି। ଦୈନିକ ସେଠାରୁ ବାହାରୁଥିବା ଆବର୍ଜନାକୁ ଆଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ସରକାରୀ ଜାଗାରେ ପକାଉଛନ୍ତି। ସେହିପରି ସ୍ଥାନୀୟ ଲୋକେ ମଧ୍ୟ ସେଠାରେ ଜରି ଓ ଅନ୍ୟାନ୍ୟ ସାମଗ୍ରୀ ପକାଇ ଦେଉଛନ୍ତି। ମୁଖ୍ୟ ରାସ୍ତାର ଗୋଟିଏ ପଟେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ ଏହାର ଠିକ୍‌ସମ୍ମୁଖରେ ଦୀର୍ଘଦିନ ଧରିଆବର୍ଜନା ପଡି ରହୁଛି। ଏପରିକି ଅଳିଆ ପକା ଯାଉଥିବା ସ୍ଥାନରେ ବ୍ରାସ୍ ଆଣ୍ଡ ବେଲ୍ ମେଟାଲ୍‌ର ଏକ ଟ୍ରେନିଂ ସେଣ୍ଟର ରହିଛି। ତେବେ ସେଣ୍ଟରଟି ଖୋଲା ଯାଉ ନ ଥିବାରୁ ଏହା ସମ୍ମୁଖରେ ଆବର୍ଜନା ଗଦା ହୋଇ ରହୁଛି। ସାଧାରଣତଃ ରୋଗୀମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗ ଭଲ କରିବା ପାଇଁ ଆସିଥାନ୍ତି। ମାତ୍ର ଏଠାରେ ଗଦା ହୋଇ ରହିଥିବା ଆବର୍ଜନା କାରଣରୁ ଅନେକ ସମୟରେ ଦୁର୍ଗନ୍ଧ ହେବା ସହିତ ପରିବେଶ ଦୂଷିତ ହେଉଛି। ଏଥିସହ ଏଭଳି ଚିତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସ୍ଥାନୀୟ ଅଞ୍ଚଳର ଚିତ୍ରକୁ ଖରାପ କରୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।




### ବିଧାୟକ, ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିବି: ମେଡିକାଲ ଅଧିକାରୀ

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମେ ସବୁବେଳେ ସଫା ରଖୁଛୁ। ରୋଗୀମାନେ ଯେପରି ଏଠାକୁ ଆସିଲେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବେ ସେନେଇ ଉଦ୍ୟମ କରାଯାଉଛି। ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆବର୍ଜନା ପଡି ରହୁଥିବାରୁ ଏହା ମେଡିକାଲର ଚିତ୍ର ଖରାପ କରୁଛି। ଏଭଳି ପରିବେଶ ପାଇଁ ଅନେକ ସମୟରେ ରୋଗୀଙ୍କ ସ୍ୱାସ୍ଥ୍ୟ ଖରାପ ହେବାର ଆଶଙ୍କା ରହୁଛି। ଏହାକୁ ସଫା କରିବା ଆମର ଦାୟିତ୍ୱ ନୁହେଁ। ଏନେଇ ସ୍ଥାନୀୟ ବିଧାୟକ, ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବି ବୋଲି ମେଡିକାଲ ଅଧିକାରୀ ଡା. ଗାୟତ୍ରୀ ମିଶ୍ର କହିଛନ୍ତି।

### ଏମାନଙ୍କ ମତରେ...

#### ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଦରକାର



ମାର୍କେଟରୁ ବାହାରୁଥିବା ଆବର୍ଜନାକୁ ପକାଇବା ପାଇଁ ସମ୍ପୃକ୍ତ ସ୍ଥାନରେ ପଞ୍ଚାୟତ ୩ଟି ଟାଙ୍କି କରିଛି। ବ୍ୟବସାୟୀମାନେ ଆବର୍ଜନାକୁ ନେଇ ସେହି ଟାଙ୍କିରେ ପକାଉଛନ୍ତି ଏବଂ ତାହା ପୂର୍ଣ୍ଣ ହୋଇଯିବା ପରେ ପଞ୍ଚାୟତ ଏହାକୁ ସଫା କରୁଛି। ତେବେ ବ୍ୟବସାୟୀମାନଙ୍କୁ ବାଦ୍‌ଦେଇ ସ୍ଥାନୀୟ ଅଞ୍ଚଳବାସୀମାନେ ମଧ୍ୟ ସେଠାରେ ଅଳିଆ ପକାଇ ଦେଉଛନ୍ତି। କେହି ସେମାନଙ୍କୁ ଜଗିବାକୁ ନାହାନ୍ତି। ତେଣୁ କେବଳ ପଞ୍ଚାୟତ ବା ସରପଞ୍ଚ କାମ କଲେ ହେବନାହିଁ, ସ୍ୱଚ୍ଛତାକୁ ନେଇ ଲୋକଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନ ଆସିବା ଦରକାର।

–ଗିରିଧାରୀ ସାହୁ, ସ୍ଥାନୀୟ ବ୍ୟବସାୟୀ

#### ନିୟମିତ ଆବର୍ଜନା ଉଠୁ ନ ଥିବାରୁ ଏପରି ସ୍ଥିତି ହୋଇଛି



ଡାକ୍ତରଖାନା ନିକଟରେ ଦୀର୍ଘଦିନ ଧରି ଆବର୍ଜନା ପଡି ରହିବାରୁ ଅନେକ ସମୟରେ ଦୁର୍ଗନ୍ଧ ହେବା ସହ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ତାହା ସରକାରୀ ଜମି ହୋଇଥିଲେ ହେଁ ଅବ୍ୟବସ୍ଥିତ ହୋଇ ପଡି ରହିଥିବାରୁ ଏକ ପ୍ରକାର ଡମ୍ପିଂୟାର୍ଡରେ ପରିଣତ ହୋଇଛି। ପଞ୍ଚାୟତ ଲୋକଙ୍କ ପାଇଁ ନଦୀପଠାରେ ସରପଞ୍ଚଙ୍କ ଦ୍ୱାରା ଡମ୍ପିଂୟାର୍ଡ ତିଆରି ହୋଇଛି। ତେଣୁ ସ୍ଥାନୀୟ ଲୋକେ ସେଠାରେ ନେଇ ଅଳିଆ ପକାଉଛନ୍ତି। ମାତ୍ର ଖାଲି ଜାଗା ପଡିଥିବାରୁ ବଜାର ବ୍ୟବସାୟୀ ଏବଂ ସେହିବାଟ ଦେଇ ଯାତାୟାତ କରୁଥିବା ଲୋକମାନେ ଆବର୍ଜନା ପକାଉଛନ୍ତି। ସେହିପରି ନିୟମିତ ଭାବେ ଆବର୍ଜନା ଉଠୁ ନ ଥିବାରୁ ଏଭଳି ପରିସ୍ଥିତି ଦେଖାଦେଉଛି।

–ବୈଷ୍ଣବ ମହାରଣା, ସ୍ଥାନୀୟ ବାସିନ୍ଦା

## ଡିଭାଇଡର୍‌ରେ ପିଟିହେଲା ବାଇକ୍, ସାମାଜିକ କର୍ମୀଙ୍କ ମୃତ୍ୟୁ

ପୁରୁଣା ଭୁବନେଶ୍ୱର,୨୬।୧୦
(ସୁବାସ ଚନ୍ଦ୍ର ପ୍ରଧାନ)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଜଇସପାଟଣା ଛକରେ ଶନିବାର ବିଳମ୍ବିତ ରାତିରେ ଡିଭାଇଡରରେ ଏକ ବାଇକ୍ ପିଟି ହୋଇଯିବାରୁ ଜଣେ ସାମାଜିକ କର୍ମୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପିପିଲି ଥାନା ଅଧୀନ କାକୁଡ଼ି କୁସାଙ୍ଗ ଗ୍ରାମର ଦୁର୍ଯ୍ୟୋଧନ ନାୟକ ଓରଫ୍ ମିଟୁ(୫୩)। ସୂଚନା ମୁତାବକ, ଦୁର୍ଯ୍ୟୋଧନ ତାଙ୍କର ଜଣେ ସାଙ୍ଗଙ୍କ ସହ ନିଜ ଗ୍ରାମଠାରୁ ୫କିମି ଦୂର ଗ୍ରାମକୁ ଭୋଜି ଖାଇବାକୁ ଯାଇଥିଲେ। ପରେ ଘରକୁ ଫେରିବା ସମୟରେ ରାଜରାସ୍ତାର ଡିଭାଇଡରରେ ବାଇକ୍‌ଟି ପିଟିହୋଇ ଯାଇଥିଲା। ଫଳରେ ମିଟୁ ରାସ୍ତାରେ ପଡ଼ି ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ଦକ୍ଷ ସଙ୍ଗଠକ ଏବଂ ସାମାଜିକ କର୍ମୀ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଭିକାରୀ ବଳ ସଙ୍ଗୀତ ପ୍ରତିଯୋଗିତା



ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ସହ ଅତିଥିମାନେ।

ଭୁବନେଶ୍ୱର,୨୬।୧୦ (ସୌମ୍ୟରଞ୍ଜନ ରାଉତ)

ୟୁଥ୍ ପକ୍ଷରୁ ଭିକାରୀ ବଳ ସଙ୍ଗୀତ ପ୍ରତିଯୋଗିତା ରବିବାର ରାଜଧାନୀ କଳାସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡିଶାର ବିଭିନ୍ନ ଜିଲାରୁ ସର୍ବକନିଷ୍ଠ ବର୍ଗରେ ୨୨ଜଣ, କନିଷ୍ଠ ବର୍ଗରେ ୪୮ଜଣ, ବରିଷ୍ଠ ବର୍ଗରେ ୫୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଭିକାରୀ ବଳଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଅତିଥି ଭାବରେ ନାଲକୋର ପୂର୍ବତନ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର, କଳିଙ୍ଗ ସଂସ୍କୃତି ଐତିହ୍ୟ ସୁରକ୍ଷା ମଞ୍ଚର ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ, ଖବରଦାତା ଚୌଧୁରୀ ଅମିତାଭ ଦାସ, କଣ୍ଠଶିଳ୍ପୀ ସଙ୍ଗୀତା ଗୋସ୍ୱାମୀ ଏବଂ ଗୀତିକାର ରାଧାନାଥ ଦାସ ପ୍ରମୁଖ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ସଙ୍ଗୀତା ଗୋସ୍ୱାମୀ, କଣ୍ଠଶିଳ୍ପୀ ବିକାଶ ଶୁକ୍ଳା, ଶ୍ରୀକର ପାଢୀ, ବିବେକ ରାଉତ, ସସ୍ମିତା ଗୁରୁ, ନିରଞ୍ଜନ ମହାପାତ୍ର, ନନିଗୋପାଲ ଦାସ ଓ ସ୍ୱପ୍ନା ନିଶି ବିଚାରକ ଭାବେ ଯୋଗଦେଇଥିଲେ। ୟୁଥର କାର୍ଯ୍ୟକାରୀ ସଂଯୋଜକ ଅମୃତା ଲୋପାମୁଦ୍ରା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଲିଆସାହି ଆଦିବାସୀ ପଡ଼ିଆରେ ହାଟକୁ ବିରୋଧ

### ବ୍ୟବସାୟୀ-ସ୍ଥାନୀୟ ବାସିନ୍ଦା ମୁହାଁମୁହିଁ, ଉତ୍ତେଜନା

ଭୁବନେଶ୍ୱର,୨୬।୧୦(ସତ୍ୟଜିତ ରାଉତ)

ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିରେ ଥିବା ଆଦିବାସୀ ପଡ଼ିଆରେ ବ୍ୟବସାୟିକ ହାଟ କରିବାକୁ ନେଇ ଉତ୍ତେଜନା ଦେଖାଦେଇଛି। ଏହି ହାଟକୁ ବିରୋଧ କରି ସ୍ଥାନୀୟ ଲୋକମାନେ ରବିବାର ସନ୍ଧ୍ୟାରେ ହୋହଲ୍ଲା କରିବା ସହ ପ୍ରତିବାଦ କରିଥିଲେ। ଫଳରେ ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା ମୁହାଁମୁହିଁ ହୋଇଥିଲେ। ପୋଲିସ ଟିମ୍ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ସୁଧୁରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ପଡ଼ିଆରେ ଏକ ସ୍କୁଲ ଥିବାବେଳେ ସ୍ଥାନୀୟ ଯୁବକମାନେ ମଧ୍ୟ ଖେଳାଖେଳି କରନ୍ତି। କରୋନା ସମୟରେ ସେଠାରେ ଏକ ଅସ୍ଥାୟୀ ହାଟ କରିବାକୁ ବିଏମ୍‌ସି ଅନୁମତି ଦେଇଥିଲା। ହେଲେ କୋଭିଡ୍ କଟକଣା ହଟିବା ପରେ ମଧ୍ୟ ବ୍ୟବସାୟୀମାନେ ହାଟ ବନ୍ଦ କରି ନ ଥିଲେ। ହାଟ ହେବାରୁ ପଡ଼ିଆ ସଙ୍କୁଚିତ ହେବା ସହ ଅନ୍ୟାନ୍ୟ ବିଶୃଙ୍ଖଳା ଘଟୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରୁଛନ୍ତି। ଏପରିକି ପଡିଆରେ ଅଳିଆ ଆବର୍ଜନା ପଡ଼ିରହିବା ସହ ଅସାମାଜିକ ଲୋକମାନେ ମଦ୍ୟପାନ କରୁଥିବାରୁ ସ୍ଥାନୀୟ ଲୋକମାନେ ଏହାକୁ ବିରୋଧ କରି ଆସୁଛନ୍ତି। ମାସେ ତଳେ ସ୍ଥାନୀୟ ଏକ ମହିଳା ସଂଘ କର୍ମକର୍ତ୍ତା ଉକ୍ତ ଅସ୍ଥାୟୀ ହାଟକୁ ଭାଙ୍ଗି ଦେଇଥିଲେ। ତେବେ ସେବେଠାରୁ ଏହି ହାଟ ବନ୍ଦ ଥିବାବେଳେ ରବିବାର ପୁଣି ବ୍ୟବସାୟୀମାନେ ଉକ୍ତ ହାଟ କରିବାକୁ ପ୍ରୟାସ କରିବାରୁ ସ୍ଥାନୀୟ ଲୋକମାନେ ପ୍ରତିବାଦ କରିଥିଲେ। ଉଭୟ ପକ୍ଷ ମୁହାଁମୁହିଁ ହେବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଗଣ୍ଡଗୋଳ ଉଗ୍ର ରୂପ ନେବା ପୂର୍ବରୁ ପୋଲିସ ତାହାକୁ ନିୟନ୍ତ୍ରଣ କରିବା ସହ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ଜଗିରହିଥିଲା। ତେବେ ଖବର ପ୍ରସ୍ତୁତ ହେବା ଯାଏ ଘଟଣାସ୍ଥଳରେ ପରିସ୍ଥିତି ଶାନ୍ତ ଥିବା ସୂଚନା ମିଳିଛି।



ବିଶ୍ୱନାଥ ସଙ୍ଗୀତାଳୟ କଟକ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ୭ମ ଲାସ୍ୟଲାବଣ୍ୟ ନୃତ୍ୟ ମହୋତ୍ସବରେ ନୃତ୍ୟ ପରିବେଷଣ।

## ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ, ସୁନା କାନଫୁଲ ଲୁଟ

ବାଲକାଟୀ,୨୬।୧୦(ମନୋଜ ମଣ୍ଡଳ )

ବାଲକାଟୀ ଫାଣ୍ଡି ପରିସର ଅଞ୍ଚଳରେ ରବିବାର ଅପରାହ୍ନରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ଅସଦାଚରଣ କରିବା ସହ ତା'ଙ୍କ ସୁନା କାନଫୁଲ ଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି। ପୀଡ଼ିତା ବାପାଙ୍କ ଅଭିଯୋଗ ଅନୁଯାୟୀ, ଝିଅ ଟିଉଶନ ଯାଉଥିବା ବେଳେ ଜୟଦେବ ସ୍କୁଲ ନିକଟରେ ୩ ଦୁର୍ବୃତ୍ତ ଏକ ସ୍କୁଟିରେ ଆସି ନାବାଳିକାଙ୍କ ମୁହଁକୁ ରୁମାଲରେ ଢାଙ୍କି ନିକଟରେ ଥିବା ଏକ ସ୍କୁଲର ପରିତ୍ୟକ୍ତ ଗୃହକୁ ଟେକି ନେଇଥିଲେ। ସେଠାରେ ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ କରିବା ସହ ପିନ୍ଧିଥିବା ସୁନା କାନଫୁଲ ନେଇ ଫେରାର୍ ହୋଇଯାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

## ଓଡ଼ିଶା ବନ ଉନ୍ନୟନ ନିଗମର ୬୪ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୬।୧୦ (ବନ୍ଦନା ସେଠୀ)

ଓଡ଼ିଶା ବନ ଉନ୍ନୟନ ନିଗମର ୬୪ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଅତିଥି ଭାବେ ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ତ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଉମା ନନ୍ଦୁରି ଯୋଗଦେଇଥିଲେ। ନିଗମର ପରିଚାଳନା ନିର୍ଦ୍ଦେଶକ ପ୍ରେମ୍‌କୁମାର ଝାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟରେ ବନାଞ୍ଚଳର ସୁରକ୍ଷା ଓ ବିଭିନ୍ନ ବନଜାତ ସାମଗ୍ରୀର ଅର୍ଥନୈତିକ ବିନିଯୋଗ ଦିଗରେ ନିଗମର କାର୍ଯ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ରାଜ୍ୟରେ ବନୀକରଣ ଯୋଜନାରେ ସବୁଜିମା ବୃଦ୍ଧି ସହ ସହର ସୌନ୍ଦର୍ଯ୍ୟକରଣ, ପରିପୂରକ ବନୀକରଣ, ଶିଳ୍ପାଞ୍ଚଳ ପରିବେଶରେ ଉନ୍ନତି ଆଣିବାରେ ମଧ୍ୟ ନିଗମର ଅବଦାନ ପ୍ରଶଂସନୀୟ। ସେହିପରି ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ନିଗମ ନିଜର ନିଷ୍ଠାପୂର୍ଣ୍ଣ ଭୂମିକା ନିଭାଇ ବହୁ ପର୍ଯଟକଙ୍କ ଆସ୍ଥାଭାଜନ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନିଗମର ଦୁଇ କର୍ମଚାରୀ ରଜନୀକାନ୍ତ ସାହୁ ଓ ସୁନ୍ଦର ସିଂଙ୍କୁ ସମ୍ମାନିତ କରାଯାଇଥିଲା। ନିଗମର ବାଣିଜ୍ୟ ନିର୍ଦ୍ଦେଶକ ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ନିଗମ କର୍ମଚାରୀଙ୍କୁ ନେଇ ହେମେନ୍ଦ୍ର ମହାପାତ୍ରଙ୍କ ରଚିତ ଓ ନଟବର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ନାଟକ 'ପୁତ୍ର ପୂଜା' ମଞ୍ଚସ୍ଥ ହୋଇଥିଲା।



## ଗଛଡାଳରୁ ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିଅନ୍ତା, ୨୬।୧୦ (ନୀଳମାଧବ ସାହୁ)

ପାହାଳ ଥାନା ଅଧୀନ ଭୁବନେଶ୍ୱର - କଟକ ଜାତୀୟ ରାଜପଥର ପାହାଳ ଅଣ୍ଡରପାସ ସମ୍ମୁଖ ଏକ ଚାକୁଣ୍ଡା ଗଛରେ ଝୁଲୁଥିବା ଜଣେ ଯୁବକଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ତାଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ସେଠାରେ ଶବାଗାରରେ ମୃତଦେହ ଚିହ୍ନଟ ପାଇଁ ୭୨ ଘଣ୍ଟା ରଖାଯିବ ବୋଲି ଥାନା ଅଧିକାରୀ ଅଶ୍ୱିନୀ କୁମାର ଜେନା ସୂଚନା ଦେଇଛନ୍ତି।

ଯୁବକଙ୍କ ବୟସ ୩୦ରୁ ୩୨ ବର୍ଷ ଭିତରେ ବୋଲି ଅନୁମାନ କରାଯାଉଛି। ତା'ଙ୍କ ହାତରେ ଇଂଲିଶରେ ଜ୍ୟୋତି ପ୍ରକାଶ ଏସ୍ ଲେଖାଯାଇଛି। ସର୍ଭିସ୍ ରୋଡ କଡ଼ ଫାଙ୍କା ଜାଗା ଭିତରକୁ ରବିବାର ମଧ୍ୟାହ୍ନରେ ଯୁବକ ଜଣଙ୍କ ହାତରେ ରଶି ଧରି ଆସିଥିବା କୁହାଯାଉଛି। ସେଠାରେ ଥିବା ଏକ ଛୋଟ ଚାକୁଣ୍ଡା ଗଛ ତଳେ ଚପଲ ଥୁଆ ହୋଇଥିବାରୁ ଯୁବକ ଜଣକ ଗଛ ଉପରକୁ ଚଢ଼ିଯାଇଥିବା ଆଲୋଚନା ହେଉଛି। ଏଥିସହ ନିଜେ ଗଛଡାଳରେ ବସି ବେକରେ ରଶି ଲଗାଇ ଝୁଲି ପଡ଼ିଥିବା ଅନୁମାନ କରାଯାଉଛି। ସେଠାରେ କାମ କରୁଥିବା କେତେ ଜଣ ଲୋକ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।

## କ୍ଷୀର ଗାଡ଼ିରେ ଗୋରୁ ଚାଲାଣ, ୭ ଗୋରୁ ଉଦ୍ଧାର

ତ୍ରିଶୂଳିଆ/ବାରଙ୍ଗ, ୨୬।୧୦
(ତୁଷାରକାନ୍ତ ବେହେରା/ ଲିଙ୍ଗରାଜ ରାଉତ)



କ୍ଷୀର ଗାଡ଼ିରେ ଗୋଚାଲାଣ କରାଯାଉଥିବା ବେଳେ ବାଙ୍କୀ - କଟକ ମୁଖ୍ୟରାସ୍ତାର ନେତଲ ନିକଟରେ ଗୋଡ଼ିସାହି ଫାଣ୍ଡି ପୋଲିସ ରବିବାର ଚଢ଼ାଉ କରିଥିଲା। ଏହି ସମୟରେ ୭ ଗୋରୁ ଉଦ୍ଧାର କରିବା ସହ ଗାଡ଼ିକୁ ଜବତ କରିଛି। ଉଦ୍ଧାର ଗୋରୁଙ୍କୁ କଟକସ୍ଥିତ ଏକ ଗୋଶାଳାକୁ ପଠାଇ ଦିଆଯାଇଛି। ଏଥିସହିତ ପୋଲିସ ଉକ୍ତ ଗାଡ଼ିରୁ ଗୋମାଂସ ଜବତ କରି ସେଗୁଡ଼ିକୁ ମାଟିରେ ପୋତିଦେଇଛି।

ପ୍ରକାଶ ଯେ, ଗୋରୁ ମାଫିଆମାନେ କ୍ଷୀର ଭ୍ୟାନ୍ ଭିତରେ ଗୋରୁମାନଙ୍କ ପାଟି, ଗୋଡ ବାନ୍ଧି ଚାଲାଣ କରୁଥିଲେ। ଏହି ସମୟରେ ଗୋଡ଼ିସାହି ଫାଣ୍ଡି ନିକଟ ନେତଲ ଛକରେ ଗାଡ଼ିଟି ଖରାପ ହୋଇଯାଇଥିଲା। ଫଳରେ ଗାଡ଼ିଟି ଦୀର୍ଘ ସମୟ ଉକ୍ତ ସ୍ଥାନରେ ଅଟକି ରହିଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଗାଡ଼ି ଉପରେ ସନ୍ଦେହ ହେବାରୁ ସେମାନେ ଫାଣ୍ଡିକୁ ଖବର ଦେଇଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ସୋମ୍ୟାଶ୍ରୀ ଆଶୁତୋଷ ପାଣି ଘଟଣାସ୍ଥଳରେ ପହଞ୍ଚି ଗାଡ଼ିର ଯାଞ୍ଚ କରିଥିଲେ। ଫଳରେ ଗାଡ଼ିରୁ ୭ ଗୋରୁଙ୍କ ସହ କିଛି ଗୋରୁ ମାଂସ ମିଳିଥିଲା। ଗୋରୁମାନଙ୍କୁ ଉଦ୍ଧାର କରି କଟକ ଗୋଶାଳା ପଠାଇବା ସହ ଜବତ ମାଂସକୁ ମାଟିରେ ପୋତିବା ସହିତ କ୍ଷୀର ଭ୍ୟାନ୍‌ଟିକୁ ଜବତ କରି ଫାଣ୍ଡିରେ ରଖିଛନ୍ତି।

## ଖବରକାଗଜ ବିତରକଙ୍କ ପାଇଁ ରାଶନ, ସ୍ୱାସ୍ଥ୍ୟ କାର୍ଡ, ସଂଘ ଗୃହର ବ୍ୟବସ୍ଥା ହେଉ

### ମହାନଗର ନିଗମ ଖବରକାଗଜ ବିତରକ ସଂଘର ପ୍ରଥମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୬।୧୦ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ମହାନଗର ନିଗମ ଖବରକାଗଜ ବିତରକ ସଂଘର ପ୍ରଥମ ବାର୍ଷିକ ଉତ୍ସବ ନୀଳାଦ୍ରିବିହାରସ୍ଥିତ ଦୁର୍ଗା ପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଉତ୍ତର ଭୁବନେଶ୍ୱର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଧରିତ୍ରୀ ଖବରକାଗଜର ମାର୍କେଟିଙ୍ଗ୍ ହେଡ୍ ବରଦା ପ୍ରସନ୍ନ ମହାନ୍ତି, ପ୍ରସାରଣ ବିଭାଗ ମୁଖ୍ୟ ଭରତ ଦାସ, ପ୍ରମେୟର ଡିଜିଏମ୍ ଗଜେନ୍ଦ୍ର ଦାସ, ଚନ୍ଦ୍ରଶେଖରପୁର ମଣ୍ଡଳ ସଭାପତି ନଗେନ ବିଶୋଇ, ଭାଜପା ନେତା ବ୍ରହ୍ମାନନ୍ଦ ସାହୁ, ବସନ୍ତ ତ୍ରିପାଠୀ, ସଂଘ ସଭାପତି ସୁରେଶ କୁମାର ପାତ୍ର ପ୍ରମୁଖ ଯୋଗଦେଇ ବିତରକଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ସେମାନଙ୍କ ସହ ପରିବାରର ମଙ୍ଗଳ କାମନା କରିଥିଲେ। ସଂଘର ସାଧାରଣ ସମ୍ପାଦକ ଅରୁଣ କୁମାର ଦେ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଅଭିଭାଷଣ ରଖି ବିତରକଙ୍କ ୩ଟି ଦାବି ଯଥା ବିତରକମାନଙ୍କୁ ରାଶନ କାର୍ଡ, ସ୍ୱାସ୍ଥ୍ୟ କାର୍ଡ ଏବଂ ସଂଘ ଗୃହ ପାଇଁ ଜାଗା କିମ୍ବା ଘର ଯୋଗାଇ ଦିଆଯାଉ ବୋଲି ଦାବି ଉପସ୍ଥାପନ କରିଥିଲେ। ପରେ ଅତିଥିଙ୍କ ଦ୍ୱାରା ସଂଘ ନାମ ଲେଖା ହୋଇଥିବା ଟି ଶାର୍ଟ ଉନ୍ମୋଚିତ ହୋଇଥିଲା। ଏହା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାଷ୍ଟରକ୍ୟାଣ୍ଟିନ୍ ଓ ନାଲକୋ ଛକ ବିତରଣ କେନ୍ଦ୍ରର ବିତରକମାନେ ଉପସ୍ଥିତ ଥିଲେ। ଖବରଦାତା ସୁକାନ୍ତ ରାଉତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଭୁବନେଶ୍ୱର ନ୍ୟୁଜ୍ ପେପର ସପ୍ଲାୟର ଆସୋସିଏଶନର ମୁଖ୍ୟ କମଳାକାନ୍ତ ଖାମୁରାଇ ଧନ୍ୟବାଦ ଅର୍ପଣ କରିଥିଲେ।




ମହାନଗର ନିଗମ ଖବରକାଗଜ ବିତରକ ସଂଘର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ଆବର୍ଜନାପୂର୍ଣ୍ଣ ପରିବେଶରେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଭୁବନେଶ୍ୱର, ୨୬।୧୦ (ବନ୍ଦନା ସେଠୀ)

ସୁସ୍ଥ ରହିବା ଲାଗି ସୁସ୍ଥ ପରିବେଶର ଆବଶ୍ୟକତା ରହିଛି। ସାରା ଦେଶରେ ସ୍ୱଚ୍ଛ ଭାରତର ନାରା ଦିଆଯାଉଥିବାବେଳେ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରବେଶ କଲାବେଳେ ଆବର୍ଜନାପୂର୍ଣ୍ଣ ପରିବେଶ ଦେଖିଲେ ଏସବୁ କେବଳ ସ୍ଲୋଗାନରେ ରହିଗଲା ପରି ଲାଗୁଛି। ଏଥିପ୍ରତି ନା ଡାକ୍ତରଖାନା କର୍ତ୍ତୃପକ୍ଷ ଅବା ସ୍ଥାନୀୟ ପ୍ରଶାସନ, ବ୍ୟବସାୟୀ ଓ ଜନସାଧାରଣ, କେହି ହେଲେ ନଜର ଦେଉ ନ ଥିବାରୁ ଦିନକୁ ଦିନ ଆର୍ବଜନା ବଢ଼ିବାରେ ଲାଗିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଓ ଆଖପାଖରେ ଆବର୍ଜନା ପକା ଯାଉଥିଲେ ମଧ୍ୟ ଏହାକୁ ବନ୍ଦ କରିବାରେ ପଦକ୍ଷେପ ନିଆଯାଉ ନ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆବର୍ଜନା ଉଠାଇବା ଦାୟିତ୍ୱ ତାଙ୍କର ନୁହେଁ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହୁଥିବାବେଳେ ପ୍ରଶାସନର ଅଣଦେଖା ସ୍ଥିତିକୁ ଆହୁରି ବିଗାଡିବାରେ ଲାଗିଛି।

ସୂଚନାନୁସାରେ, ବାଲକାଟୀ ମାର୍କେଟରେ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଦୋକାନୀ ବ୍ୟବସାୟ କରୁଛନ୍ତି। ଦୈନିକ ସେଠାରୁ ବାହାରୁଥିବା ଆବର୍ଜନାକୁ ଆଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ସରକାରୀ ଜାଗାରେ ପକାଉଛନ୍ତି। ସେହିପରି ସ୍ଥାନୀୟ ଲୋକେ ମଧ୍ୟ ସେଠାରେ ଜରି ଓ ଅନ୍ୟାନ୍ୟ ସାମଗ୍ରୀ ପକାଇ ଦେଉଛନ୍ତି। ମୁଖ୍ୟ ରାସ୍ତାର ଗୋଟିଏ ପଟେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ ଏହାର ଠିକ୍ ସମ୍ମୁଖରେ ଦୀର୍ଘଦିନ ଧରି ଆବର୍ଜନା ପଡି ରହୁଛି। ଏପରିକି ଅଳିଆ ପକା ଯାଉଥିବା ସ୍ଥାନରେ ବ୍ରାସ୍ ଆଣ୍ଡ ବେଲ୍ ମେଟାଲ୍‌ର ଏକ ଟ୍ରେନିଂ ସେଣ୍ଟର ରହିଛି। ତେବେ ସେଣ୍ଟରଟି ଖୋଲା ଯାଉ ନ ଥିବାରୁ ଏହା ସମ୍ମୁଖରେ ଆବର୍ଜନା ଗଦା ହୋଇ ରହୁଛି। ସାଧାରଣତଃ ରୋଗୀମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗ ଭଲ କରିବା ପାଇଁ ଆସିଥାନ୍ତି। ମାତ୍ର ଏଠାରେ ଗଦା ହୋଇ ରହିଥିବା ଆବର୍ଜନା କାରଣରୁ ଅନେକ ସମୟରେ ଦୁର୍ଗନ୍ଧ ହେବା ସହିତ ପରିବେଶ ଦୂଷିତ ହେଉଛି। ଏଥିସହ ଏଭଳି ଚିତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସ୍ଥାନୀୟ ଅଞ୍ଚଳର ଚିତ୍ରକୁ ଖରାପ କରୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଳିଆ ଆବର୍ଜନା ପଡ଼ିରହିଛି।

### ଆମ ଦାୟିତ୍ୱ ନୁହେଁ, ବିଧାୟକ, ସରପଞ୍ଚଙ୍କ ଦୃଷ୍ଟିଆକର୍ଷଣ କରିବି: ମେଡିକାଲ ଅଧିକାରୀ

**ଗୋଷ୍ଠୀ** ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମେ ସବୁବେଳେ ସଫା ରଖୁଛୁ। ରୋଗୀମାନେ ଯେପରି ଏଠାକୁ ଆସିଲେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବେ ସେନେଇ ଉଦ୍ୟମ କରାଯାଉଛି। ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆବର୍ଜନା ପଡି ରହୁଥିବାରୁ ଏହା ମେଡିକାଲର ଚିତ୍ର ଖରାପ କରୁଛି। ଏଭଳି ପରିବେଶ ପାଇଁ ଅନେକ ସମୟରେ ରୋଗୀଙ୍କ ସ୍ୱାସ୍ଥ୍ୟ ଖରାପ ହେବାର ଆଶଙ୍କା ରହୁଛି। ଏହାକୁ ସଫା କରିବା ଆମର ଦାୟିତ୍ୱ ନୁହେଁ। ଏନେଇ ସ୍ଥାନୀୟ ବିଧାୟକ, ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବି ବୋଲି ମେଡିକାଲ ଅଧିକାରୀ ଡା. ଗାୟତ୍ରୀ ମିଶ୍ର କହିଛନ୍ତି।

## ଏମାନେ ଯାହା କୁହନ୍ତି...

### ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଦରକାର



ମାର୍କେଟରୁ ବାହାରୁଥିବା ଆବର୍ଜନାକୁ ପକାଇବା ପାଇଁ ସମ୍ପୃକ୍ତ ସ୍ଥାନରେ ପଞ୍ଚାୟତ ୩ଟି ଟାଙ୍କି କରିଛି। ବ୍ୟବସାୟୀମାନେ ଆବର୍ଜନାକୁ ନେଇ ସେହି ଟାଙ୍କିରେ ପକାଉଛନ୍ତି ଏବଂ ତାହା ପୂର୍ଣ୍ଣ ହୋଇଯିବା ପରେ ପଞ୍ଚାୟତ ଏହାକୁ ସଫା କରୁଛି। ତେବେ ବ୍ୟବସାୟୀମାନଙ୍କୁ ବାଦ୍‌ଦେଇ ସ୍ଥାନୀୟ ଅଞ୍ଚଳବାସୀମାନେ ମଧ୍ୟ ସେଠାରେ ଅଳିଆ ପକାଇ ଦେଉଛନ୍ତି। କେହି ସେମାନଙ୍କୁ ଜଗିବାକୁ ନାହାନ୍ତି। ତେଣୁ କେବଳ ପଞ୍ଚାୟତ ବା ସରପଞ୍ଚ କାମ କଲେ ହେବନାହିଁ, ସ୍ୱଚ୍ଛତାକୁ ନେଇ ଲୋକଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନ ଆସିବା ଦରକାର।

**-ଗିରିଧାରୀ ସାହୁ, ସ୍ଥାନୀୟ ବ୍ୟବସାୟୀ**

### ନିୟମିତ ଆବର୍ଜନା ଉଠୁ ନ ଥିବାରୁ ଏପରି ସ୍ଥିତି ହୋଇଛି



ଡାକ୍ତରଖାନା ନିକଟରେ ଦୀର୍ଘଦିନ ଧରି ଆବର୍ଜନା ପଡି ରହିବାରୁ ଅନେକ ସମୟରେ ଦୁର୍ଗନ୍ଧ ହେବା ସହ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ତାହା ସରକାରୀ ଜମି ହୋଇଥିଲେ ହେଁ ଅବ୍ୟବସ୍ଥିତ ହୋଇ ପଡି ରହିଥିବାରୁ ଏକ ପ୍ରକାର ଡମ୍ପିଂୟାର୍ଡରେ ପରିଣତ ହୋଇଛି। ପଞ୍ଚାୟତ ଲୋକଙ୍କ ପାଇଁ ନଦୀପଠାରେ ସରପଞ୍ଚଙ୍କ ଦ୍ୱାରା ଡମ୍ପିଂୟାର୍ଡ ତିଆରି ହୋଇଛି। ତେଣୁ ସ୍ଥାନୀୟ ଲୋକେ ସେଠାରେ ନେଇ ଅଳିଆ ପକାଉଛନ୍ତି। ମାତ୍ର ଖାଲି ଜାଗା ପଡିଥିବାରୁ ବଜାର ବ୍ୟବସାୟୀ ଏବଂ ସେହିବାଟ ଦେଇ ଯାତାୟାତ କରୁଥିବା ଲୋକମାନେ ଆବର୍ଜନା ପକାଉଛନ୍ତି। ସେହିପରି ନିୟମିତ ଭାବେ ଆବର୍ଜନା ଉଠୁ ନ ଥିବାରୁ ଏଭଳି ପରିସ୍ଥିତି ଦେଖାଦେଉଛି।

**-ବୈଷ୍ଣବ ମହାରଣା, ସ୍ଥାନୀୟ ବାସିନ୍ଦା**

# ଭେରାଇଟି ଷ୍ଟୋର୍‌ରେ ଅଗ୍ନିକାଣ୍ଡ: ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଗଲା



ବୋଲଗଡ଼, ୨୬।୧୦ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅଧୀନ ତାଳତୁମ୍ବ ଛକସ୍ଥିତ ଏକ ଭେରାଇଟି ଷ୍ଟୋର୍‌ରେ ରବିବାର ସକାଳେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ତାଳତୁମ୍ବ ଗ୍ରାମର ପୂର୍ଣ୍ଣ ସାହୁଙ୍କ ତାଳତୁମ୍ବ ଛକଠାରେ ଏକ ଭେରାଇଟି ଷ୍ଟୋର ଦୋକାନ ରହିଛି। ରବିବାର ଭୋରରୁ ଉକ୍ତ ଦୋକାନରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଦୋକାନ ମାଲିକ ପୂର୍ଣ୍ଣଙ୍କୁ ଖବର ଦେଇଥିଲେ। ଏଥିସହ ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ବାରିକ ବେଗୁନିଆ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡରେ ଦୋକାନରେ ଥିବା ଟିଭି, ଫ୍ରିଜ, ରେଫ୍ରିଜଟର, ଖାଦ୍ୟ ସାମଗ୍ରୀ, ପାନୀୟ ସାମଗ୍ରୀ, ଟେକ୍ସନାରି ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୂର୍ଣ୍ଣ କହିଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

## ସଂକ୍ଷେପରେ

### ୫ରେ ଜହ୍ନିକୁଦା ବୋଇତ ବନ୍ଦାଣ ଉତ୍ସବ

କୃଷ୍ଣପ୍ରସାଦ, ୨୬।୧୦ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ଜହ୍ନିକୁଦା ଗ୍ରାମ୍ୟ କମିଟି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଆସନ୍ତା ନଭେମ୍ବର ୫ରେ ଜହ୍ନିକୁଦାଘାଟ ପେଣ୍ଠରେ ଅନୁଷ୍ଠିତ ହେବ ବୋଲି ରବିବାର ମୁଖ୍ୟ ପିଠାଧୀଶ ମୋହନ ଗୋସ୍ୱାମୀଙ୍କ ପୀଠରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏହି ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଏହି ବୋଇତ ବନ୍ଦାଣ ଉତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ କଳାକାର ଯୋଗଦେବେ। କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ଏବଂ ଭୁବନେଶ୍ୱର ଡ୍ୟାନ୍ସ ଗ୍ରୁପ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆହୁରି ସୁମଧୁର କରିବ ବୋଲି ଜହ୍ନିକୁଦା ଗ୍ରାମ୍ୟ କମିଟି ସଭାପତି ଗଣେଶ ତରେଇ କହିଛନ୍ତି। ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଏମ୍‌ପି ଡା.ସମ୍ବିତ ପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ଭାଜପାର ନେତୃମଣ୍ଡଳୀ ଯୋଗଦେବାର ବ୍ୟବସ୍ଥା ହୋଇଥିବା ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ ସୂଚନା ଦେଇଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ଗ୍ରାମ୍ୟ କମିଟି ସମ୍ପାଦକ ସୀମାଞ୍ଚଳ ପଲେଇ, ବୁଦ୍ଧିଜୀବୀ ରଘୁନାଥ ବହୁ, ରବୀନ୍ଦ୍ର ନାଥ ତରେଇ, ରାଜ କିଶୋର ପଲେଇ, ଶରତ ଚନ୍ଦ୍ର ପଲେଇ, ଦୀପକ କୁମାର ପରିଡ଼ା, ଶ୍ୟାମ ସୁନ୍ଦର ତରେଇ, ଗୋବର୍ଦ୍ଧନ ତରେଇ ପ୍ରମୁଖ ଉପସ୍ଥିତ ଥିଲେ।

### କ୍ଷୀର ଗାଡ଼ିରେ ଗୋ'ଚାଲାଣ

ତ୍ରିଶୂଳିଆ/ବାରଙ୍ଗ, ୨୬।୧୦
(ତୁଷାରକାନ୍ତ ବେହେରା/ ଲିଙ୍ଗରାଜ ରାଉତ)

କ୍ଷୀର ଗାଡ଼ିରେ ଗୋଚାଲାଣ କରାଯାଉଥିବା ବେଳେ ବାଙ୍କୀ – କଟକ ମୁଖ୍ୟରାସ୍ତାର ନେତଲ ନିକଟରେ ଗୋଡ଼ିସାହି ଫାଣ୍ଡି ପୋଲିସ ରବିବାର ଚଢ଼ାଉ କରିଥିଲା। ଏହି ସମୟରେ ୭ ଗୋରୁ ଉଦ୍ଧାର କରିବା ସହ ଗାଡ଼ିକୁ ଜବତ କରିଛି। ଉଦ୍ଧାର ଗୋରୁଙ୍କୁ କଟକସ୍ଥିତ ଏକ ଗୋଶାଳାକୁ ପଠାଇ ଦିଆଯାଇଛି। ଏଥିସହିତ ପୋଲିସ ଉକ୍ତ ଗାଡ଼ିରୁ ଗୋମାଂସ ଜବତ କରି ସେଗୁଡ଼ିକୁ ମାଟିରେ ପୋତିଦେଇଛି।

ପ୍ରକାଶ ଯେ, ଗୋରୁ ମାଫିଆମାନେ କ୍ଷୀର ଭ୍ୟାନ୍ ଭିତରେ ଗୋରୁମାନଙ୍କ ପାଟି, ଗୋଡ ବାନ୍ଧି ଚାଲାଣ କରୁଥିଲେ। ଏହି ସମୟରେ ଗୋଡ଼ିସାହି ଫାଣ୍ଡି ନିକଟ ନେତଲ ଛକରେ ଗାଡ଼ିଟି ଖରାପ ହୋଇଯାଇଥିଲା। ଫଳରେ ଗାଡ଼ିଟି ଦୀର୍ଘ ସମୟ ଉକ୍ତ ସ୍ଥାନରେ ଅଟକି ରହିଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଗାଡ଼ି ଉପରେ ସନ୍ଦେହ ହେବାରୁ ସେମାନେ ଫାଣ୍ଡିକୁ ଖବର ଦେଇଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ସୋମ୍ୟାଶ୍ରୀ ଆଶୁତୋଷ ପାଣି ଘଟଣାସ୍ଥଳରେ ପହଞ୍ଚି ଗାଡ଼ିର ଯାଞ୍ଚ କରିଥିଲେ। ଫଳରେ ଗାଡ଼ିରୁ ୭ ଗୋରୁଙ୍କ ସହ କିଛି ଗୋରୁ ମାଂସ ମିଳିଥିଲା। ଗୋରୁମାନଙ୍କୁ ଉଦ୍ଧାର କରି କଟକ ଗୋଶାଳା ପଠାଇବା ସହ ଜବତ ମାଂସକୁ ମାଟିରେ ପୋତିବା ସହିତ କ୍ଷୀର ଭ୍ୟାନ୍‌କୁ ଜବତ କରି ଫାଣ୍ଡିରେ ରଖିଛନ୍ତି।

# ସମ୍ଭାବ୍ୟ ବାତ୍ୟାକୁ ନେଇ ଚିନ୍ତାରେ ଚିଲିକାବାସୀ



ଟାଙ୍ଗୀ, ୨୬।୧୦ (ରଘୁନାଥ ସାହୁ)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ପ୍ରଭାବରେ ଓଡ଼ିଶାର ଉପକୂଳ ଜିଲାରେ ପ୍ରବଳ ବର୍ଷା ସହ ପବନର ବେଗ ଅଧିକ ରହିବ। ଏହି ସମୟରେ ଚିଲିକା ମଧ୍ୟ ଅଶାନ୍ତ ରହିବ। ଫଳରେ ଚିଲିକା ତଟବର୍ତ୍ତୀ ଅଞ୍ଚଳ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଚଳିତ ବର୍ଷ ଭଲ ଧାନ ଅମଳ ପାଇଁ ଚାଷୀ ଆଶା ରଖିଥିବା ବେଳେ ବର୍ଷା ଓ ପବନକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ପବନର ମାତ୍ରା ଅଧିକ ରହିଲେ ଧାନ ଫସଲ ବ୍ୟାପକ ନଷ୍ଟ ହେବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ବାଲୁଗାଁ ମତ୍ସ୍ୟ ବିଭାଗ ପକ୍ଷରୁ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସତର୍କ କରାଯାଇଛି। ବାଲୁଗାଁ, ବଡ଼କୂଳ, ସୋରଣ, କାଲୁପଡ଼ାଘାଟ, ପାଣିଦୁଆର, ବାଲିପାଟପୁର, ଭୂଷଣ୍ଡପୁର ଜେଟିରେ ମତ୍ସ୍ୟଜୀବୀଙ୍କୁ ଚିଲିକାକୁ ଯିବା ପାଇଁ ବାରଣ କରାଯାଉଥିବା ଦେଖିବାକୁ ମିଳିଛି। ଏଥିସହ ଡଙ୍ଗା, ଜାଲକୁ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ମତ୍ସ୍ୟଜୀବୀଙ୍କୁ କୁହାଯାଇଛି।

### ଡିଭାଇଡର୍‌ରେ ପିଟିହେଲା ବାଇକ୍, ସାମାଜିକ କର୍ମୀଙ୍କ ମୃତ୍ୟୁ

ପୁରୁଣା ଭୁବନେଶ୍ୱର, ୨୬।୧୦
(ସୁବାସ ଚନ୍ଦ୍ର ପ୍ରଧାନ)

ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥର ଜଇସପାଟଣା ଛକରେ ଶନିବାର ରାତିରେ ଡିଭାଇଡରରେ ଏକ ବାଇକ୍ ପିଟି ହୋଇଯିବାରୁ ଜଣେ ସାମାଜିକ କର୍ମୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପିପିଲି ଥାନା ଅଧୀନ କାକୁଡ଼ି କୁସାଙ୍ଗ ଗ୍ରାମର ଦୁର୍ଯ୍ୟୋଧନ ନାୟକ(୫୩)। ସୂଚନା ମୁତାବକ, ଦୁର୍ଯ୍ୟୋଧନ ତାଙ୍କର ସାଙ୍ଗଙ୍କ ସହ ଅନ୍ୟ ଏକ ଗ୍ରାମକୁ ଭୋଜିକୁ ଯାଇଥିଲେ। ଘରକୁ ଫେରିବା ସମୟରେ ରାଜରାସ୍ତାର ଡିଭାଇଡରରେ ବାଇକ୍‌ଟି ପିଟିହୋଇ ଯାଇଥିଲା। ସ୍ଥାନୀୟ ଲୋକେ ଦୁର୍ଯ୍ୟୋଧନଙ୍କୁ ଉଦ୍ଧାର କରି ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଘରୋଇକଳିରୁ ବଡ଼ଭାଇଙ୍କୁ ଛୁରାମାଡ଼, ସାନ ଗିରଫ

ବୋଲଗଡ଼, ୨୬।୧୦ (ଦେବବ୍ରତ ହୋତା)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ଡିହଖଉରୁଣି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ପାରିବାରିକ କଳହକୁ ନେଇ ସାନଭାଇ ଛୁରାମାଡ଼ରେ ବଡ଼ଭାଇ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବସନ୍ତ କାଣ୍ଡି (୩୭)। ଏ ସଂକ୍ରାନ୍ତରେ ବୋଲଗଡ଼ ଥାନାରେ ଶନିବାର ଅଭିଯୋଗ ହୋଇଥିବା ବେଳେ ରବିବାର ପୋଲିସ ଅଭିଯୁକ୍ତ ସାନଭାଇ ଜିତେନ୍ଦ୍ର କାଣ୍ଡି(୩୨) ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଇନ୍ସପେକ୍ଟର ଲିଲି ପାଢ଼ୀଙ୍କ ସୂଚନା ମୁତାବକ, ପାରିବାରିକ କଳହକୁ ନେଇ ଶୁକ୍ରବାର ଡିହଖଉରୁଣି ଗ୍ରାମର ବସନ୍ତଙ୍କୁ ତାଙ୍କ ସାନଭାଇ ଜିତେନ୍ଦ୍ର ଛୁରାମାଡ଼ କରିଥିଲେ। ଏଥିରେ ବସନ୍ତଙ୍କ ପେଟରେ ଗଭୀର ଆଘାତ ଲାଗି ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଅଭିଯୋଗ ପରେ ଏକ ମାମଲା (ନଂ.୨୫୪/୨୫) ରୁଜୁ କରାଯିବା ସହ ବାଙ୍କୋଇ ଫାଣ୍ଡି ଅଧିକାରୀ ଅଭିଯୁକ୍ତ ସାନଭାଇ ଜିତେନ୍ଦ୍ରଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଥିଲେ।

# ଦେବଦାସ ଛୋଟରାୟଙ୍କୁ ୪୬ତମ 'ଶାରଳା ପୁରସ୍କାର'

ଭୁବନେଶ୍ୱର, ୨୬।୧୦ (ସୌମ୍ୟରଞ୍ଜନ ରାଉତ)

ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବୁଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ମର୍ଯ୍ୟାଦାଜନକ ୪୬ତମ 'ଶାରଳା ପୁରସ୍କାର' ଚଳିତବର୍ଷ କବି ଓ କଥାକାର ଦେବଦାସ ଛୋଟରାୟଙ୍କୁ ପ୍ରଦାନ କରାଯାଇଛି। ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୀ କବି ଓ ଲେଖିକା ପ୍ରଫେସର ସବିତା ସିଂହ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଗଳ୍ପ ସଂକଳନ 'ମ୍ୟାଟିନି ଶୋ' ଲାଗି ଦେବଦାସଙ୍କୁ ଏହି ପୁରସ୍କାର ମିଳିଛି। ପୁରସ୍କାର ବାବଦରେ ଲେଖକଙ୍କୁ ତାମ୍ର ଫଳକ, ଉପାୟନ ସହିତ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଏଥିସହିତ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସ ଏବଂ ପ୍ରସିଦ୍ଧ ଚିତ୍ରଶିଳ୍ପୀ ବଳଦେବ ମହାରଥୀଙ୍କୁ ୨.୫ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ଓ ତାମ୍ରଫଳକ ସହ 'ଇଲା–ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯାଇଛି।

ଉତ୍ସବରେ ଅଧ୍ୟକ୍ଷତା କରି ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡା କହିଲେ, ଶାରଳା ପୁରସ୍କାର ବିଜେତା କବି ଦେବଦାସ ତାଙ୍କର ନିଆରା ଉପସ୍ଥାପନା ଶୈଳୀ ପାଇଁ ସେ ସବୁବେଳେ ପାଠକ ଓ ଶ୍ରୋତାଙ୍କ ଆଦର ଲାଭ କରିଆସିଛନ୍ତି। ପୁରସ୍କୃତ ଗଳ୍ପ ସଂକଳନ 'ମ୍ୟାଟିନି ଶୋ'ରେ ସେ ଜୀବନର ଅନେକ ସାଧାରଣ ତତ୍ତ୍ୱକୁ ଅସାଧାରଣ ଉଚ୍ଚତାକୁ ନେଇପାରିଛନ୍ତି, ଯାହା କେବଳ ସୁଖପାଠ୍ୟ ନୁହେଁ, ଶିକ୍ଷଣୀୟ ଓ ଅନୁକରଣୀୟ ମଧ୍ୟ। ଶାରଳା ପୁରସ୍କାରପ୍ରାପ୍ତ କବି ଦେବଦାସ କହିଲେ, ପୁରସ୍କାର ପାଇଁ ମୁଁ ଶାରଳା ପୁରସ୍କାରର ଉଦ୍ୟୋକ୍ତାଙ୍କ ପାଖରେ ଚିର କୃତଜ୍ଞ।

### ଗୁରୁ ରାମହରି ଓ ବଳଦେବଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'



କଥାକାର ଦେବଦାସ ଛୋଟରାୟଙ୍କୁ 'ଶାରଳା ପୁରସ୍କାର' ପ୍ରଦାନ କରାଯାଉଛି।

# ବାଦୀପାଲା ଉଦ୍‌ଯାପିତ



ବେଗୁନିଆ, ୨୬।୧୦ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଳିପଦର ଗ୍ରାମର ଆରାଧ୍ୟ ଗୋପୀନାଥ ଦେବଙ୍କ ପୀଠରେ ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ଚାରିଦିନ ଧରି ଚାଲିଥିବା ବାଦୀପାଲା ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲା ବନମାଳିପୁରର ଗାୟକ ଡ. ଶିଶିର କୁମାର ପାଢ଼ୀ ଏବଂ ପୁରୀ ଜିଲା ଅସ୍ତରଙ୍ଗର ଗାୟକ ମଞ୍ଜୁଳ ତ୍ରିଲୋଚନ ନାୟକ ଯୋଗଦେଇ ପାଲା ପରିବେଷଣ କରିଥିଲେ।

# ପ୍ରତିଭା ଚୟନ ପ୍ରତିଯୋଗିତା


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିଲାମାନେ।

ବାଣପୁର, ୨୬।୧୦ (ଦିଲୀପ କୁମାର ସ୍ୱାଇଁ)

ଚିଲିକା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର 'ବିଶ୍ୱନାଥ ସ୍ୱାଇଁ ସ୍ମୃତି ସଂସଦ' ଆନୁକୂଲ୍ୟରେ ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଛାତ୍ରୀଛାତ୍ରଙ୍କ ସୃଜନଶୀଳ ମେଧାର ବିକାଶ ନିମନ୍ତେ ପ୍ରତିଭା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଇଚ୍ଛାପୁରଠାରେ ଉକ୍ତ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମରେ ଅଙ୍ଗନୱାଡିଠାରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ୍ ୮୯ଜଣ ଛାତ୍ରୀଛାତ୍ର ଭାଗନେଇ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ। ଆଳୁଚାମଚ ଦୌଡ଼, ଅଙ୍କ ଦୌଡ଼, ବେଙ୍ଗ ଡିଆଁ, ଶର୍ଟପୁଟ୍ ଥ୍ରୋ, ଦଉଡ଼ି ଡିଆଁ, ୧୦୦ ମିଟର, ୨୦୦ ମିଟର ଓ ୩୦୦ ମିଟର ଦୌଡ଼ ସହିତ ସାଧାରଣ ଜ୍ଞାନ, ଗଳ୍ପ କଥନ, ପ୍ରବନ୍ଧ, ନୃତ୍ୟ, ହାସ୍ୟରସ ପରିବେଷଣ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରକ ଭାବେ ସ୍ତମ୍ଭକାର ପ୍ରଦୋଷ କୁମାର ଦାସ, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଟ୍ୱିଟି ବାର୍ଡ ଇଂଲିଶ ମିଡିୟମ ସ୍କୁଲର ଅଧ୍ୟକ୍ଷ ସୁରେଶ କୁମାର ଦାଶ, କ୍ରୀଡ଼ା ଶିକ୍ଷକ ଧ୍ରୁବ ଚରଣ ଘଡ଼ାଇ ଓ କ୍ରୀଡ଼ା ଶିକ୍ଷୟିତ୍ରୀ ତୁଳସୀ ଜେନା ପ୍ରତିଯୋଗିତା ପରିଚାଳନା କରି କୃତୀ ପ୍ରତିଯୋଗୀ ଚୟନ କରିଥିଲେ। କାର୍ଯ୍ୟକ୍ରମ ସମ୍ପାଦନରେ ସାମାଜିକକର୍ମୀ ଶରତ ସ୍ୱାଇଁ, ପ୍ରତାପ ଖୁଣ୍ଟିଆ, ସନ୍ତୋଷ ସ୍ୱାଇଁ, ଉମାକାନ୍ତ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବାଦଲ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଜାତୀୟତାବୋଧର ଜ୍ୱଳନ୍ତ ଦୃଷ୍ଟାନ୍ତ ଥିଲେ ପଣ୍ଡିତ ଗୋଦାବରୀଶ

ବାଲୁଗାଁ, ୨୬।୧୦ (ସଂଗ୍ରାମ ପାଇକରାୟ)



ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଚିଲିକା ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ ରବିବାର ବାଲୁଗାଁ ମହାବିଦ୍ୟାଳୟ ସଭାଗୃହରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଏବଂ ପଣ୍ଡିତ ଗୋଦାବରୀଶଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ପରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ–ସଚିବ ସଞ୍ଜୟ କୁମାର ଛୁଆଳସିଂ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସାହିତ୍ୟ ଏକାଡେମୀର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଅତିଥି ଭାବେ ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ମୁଖ୍ୟ ବକ୍ତା ବିଶିଷ୍ଟ ସାହିତ୍ୟିକା ବାସନ୍ତୀ ମହାନ୍ତି, ସମ୍ମାନିତ ଅତିଥିଭାବେ ଗୋଦାବରୀଶ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ପାର୍ଥସାରଥି ସାମନ୍ତରାୟ, ବିଶିଷ୍ଟ ଗାଳ୍ପିକ ସନାତନ ଆଚାର୍ଯ୍ୟ ଏବଂ ସମ୍ମାନିତ ବକ୍ତାଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଶର୍ମିଷ୍ଠା ମହାପାତ୍ର ଯୋଗଦେଇ ଗୋଦାବରୀଶ ମିଶ୍ରଙ୍କ ସାମଗ୍ରିକ ସର୍ଜନ ଶୀଳତା, ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା, ଜାତୀୟତାବୋଧ, ଭାଷାପ୍ରୀତି, ଓଡ଼ିଆ ଅସ୍ମିତା, ରାଜନୀତି, ଜନସେବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପଣ୍ଡିତ ଗୋଦାବରୀଶ ଜାତୀୟତାବୋଧର ଜ୍ୱଳନ୍ତ ଦୃଷ୍ଟାନ୍ତ ଥିଲେ ବୋଲି ମତପ୍ରକାଶ ପାଇଥିଲା। ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ପାଠୋତ୍ସବ ଓ ଆଲୋଚନାଚକ୍ରରେ ନୃସିଂହ ପ୍ରସାଦ ପ୍ରଧାନ, ସ୍ୱାଧୀନ କୁମାର ପଣ୍ଡା, ଭବାନୀ ପ୍ରସାଦ ହୋତା, ଭିକାରୀ ଚରଣ ପ୍ରଧାନ, ଶିଶିର ଦାସ, ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ, ଦିଗମ୍ବର ବିଶ୍ୱାଳ, ସୁଶାନ୍ତ ପଣ୍ଡା, ସୁଶାନ୍ତ ଦାଶ, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, କୀର୍ତ୍ତିମୟୀ ବାରିକ, ଅଧ୍ୟାପକ ବିମଳ ପଣ୍ଡା, ସଂଗ୍ରାମ କେଶରୀ ସାହୁ, ରଶ୍ମି ରଞ୍ଜିତା ମିଶ୍ର, ପ୍ରହ୍ଲାଦ ବେହେରା, ସ୍ମୃତି ପଟ୍ଟନାୟକ, ଅଶୋକ ପାଇକରାୟ, ଶେଷଦେବ ମହାରଣା, ରାକେଶ ସାହୁ, ଅନନ୍ତ ଚରଣ ବାରିକ, ଦେବିସ୍ମିତା ସାହୁ, ଶଶିଭୂଷଣ ବରାଳ, ହରିହର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

### ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ସଂକ୍ଷେପରେ**

## ପାନ ଦୋକାନରୁ ଚୋରି, ୨ ଗିରଫ

ନିମାପଡ଼ା,୨୬।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଅଲଣ୍ଡି ଗ୍ରାମ ଛକଠାରେ ଥିବା ଏକ ପାନ ଦୋକାନରୁ ସିଗାରେଟ, ପାନମସଲା, ଗୁଟ୍‌ଖା, ନଗଦ ୧୫ଶହ ଟଙ୍କା ଚୋରି ହୋଇଛି। ଏନେଇ ଦୋକାନ ମାଲିକ ଅଲଣ୍ଡି ଗ୍ରାମର ସନ୍ତୋଷ କୁମାର ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗପରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଅଲଣ୍ଡି ଗ୍ରାମର ଲକ୍ଷ୍ମଣ ସ୍ୱାଇଁ ଓ ନିମାପଡ଼ା ଥାନା ଅନ୍ତର୍ଗତ ସାନ ନୂଆରକିରି ଗ୍ରାମର କାଳିଆ ଓରଫ ସନ୍ତୋଷ ଦାସ। ପୋଲିସ ଏ ସମ୍ପର୍କରେ କେସ୍ ନଂ ୩୨୯/୨୫ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଦୋକାନ ମାଲିକ ସନ୍ତୋଷ ମଲ୍ଲିକ ଆଜି ସକାଳେ ଦୋକାନ ଖୋଲିବାକୁ ଗଲାବେଳେ ଦୋକାନରୁ ୨ ଚୋର ବାହାରୁଥିବା ଦେଖି ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ସେମାନେ ଛୁରୀ ଦେଖାଇ ସେଠାରୁ ଖସି ପଳାଇଥିଲେ। ପରେ ପୋଲିସ ୨ ଚୋରଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ଟଙ୍କାକୁ ଜବତ କରିଛି।

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଶିଶୁ ମଙ୍ଗଳ ସମିତି

ପୁରୀ,୨୬।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ଶିଶୁମଙ୍ଗଳ ସମିତି ସହିତ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସାକ୍ଷାତ କରିଛନ୍ତି। ଶନିବାର ରାଜଭବନରୁ ଡାକରା ପାଇବା ପରେ ପୁରୀ ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଅଜିତ୍ କୁମାର ମହାପାତ୍ର, ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ରୁଦ୍ରିସୁନ୍ଦର ମିଶ୍ର, ଦେବଯାନୀ ହିମାଂଶୁ ଓ ଲକ୍ଷ୍ମୀପ୍ରିୟା ପାତ୍ର ରାଜଭବନରେ ପହଞ୍ଚି ରାଜ୍ୟପାଳଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଶିଶୁମାନେ ଆମର ଭବିଷ୍ୟତ ଓ ଦେଶର ଆଗାମୀ କାଲିର ସମ୍ବଳ। ସେମାନଙ୍କ ସୁରକ୍ଷା, ସର୍ବାଙ୍ଗୀନ ବିକାଶ ଓ ପ୍ରତିଭାର ଉନ୍ମେଷ କ୍ଷେତ୍ରରେ ଶିଶୁ ମଙ୍ଗଳ ସମିତି ସହାୟକ ହେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ପୁରୀ ଶିଶୁମଙ୍ଗଳ ସମିତି ସର୍ବଭାରତୀୟସ୍ତରରେ ଦୁଇ ଦୁଇ ଥର ପୁରସ୍କୃତ ହୋଇଥିବାରୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ।

## ପଞ୍ଚକ ପାଇଁ ବ୍ୟାରିକେଡ ନିର୍ମାଣ ଆରମ୍ଭ

ପୁରୀ,୨୬।୧୦(ଅଜିତ୍ କୁମାର ମହାନ୍ତି)

ମହାକାର୍ତ୍ତିକ ମାସ ଉପଲକ୍ଷେ ହବିଷିଆଳିମାନେ ପୁରୀରେ ରହି କାର୍ତ୍ତିକ ବ୍ରତ କରୁଛନ୍ତି। ସେହିପରି ଆଗକୁ ଅଳାଁନବମୀ ଏବଂ ପଞ୍ଚକ ଥିବା ହେତୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେବ। ତେଣୁ ଭକ୍ତଙ୍କ ସୁଗମ ତଥା ସୁଲଭ ଦର୍ଶନ ନେଇ ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଗକୁ ପଞ୍ଚକ ଥିବାରୁ ପୁରୀରେ ଭକ୍ତଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଯେପରି ପଞ୍ଚକ ସମୟରେ ଭକ୍ତମାନେ ଦର୍ଶନ କରିବାରେ କୌଣସି ସମସ୍ୟା ସୃଷ୍ଟି ନ ହୁଏ ଏବଂ ଯାତାୟାତରେ ସମସ୍ୟା ନହେବ ସେ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଭକ୍ତଙ୍କ ପ୍ରବେଶକୁ ଶୃଙ୍ଖଳିତ କରିବା ନିମନ୍ତେ ଶ୍ରମନ୍ଦିର କାର୍ଯ୍ୟାଳୟ ଠାରୁ ବାଉଁଶରେ ସ୍ୱତନ୍ତ୍ର ବ୍ୟାରିକେଡ କରାଯାଉଛି। ଫଳରେ ଭକ୍ତମାନେ ଧାଡ଼ିରେ ଯାଇ ଦର୍ଶନ କରିପାରିବେ।

# ରାମଚଣ୍ଡୀରେ ବେଆଇନ ପାର୍କିଂ ଆଦାୟ ନେଇ ଗଣ୍ଡଗୋଳ

**୧୯ ପର୍ଯ୍ୟଟକଙ୍କୁ ଗୋଡ଼େଇ ଆକ୍ରମଣ, ୨ ଗୁରୁତର**

କୋଣାର୍କ,୨୬।୧୦(ଜ୍ୟୋତିରାଜ ମହାନ୍ତି)

ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ବଣଭୋଜି ସ୍ଥଳ ଭାବେ ପରିଚିତ କୋଣାର୍କ-ପୁରୀ ବେଳାମାର୍ଗରେ ଥିବା ମା' ରାମଚଣ୍ଡୀଙ୍କ ପୀଠରେ ଜବରଦସ୍ତ ବେଆଇନ ପାର୍କିଂ ଫି' ଓ ପିକ୍‌ନିକ ଫି ଆଦାୟକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ୨ ଜଣ ଗୁରୁତର ଓ ୫ ଆହତ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ବାଲିକୁଦା ଓ ଡିଅସାହି ଅଞ୍ଚଳରୁ ଆସିଥିବା ୧୯ ଜଣ ପର୍ଯ୍ୟଟକ କୋଣାର୍କ ବୁଲାବୁଲି ସାରି ମଧ୍ୟାହ୍ନରେ ମା' ରାମଚଣ୍ଡୀ ପୀଠରେ ବଣଭୋଜି କରିଥିଲେ। ରୋଷେଇ କରୁଥିବା ବେଳେ ଚାନ୍ଦା ଆଦାୟ କରୁଥିବା ଯୁବକମାନେ ୭୦୦ ଟଙ୍କା ମାଗିଥିଲେ, ଯାହାକୁ ଅଗ୍ରାହ୍ୟ କରିଥିଲେ ରୋଷେଇ କରୁଥିବା ଯୁବକମାନେ। ମୁଣ୍ଡ ପିଛା ୧୦ ଟଙ୍କା ଦେବା ସହ ପାର୍କିଂ ବାବଦ ମିଶାଇ ୪୦୦ ଟଙ୍କା ଦେବାକୁ ରାଜି ଥିଲେ। କିନ୍ତୁ ୩ ଜଣ ଆଦାୟକାରୀ ୭୦୦ ଟଙ୍କା ଜବରଦସ୍ତ ମାଗିଥିଲେ। ନ ଦେବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଆଦାୟକାରୀ ଯୁବକମାନେ ସ୍ଥାନୀୟ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ଡାକି ପାଇପ୍ ଓ କାଠରେ ଗୋଡ଼େଇ ଗୋଡ଼େଇ ପିଟିଥିଲେ। ଜଗତ୍‌ସିଂହପୁରରୁ ଆସିଥିବା ଯୁବକମାନେ ଦୌଡ଼ି ପଳାଇଥିଲେ ମଧ୍ୟ ଛାଡ଼ି ନଥିଲେ। ତାଙ୍କର ରୋଷେଇ ଖାଦ୍ୟ ମଧ୍ୟ ନଷ୍ଟ ହୋଇଥିଲା। ଆକ୍ରମଣରେ ୨ ଜଣ ଗୁରୁତର ଓ ୫ ଆହତ ହୋଇଥିଲେ। ସ୍ଥାନୀୟ ପୋଲିସ ଓ ଟୁରିଷ୍ଟ ପୋଲିସ ପହଞ୍ଚି ମେଡିକାଲରେ ଚିକିତ୍ସା କରି ରେଫର୍ କରିଛନ୍ତି। ଏନେଇ ଚନ୍ଦ୍ରଭାଗା ମେରାଇନ ଥାନାରେ ଉଭୟଙ୍କ ପକ୍ଷରୁ ପୃଥକ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ଉପରୋକ୍ତ ଘଟଣା ଯୋଗୁ ସ୍ଥାନୀୟ ଅଞ୍ଚଳରେ ନିନ୍ଦା ପ୍ରକାଶ ପାଇଛି। ପର୍ଯ୍ୟଟକଙ୍କୁ ସୁରକ୍ଷା ପାଇଁ ସରକାର ଓ ପ୍ରଶାସନ ଦୃଢ଼ ପଦକ୍ଷେପ ନେଉଥିବା ବେଳେ ରାମଚଣ୍ଡୀ ପୀଠରେ ବେଆଇନ ପାର୍କିଂ ଓ ପିକ୍‌ନିକ୍ ଫି ଆଦାୟ ନେଇ ବାରମ୍ବାର ପର୍ଯ୍ୟଟକଙ୍କୁ ଆକ୍ରମଣ ହେଉଛି। ସ୍ୱତନ୍ତ୍ର ପୋଲିସ ମୁତୟନ କରି ପର୍ଯ୍ୟଟକଙ୍କୁ ସୁରକ୍ଷା ପ୍ରଦାନ ପାଇଁ ସାଧାରଣରେ ଦାବି ହେଉଛି।



ଶିଶୁ ପ୍ରତିଭା ଉତ୍ସବରେ ଅଂଶଗ୍ରହଣ କରିଥିବା ଶିଶୁ କଳାକାରମାନେ।

## ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ଥାନାରେ ମାମଲା ରୁଜୁ

### ମହିଳାଙ୍କୁ ଶ୍ୱଶୁର ଘରେ ନିର୍ଯାତନା ଅଭିଯୋଗ

ଗୋପ,୨୬।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ଗୋପ ଥାନାରେ ଜଣେ ବିଧବା ମହିଳାଙ୍କ ଅଭିଯୋଗକୁ ନେଇ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ବାରମ୍ବାର ଥାନାକୁ ଦୌଡ଼ି ନିରାଶ ହେବା ପରେ ଗୋପ ଥାନା ଅନ୍ତର୍ଗତ ବେଣୀପୁର ଗ୍ରାମର କାମିନୀ ରାଉତ ନାମକ ଜଣେ ମହିଳା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରକାଶ ଯେ, ଗୋପ ଥାନା ଅଧୀନ ବେଣୀପୁର ଗ୍ରାମର କାମିନୀ ରାଉତ ଉକ୍ତ ଗ୍ରାମର ସୁମନ୍ତ ରାଉତଙ୍କୁ ୨୦୧୭ ମସିହାରେ ପ୍ରେମ ବିବାହ କରିଥିଲେ। ସେ କିଛିଦିନ ଭଲରେ ଚଳାଚଳ କରିବାପରେ ତାଙ୍କର ଏକ ପୁଅ ଜନ୍ମ ହୋଇଥିଲା। ମାତ୍ର ୨୦୧୯ ମସିହାରେ କାମିନୀଙ୍କ ସ୍ୱାମୀ ସୁମନ୍ତ କର୍କଟ ରୋଗରେ ପ୍ରାଣ ହରାଇବା ପରେ ତାଙ୍କ ଶ୍ୱଶୁର ଲକ୍ଷ୍ମୀଧର ରାଉତ, ଶାଶୁ ଶୁଶୀଳା ରାଉତ, ଦିଅର ଦୁଷ୍ମନ୍ତ ରାଉତ, ଯା ଲିଜା ରାଉତ ସବୁ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିବା ବେଳେ କାମିନୀଙ୍କ ଚରିତ୍ରକୁ ଆକ୍ଷେପ କରି ନିର୍ଯାତନା ଦେବାସହ ତାଙ୍କର ଏକ ମାତ୍ର ରୋଗୀଣା ପୁତ୍ରକୁ ଆୟସ ରାଉତ (୭) ଙ୍କୁ ଖାଇବାକୁ ନ ଦେବା ସହିତ ଔଷଧ ଦେଉ ନ ଥିଲେ। ଦିନକୁ ଦିନ ଅତ୍ୟାଚାର ବୃଦ୍ଧି ପାଇବା ପରେ କାମିନୀ ଗତ ୭ ତାରିଖରେ ଗୋପ ଥାନାର ଦ୍ୱାରସ୍ଥ ହୋଇଥିଲେ, ମାତ୍ର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାପରେ କାମିନୀ ପୁରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏସ୍‌ଡି ନଂ. ୧୧ରେ ଗୋପ ପୋଲିସ ୩୬୧/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ପୋଲିସ ଏହି ମାମଲାରେ କାହାରିକୁ ଗିରଫ କରି ନ ଥିବା ଜଣାପଡ଼ିଛି।

# ନୟାହାଟରେ ନାହିଁ ବିଶ୍ରାମାଗାର, ଶୌଚାଳୟ ଓ ବସ୍‌ଷ୍ଟାଣ୍ଡ

ଯୋଗେଶ୍ୱରପୁର,୨୬।୧୦
(ରଶ୍ମିରଞ୍ଜନ ସାହୁ)

ନୟାହାଟ ଅଞ୍ଚଳ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିଲେ ମଧ୍ୟ ଏଠାରେ ବିଶ୍ରାମାଗାର, ଶୌଚାଳୟ ଓ ବସ୍‌ଷ୍ଟାଣ୍ଡ ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୟାହାଟ ଅଞ୍ଚଳବାସୀ ଏନେଇ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ ମଧ୍ୟ ଅଦ୍ୟାବଧି ତାହା ସମାଧାନ ହୋଇନାହିଁ। କେବେ ହେବ ତାହା ମଧ୍ୟ କହିହେବ ନାହିଁ। ନୟାହାଟ ଉପରେ ଗୋପ, ନିମାପଡ଼ା, କାକଟପୁର, ଅସ୍ତରଙ୍ଗ, ନିଆଳି ନାଉଗାଁ ବ୍ଲକର ଅନେକ ପଞ୍ଚାୟତର ହଜାର ହଜାର ଚାଷୀ ଓ ବ୍ୟବସାୟୀ ଏବଂ ସାଧାରଣଜନତା କିଣାବିକା କରିବା ପାଇଁ ନିର୍ଭର କରିଥାନ୍ତି। ସକାଳୁ ରାତି ପର୍ଯ୍ୟନ୍ତ ହାଟ ଲାଗେ। ଶୌଚାଳୟ ନ ଥିବାରୁ ବ୍ୟବସାୟୀ ଓ ଚାଷୀମାନେ ପରିସ୍ରା କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍ ଷ୍ଟାଣ୍ଡ ନ ଥିବାରୁ ବସ୍‌ରେ ଯିବା ପାଇଁ କଲେଜ ପିଲା ଓ ଯାତ୍ରୀମାନେ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥାନ୍ତି। ଖରା ଓ ବର୍ଷାରେ ଯାତ୍ରୀମାନେ ଦୋକାନ ବାରଣ୍ଡାରେ ବସୁଥିବା ଦେଖିବାକୁ ମିଳୁଛି। ନୟାହାଟରେ ଫାଣ୍ଡି ଥିଲେ ମଧ୍ୟ ଆବଶ୍ୟକ ପୋଲିସ କର୍ମଚାରୀ ନାହାନ୍ତି। ଏଠାରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଗୋପ ଥାନାରୁ ଭ୍ୟାନ୍ ଆସିବାକୁ ଘଣ୍ଟେ ସମୟ ଲାଗେ ସେତେବେଳକୁ କାମ ସରିଥାଏ। ଫାଣ୍ଡିରେ ଗାଡ଼ି ନାହିଁ କି କର୍ମଚାରୀ ନାହାନ୍ତି। ଥାନା ପାଇଁ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ ବିଟି, କୃଷ୍ଣ ବାରିକ, ଅନନ୍ତ ସାହୁ, କେଦାର ସାହୁ, କ୍ଷେତ୍ର ମୋହନ ସାହୁ, ମଧୁସୂଦନ ରାୟ ପ୍ରମୁଖ ଦୀର୍ଘ ବର୍ଷ ଧରି ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ବା ସରକାରୀ କଳ ଏଦିଗରେ ଦୃଷ୍ଟି ଦେଉନାହାନ୍ତି ବୋଲି ବରିଷ୍ଠ ନାଗରିକମାନେ ଅଭିଯୋଗ କରିଛନ୍ତି।

# ଶଗଡ଼ ଶୋଭାଯାତ୍ରା 'ଏକ ଅନନ୍ୟ ପରମ୍ପରା'



ସାକ୍ଷୀଗୋପାଳ,୨୬।୧୦(ଭରତ ରାଉତ)

ଆଧୁନିକ ଯୁଗରେ ଲୋକେ ଯନ୍ତ୍ରଚାଳିତ ଯାନବାହନ ଉପରେ ନିର୍ଭରଶୀଳ ହୋଇଗଲେଣି। ପରିବେଶ ପ୍ରଦୂଷଣ ରୋକିବାକୁ ଇ-ବାଇକ ମଧ୍ୟ ପ୍ରଚଳନ ହେଲାଣି। ବିଗତ ଦିନରେ ପରିବହନର ମାଧ୍ୟମ ପାରମ୍ପରିକ ଶଗଡ଼ ଗାଡ଼ି ପ୍ରାୟ ୨ରୁ ୩ ଦଶନ୍ଧି ଧରି ଆଉ ଦେଖିବାକୁ ମିଳୁନି। ଏବେ ଗ୍ରାମାଞ୍ଚଳରେ କାଁ ଭାଁ କେଉଁଠି ଶଗଡ଼ ଗାଡ଼ିଟିଏ ଦେଖିବାକୁ ମିଳୁଛି। ପୁରୀ ଜିଲାର ପିଳିପିଳା, କରଡ଼ି, ଜଗନ୍ନାଥ ବିଦ୍ୟାଧରପୁର, ମଠସାହି ଭଳି ଗାଁର ଲୋକେ ଆଜି ମଧ୍ୟ ସେହି ପାରମ୍ପରିକ ଶଗଡ଼ ରଖିଛନ୍ତି। ପ୍ରତିବର୍ଷ ଭଳି ବିଭିନ୍ନ ଗାଁର ୩୦ରୁ ଅଧିକ ସୁସଜ୍ଜିତ ଶଗଡ଼ ୩୧୬ନଂ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ପଛନାୟିକିଆ-ସୁଆଣ୍ଡୋ ରାସ୍ତାରେ ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା। ଶଗଡ଼ ସଜ୍ଜିତ କରିବା ସହିତ ବଳଦକୁ ମଧ୍ୟ ସଜାଇଥିଲେ।

ଶଗଡ଼ରେ ସମସ୍ତ ଜିନିଷ ଲଦି ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳପୁର ଗ୍ରାମର ପ୍ରସିଦ୍ଧ ଶୈବପୀଠ ହରି ସହଦେବ ପୀଠକୁ ଶଗଡ଼ିଆମାନେ ଯାତ୍ରା କରିଥିଲେ। ବିଶ୍ୱାସ ରହିଛି, ଗୋମାତାଙ୍କ ରକ୍ଷକ ହେଉଛନ୍ତି ହରିସହଦେବ। ତେଣୁ ଗୋମାତାଙ୍କ ସୁରକ୍ଷା ନିମନ୍ତେ ସାଙ୍ଗରେ ଆଣିଥିବା ଦେଶୀ ଗାଈ କ୍ଷୀର, ପାଚିଲା କଦଳୀ, ଗୋଲ ମରିଚ, ନବାତ ସହିତ ବଟା ଭାଙ୍ଗ ମିଶାଇ ଦୁଧ କୁଶୁମା ଭୋଗଲାଗି କରିଥିଲେ। ସେଠାରେ ଗୋଟିଏ ଦିନ ରହଣି ପରେ ପରଦିନ ସକାଳୁ ପୁଣିଥରେ ଗାଁକୁ ଫେରି ଯାଇଛନ୍ତି। ଏକ ପଟୁଆରରେ ଯାଉଥିବା ଶଗଡ଼ ରାଜପଥରେ ଯିଏ ଦେଖିଲେ ଘଡ଼ିଏ ଅଟକି ରହୁଥିଲେ। ଜାତୀୟ ରାଜପଥରେ ଏହି ଶଗଡ଼ ଗାଡ଼ିର ଶୋଭାଯାତ୍ରା ଦେଖିବା ପାଇଁ ପଥଚାରୀମାନେ ନିଜ ନିଜର ଗାଡ଼ି ଅଟକାଇ ଫଟୋଚିତ୍ର ଉଠାଇଥିଲେ। ଠାକୁରଙ୍କ ପୀଠରେ ଏହି ଶୋଭାଯାତ୍ରା ଦେଖିବା ପାଇଁ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା।

## ଅଣ-ସାକ୍ଷରଙ୍କ ନିମନ୍ତେ ଉଲ୍ଲାସ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ, ୨୬।୧୦(ଭରତ ରାଉତ/ କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବଦ୍ୟାଳୟରେ ଉଲ୍ଲାସ କାର୍ଯ୍ୟକ୍ରମର ପ୍ରାଥମିକ ପର୍ଯ୍ୟାୟ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ରାହ୍ମଣପଡ଼ା, ଲାଣ୍ଡୁପଡ଼ା, ବାମଦେଇପୁର ଗ୍ରାମର ୩୯ ଜଣ ଅଣସାକ୍ଷର ମହିଳା ଓ ପୁରୁଷ ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକ ରବି ନାରାୟଣ ମହାନ୍ତି ଏବଂ ସହକାରୀ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଆର୍‌ସିସି ପ୍ରଭାସ ଚନ୍ଦ୍ର କରଣ ଏବଂ ସିଆର୍‌ସିସି ଅଜୟ କୁମାର ପ୍ରଧାନ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ।

# ଦେବଦାସ ଛୋଟରାୟଙ୍କୁ ୪୬ତମ 'ଶାରଳା ପୁରସ୍କାର'

**ଗୁରୁ ରାମହରି ଓ ବଳଦେବଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'**



କଥାକାର ଦେବଦାସ ଛୋଟରାୟଙ୍କୁ 'ଶାରଳା ପୁରସ୍କାର' ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୨୬।୧୦ (ସୌମ୍ୟରଞ୍ଜନ ରାଉତ)

ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବୁଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ମର୍ଯ୍ୟାଦାଜନକ ୪୬ତମ 'ଶାରଳା ପୁରସ୍କାର' ଚଳିତବର୍ଷ କବି ଓ କଥାକାର ଦେବଦାସ ଛୋଟରାୟଙ୍କୁ ପ୍ରଦାନ କରାଯାଇଛି। ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୀ କବି ଓ ଲେଖିକା ପ୍ରଫେସର ସବିତା ସିଂହ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଗଳ୍ପ ସଂକଳନ 'ମ୍ୟାଟିନି ଶୋ' ଲାଗି ଦେବଦାସଙ୍କୁ ଏହି ପୁରସ୍କାର ମିଳିଛି। ପୁରସ୍କାର ବାବଦରେ ଲେଖକଙ୍କୁ ତାମ୍ର ଫଳକ, ଉପାୟନ ସହିତ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଏଥିସହିତ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସ ଏବଂ ପ୍ରସିଦ୍ଧ ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କୁ ୨.୫ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ଓ ତାମ୍ରଫଳକ ସହ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯାଇଛି।

ଉତ୍ସବରେ ଅଧ୍ୟକ୍ଷତା କରି ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡା କହିଲେ, ଶାରଳା ପୁରସ୍କାର ବିଜେତା କବି ଦେବଦାସ ତାଙ୍କର ନିଆରା ଉପସ୍ଥାପନା ଶୈଳୀ ପାଇଁ ସେ ସବୁବେଳେ ପାଠକ ଓ ଶ୍ରୋତାଙ୍କ ଆଦର ଲାଭ କରିଆସିଛନ୍ତି। ପୁରସ୍କୃତ ଗଳ୍ପ ସଂକଳନ 'ମ୍ୟାଟିନି ଶୋ'ରେ ସେ ଜୀବନର ଅନେକ ସାଧାରଣ ତତ୍ତ୍ୱକୁ ଅସାଧାରଣ ଉଚ୍ଚତାକୁ ନେଇପାରିଛନ୍ତି, ଯାହା କେବଳ ସୁଖପାଠ୍ୟ ନୁହେଁ, ଶିକ୍ଷଣୀୟ ଓ ଅନୁକରଣୀୟ ମଧ୍ୟ। ଶାରଳା ପୁରସ୍କାରପ୍ରାପ୍ତ କବି ଦେବଦାସ କହିଲେ, ପୁରସ୍କାର ପାଇଁ ମୁଁ ଶାରଳା ପୁରସ୍କାରର ଉଦ୍ୟୋକ୍ତାଙ୍କ ପାଖରେ ଚିର କୃତଜ୍ଞ।

# ଭବିଷ୍ୟତ ପିଢ଼ି ପାଇଁ 'ପ୍ରାକୃତିକ ସମ୍ପଦ ଆୟୋଗ' ଗଠନ କରାଯାଉ




ପ୍ରଗତିଶୀଳ ପାଠଚକ୍ରର ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ସଦସ୍ୟମାନେ।

**ପ୍ରଗତିଶୀଳ ପାଠଚକ୍ର**

ପୁରୀ,୨୬।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ସହରର ଅନ୍ୟତମ ବୌଦ୍ଧିକ ଅନୁଷ୍ଠାନ ପ୍ରଗତିଶୀଳ ପାଠଚକ୍ରର ଏକଶତବାର ଅଧିବେଶନ ସ୍ଥାନୀୟ ଓଡ଼ିଶା ସଙ୍ଗୀତ ପରିଷଦ ଠାରେ ଦେବୀ ପ୍ରସନ୍ନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚ୍ୟ ବିଷୟ ସମସ୍ତଙ୍କ ପାଇଁ ନିଯୁକ୍ତି, ସମସ୍ୟା ଓ ସମ୍ଭାବନା ଶୀର୍ଷକ ବିଷୟବସ୍ତୁରେ ମୁଖ୍ୟ ଆଲୋଚକ ଭାବେ ସୁରେନ୍ଦ୍ର ତପସୁ ନିଜ ବକ୍ତବ୍ୟରେ କହିଥିଲେ, ଦେଶ ଜନସଂଖ୍ୟାର ୪୦ ପ୍ରତିଶତ ଯୁବବର୍ଗ ହୋଇଥିବା ବେଳେ ଏହା ରାଷ୍ଟ୍ର ଗଠନରେ ଗୁରୁଦାୟିତ୍ୱ ତୁଲାଇବା ପରିବର୍ତ୍ତେ ଏକ ବୋଝ ହୋଇଛି, ଏହାର କାରଣ ଯୁବସମାଜ ପାଇଁ ନୂଆ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ। ସରକାର ଅତୀ ଧନୀ ଲୋକଙ୍କ ନିକଟରେ ଗଚ୍ଛିତ ସମ୍ପଦ ଉପରେ ସମ୍ପତ୍ତି କର ବସାଇ ପ୍ରତ୍ୟେକ ବେରୋଜଗରୀଙ୍କ ପାଇଁ ଏକ ମାସିକ ମୌଳିକ ଆୟ ପ୍ରଚଳନ କରିବା ଆବଶ୍ୟକ। ଏତଦ୍‌ବ୍ୟତୀତ ଜମି, ଜଳ, ଜଙ୍ଗଲ ଭଳି ପ୍ରାକୃତିକ ସମ୍ପଦଗୁଡ଼ିକୁ କର୍ପୋରେଟ ହାତକୁ ଟେକି ନ ଦେଇ ଭବିଷ୍ୟତ ପିଢ଼ି ପାଇଁ ସୁରକ୍ଷା ନିମନ୍ତେ ଜନ ସହଭାଗିତା ଭିତ୍ତିରେ ଏକ 'ପ୍ରାକୃତିକ ସମ୍ପଦ ଆୟୋଗ' ଗଠନ ପାଇଁ ପଦକ୍ଷେପ ନେବା ଦରକାର। ଉକ୍ତ ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀକାନ୍ତ ମହାନ୍ତି, ଶୁଭଶ୍ରୀ ଦାସ, ଦେବଦତ୍ତ ବିଶ୍ୱରଞ୍ଜନ, ଅଧାପକ ନିରଞ୍ଜନ ମହାରଣା, ଶଙ୍କର ସାହୁ, ଜିତେନ୍ଦ୍ର ସାହୁ, ଇଶ୍ୱର ସାହୁ, ସୀତାକାନ୍ତ ମହାନ୍ତି, ଲୋକନାଥ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଅମୂଲ୍ୟ ପ୍ରସାଦ ବରାଳ ଧନ୍ୟବାଦ ଦେଇଥିଲେ।

# ଆଜି ଶ୍ରୀମନ୍ଦିରରେ ବଡ଼ଠାକୁରଙ୍କ ହରିହର ବେଶ

ପୁରୀ,୨୬।୧୦(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ମାସ ଶୁକ୍ଲପକ୍ଷ ପଞ୍ଚମୀ ସୋମବାର ଅବସରରେ ଶ୍ରୀମନ୍ଦିରରେ ବଡ଼ଠାକୁର ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ଅବକାଶ ନୀତି ସମ୍ପନ୍ନ ହେବା ପରେ ବଡ଼ଠାକୁରଙ୍କ ହରିହର ବେଶ ଆରମ୍ଭ ହେବ। ସେବକମାନେ ବଡ଼ଠାକୁରଙ୍କୁ ଏହି ହରିହର ବେଶରେ ସଜ୍ଜିତ କରିବେ। ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶରେ ଦର୍ଶନ ଦେଉଥିବାବେଳେ ବଡ଼ ଠାକୁର ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ବଡ଼ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଇଥିବା ବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରକଟିତ ହୋଇଥାଏ। ଶାସ୍ତ୍ରରେ ମଧ୍ୟ ହରି ଓ ହର ଅଭିନ୍ନ ବୋଲି ପ୍ରମାଣ ରହିଛି। ଏହା ହିଁ ହରିହର ବେଶରେ ହର ଏବଂ ହରି ଅଭିନ୍ନ ବୋଲି ଦର୍ଶାଇଥାଏ। ଏହି ବେଶରେ ବଡ଼ଠାକୁର ଅଧେକ କଳା ଓ ଅଧେକ ଧଳା ବସ୍ତ୍ରରେ ଭୂଷିତ ହୋଇଥାନ୍ତି। ଏହି ବେଶରେ ବଡ଼ଠାକୁର ୩୨ ପ୍ରକାରରୁ ଊର୍ଦ୍ଧ୍ୱ ସୁବର୍ଣ୍ଣ ଅଳଙ୍କାର ପରିଧାନ କରିବେ। ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ବା ଦୀପାବଳି ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ଯେଉଁ ସୋମବାର ପଡ଼େ, ସେହିଦିନ ବଡ଼ଠାକୁରଙ୍କ ବାଡ଼ରେ ହରିହର ବେଶ ଅନୁଷ୍ଠିତ ହୋଇଥାଏ।

**ଫଟୋରେ ଖବର**



ରେଲ୍‌ୱେ ଷ୍ଟେଶନ ଟାକ୍ସି ଆସୋସିଏଶନର କାଳୀ ମୂର୍ତ୍ତିକୁ ଶୋଭାଯାତ୍ରରେ ବିସର୍ଜନ ପାଇଁ ନିଆଯାଉଛି।



ସୁଲେଖାର ବାର୍ଷିକୋସରେ ସମ୍ବର୍ଦ୍ଧିତ ବିଶିଷ୍ଟ ବ୍ୟକ୍ତିମାନେ।

## ବୃଦ୍ଧାଙ୍କ ମୃତଦେହ ଜବତ

ଫୁଲନଖରା,(ସତ୍ୟ ରଞ୍ଜନ ଦାସମହାପାତ୍ର): କଟକ ସଦର ଥାନା ଅନ୍ତର୍ଗତ କାକଟପୁର ଶାଖା କେନାଲ ମୂଳକୋଡ଼ିଣ୍ଡାରୁ ଜଣେ ବୃଦ୍ଧାଙ୍କ ମୃତଦେହ ସ୍ଥାନୀୟ ଥାନା ପୋଲିସ ଜବତ କରିଛି। ସେ ହେଲେ ନିକଟସ୍ଥ ଉଖୁମା ଗ୍ରାମର ବୁଲି ଭୋଇ (୭୫)। ମିଳିଥିବା ସୂଚନା ଅନୁଯାୟୀ ବୁଲିଙ୍କ ମସ୍ତିଷ୍କ ଭଲ ନ ଥିବାରୁ ସେ କିଛି ଦିନ ହେବ ବେଳେ ବେଳେ କେଉଁ ସ୍ଥାନକୁ ବୁଲି ପଳାଇଯାନ୍ତି ବୋଲି ପରିବାର ଲୋକ ପ୍ରକାଶ କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ କଟକ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବୃଦ୍ଧାଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ଗୋଟିଏ ରାତିରେ ପଞ୍ଚାୟତ ଅଫିସ, ବିଦ୍ୟାଳୟରୁ ଚୋରି

ମଙ୍ଗୁଳି-ଜଗତପୁର,୨୬।୧୦(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ସଫା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ ଉତ୍କଳମଣି ବିଦ୍ୟାପୀଠରୁ ଶନିବାର ରାତିରେ ଦୁର୍ବୃତ୍ତ ଚୋରି କରିଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ କବାଟ ତାଲା ଭାଙ୍ଗି ଦୁଇଟି ଏଲଇଡି, ଗୋଟିଏ ଲ୍ୟାପ୍‌ଟପ୍ ସହିତ ସିସିଟିଭିର ହାର୍ଡ ଡିସ୍କ ଚୋରିକରି ନେଇଯାଇଛନ୍ତି। ସେହିପରି ଉତ୍କଳମଣି ବିଦ୍ୟାପୀଠ ତାଲା ଭାଙ୍ଗି ଆଲମିରାରୁ ମଧ୍ୟାହ୍ନଭୋଜନ ପାଇଁ ରହିଥିବା ୧୦ ହଜାର ଟଙ୍କା ଓ ସିସିଟିଭି ହାର୍ଡଡିସ୍କ ଚୋରିକରି ନେଇଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ନିବାସ ପାଣ୍ଡବ ଓ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମିଶ୍ର ବିଶ୍ୱାଳ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଅପରପକ୍ଷେ ବିଦ୍ୟାପୀଠକୁ ରାତିରେ ସୁରକ୍ଷା ଦେବା ପାଇଁ ରାତ୍ର ଜଗୁଆଳ ରଖାଯାଇଛି। ଜଗୁଆଳ ଥାଇ କିପରି ରାତିରେ ତାଲା ଭାଙ୍ଗି ଚୋରି ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ପୋଲିସ ଜଗୁଆଳଙ୍କୁ ପଚରାଉଚରା କରୁଥିବା ଜଣାପଡ଼ିଛି।

### ମାଗୁରାରେ ମୋଦିଙ୍କ ମନକୀ ବାତ୍ କାର୍ଯ୍ୟକ୍ରମ

ମଙ୍ଗୁଳି-ଜଗତପୁର,୨୬।୧୦(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମାଗୁରା ପଞ୍ଚାୟତ ବଡଦେବିଲି ମା' କନକଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୭ତମ ମନକୀ ବାତ କାର୍ଯ୍ୟକ୍ରମ ଭଟିମୁଣ୍ଡା ଭାଜପା ମଣ୍ଡଳ ପକ୍ଷରୁ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୁବମୋର୍ଚ୍ଚା ସଭାପତି ପବିତ୍ର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ସାଲେପୁର ଭାଜପା ନେତା ହିମାଂଶୁ କୁମାର ମହାନ୍ତି ଯୋଗଦେଇ ସମସ୍ତେ ଏକାଠି ମିଶି ମୋଦିଙ୍କ ପ୍ରେରଣାଦାୟକ ବାଣୀ ଶୁଣି ଦେଶ ସେବା ଓ ସମାଜ ଗଠନ ପାଇଁ ସଂକଳ୍ପ ନେବା ପାଇଁ ଆହ୍ୱାନ ଦେଇଥିଲେ। ବିଜୟ କୁମାର ହାତୀ, ଶାନ୍ତନୁ ମହାନ୍ତି, ମନୋଜ ବିଶ୍ୱାଳ, ପ୍ରଭାକର ନାୟକ, ଶଙ୍କର୍ଷଣ ସେଠୀ, ବୀଣାପାଣି ନାୟକ, ସ୍ନିତାରାଣୀ ନାୟକ, ଶାବି ଦାସ, ପ୍ରମିଳା ଦାସ, ଗୁବି ଦାସ, ବ୍ରହ୍ମାନନ୍ଦ ନାଥ, ସଞ୍ଜୟ ଦାସ, ସୁମନ୍ତ ମହାନ୍ତି ପ୍ରମୁଖଙ୍କ ସମେତ ଭଟିମୁଣ୍ଡା ମଣ୍ଡଳର ବୁଥ କାର୍ଯ୍ୟକର୍ତ୍ତା, ଯୁବ ସମର୍ଥକ, ମହିଳା ମୋର୍ଚ୍ଚା ସଦସ୍ୟା ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।

### କଟକ ରେଲଷ୍ଟେଶନର ପରାମର୍ଶଦାତା କମିଟି ସଦସ୍ୟ ହେଲେ ମଧୁସୂଦନ

କଟକ,୨୬।୧୦(ଶିଲ୍ପା ପ୍ରିୟଦର୍ଶିନୀ)

ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧାରୋଡ୍ ଡିଭିଜନ ପକ୍ଷରୁ କଟକ ରେଲଷ୍ଟେଶନ ପରାମର୍ଶଦାତା କମିଟି ସଦସ୍ୟ ଭାବେ



ଓଡ଼ିଶା ଚାଉଳ ବ୍ୟବସାୟୀ ସଂଘ ସଭାପତି ମଧୁସୂଦନ ରାଉତ ମନୋନୀତ ହୋଇଛନ୍ତି। ମଧୁସୂଦନ ଉକ୍ତ ପଦରେ ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି ରବିବାର କଟକ ରେଲଷ୍ଟେଶନ ମ୍ୟାନେଜରଙ୍କ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ଅନ୍ୟପଟେ କଟକ ରେଲଷ୍ଟେଶନ ନୂତନ ଭାବରେ ନିର୍ମାଣ ହେଉଥିବାବେଳେ ଏହାର ପରାମର୍ଶଦାତା କମିଟି ସଦସ୍ୟ ଭାବେ ମନୋନୀତ ହୋଇଥିବାରୁ ଷ୍ଟେଶନ ଓ ଯାତ୍ରୀମାନଙ୍କ ସୁବିଧା ପାଇଁ ଯାହା ଆବଶ୍ୟକ ତାହା ଉପସ୍ଥାପିତ କରିବାକୁ ଚେଷ୍ଟା କରିବେ ବୋଲି ମଧୁସୂଦନ କହିଛନ୍ତି। କଟକ ରେଲଷ୍ଟେଶନ ପରାମର୍ଶଦାତା କମିଟିରେ ତୃତୀୟଥର ପାଇଁ ମନୋନୀତ କରିଥିବାରୁ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ରୋଡ୍ ଡିଭିଜନ୍ ସିନିୟର ଡିସିଏମ୍‌ଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶା ଚାଉଳ ବ୍ୟବସାୟୀ ସଂଘ ସମସ୍ତ ସଦସ୍ୟଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଥାଉ କି, ମଧୁସୂଦନ କଟକ ରେଲଷ୍ଟେଶନ ପରାମର୍ଶଦାତା କମିଟି ସଦସ୍ୟ ଭାବେ ପୂର୍ବରୁ ଦୁଇଥର ମନୋନୀତ ହୋଇ କାର୍ଯ୍ୟ କରିଛନ୍ତି। ୨୦୦୮ରୁ ଏବେ ଯାଏ ଓଡ଼ିଶା ଚାଉଳ ବ୍ୟବସାୟୀ ସଂଘ ସଭାପତି ଭାବେ କାର୍ଯ୍ୟ କରିଆସୁଛନ୍ତି। କଟକ ରେଲଷ୍ଟେଶନ ସହିତ ୧୯୭୦ରୁ ଜଡ଼ିତ ରହି ଆସିଛନ୍ତି। ସେହିପରି ସେ ରେଲୱେ ସେଟଲମେଣ୍ଟ ହାଇସ୍କୁଲର ୧୯୭୫ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ର।

# ଓଡ଼ିଆ ଭାଷା, ସାହିତ୍ୟର ପ୍ରସାର ପାଇଁ ଅଭିନବ ପଦକ୍ଷେପ

## କାର୍ଯ୍ୟକ୍ଷମ ହେଲା ପୁସ୍ତକ ସଂଗ୍ରହ କେନ୍ଦ୍ର

କଟକ,୨୬।୧୦(କାର୍ତ୍ତିକ ସାହୁ)

ଜ୍ଞାନର ପରିସୀମା ପରିବ୍ୟାପ୍ତ ହେଉ। ସମସ୍ତଙ୍କ ମଧ୍ୟରେ ପୁସ୍ତକ ପାଠର ଆଗ୍ରହ ବଢୁ ଓ ଏହା ଜାରି ରହୁ। ଓଡ଼ିଆ ଭାଷା, ସାହିତ୍ୟ ଓ କାଳଜୟୀ ପୁସ୍ତକଗୁଡ଼ିକ ବିଷୟରେ ସମସ୍ତେ ଜାଣନ୍ତୁ। ଏଭଳି ଉଦ୍ଦେଶ୍ୟ ନେଇ ଐତିହାସିକ ବାଲିଯାତ୍ରା କଟକ ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ପୁସ୍ତକ ସଂଗ୍ରହ କେନ୍ଦ୍ର ଭଳି ଏକ ଅଭିନବ ଉଦ୍ୟମ ଆରମ୍ଭ କରାଯାଇଛି। ବାଲିଯାତ୍ରାରେ ବହୁ ସଂଖ୍ୟାରେ ଜନସମାଗମ ହେଉଥିବାରୁ ସଂଗୃହୀତ ପୁସ୍ତକଗୁଡ଼ିକ ବଣ୍ଟନ କରାଯିବ। ଆଗ୍ରହୀ ପାଠକମାନଙ୍କୁ ବାଲିଯାତ୍ରା ଅବସରରେ ୧ ଲକ୍ଷ ପୁସ୍ତକ ବଣ୍ଟନର ଲକ୍ଷ୍ୟ ରଖାଯାଇଛି। ଆବଶ୍ୟକସ୍ଥଳେ ପୁସ୍ତକ କ୍ରୟ କରି ଉଦ୍ଦେଶ୍ୟ ସାଧନ କରାଯିବ। କଟକ ସହର ମଧ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ନେତାଜୀ ସ୍ମାରକୀ, କଟକ ମହାନଗର ନିଗମ ନିକଟ କଲ୍ୟାଣ ମଣ୍ଡପ ଓ ବାରବାଟୀ ପ୍ୟାଲେସ ସମେତ ବିଭିନ୍ନ ବ୍ଲକ, ତହସିଲ



ପୁସ୍ତକ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଜିଲାପାଳ ଓ ଅନ୍ୟ ଅତିଥି।

କାର୍ଯ୍ୟାଳୟ ଓ କେତେକ ସ୍କୁଲରେ ମଧ ପୁସ୍ତକ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି।

ପୁସ୍ତକ ସଂଗ୍ରହ କେନ୍ଦ୍ରଗୁଡ଼ିକରେ ପୁସ୍ତକ ଦାନ ନିମନ୍ତେ ଲୋକମାନଙ୍କ ବିଶେଷ ଆଗ୍ରହ ଦେଖିବାକୁ ମିଳୁଛି। ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦେଇ ପାଠକୀୟତା ବୃଦ୍ଧି ପୂର୍ବକ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ନିମନ୍ତେ ସାଧାରଣ ପାଠକମାନଙ୍କୁ ବାଲିଯାତ୍ରା ସମୟରେ ଓଡ଼ିଆ ସାହିତ୍ୟ ଏବଂ ଭାଷା ଆଦୃତିରେ ସାମିଲ ପୂର୍ବକ ବିନା ମୂଲ୍ୟରେ ବଣ୍ଟନ କରାଯିବା କାର୍ଯ୍ୟକ୍ରମ ରହିଛି। ଏହି ମହତ ଉଦ୍ଦେଶ୍ୟ ପାଇଁ ପୁସ୍ତକ ଦାନ କରୁଥିବା ଦାତାମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ପ୍ରଶଂସାପତ୍ର ମଧ୍ୟ ପ୍ରଦାନ କରାଯାଉଛି।

ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଖୋଲାଯାଇଥିବା ପୁସ୍ତକ ଗ୍ରହଣ ଶିବିରରେ ଶନିବାର ପୁସ୍ତକ ଦାନ କରି ଏହି ଅଭିଯାନ ଓଡ଼ିଆ ପାଠକମାନଙ୍କୁ ସହାୟକ ହୋଇପାରିବ ବୋଲି କହିଛନ୍ତି। ସେହିପରି ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, କେତେକ ପୁସ୍ତକ ପ୍ରକାଶନ ସଂସ୍ଥା ଏବଂ ଜଣେ ଅବସରପ୍ରାପ୍ତ ୭୫ ବର୍ଷ ବୟସ୍କ ଅସୁସ୍ଥ ମହିଳା ରେବତୀ ଦାସ ଆନନ୍ଦରେ ପୁସ୍ତକ ଦାନ କରିଛନ୍ତି। ଶନିବାର ସୁଦ୍ଧା ବିଭିନ୍ନ କେନ୍ଦ୍ରରୁ ୫ ହଜାରରୁ ଅଧିକ ପୁସ୍ତକ ସଂଗ୍ରହ କରାଯାଇଛି। ଅତିରିକ୍ତ ଜିଲାପାଳ ଟପୋ ଏବଂ ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ରୂପାୟନ କରାଯାଉଛି।



ବାଲିଯାତ୍ରା ତଳପଡ଼ିଆରେ କଟକ ଏନ୍ କଟକ ପରିସରରେ ଥର୍ମୋକୁଲରେ କାରିଗରମାନେ କୋଣାର୍କ ଚକ୍ର ପ୍ରସ୍ତୁତ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ଗଡ଼ଗଡ଼ିଆ ଘାଟରେ ବୋଇତ ବନ୍ଦାଣ ୫ରେ





ତେଲିସାହି ଅଭିମନ୍ୟୁ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି।

କଟକ,୨୬।୧୦(କାର୍ତ୍ତିକ ସାହୁ)

କଟକ ମହାନଗର ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ବୋଇତ ବନ୍ଦାଣ ଉତ୍ସବ-୨୦୨୫ ଆସନ୍ତା ନଭେମ୍ବର ୫ ତାରିଖ ପୂର୍ବାହ୍ନରେ ମହାନଦୀର ଗଡ଼ଗଡ଼ିଆ ଘାଟଠାରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ମୁଖ୍ୟ ସମ୍ପାଦକ ଆଡ୍‌ଭୋକେଟ ପ୍ରଶାନ୍ତ କୁମାର ସାହୁଙ୍କ ସମ୍ପାଦନାରେ ପ୍ରକାଶିତ ହେବ। ବିଦ୍ୟୁଲତା ସାହୁ ଓ ସୁପ୍ରଭା ସାହୁଙ୍କ ନେତୃତ୍ୱରେ ସାଧବ ଓ ସାଧବାଣୀ ଚୟନ ହୋଇ ସମ୍ପୂର୍ଣ୍ଣ ପାରମ୍ପରିକ ଓଡ଼ିଆଣୀ ବେଶରେ ସାଧବାଣୀମାନେ ବୋଇତ ଓ ସାଧବମାନଙ୍କୁ ବନ୍ଦାପନା କରିବେ। ଉତ୍ସବ ସ୍ଥଳରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ସମ୍ବର୍ଦ୍ଧନା ସ୍ୱରୂପ ସ୍ୱଜାତୀୟ ମହିଳାମାନଙ୍କୁ ସୁଚରିତା ସମ୍ମାନ ଓ ସ୍ୱଜାତୀୟ ଯୁବକମାନଙ୍କୁ ଦାମୋଦର ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଉତ୍ସବ ସ୍ଥଳରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ ଦଶ ହଜାର ଲୋକଙ୍କ ପାଇଁ ଠୁଙ୍କାପୁରିର ବନ୍ଦୋବସ୍ତ କରାଯାଇଛି। ଏଥିପାଇଁ ରାଣୀହାଟ ତେଲିସାହି ଅଭିମନ୍ୟୁ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଅନୁଷ୍ଠାନର ସଭାପତି ଡା. ଉତ୍ତମ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ସରୋଜ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ସାହୁ, ମହିଳା ସଭାନେତ୍ରୀ ସୁପ୍ରଭା ସାହୁ, ସମ୍ପାଦିକା ବିଦ୍ୟୁଲତା ସାହୁ, ଯୁବ ସମ୍ପାଦକ ଭବେଶ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ରୀନା ସାହୁ, ଧୀରେନ୍ଦ୍ର ସାହୁ, ରମେଶ ସାହୁ, ରେଖାଞ୍ଜଳି ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପସଭାପତି ଅଭିମନ୍ୟୁ ସାହୁ ଧନ୍ୟବାଦ ଦେଇଥିଲେ।

## ଚାପ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କଟକ,୨୬।୧୦(ଶିଲ୍ପା ପ୍ରିୟଦର୍ଶିନୀ)

ଝାଞ୍ଜିରୀମଙ୍ଗଳାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ 'ଚାପ୍' ଆନୁକୂଲ୍ୟରେ ପ୍ରଭୁ ସମର୍ପଣ ଭବନ ପ୍ରାଙ୍ଗଣରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ବ୍ରହ୍ମାକୁମାରୀ ସଂସ୍ଥା ନିର୍ଦ୍ଦେଶକ ଡ. ରାଜଯୋଗିନୀ ବ୍ରହ୍ମକୁମାରୀ କମଳେଶ ଓ ଅତିରିକ୍ତ ନିର୍ଦ୍ଦେଶକ ରାଜଯୋଗିନୀ ବ୍ର.କୁ. ସୁଲୋଚନା ଯୋଗଦେଇ ଉଦ୍‌ଘାଟନ କରିଥିଲେ। 'ଚାପ'ର ଅଧ୍ୟକ୍ଷ ଡା. ଶୁଭେନ୍ଦୁ ଶେଖର ପଣ୍ଡା, ମାନସିକ ଚାପର କାରଣ ଓ ନିରାକରଣ ବିଷୟରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଶିବିର ବ୍ର.କୁ ଦେବଯାନୀ, ବ୍ର.କୁ ପ୍ରୀତମ୍, ବ୍ର.କୁ. କାଜଲ୍, ବ୍ର.କୁ. ନାରାୟଣ ଓ ବ୍ର.କୁ. ଲିଟୁ ସଞ୍ଚାଳନା କରିଥିଲେ। 'ଚାପ'ର ସଭାପତି ଶାନ୍ତନୁ କୁମାର ବରାଳ ଓ ଉପଦେଷ୍ଟା ପତିତପାବନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧୦୦ ରୋଗୀଙ୍କ ଚକ୍ଷୁ ପରୀକ୍ଷା

ମଙ୍ଗୁଳି-ଜଗତପୁର, ୨୬।୧୦ (ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ନପଙ୍ଗ ପଞ୍ଚାୟତସ୍ଥିତ ହାଟଶିଶୁଆ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ରବିବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟଜ୍ୟୋତି ଚାରିଟେବୁଲ୍ ଟ୍ରଷ୍ଟ ଓ ଭୂମିଶ୍ରୀ ପବ୍ଲିକ ଚାରିଟେବୁଲ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ ଅଞ୍ଚଳର ୧୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୨୪ଜଣ ରୋଗୀଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇ ଅସ୍ତ୍ରୋପଚରା ପାଇଁ ନିଆଯାଇଥିଲା। ଭୂମିଶ୍ରୀ ଚାରିଟେବୁଲ ଟ୍ରଷ୍ଟର ସଂଯୋଜକ ଅରବିନ୍ଦ ନାୟକ ଓ ଦିବ୍ୟଜ୍ୟୋତି ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଦେବୀପ୍ରସାଦ ସ୍ୱାଇଁ, କୋଷାଧ୍ୟକ୍ଷ ମାନସ ରଞ୍ଜନ ମୁଦୁଲି, ସଂଯୋଜକ ସୁବ୍ରତ ବିଶ୍ୱାଳ, ସୁକାନ୍ତ କୁମାର ମୁଦୁଲି, ସୁଜିତ ବେଉରା, ସୁବାସ ସ୍ୱାଇଁ ଓ ଶିଶିର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଶ୍ରୀଅରବିନ୍ଦ ପରିଷଦର ବିଂଶତମ ବିଜ୍ଞାନ ପ୍ରଦର୍ଶନୀ



ଅତିଥିମାନେ ପୁସ୍ତକ ପ୍ରାଚୀନ ଭାରତର ବିଜ୍ଞାନ ଓ ବୈଜ୍ଞାନିକ ଉନ୍ମୋଚନ କରୁଛନ୍ତି।

କଟକ,୨୬।୧୦(କାର୍ତ୍ତିକ ସାହୁ)

ଶ୍ରୀଅରବିନ୍ଦ ଇଞ୍ଜିନିୟରିଂ ଏବଂ ଟେକନିକାଲ ଗ୍ରୁପ ପକ୍ଷରୁ ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦର ବିଂଶତମ ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ମାତୃଭବନଠାରେ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ୨୨ଟି ଜିଲାରୁ ବିଭିନ୍ନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୫୭ଜଣ ଛାତ୍ରୀଛାତ୍ର ଯୋଗଦେଇ ୯୮ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଥମ ଦିନରେ ପ୍ରାଚୀନ ଭାରତର ବିଜ୍ଞାନ ଓ ବୈଜ୍ଞାନିକ ବିଷୟରେ କୁଇଜ ଓ ରସାୟନ ବିଜ୍ଞାନର ମୌଳିକ ପଦାର୍ଥ ବିଷୟ ବସ୍ତୁ ଆଧାରିତ ଶିକ୍ଷଣୀୟ ଖେଳ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ୱାଣ୍ଟମ ଫିଜକସ୍ ବିଜ୍ଞାନୀ ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ଆମର ପୁରାତନ ବୈଜ୍ଞାନିକଗଣ ତଥା ଅତୀତର ବିଜ୍ଞାନ ଭବିଷ୍ୟତ ପାଇଁ ଏକ ଲମ୍ଫ ପ୍ରଦାନ କରେ ବୋଲି କହିଥିଲେ। ଡ. ଶ୍ୟାମା କାନୁନଗୋ ଅଧ୍ୟକ୍ଷତା କରିଥିଲେ। ନିତା ସରକାର ସ୍ୱାଗତ ଭାଷଣ ଓ ଯଶସ୍ୱିନୀ ରଏ କାର୍ଯ୍ୟକ୍ରମ ସୂଚନା ଦେଇଥିଲେ। ଗଣିତଜ୍ଞ ଡ. ସୁଧୀର ପୂଜାହାରୀ ପ୍ରାଚୀନ ଭାରତର ଗଣିତଜ୍ଞଙ୍କ ଅବଦାନ ବର୍ଣ୍ଣନା କରିଥିଲେ। ନିଶିଥ ରଞ୍ଜନ ରାଉତ ବିଜ୍ଞାନ ପ୍ରଦର୍ଶନୀ ସମ୍ପର୍କରେ ଆଲୋଚନା କରିବା ପରେ ପ୍ରସାଦ ତ୍ରିପାଠୀ ଉପସଂହାର କରିଥିଲେ। ଆଦିତ୍ୟ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନିଶିଥ ରଞ୍ଜନ ରାଉତଙ୍କ ସଙ୍କଳିତ ପୁସ୍ତକ ପ୍ରାଚୀନ ଭାରତର ବିଜ୍ଞାନ ଓ ବୈଜ୍ଞାନିକ ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ସିଏମସି ସିଟି ଇଞ୍ଜିନିୟର ଅତନୁ କୁମାର ସାମନ୍ତ ଯୋଗଦେଇ ପିଲାମାନଙ୍କର ପ୍ରଦର୍ଶନୀକୁ ପ୍ରଶଂସା କରିଥିଲେ। ଗଣିତଜ୍ଞ ଡ. ସୁଧୀର ପୂଜାହାରୀ ବିଜ୍ଞାନ ମେଳାରେ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

# ଏସି ବନ୍ଦ ନେଇ ଡାକ୍ତରଙ୍କୁ ଘେରିଲେ ରୋଗୀ ସମ୍ପର୍କୀୟ

କଟକ,୨୬।୧୦(ଶିଲ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ଅସ୍ଥିଶଲ୍ୟ ବିଭାଗ**

କଟକ ଏସ୍‌ସିବି ମେଡିକାଲ ଅସ୍ଥିଶଲ୍ୟ ବିଭାଗର ପୁରୁଷ ୱାର୍ଡରେ ଏସି ବନ୍ଦ କରି ରଖାଯାଇଥିଲା। ଫଳରେ ବନ୍ଦ କୋଠରି ଭିତରେ ରୋଗୀ ଗରମରେ ଆଉଟୁପାଉଟୁ ହେଉଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡି ନ ଥିଲା। ଏଭଳି ଅବ୍ୟବସ୍ଥା ଯୋଗୁ ଉକ୍ତ ବିଭାଗରେ କେତେଜଣ ରୋଗୀ ସମ୍ପର୍କୀୟ ଡାକ୍ତରଙ୍କୁ ଘେରି ହୋହଲ୍ଲା କରିଥିଲେ। ସେଠାରେ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ପରେ ଏସିଗୁଡିକ ତରବରିଆ ଭାବେ ଚାଲୁ କରାଯାଇଥିବା ଜଣାପଡିଛି। ଅନ୍ୟପଟେ ଏସିଗୁଡିକ ଅଚଳ ଥିବା ଅଭିଯୋଗ ହୋଇଥିବା ବେଳେ ଏହାକୁ ମେଡିକାଲର ଜଣେ ବରିଷ୍ଠ ଅଧିକାରୀ ଖଣ୍ଡନ କରି ଭୁଲବଶତଃ ଏହାକୁ କେହି ବନ୍ଦ କରି ଦେଇଥିବା ସେ କହିଛନ୍ତି। ଘଟଣାକ୍ରମେ, ଗୋମାତା ସୁରକ୍ଷା ପାଇଁ ଲଢ଼େଇ କରୁଥିବା ଯୁବକ ଆକାଶ ଗୁରୁତର ଆହତ ହୋଇ ଏସସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅସ୍ତ୍ରୋପଚାର ପରେ ତାଙ୍କୁ ଅସ୍ଥିଶଲ୍ୟ ବିଭାଗରେ ରଖାଯାଇଛି। ଆକାଶଙ୍କ କେତେଜଣ ବନ୍ଧୁ ରବିବାର ତାଙ୍କୁ ଦେଖା କରିବାକୁ ଅସ୍ଥିଶଲ୍ୟ ବିଭାଗକୁ ଯାଇଥିଲେ। ସେଠାରେ ଏସିଗୁଡିକ ବନ୍ଦ ରହିଥିବାରୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଥିଲା। ଆକାଶଙ୍କ ବନ୍ଧୁଙ୍କ ସମେତ ଅନ୍ୟ ରୋଗୀଙ୍କ ସମ୍ପର୍କୀୟମାନେ ଏସି କାହିଁକି କାର୍ଯ୍ୟ କରୁନାହିଁ ବୋଲି ଉପସ୍ଥିତ ଜଣେ ଡାକ୍ତରଙ୍କୁ ପଚାରିଥିଲେ। ହେଲେ ଡାକ୍ତର ଯୁକ୍ତି କରିବାରୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପରେ ମେଡିକାଲ ଫାଣ୍ଡି ପୋଲିସ ଓ ମେଡିକାଲର ସୁରକ୍ଷାକର୍ମୀ ସେଠାରେ ପହଞ୍ଚି ଆକାଶଙ୍କ ବନ୍ଧୁମାନଙ୍କୁ ବୁଝାଶୁଝା କରିଥିଲେ। ଖବର ପାଇ ମେଡିକାଲର ଜଣେ ବରିଷ୍ଠ ଅଧିକାରୀ ସେଠାକୁ ଯାଇ ରୋଗୀଙ୍କ ସମ୍ପର୍କୀୟଙ୍କୁ ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ।

# 'କହିବାକୁ ଲାଜ, ଶୁଣିଲେ ପାପ' ନାଟକ ମଞ୍ଚସ୍ଥ

କଟକ ସଦର,୨୬।୧୦(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ବରାଳ ଗ୍ରାମର ମା' ନାରାୟଣୀ କାଳୀପୂଜା କମିଟି ପକ୍ଷରୁ ଶନିବାର ଡ୍ରାମା ମଞ୍ଚସ୍ଥ ହୋଇଯାଇଛି। 'କହିବାକୁ ଲାଜ, ଶୁଣିଲେ ପାପ' ନାଟକକୁ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର୍ ମନୋଜ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ କଳାକାରମାନେ ନିଖୁଣ ଅଭିନୟ କରି ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ। ରବୀନ୍ଦ୍ରନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ମା' ନାରାୟଣୀ କାଳୀପୂଜା କମିଟି ପକ୍ଷରୁ ଶଶିକାନ୍ତ ଦାସ, ସୌମ୍ୟରଞ୍ଜନ ବିଶାଳ, ମିଠୁ ମିଥୁନ, ସମରେନ୍ଦ୍ର ମହାପାତ୍ର, ଅର୍ପିତା ପ୍ରିୟଦର୍ଶିନୀ, ସୁକନ୍ୟା ରାଉଳ, ସୁଧାଂଶୁ ଶେଖର ବେଉରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ଜଗଦୀଶ ତ୍ରିପାଠୀ, ସମ୍ପାଦକ ଲକ୍ଷ୍ମୀଧର ବେଉରା, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ସାହୁ, ଗଗନ ବିହାରୀ ଜେନା, ବସନ୍ତ କୁମାର ବେଉରା, ରମେଶ ବେଉରା, ଆନନ୍ଦ ଚନ୍ଦ୍ର ବେଉରା, ଭାସ୍କର ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ନାଟକ ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି।

# 'ଗୋଦାବରୀଶ ଜଣେ କାଳଜୟୀ ସ୍ରଷ୍ଟା'

କଟକ,୨୬।୧୦(କାର୍ତ୍ତିକ ସାହୁ)

**ସାରଳା ସାହିତ୍ୟ ସଂସଦ ପକ୍ଷରୁ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ**

ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୯ତମ ଜୟନ୍ତୀ ସାରଳା ଭବନଠାରେ ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏହି ଅବସରରେ କବି ମମତା ଦାଶଙ୍କୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ ଗୋଦାବରୀଶ ମିଶ୍ର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କା ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା। ଏହି ପୁରସ୍କାରର ଅର୍ଥରାଶି ଗୋଦାବରୀଶଙ୍କ ପୌତ୍ର ସୁପ୍ରିମକୋର୍ଟ ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର, ତାଙ୍କ ସହଧର୍ମିଣୀ ସୁପ୍ରମା ମିଶ୍ର, ଦୁଇକନ୍ୟା କାଜଲ୍ ମିଶ୍ର ଓ ଶୀତଲ ମିଶ୍ର ପ୍ରଦାନ କରିଛନ୍ତି।



ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀରେ କବି ମମତା ଦାଶଙ୍କୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ ଗୋଦାବରୀଶ ମିଶ୍ର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉତ୍ସବକୁ ଉଦ୍‌ଘାଟନ କରି ଗୋଦାବରୀଶଙ୍କୁ ଜଣେ କାଳଜୟୀ ସ୍ରଷ୍ଟା ରୂପେ ଅଭିହିତ କରିଥିଲେ। ବିଶିଷ୍ଟ ଅତିଥି ପ୍ରଫେସର ସତ୍ୟନାରାୟଣ ପଣ୍ଡା ଜଣେ ଆଦର୍ଶ ଶିକ୍ଷକ ଓ ପ୍ରବୀଣ ଶିକ୍ଷାବିତ୍ ରୂପେ ଗୋଦାବରୀଶଙ୍କୁ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଡ. ସୂର୍ଯ୍ୟମଣି ଖୁଣ୍ଟିଆ ଗୋଦାବରୀଶଙ୍କୁ ଜଣେ ମହାନ ରାଷ୍ଟ୍ରନୀତିଜ୍ଞ ରୂପେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଡ. ବାବାଜୀ ଚରଣ ପଟ୍ଟନାୟକ କହିଲେ, ଗୋଦାବରୀଶ ମିଶ୍ର ଓଡ଼ିଆ ସାହିତ୍ୟରେ ଆଦ୍ୟ ଗାଥାକବି। ପାଇକ ବିଦ୍ରୋହକୁ ଅବଲମ୍ବନ କରି ସେ ରଚନା କରିଥିବା ୧୯୧୭ ଉପନ୍ୟାସ ଓଡ଼ିଆ ସାହିତ୍ୟରେ ଅନ୍ୟତମ ଜାତୀୟ କିର୍ତ୍ତୀସ୍ତମ୍ଭ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂସଦର ମୁଖ୍ୟ ଉପଦେଷ୍ଟା ସହଦେବ ସାହୁ ଆଭାସୀ ମାଧ୍ୟମରେ ଓ ସମ୍ପାଦକ ଡାକ୍ତର ନିରଞ୍ଜନ ତ୍ରିପାଠୀ ଗୋଦାବରୀଶଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂଜିତ ପଟ୍ଟନାୟକ ଅତିଥି ପରିଚୟ ଓ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। କାନ୍ତିବାଳା ନାୟକ ମାନପତ୍ର ପାଠ କରିଥିଲେ। ଗୋପୀନାଥ ପଣ୍ଡା, ନିର୍ମଳ ଚନ୍ଦ୍ର ପହୀ, ବ୍ରଜକିଶୋର ବେହୁରା, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସୁଶାନ୍ତ କୁମାର ସେଠୀ, ଜୟଲକ୍ଷ୍ମୀ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୮ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କଲେ ୨୧ ମାଓବାଦୀ



ରାଇଘର,୨୬।୧୦
(କିରଣ ପଟ୍ଟନାୟକ)

ପୁନା ମାର୍ଗେମ (ପୁନର୍ବାସ ପାଇଁ ପଥ) ପ୍ରୟାସ ଅଧୀନରେ ରବିବାର ଛତିଶଗଡ଼ କାଙ୍କେର ଜିଲାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ରେକର୍ଡ କରାଯାଇଛି। ମୋଟ ୨୧ ମାଓବାଦୀ ୧୮ଟି ଅସ୍ତ୍ରଶସ୍ତ୍ର ଧରି ଆତ୍ମସମର୍ପଣ କରିଛନ୍ତି। ମାଓବାଦୀମାନେ ସାଙ୍ଗରେ ନେଇ ଆସିଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ୩ଟି ଏକେ-୪୭ ରାଇଫଲ୍, ୪ଟି ଏସ୍ଏଲ୍ଆର୍ ରାଇଫଲ୍, ୨ଟି ଆଇଏନ୍ଏସ୍ଏସ୍ ରାଇଫଲ୍, ୬ଟି ୩୦୩ ରାଇଫଲ୍, ୨ଟି ସିଙ୍ଗଲ୍-ସଟ୍ ରାଇଫଲ୍ ଓ ଗୋଟିଏ ବିଜିଏଲ୍ ରହିଛି। ସମାଜର ମୁଖ୍ୟସ୍ରୋତକୁ ଫେରିବାକୁ ନିଷ୍ପତ୍ତି ନେଇଥିବା ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି। ସମସ୍ତ ଆତ୍ମସମର୍ପଣକାରୀ କ୍ୟାଡର କେଶକାଲ ଡିଭିଜନ (ଉତ୍ତର ଉପ-ଜୋନାଲ ବ୍ୟୁରୋ)ର କୁଏମାରୀ/କିସ୍କୋଡୋ ଏରିଆ କମିଟିର ଅଟନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ଡିଭିସିଏମ୍ (ଡିଭିଜନ ଉପାଧ୍ୟକ୍ଷ କମିଟି ସଦସ୍ୟ), ୯ ଜଣ ଏସିଆର କମିଟି ସଦସ୍ୟ ଏବଂ ଡିଭିଜନ କମିଟି ସଚିବ ମୁକେଶଙ୍କ ସମେତ ୮ ଜଣ ଦଳୀୟ ସଦସ୍ୟ ଅନ୍ତର୍ଭୁକ୍ତ। ସେମାନଙ୍କ ମଧ୍ୟରେ ୧୩ ଜଣ ମହିଳା ଏବଂ ୮ ଜଣ ପୁରୁଷ କ୍ୟାଡର ଅଛନ୍ତି। ଯେଉଁମାନେ ହିଂସା ଏବଂ ଜନବିରୋଧୀ ଚିନ୍ତାଧାରାର ପଥ ପରିତ୍ୟାଗ କରି ଶାନ୍ତି ଏବଂ ପ୍ରଗତି ପଥ ଗ୍ରହଣ କରିଛନ୍ତି। ଏମାନଙ୍କ ପାଇଁ ପୁନର୍ବାସନ ଏବଂ ସମାଜରେ ପୁନଃମିଳନ ପ୍ରକ୍ରିୟା ପୋଲିସ ଏବଂ ପ୍ରଶାସନିକସ୍ତରରେ ଜାରି ରହିଛି ବୋଲି ବସ୍ତର ଆଇଜି ପି. ସୁନ୍ଦରରାଜ କହିଛନ୍ତି।

# ୫୦୦ ଟଙ୍କିଆ ୮୦୩ଟି ଜାଲ ନୋଟ୍ ଜବତ

## ୩ ଗିରଫ, ବରଗଡ଼କୁ ଲମ୍ବିଛି ଚେର

ସୋନପୁର/ବିନିକା,୨୬।୧୦(ମୃତ୍ୟୁଞ୍ଜୟ ଶତପଥୀ/ରାମଗୋପାଳ ବାଘ)



ଜବତ ଟଙ୍କା ଓ ଗିରଫ ୩ ଅଭିଯୁକ୍ତ।

ସୁବର୍ଣ୍ଣପୁର ଜିଲାରେ ଜାଲନୋଟ କାରବାର ବୃଦ୍ଧି ପାଇଛି। ଏଥିରେ ଏକ ର୍ୟାକେଟ୍ କାମ କରୁଛି। ପଡୋଶୀ ବରଗଡ ଜିଲାକୁ ମଧ୍ୟ ଏହି ଅପରାଧର ଚେର ଲମ୍ବିଛି। ଜାଲ୍ ନୋଟ୍‌ଗୁଡ଼ିକୁ ସହଯୋଗୀଙ୍କ ଜରିଆରେ ଗ୍ରାମାଞ୍ଚଳ ବଜାରକୁ ଛଡ଼ାଯାଉଛି। ବିନିକା ପୋଲିସ ଏହି କାରବାରରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ରେଙ୍ଗାଲି ଗ୍ରାମର ଜୟନାରାୟଣ ବସ୍ତିଆ(୨୭), ବିନିକା ଥାନା ଫୁଲମୁଠି ଗ୍ରାମର ଅଭିଷେକ ହୋତା(୨୩) ଓ ବେତ୍ରାପଡାର ଅଶୋକ ନାଏକ(୨୮)। ସେମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୮୦୩ଟି ୫୦୦ଟଙ୍କିଆ ଜାଲନୋଟ୍ ଜବତ ହୋଇଛି। ଏହାର ସମୁଦାୟ ମୂଲ୍ୟ ୪ଲକ୍ଷ ୧୫ଶହ ଟଙ୍କା ବୋଲି ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ବିନିକା ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପି ନାୟକ କହିଛନ୍ତି, ବିଳମ୍ବିତ ରାତିରେ ଜାଲନୋଟ କାରବାର ସମ୍ପର୍କରେ ଗୋଇନ୍ଦା ସୂତ୍ରରୁ ଖବର ପାଇଥିଲେ। ବିନିକା ଥାନା ଆଇଆଇସି ସତ୍ୟନାରାୟଣ ପ୍ରଧାନଙ୍କୁ ଏହାର ଅନୁସନ୍ଧାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଏହି ସମୟରେ ଜାଲନୋଟ ଦେବା ପାଇଁ ଫୁଲମୁଠି ଗ୍ରାମ ନିକଟରେ ଅଭିଷେକ ଓ ଅଶୋକ ଅପେକ୍ଷା କରିଥିଲେ। ଅତର୍କିତ ଚଢାଉ ଫଳରେ ଉଭୟ ପୋଲିସ ହାତରେ ଧରାପଡ଼ିଥିଲେ। ସେମାନଙ୍କଠାରୁ ପୋଲିସ ଜାଲନୋଟ୍ ଜବତ କରିଛି। ତଦନ୍ତ ପରେ ଏହି ସବୁ ଜାଲନୋଟ ରେଙ୍ଗାଲି ଗ୍ରାମର ଜୟନାରାୟଣ ଦେଇଥିବା ଜଣାପଡ଼ିଥିଲା। ସେ ବରଗଡର ଜଣେ ବ୍ୟକ୍ତିଙ୍କ ନିକଟରୁ ଆଣି ଟଙ୍କା ବଣ୍ଡଲରେ ମିଶାଇ ମାର୍କେଟ୍‌କୁ ଛାଡୁଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୩ଟି ମୋବାଇଲ ଜବତ କରିଛି। ଚଢାଉରେ ଆଇଆଇସି ପ୍ରଧାନଙ୍କ ସମେତ ଏସଆଇ ତ୍ରିନାଥ ସାହୁ ଓ ପୋଲିସ ଟିମ୍ ସାମିଲ ଥିଲେ। ଏସ୍ଆଇ ପ୍ରସନ୍ନଜିତ ବେହେରା ମାମଲାର ତଦନ୍ତ କରୁଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୨୧୯/୨୫) ରୁଜୁ ହୋଇଛି। ଏହି ର୍ୟାକେଟ୍‌ରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ ବଜାରକୁ କେତେ ପରିମାଣର ଜାଲନୋଟ ଛଡାଯାଇଛି ସେନେଇ ତଦନ୍ତ କରାଯାଉଥିବା ଏସ୍‌ପି କହିଛନ୍ତି। ସୂଚନାଥାଉକି, ପ୍ରାୟ ୨ବର୍ଷ ପୂର୍ବରୁ ଜିଲାର ଉଲୁଣ୍ଡା ବ୍ଲକ ମାଟିଖାଇ(ନୂଆବସ୍ତି)ର ଏକ ଘରେ ଜାଲନୋଟ କାରବାର ଚାଲିଥିଲା। ଓଡ଼ିଶା ପୋଲିସର ଏସ୍‌ଟିଏଫ୍ ଟିମ୍ ଚଢାଉ କରି ଲକ୍ଷାଧିକ ଟଙ୍କାର ଜାଲନୋଟ୍ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଥିଲା। ଏବେ ପୁଣି ଜାଲନୋଟ୍ ଜବତ ହେବା ପରେ ଏହି ଅଞ୍ଚଳରେ ଏହି ର୍ୟାକେଟ୍ ସକ୍ରିୟ ଥିବା ସ୍ପଷ୍ଟ ହେଉଛି।

# ଟାଙ୍ଗୀ ଥାନା ଆଇଆଇସି ନିଲମ୍ବିତ

ମଙ୍ଗୁଳି-ଜଗତପୁର,୨୬।୧୦(ମାନସ ସାମଲ)

## ଠକେଇ ଅଭିଯୁକ୍ତଙ୍କୁ ଥାନାରେ ପୋଲିସ ନିର୍ଯାତନା ଘଟଣା

କଟକ ଜିଲା ଟାଙ୍ଗୀ ଥାନାରେ ଜଣେ ଠକେଇ ଅଭିଯୁକ୍ତଙ୍କୁ ପୋଲିସ ନିର୍ଯାତନା ଦେବା ଅଭିଯୋଗରେ ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ନିଲମ୍ବିତ ହୋଇଛନ୍ତି। ପୋଲିସ ଡିଜି ରବିବାର ଏଭଳି ପଦକ୍ଷେପ ନେଇଛନ୍ତି। ଡିଜିପିଙ୍କ ନିର୍ଦ୍ଦେଶନାମାର ତଥ୍ୟ ଅନୁସାରେ ଅଭିଯୁକ୍ତଙ୍କ ପ୍ରତି ଆଇଆଇସି ଭଦ୍ରଙ୍କ ଦୁର୍ବ୍ୟବହାର ଓ ବେଆଇନ ଅଟକ ଯୋଗୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଡିଜିପିଙ୍କ ପତ୍ର ସଂଖ୍ୟା ୩୩୫୫/୨୬।୧୦।୨୦୨୫ ଅନୁଯାୟୀ ତୁରନ୍ତ ତାଙ୍କୁ ନିଲମ୍ବିତ କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ସେ ଡିଆଇଜିଙ୍କ ଶୃଙ୍ଖଳାଗତ ନିୟନ୍ତ୍ରଣରେ ରହିବେ ବୋଲି ସ୍ପଷ୍ଟ କରାଯାଇଛି।

ସୂଚନା ମୁତାବକ, ଟାଙ୍ଗୀ ଥାନା ଶାଳଗାଁ ପଞ୍ଚାୟତ ଅଧୀନ ଖାଇପଡିଆ ଗ୍ରାମର ବିଦ୍ୟାଧର ବେହେରା, ମାଧପୁର ଗ୍ରାମର ଅଜୟ ଜେନା ଓ ନେଳିଆ ଗ୍ରାମର କୃପାସିନ୍ଧୁ ପ୍ରଧାନ ମିଶି ଜମି ବ୍ୟବସାୟ କରିଆସୁଥିଲେ। ଗତ ୨ ବର୍ଷ ତଳେ ୩ଜଣ ମିଶି ଏକ ଜମି ବ୍ୟବସାୟର ଲାଭାଂଶରେ ସନଗୋମୁଣ୍ଡିଆ ମୌଜା ଖାତା ନଂ. ୧୦୪/୭୨, ପ୍ଲଟ ନଂ. ୭୨/୧୮, ଏରିଆ ୦.୮୩୨ କଡି କ୍ରୟ କରିଥିଲେ। ଉକ୍ତ ଜମିକୁ ମ୍ୟୁଟେଶନ କରାଇ କୃପାସିନ୍ଧୁ ତାଙ୍କ ନାମରେ କରାଇଥିଲେ। ପରେ କୃପାସିନ୍ଧୁ ଉକ୍ତ ଜମି ନିଜର ବ୍ୟକ୍ତିଗତ ବୋଲି କହିବାରୁ ସେମାନଙ୍କ ମଧ୍ୟରେ ତିକ୍ତତା ଲାଗିଥିଲା। ଏ ନେଇ ବିଦ୍ୟାଧର ଓ ଅଜୟ କୃପାସିନ୍ଧୁଙ୍କ ନାମରେ ଏକ ଠକେଇ ଅଭିଯୋଗ ଟାଙ୍ଗୀ ଥାନାରେ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଟାଙ୍ଗୀ ପୋଲିସ କୃପାସିନ୍ଧୁଙ୍କୁ ଥାନାକୁ ଡକାଇ ୨ ଦିନ ଅଟକ ରଖି ପଚରାଉଚରା କରିଥିଲା। କିନ୍ତୁ ହଠାତ କୃପାସିନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସହ ସେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଟାଙ୍ଗୀ ପୋଲିସ ତାଙ୍କୁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ଏସ୍‌ସିବି ମେଡିକାଲକୁ ଆଣି ଚିକିତ୍ସା କରିଥିଲେ। ତେବେ କୃପାସିନ୍ଧୁଙ୍କୁ ଟାଙ୍ଗୀ ପୋଲିସ ଅବୈଧ ଅଟକ ରଖି ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲା। ନିର୍ଯାତନା ଅସହ୍ୟ ହେବାରୁ ତାଙ୍କ ମୁଣ୍ଡ ବୁଲାଇ କଚାଡ଼ି ହୋଇ ପଡ଼ିଥିଲେ ବୋଲି କୃପାସିନ୍ଧୁଙ୍କ ସ୍ତ୍ରୀ ଅଭିଯୋଗ କରିଥିଲେ। କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ଭିନୀତ ଅଗ୍ରୱାଲ ଘଟଣାର ତଦନ୍ତ ଲାଗି ଅତିରିକ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଏସ୍‌ପି ଟାଙ୍ଗୀ ଥାନାରେ ପହଞ୍ଚି ଘଟଣାର ଯାଞ୍ଚ କରିବା ସହ ଥାନା ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା କରି ଫେରିଯାଇଥିଲେ।

# କଲରାପତରିଆ ବାଘଛାଲ ଜବତ, ୨ ଗିରଫ

## ସୋନପୁରରେ ଏସ୍‌ଟିଏଫ୍ ଚଢ଼ାଉ

ସୋନପୁର,(ମୃତ୍ୟୁଞ୍ଜୟ ଶତପଥୀ)/ଭୁବନେଶ୍ୱର, ୨୬।୧୦ (ସତ୍ୟଜିତ ରାଉତ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ୍) ରବିବାର ସୁବର୍ଣ୍ଣପୁର ଜିଲାର ସୋନପୁର ଥାନା ଅଞ୍ଚଳରେ ଚଢ଼ାଉ କରି ଏକ କଲରାପତରିଆ ବାଘଛାଲ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୌଦ୍ଧ



ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ଡୁନିଖମାର ଗ୍ରାମର ପ୍ରକାଶ କହଁର (୨୪) ଓ ବୁଡ଼ିଖମାର ଗ୍ରାମର ରଞ୍ଜିତ ଭୋକ୍ତା (୩୭)। ଏନେଇ ଏସଟିଏଫ୍ ପକ୍ଷରୁ ବିଏନ୍ଏସ୍‌ର ବିଭିନ୍ନ ଦଫା ଏବଂ ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ଆକ୍ଟରେ ଏକ ମାମଲା (ନଂ.୨୨/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ସୋନପୁର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଦ୍ୱୟ ବାଘ ଶିକାର କରିଥିଲେ ନା କାହାଠାରୁ ବାଘଛାଲ ଆଣିଥିଲେ ସେନେଇ ଏସ୍‌ଟିଏଫ୍ ଅଧିକ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରକାଶ ଓ ରଞ୍ଜିତ ବାଘଛାଲ ଡିଲ୍ ପାଇଁ ଏକ ବାଇକରେ ସୋନପୁର-ବରପାଲି ରୋଡ୍ (ଏନଏଚ୍-୧୨୬ଏ) ଦେଇ ଆସୁଥିବାବେଳେ ଅର୍ଜୁନପୁର ଛକ ନିକଟରେ ଅଭିଯୁକ୍ତଦ୍ୱୟଙ୍କୁ ଏସ୍‌ଟିଏଫ୍ ଟିମ୍ କାବୁ କରିଥିଲା।

# ନକଲି ବିଦେଶୀ ମଦ କାରଖାନା ଠାବ

ପରଜଙ୍ଗ,୨୬।୧୦
(ନିଗମାନନ୍ଦ ଦଳବେହେରା)



## ବିଭିନ୍ନ ସାମଗ୍ରୀ ସହ ମେଶିନ୍ ଜବତ, ଜଣେ ଗିରଫ

ଢେଙ୍କାନାଳ ଜିଲା ପରଜଙ୍ଗ ଅବକାରୀ କାର୍ଯ୍ୟାଳୟଠାରୁ ମାତ୍ର ୩ କି.ମି. ଦୂର କନ୍ଦରସିଂହା ପଞ୍ଚାୟତ କଟରାପଡ଼ା ଗ୍ରାମରେ ଶନିବାର ରାତିରେ ଅବକାରୀ ବିଭାଗ ଏକ ଘରେ ଚାଲିଥିବା ନକଲି ବିଦେଶୀ ମଦ କାରଖାନା ଠାବ କରିଛି। ସେଠାରୁ ଲକ୍ଷାଧିକ ଟଙ୍କାର ନକଲି ବିଦେଶୀ ମଦ, ମଦ ତିଆରି ସାମଗ୍ରୀ ଜବତ କରାଯିବା ସହ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ଏହି କାରବାରରେ ସ୍ୱାମୀ ସ୍ତ୍ରୀ ଜଡ଼ିତ ଥିବା ଜଣାପଡ଼ିଛି। ମହିଳାଙ୍କ ସ୍ୱାମୀ ବିଚିତ୍ର ନାଏକ ଫେରାର ହୋଇଯାଇଛନ୍ତି।

ଅବକାରୀ ବିଭାଗର ସୂଚନା ଅନୁଯାୟୀ, ଚଢ଼ାଉବେଳେ ଘର ଭିତରେ ଏକ ନକଲି ବିଦେଶୀ ମଦ କାରଖାନା ଚାଲୁଥିବା ଦେଖିବାକୁ ମିଳିଥିଲା। ଅବକାରୀ ଟିମ୍ ଯାଞ୍ଚବେଳେ ଲକ୍ଷାଧିକ ଟଙ୍କାର ନକଲି ବିଦେଶୀ ମଦ, ଗୋଟିଏ ମଦ ତିଆରି ମେଶିନ୍, ଗୋଟିଏ ବୋତଲ ସିଲ୍ ମେଶିନ୍, ୩୫୦ ଲିଟର ସ୍ପିରିଟ, ୬ ଲିଟର ଫ୍ଲେଭର୍, ବିଭିନ୍ନ ବ୍ରାଣ୍ଡର ନକଲି ବିଦେଶୀ ଖାଲି ମଦ ବୋତଲ, ୧୦ ଲିଟର କାରମେଲ୍, ୭୨୬୫ଟି ଲେବୁଲ ଷ୍ଟିକର,୧୬୯୭ ଠିପି, ମଦ ଭର୍ତ୍ତି ପେଟି ସହ ମଦ ତିଆରି ପାଇଁ ବିଭିନ୍ନ ପ୍ରକାର କେମିକାଲ ସାମଗ୍ରୀ ଜବତ କରାଯାଇଛି। କାମାକ୍ଷାନଗର ଅବକାରୀ ଉପଅଧୀକ୍ଷକ ସାୱନ କୁମାର ଭୋଳ, ପରଜଙ୍ଗ ଅବକାରୀ ଏସ୍ଆଇ ବାସନ୍ତୀ ବ୍ଲାକି, ଭୁବନ ଅବକାରୀ ଏସ୍ଆଇ ଦିପନ ବିଶ୍ୱାଳଙ୍କ ସମେତ ଅନ୍ୟ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରିଥିଲେ। ଦୀର୍ଘ ବର୍ଷଧରି ଘର ଭିତରେ ବ୍ୟାପକ ପରିମାଣର ନକଲି ବିଦେଶୀ ମଦ ତିଆରି କରାଯାଇ ତାହା କେଉଁ ଅଞ୍ଚଳକୁ ଚାଲାଣ କରାଯାଉଥିଲା ତାହା ଅସ୍ପଷ୍ଟ ରହିଛି। ଖୁବଶୀଘ୍ର ମଦ କାରଖାନାର ଗୁମର ଖୋଲିବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ କହିବା ଅନୁଯାୟୀ, ଉକ୍ତ ଘରକୁ ପ୍ରତିଦିନ କିଛି ଶ୍ରମିକ କାର୍ଯ୍ୟ କରିବାକୁ ଯାଇଥାନ୍ତି। କିନ୍ତୁ ସେଠାରେ ମଦ ତିଆରି କଥା ବାହାରକୁ ଆସି ନ ଥିଲା। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## Business

# ଜିଓର ୧.୬୫ କୋଟି, ବିଏସଏନଏଲର ୫୫.୫୮ଲକ୍ଷ ଗ୍ରାହକ

## ଏୟାରଟେଲର ୧.୨ କୋଟି, ଭୋଡାଫୋନ୍ ଆଇଡିଆର ୧୪.୬ ଲକ୍ଷ ଗ୍ରାହକ

ଭୁବନେଶ୍ୱର,୨୬।୧୦(ଅନୁରାଧା ମହାରଣା)




ଓଡ଼ିଶାରେ ଏକ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବରେ ନିଜର ସ୍ଥିତିକୁ ସୁଦୃଢ଼କରି ରିଲାଏନ୍ସ ଜିଓ ଅଗଷ୍ଟରେ ରାଜ୍ୟରେ ସର୍ବାଧିକ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଛି। ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ ଗ୍ରାହକ ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ୨୦୨୫ ଅଗଷ୍ଟରେ ଓଡ଼ିଶାରେ ପ୍ରାୟ ୧.୪୯ ଲକ୍ଷ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଛି। ଏଥିସହିତ ଓଡ଼ିଶାରେ ଜିଓ ନେଟୱର୍କରେ ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୧ କୋଟି ୬୫ ଲକ୍ଷ ଅତିକ୍ରମ କରିଛି ଏବଂ ଜିଓ ୪୬.୫ ପ୍ରତିଶତ ଗ୍ରାହକ ବଜାର ଅଂଶ ହାସଲ କରିଛି। ଅନ୍ୟପଟେ ବିଏସ୍ଏନ୍ଏଲ୍‌ର

### ଟ୍ରାଇ ତଥ୍ୟ

ମୋଟ୍ ଗ୍ରାହକସଂଖ୍ୟା ୫୫.୫୮ ଲକ୍ଷ, ଏୟାରଟେଲର ୧.୨ କୋଟିଏବଂ ଭୋଡାଫୋନ୍ ଆଇଡିଆର ମୋଟ ଗ୍ରାହକସଂଖ୍ୟା ୧୪.୬ ଲକ୍ଷ ରହିଛି। ଓଡ଼ିଶାର ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ ଜିଓ ଭାରତ ହଜାର ହଜାର ୨ଜି ଗ୍ରାହକଙ୍କୁ ୪ଜିକୁ ଅପଗ୍ରେଡ କରିବାରେ ସକ୍ଷମ କରିଛି। ତଥ୍ୟ ଅନୁଯାୟୀ, ଓଡ଼ିଶାରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ଅଗଷ୍ଟରେ ୨.୪୬ ଲକ୍ଷ ବୃଦ୍ଧି ପାଇ ୩୧ ଅଗଷ୍ଟ ୨୦୨୫ ସୁଦ୍ଧା ୩.୫୬ କୋଟି ଅତିକ୍ରମ କରିଛି। ଓଡ଼ିଶାରେ ୫ଜି ଫିକ୍ସଡ ୱାୟାରଲେସ ଆକ୍ସେସ (ଏଫ୍‌ଡବ୍ଲ୍ୟୁଏ) ସେବାରେ ପ୍ରାଧାନ୍ୟ ବିସ୍ତାର କରିଛି। ୨୦୨୫ ଅଗଷ୍ଟ ଶେଷ ସୁଦ୍ଧା ରାଜ୍ୟରେ ଜିଓର ୨.୨୬ ଲକ୍ଷରୁ ଅଧିକ ୫ଜି ଏଫ୍‌ଡବ୍ଲ୍ୟୁଏ ଏବଂ ୨୫୮୫୧ ୟୁବିଆର ଏଫ୍‌ଡବ୍ଲ୍ୟୁଏ ଗ୍ରାହକ ରହିଛନ୍ତି। ୱାୟାରଲେସ, ୱାୟାରଲାଇନ ଏବଂ ୫ଜି ଏଫଡବ୍ଲ୍ୟୁଏ କ୍ଷେତ୍ରରେ ଜିଓ ଓଡ଼ିଶାର ସର୍ବାଧିକ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ହୋଇଛି। ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ପୁନଃପରିଭାଷିତ କରି ଜିଓ ଏୟାରଫାଇବର ହାଇ ସ୍ପିଡ ବ୍ରଡବ୍ୟାଣ୍ଡ, ଅସୀମିତ ୱାଇଫାଇ, ୮୦୦ରୁ ଅଧିକ ଟିଭି ଚ୍ୟାନେଲ, ୧୧ରୁ ଅଧିକ ଓଟିଟି ଆପ୍, ଅସୀମିତ ୱାଇଫାଇ ଏବଂ ଆହୁରି ଅନେକ ସୁବିଧା ସହିତ ଲକ୍ଷ ଲକ୍ଷ ଛାତ୍ରୀଛାତ୍ର, ବୃତ୍ତିଗତ ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାରକୁ ଉପକୃତ କରିଛି।

# ଅକ୍ଟୋବର ୩୧ରେ ଆଇପିଓ ଲଞ୍ଚ କରିବ ଲେନ୍ସକାର୍ଟ

ଭୁବନେଶ୍ୱର,୨୬।୧୦

ଚଷମା କମ୍ପାନୀ ଲେନ୍ସକାର୍ଟ ସଲ୍ୟୁସନ୍ସ ଅକ୍ଟୋବର ୩୧ରେ ପ୍ରଥମ ଆଇପିଓ ଆରମ୍ଭ କରିବାକୁ ଯାଉଛି। ଏହା ମାଧ୍ୟମରେ କମ୍ପାନୀ ୨,୧୫୦ କୋଟିରୁ ଅଧିକ ଟଙ୍କା ସଂଗ୍ରହ କରିବାକୁ ଚେଷ୍ଟା କରୁଛି, ଯାହା ନୂଆ ଶେୟାରର୍ ଫ୍ରେଶ ଇସ୍ୟୁ ମାଧ୍ୟମରେ ହେବ। ରେଡ୍ ହେରିଙ୍ଗ ପ୍ରସ୍ପେକ୍ଟସ (ଆର୍‌ଏଚ୍‌ପି) ଅନୁଯାୟୀ, ଆଇପିଓ ନଭେମ୍ବର ୪ରେ ଶେଷ ହେବ। ଅକ୍ଟୋବର ୩୦ରେ ଗୋଟିଏ ଦିନ ପାଇଁ ଆଙ୍କର୍ ଇନ୍‌ଭେଷ୍ଟରଙ୍କ ପାଇଁ ବିଡିଙ୍ଗ ଖୋଲାଯିବ। ଫ୍ରେଶ ଇସ୍ୟୁ ସହିତ ଅଫର୍-ଫର୍-ସେଲ୍ (ଓଏଫ୍ଏସ୍) ମଧ୍ୟ ରହିବ, ଯେଉଁଥିରେ ପ୍ରମୋଟର୍ ଓ ଇନ୍‌ଭେଷ୍ଟରମାନେ ୧୨.୭୫ କୋଟିରୁ ଅଧିକ ଇକ୍ୱିଟି ଶେୟାର୍ ବିକ୍ରି କରିବେ। ଓଏଫ୍ଏସ୍‌ରେ ପ୍ରମୋଟର ପୀୟୂଷ ବଂଶଲ, ନେହା ବଂଶଲ, ଅମିତ ଚୌଧରୀ ଓ ସୁମିତ କପାହୀ ଏବଂ ଇନଭେଷ୍ଟରମାନେ ଏସ୍‌ଭିଏଫ୍-୨ ଲାଇଟବଲ୍‌ବ (କେମ୍ୟାନ) ଲିମିଟେଡ, ଷ୍ଟ୍ରୋଡର୍ସ କ୍ୟାପିଟାଲ ପ୍ରାଇଭେଟ ଇକ୍ୱିଟି ଏସିଆ ମୌରିସସ ଲିମିଟେଡ, ପିଆଇ ଅପର୍ଚୁନିଟିଜ ଫଣ୍ଡ ୨, ମ୍ୟାକ୍ରିଟି ଇନଭେଷ୍ଟମେଣ୍ଟସ୍ ପ୍ରାଇଭେଟ ଲିମିଟେଡ, କେଦାର କ୍ୟାପିଟାଲ ଫଣ୍ଡ ୨ ଏଲଏଲପି ଓ ଆଲ୍ଫା ୱେଭ ଭେଞ୍ଚର୍ସ ଏଲପି ଶେୟାର ବିକ୍ରି କରିବେ।

# ୱାଇ-ଫାଇ ୮ର ସଫଳ ପରୀକ୍ଷଣ

ଭୁବନେଶ୍ୱର,୨୬।୧୦

ଇଣ୍ଟରନେଟ ଜଗତରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି। ଟିପି-ଲିଙ୍କ ୟୁଏସ୍ଏ ଓ କ୍ୱାଲକମ ସମେତ ଅନେକ ଟେକ କମ୍ପାନୀ ମିଳିତ ଭାବେ ଓାଇ-ଫାଇ ୮ ପ୍ରଯୁକ୍ତିବିଦ୍ୟାର ସଫଳ ପରୀକ୍ଷଣ କରିଛନ୍ତି। ଏକ ପ୍ରୋଟୋଟାଇପ ଡିଭାଇସ ମାଧ୍ୟମରେ ଡାଟା ପଠାଇବା ଓ ଗ୍ରହଣରେ ସଫଳତା ହାସଲ କରି ଓାଇ-ଫାଇ ୮ ଏକ ଧାରଣାରୁ ବାସ୍ତବତା ଆଡ଼କୁ ଗତି କରୁଛି। ଏହି ନୂଆ ପିଢ଼ିର ଓ୍ୟାରଲେସ ପ୍ରଯୁକ୍ତି ଆଇଇଇଇ୮୦୨.୧୧ର ଅଲଟ୍ରା ହାଇ ରିଲାଏବିଲିଟି(ୟୁଏଚ୍ଆର୍) ଅଧୀନରେ ତିଆରି ହେଉଛି, ଯାହା ଦ୍ରୁତ ଗତି ସହିତ ସ୍ଥିର ଓ ଭରସାଯୋଗ୍ୟ ସଂଯୋଗ ପ୍ରଦାନ କରିବ। ଏଆଇ, ରୋବୋଟିକ୍ସ, ଶିଳ୍ପ ଅଟୋମେଶନ ଓ ହାଇ-ଡାଟା ପ୍ରୋସେସିଂ ପାଇଁ ଏହା ଉପଯୁକ୍ତ। ଓାଇ-ଫାଇ ୮, ଓାଇ-ଫାଇ ୭ ଅପେକ୍ଷା ୨୫% ଅଧିକ ଗତି, ୨୫% କମ୍ ଲେଟେନ୍ସି, ନେଟୱର୍କ ବଦଳାଇଲେ ଅବିଚ୍ଛିନ୍ନ ସଂଯୋଗ ଓ କମ ଶକ୍ତି ବ୍ୟୟ ସହିତ ଡିଭାଇସ ମଧ୍ୟରେ ସିଧାସଳଖ ସଂଯୋଗରେ ଉନ୍ନତି ଆଣିବ। ବର୍ତ୍ତମାନ ଏହା ପରୀକ୍ଷଣ ପର୍ଯ୍ୟାୟରେ ଅଛି ଓ ୨୦୨୮ ମାର୍ଚ୍ଚ ସୁଦ୍ଧା ଆଇଇଇଇ୮୦୨.୧୧ ବିଏନ୍ ଦ୍ୱାରା ଅନୁମୋଦିତ ହେବ, ଯାହା ପରେ ଓାଇ-ଫାଇ ୮ ରାଉଟର ଓ ଡିଭାଇସ ବଜାରରେ ଆସିବ। ଭାରତରେ ଏହାର ଆଗମନ ୬ ଗିଗାହର୍ଜ୍ ବ୍ୟାଣ୍ଡ ସ୍ପେକ୍ଟ୍ରମ ବିବାଦ ହେତୁ ବିଳମ୍ବ ହୋଇପାରେ, ଯାହା ଟେଲିକମ ଓ ଟେକ କମ୍ପାନୀମାନଙ୍କ ମଧ୍ୟରେ ବିତର୍କର ବିଷୟ। ସରକାରୀ ନିଷ୍ପତ୍ତି ଅନୁଯାୟୀ ଭାରତରେ ଓାଇ-ଫାଇ ୮ର ଉପଲବ୍ଧତା ନିର୍ଭର କରିବ।

# ମଦ ବିକ୍ରି ୧୦-୨୦% ବଢ଼ିବା ଆକଳନ

ଭୁବନେଶ୍ୱର,୨୬।୧୦



ପାର୍ବଣ ଋତୁରେ ମଦ ବ୍ୟବସାୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଅକ୍ଟୋବର-ଡିସେମ୍ବର ମାସରେ ୧୦-୨୦% ବିକ୍ରି ବଢ଼ିବ ବୋଲି ଆକଳନ କରାଯାଉଛି। ପ୍ରିମିୟମ ମଦ ଯେମିତି ସ୍କଚ୍, ହ୍ୱିସ୍କି, ରମ୍, ଭୋଡ଼କା ଜିନ୍ ଓ ଟେକ୍ୱିଲାରେ ବେଶି ବିକ୍ରି ହୋଇଛି। କେବଳ ବଡ଼ ସହର ନୁହେଁ ବରଂ ଛୋଟ ସହରରେ ମଧ୍ୟ ବିକ୍ରି ବଢ଼ିଛି। ରାଡିକୋ ଖାଇତାନ୍ ମୁଖ୍ୟ ଅମର ସିଂହ କହିଛନ୍ତି, ଏହି ଉତ୍ସବ ଋତୁରେ ପ୍ରିମିୟମ ଓ ଲକ୍ଜୁରି ମଦରେ ଭଲ ବିକ୍ରି ହୋଇଛି। ଲୋକେ ଉନ୍ନତ ମଦ ପସନ୍ଦ କରୁଛନ୍ତି। ରାମପୁର୍ ଇଣ୍ଡିଆନ୍ ସିଙ୍ଗଲ ମାଲ୍ଟ ଓ ଜୈଶଲମେର ଇଣ୍ଡିଆନ୍ କ୍ରାଫ୍ଟ ଜିନରେ ବେଶି ବିକ୍ରି ହୋଇଛି। ବଡ଼ଦିନ ଓ ନୂଆ ବର୍ଷରେ ମଧ୍ୟ ଏହି ଧାରା ଜାରି ରହିବ। ସିଆଇଏବିସିର ଅନନ୍ତ ଏସକ ଆୟର କହିଛନ୍ତି, ଭଲ ମୌସୁମୀ ଓ ଅର୍ଥନୀତି ବିକ୍ରି ବଢ଼ାଇବ। ଆଇଏସ୍‌ଡବ୍ଲ୍ୟୁଆଇ ସିଇଓ ସଞ୍ଜିତ ପାଢ଼ୀ କହିଛନ୍ତି, ଜିଏସ୍‌ଟି ଲାଭ କାରଣରୁ ପ୍ରିମିୟମ ମଦରେ ବିକ୍ରି ବେଶି ହୋଇଛି। ନୋଇଡ଼ା ଓ ଗୁରୁଗ୍ରାମରେ ରେକର୍ଡ ବିକ୍ରି ହୋଇଥିବାବେଳେ ତେଲଙ୍ଗାନାରେ ଦଶହରାରେ ୨ ଦିନରେ ୧,୦୦୦ କୋଟି ଓ କୋଲକାତାରେ ଦୁର୍ଗାପୂଜାରେ ୧୫-୧୬% ବିକ୍ରି ବୃଦ୍ଧି ହୋଇଛି। ୨୦୨୪ରେ ୪୦୮ ମିଲିୟନରୁ ୩.୫ ଲକ୍ଷ କୋଟି ଅବକାରୀ ଆୟ ହୋଇଛି।

# ଏସ୍‌ବିଆଇ କାର୍ଡସ: ୨ୟ ତ୍ରୈମାସରେ ୫,୧୩୬ କୋଟି ଆୟ

ଭୁବନେଶ୍ୱର,୨୬।୧୦(ଅନୁରାଧା ମହାରଣା)

ଏସ୍‌ବିଆଇ କାର୍ଡସ ଏଣ୍ଡ ପେମେଣ୍ଟ ସର୍ଭିସେସ ଲିମିଟେଡ୍‌ର ବୋର୍ଡ ସେପ୍ଟେମ୍ବର ୩୦ରେ ଶେଷ ହୋଇଥିବା ତ୍ରୈମାସିକର ଆର୍ଥିକ ଫଳାଫଳ ଅନୁମୋଦନ କରିଛି। ଆର୍ଥିକ ବର୍ଷ ୨୦୨୫-୨୬ର ଦ୍ୱିତୀୟ ତ୍ରୈମାସରେ ମୋଟ ଆୟ ୧୩% ବୃଦ୍ଧି ପାଇ ୫,୧୩୬ କୋଟି ଟଙ୍କା ଆୟ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୪,୫୫୬ କୋଟି ଟଙ୍କା ଥିଲା। ନେଟ ଲାଭ ୧୦% ବୃଦ୍ଧି ପାଇ ୪୪୫ କୋଟି ହୋଇଛି। ଯାହାକି ଗତ ଆର୍ଥିକ ବର୍ଷରେ ସମାନ ସମୟରେ ୪୦୪ କୋଟି ଟଙ୍କା ଥିଲା। କାର୍ଡ-ଇନ୍-ଫୋର୍ସ ୧୦% ବୃଦ୍ଧିପାଇ ୨.୧୫ କୋଟି ଓ ଖର୍ଚ୍ଚ ୩୧% ବୃଦ୍ଧି ପାଇ ୧,୦୭,୦୬୩ କୋଟି ହୋଇଛି। ରେସିଭବେଲ ୮% ବୃଦ୍ଧି ପାଇ ୫୯,୮୪୫ କୋଟି ରହିଛି। ବଜାର ଅଂଶ କାର୍ଡରେ ୧୯% ଓ ଖର୍ଚ୍ଚରେ ୧୭% ରହିଛି। ଅନ୍ୟପଟେ ଇଣ୍ଟରେଷ୍ଟ ଆୟ ୨,୪୯୦ କୋଟି, ଫିସ ୨,୪୭୧ କୋଟି, ଅପରେଟିଙ୍ଗ ଖର୍ଚ୍ଚ ୨,୪୮୪ କୋଟି ଓ ବ୍ୟାଡ ଡେବ୍ଟ ୧,୨୯୩ କୋଟି ଥିବା ସୂଚନା ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ...........................


ଓଁ ଶ୍ରୀ ପଲାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରତୀକ, ସରୁନଙ୍କୁ ବ୍ରୋଞ୍ଜ ପଦକ

**ସାଉଥ୍ ଏସିଆନ ସିନିୟର ଆଥଲେଟିକ୍ସ**

ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)

ଝାଡ଼ଖଣ୍ଡର ରାଞ୍ଚିଠାରେ ରବିବାର ଶେଷ ହୋଇଥିବା ୪ର୍ଥ ସାଉଥ୍ ଏସିଆନ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ୨ ଜଣଯାକ ପ୍ରତିଯୋଗୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତୀକ ମହାରଣା ପୁରୁଷ ୨୦୦ ମିଟରରେ ଏବଂ ସରୁନ ପାୟାସିଂ ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ପ୍ରତୀକ ୨୧.୪୪ ସେକେଣ୍ଡ ସମୟ ନେଇ ୨୦୦ ମିଟରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟତମ ଭାରତୀୟ ପ୍ରତିଯୋଗୀ ସନ୍ଦିପ ସିଂ ୨୧.୨୩ ଓ ଶ୍ରୀଲଙ୍କାର ରାଜାମୁନୀ ଇନ୍ଦୁସାରା ୨୧.୪୨ ସେକେଣ୍ଡ ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ ସରୁନ ୭.୫୨ ମିଟର କ୍ଲିୟର କରି ବ୍ରୋଞ୍ଜ ଜିତିଛନ୍ତି। ସେ ନିଜ ଦ୍ୱିତୀୟ ଉଦ୍ୟମରେ ଏହି ସଫଳତା ପାଇଥିଲେ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ମହମ୍ମଦ ସାଜିଦ ୭.୬୮ ମିଟର ସହ ସ୍ୱର୍ଣ୍ଣ ଏବଂ ଶ୍ରୀଲଙ୍କାର ଉନାଗୋଲୋ ଡି. ୟେସ ଊ୍ୱସମି ୭.୫୬ ମିଟର ଡେଇଁ ରୌପ୍ୟ ପଦକ ପାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ୪x୧୦୦ ମିଟର ରିଲେ ଦଳର ସଦସ୍ୟଭାବେ ପ୍ରତୀକ ଶନିବାର ରୌପ୍ୟ ପଦକ ହାସଲ କରି ସାରିଛନ୍ତି। ପ୍ରତୀକ, ହର୍ଷ ରାଉତ, ଜେ. ସିଂ ଧିଲୋନ ଓ ପ୍ରଣବ ଗୌରବଙ୍କୁ ନେଇ ଗଠିତ ଭାରତୀୟ ଦଳ ୪୦.୬୫ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଶ୍ରୀଲଙ୍କା ଦଳ ସ୍ୱର୍ଣ୍ଣ ଓ ବାଂଲାଦେଶ ଦଳ ବ୍ରୋଞ୍ଜ ପଦକ ପାଇଥିଲା। ଫଳରେ ପ୍ରତିଯୋଗିତାରେ ପ୍ରତୀକ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ଜିତି ଅଭିଯାନ ଶେଷ କରିଛନ୍ତି।




ପୁରୁଷ ୨୦୦ ମିଟର ଓ ଲଙ୍ଗଜମ୍ପ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶାର ପ୍ରତୀକ ମହାରଣା ଓ ସରୁନ ପାୟାସିଂ।

# ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇଲା ତାରିଣୀ କ୍ଲବ

**ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ**

ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)

ନୟାପଲ୍ଲୀର ସିଟି କ୍ଲବ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚରେ କେନ୍ଦୁଝରର ତାରିଣୀ କ୍ଲବ ୫-୪ ଗୋଲରେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। ପୂରା ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ ପାଇଁ ତାରିଣୀ କ୍ଲବର ରାଣୀ ବାଗ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଶେଖାଓ୍ୱତ ଖାଁ, ସୁଜିତ କୁମାର ପାତ୍ର, ଶିବ ପ୍ରସାଦ ସାମନ୍ତରାୟ ଏବଂ ଶୋଭାଲିନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଶିବ ଶଙ୍କର ପଣ୍ଡା। ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ରଞ୍ଜିତା ମହାନ୍ତି ଅତିଥିଭାବେ ଯୋଗଦେଇ ରାଣୀ ବାଗ୍‌ଙ୍କୁ ପୁରସ୍କୃତ କରିଥିଲେ। ଗୀତାଞ୍ଜଳି ଖୁଣ୍ଟିଆ ଓ ଗାୟତ୍ରୀ ମଲିକ ମଧ ଉପସ୍ଥିତ ଥିଲେ। ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର କୁମାର ନାୟକ, ବନୋଜ କୁମାର ପ୍ରଧାନ, ତିଳୋତ୍ତମା ଦଳେଇ, ଦୀପକ କୁମାର ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।



ରାଣୀ ବାଗ୍‌ଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ଦିନିକିଆରୁ ବିଦାୟ ନେଲେ ଡିଭାଇନ

ବିଶାଖାପାଟଣା, ୨୬।୧୦

ସ୍ପିନରଙ୍କ ଜବରଦସ୍ତ ବୋଲିଂ ପ୍ରଦର୍ଶନ ବଳରେ ଏଠାରେ ଖେଳାଯାଇଥିବା ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଏକ ଲିଗ୍ ମ୍ୟାଚ୍‌ରେ ଇଂଲଣ୍ଡ ୮ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହି ପରାଜୟ ସହ ନ୍ୟୁଜିଲାଣ୍ଡର ଅଧିନାୟିକା ତଥା ଭେଟେରାନ ଅଲରାଉଣ୍ଡର ସୋଫି ଡିଭାଇନ ଦିନିକିଆ କ୍ରିକେଟ୍‌କୁ ଅଲବିଦା କରିଛନ୍ତି। ଏହି ବିଜୟ ସହ ଇଂଲଣ୍ଡ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଥିବା ବେଳେ ପରାଜିତ ହୋଇଥିବା ନ୍ୟୁଜିଲାଣ୍ଡ ଷଷ୍ଠ ସ୍ଥାନରେ ରହି ଟୁର୍ନାମେଣ୍ଟରୁ ବିଦାୟ ନେଇଛି।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଏକଦା ୮୯/୧ ସ୍କୋର କରିଥିବା ବେଳେ ୧୬୮ ରନରେ ଅଲଆଉଟ୍ ହୋଇଥିଲା। ଡିଭାଇନ ତାଙ୍କ କ୍ୟାରିୟରର ଅନ୍ତିମ ମ୍ୟାଚ୍‌ରେ ୧ ଚୌକା ସହ ୨୩ ରନ କରିଥିଲେ। ସେ ଆଉଟ୍ ହେବା ପରେ ଉଭୟ ଦଳର ଖେଳାଳି ତାଳି ମାରି ତାଙ୍କୁ ବିଦାୟ ଜଣାଇଥିଲେ। ଇଂଲଣ୍ଡ ପାଇଁ ଲିନସି ସ୍ମିଥ ୩ ଉଇକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ୨୯.୨ ଓଭରରେ ୨ ଉଇକେଟ ହରାଇ ୧୭୨ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପାଇଁ ଆମି ଜୋନ୍ସ ଅପରାଜିତ ୮୬ (୧୧ ଚୌକା ଓ ୧ ଛକା) ରନ କରିଥିବା ବେଳେ ଟାମି ବ୍ୟୁମଣ୍ଟ ୪୦ ଓ ହିଥର ନାଇଟ୍ ୩୩ ରନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଡିଭାଇନ ଓ ଲି ତାହୁହୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ୍ ପରେ ଦୁଇ ଦଳର ଖେଳାଳି ଏକତ୍ରିତ ହୋଇ ଡିଭାଇନଙ୍କୁ ଗାର୍ଡ ଅଫ୍ ଅନର ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୧୫ ବର୍ଷ ଧରି ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ସକ୍ରିୟ ଥିବା ଡିଭାଇନ ୧୫୯ ଦିନିକିଆ ଓ ୧୪୬ ଟି୨୦ ମ୍ୟାଚ୍ ଖେଳିଥିଲେ। ଦିନିକିଆରେ ୯ ଶତକ ସହ ୪,୨୭୯ ରନ କରିବା ସହ ୧୧୧ ଉଇକେଟ ନେଇଥିଲେ। ସେହିଭଳି ଟି୨୦ରେ ତାଙ୍କ ନାମରେ ୧ ଶତକ ସହ ୩,୪୩୧ ରନ ଓ ୧୧୯ ଉଇକେଟ ରହିଛି।




**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୩୮.୨ ଓଭରରେ ୧୬୮/ଅଲଆଉଟ୍ (ଜର୍ଜିଆ ପ୍ଲିମର-୪୩, ଆମେଲିଆ କେର-୩୫, ସୋଫି ଡିଭାଇନ-୨୩, ଲିନସି ସ୍ମିଥ-୩/୩୦, ନାଟ୍ ସ୍କିଭର-ବ୍ରଣ୍ଟ-୨/୩୧)। ଇଂଲଣ୍ଡ: ୨୯.୨ ଓଭରରେ ୧୭୨/୨ (ଆମି ଜୋନ୍ସ-୮୬, ଟମି ବ୍ୟୁମଣ୍ଟ-୪୦, ସୋଫି ଡିଭାଇନ-୧/୨୦, ଲି ତାହୁହୁ-୧/୯)।

# ଓଡ଼ିଶା ବିପକ୍ଷରେ ଆସାମ ୨୦୦/୯

**ସି.କେ. ନାଇଡୁ ଟ୍ରଫି**

**ରୀତେଶଙ୍କୁ ୪ ଉଇକେଟ**

ଭୁବନେଶ୍ୱର, ୨୬।୧୦ (ବିଜୟ ରଣା)

ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ରବିବାର ଆରମ୍ଭ ହୋଇଥିବା ଓଡ଼ିଶା ବିପକ୍ଷ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ଆସାମ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଛି। ଦଳ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୭୧.୨ ଓଭରରେ ୯ ଉଇକେଟ ବିନିମୟରେ ୨୦୦ ରନ କରିଛି। ଦଳ ପକ୍ଷରୁ ରଜବୀର ସିଂ ୯୪ରନ କରି ଅପରାଜିତ ରହିଥିବା ବେଳେ କବୀର ହସନ ଦେଶମୁଖ ୩୭ ରନ କରିଛନ୍ତି। ଓଡ଼ିଶା ପକ୍ଷରୁ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ରିତେଶ ପ୍ରିୟରଞ୍ଜନ ତାଙ୍କ ୧୬ ଓଭର ବୋଲିଂରେ ୩୫ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଛନ୍ତି। ମହମ୍ମଦ ଦାନିଶ ତାଙ୍କ ୧୨ ଓଭର ବୋଲିଂରେ ୫ ମେଡେନ ସହ ୨୮ ରନ ଦେଇ ୨ ଉଇକେଟ ହାସଲ କରିଛନ୍ତି।

# ରଣଜୀ ଇତିହାସର ସବୁଠୁ ଛୋଟ ମ୍ୟାଚ୍

ନୂଆଦିଲ୍ଲୀ, ୨୬।୧୦

ଚଳିତ ରଣଜୀ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ସର୍ଭିସେସ ଓ ଆସାମ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ସବୁଠୁ ଛୋଟ ମ୍ୟାଚ୍ ହେବାର ରେକର୍ଡ କରିଛି। ଏହି ୪ ଦିନିଆ ମ୍ୟାଚ୍ ମାତ୍ର ୯୦ ଓଭର ମଧ୍ୟରେ ଶେଷ ହୋଇଛି। ମ୍ୟାଚ୍‌ରେ ସର୍ଭିସେସ ୮ ଉଇକେଟରେ ଆସାମକୁ ପରାସ୍ତ କରିଛି। ମ୍ୟାଚ୍‌ରେ ଖେଳାଯାଇଥିବା ବଲ ସଂଖ୍ୟା ଦୃଷ୍ଟିରୁ ଏହା ଟୁର୍ନାମେଣ୍ଟ ଇତିହାସର ସବୁଠୁ ଛୋଟ ମ୍ୟାଚ୍। ଏଥିପୂର୍ବରୁ ଏହି ରେକର୍ଡ ୧୯୬୨ରେ ରେଲୱେ ଓ ଦିଲ୍ଲୀ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୫୪୭ ବଲରେ ଶେଷ ହୋଇଥିଲା। ମ୍ୟାଚ୍‌ର ପ୍ରଥମ ଇନିଂସରେ ଆସାମ ୧୦୩ ରନ କରିଥିବା ବେଳେ ସର୍ଭିସେସ ୧୦୮ ରନ କରିଥିଲା। ଫଳରେ ୫ ରନରେ ପଛୁଆ ଥିବା ଆସାମ ତା'ର ଦ୍ୱିତୀୟ ଇନିଂସରେ ୭୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଏଥିଯୋଗୁ ୭୧ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ସର୍ଭିସେସ ମ୍ୟାଚ୍‌ର ଦ୍ୱିତୀୟ ଦିନ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା।


## ଜନ୍ମଦିନ ଶୁଭେଚ୍ଛା


ଓଁ ଶ୍ରୀ ପଲାଇ
ଗମ୍ଭାରିମୁଣ୍ଡା, ମହତପଲା, ପଙ୍କାଳ, ବାଣପୁର, ଖୋର୍ଦ୍ଧା
ଆଜି ତୋର ତା୨୭।୧୦।୨୫ରିଖରେ ୧୯ତମ ଜନ୍ମବାର୍ଷିକୀ ଉତ୍ସବରେ ମା' ଖିଲାମୁଣ୍ଡା ଏବଂ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ସହ ଶୁଭକାମନା କରୁଛୁ।
ବାବା, ମମି, ଆଈ, ମଉସା, ମାଉସୀ, ବଡ଼ବାବା, ବଡ଼ବୋଉ,ମାମୁ, ଖୁସି, ଚିଣ୍ଟୁ, ଚିଙ୍କୁ, ଲିପିନା,ବୁବୁନା, ସୋମୁ, ଗୋପୀ, ଲକ୍ଷ୍ମୀପ୍ରିୟା ଓ ପରିବାରବର୍ଗ।
ଧ-୨୩୯୧


# କିମ୍ବଦନ୍ତୀ ଫୁଟ୍‌ବଲ କୋଚ୍ ଲାପୁଏଣ୍ଟେଙ୍କ ପରଲୋକ

ମେକ୍ସିକୋ ସିଟି, ୨୬।୧୦

ମେକ୍ସିକାନ ଫୁଟବଲର ଅନ୍ୟତମ ସଫଳ କୋଚ୍ ମାନୁଏଲ ଲାପୁଏଣ୍ଟେଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ତାଙ୍କର ମୃତ୍ୟୁ ସମ୍ପର୍କରେ ମେକ୍ସିକାନ ସକର ଫେଡେରେଶନ ପକ୍ଷରୁ କୁହାଯାଇଛି। ହେଲେ ତାଙ୍କ ମୃତ୍ୟୁର କାରଣ ପ୍ରକାଶ କରାଯାଇ ନାହିଁ। ଲାପୁଏଣ୍ଟେ ଉଭୟ ଜଣେ ଖେଳାଳି ଓ କୋଚ୍ ଭାବେ ବେଶ ସଫଳ ଥିଲେ। ସେ ୧୯୬୪ରୁ ୧୯୭୫ ପର୍ଯ୍ୟନ୍ତ ଖେଳାଳି ଭାବେ ସକ୍ରିୟ ରହିଥିଲେ। ସେ ଦୁଇ ଥର ଜାତୀୟ ଦଳର କୋଚ୍ ଭାର ସମ୍ଭାଳିଥିଲେ।

# ଉତ୍କଳ କରାଟେ ସ୍କୁଲରେ କରାଟେ ଗ୍ରେଡିଂ


କରାଟେ ଗ୍ରେଡିଂ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଥିବା କରାଟେକାମାନେ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)

ଉତ୍କଳ କରାଟେ ସ୍କୁଲରେ ସମସ୍ତ ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମୋଟ ୩୩୬ କରାଟେକା ଏଥିରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସିନିୟର ପ୍ରଶିକ୍ଷକ ସେନସେଇ ଖାରବେଳ ମଲିକ, ଅରବିନ୍ଦ ପଟ୍ଟନାୟକ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ଶୁଭେନ୍ଦୁ ଲେଙ୍କା, ସପନ ମିଶ୍ର, ରାହୁଲ ପ୍ରଧାନ, ଗୋପାଳ ରାଓ, ଆଶିଷ ରାଉତ, ଦୀପକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଭୁବନେଶ୍ୱରର ମୁଖ୍ୟ ଶାଖା, ଟଙ୍କପାଣି ରୋଡ, ଡେକାଥଲନ, ଓଏମ୍‌ସି, ଚନ୍ଦ୍ରଶେଖରପୁର, କଳ୍ପନା, ଡୁମ୍‌ଡୁମା, ଉରାଳି, ଭରତପୁର ଓ ରଘୁନାଥପୁରରୁ କରାଟେକାମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ଜାତୀୟ କରାଟେ ସଂଘର ବୈଷୟିକ ନିର୍ଦ୍ଦେଶକ ତଥା ରାଜ୍ୟ କରାଟେ ସଂଘର ସଭାପତି ହରି ପ୍ରସାଦ ପଟ୍ଟନାୟକ କୃତୀ କରାଟେକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପରୀକ୍ଷାରେ ୟେଲୋ ବେଲ୍ଟରେ ୫୮, ଅରେଞ୍ଜ ବେଲ୍ଟରେ ୫୬ , ଗ୍ରୀନ୍ ବେଲ୍ଟରେ ୬୬, ବ୍ଲୁ ବେଲ୍ଟରେ ୫୨ ଏବଂ ବ୍ରାଉନ୍ ବେଲ୍ଟରେ ୧୦୪ ଜଣ କୃତକାର୍ଯ୍ୟ ହୋଇଛନ୍ତି।

# ରାଜ୍ୟ ପାରା ସୁଇମିଂ ଉଦ୍‌ଯାପିତ

ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ): କଳିଙ୍ଗ ଷ୍ଟାଡିୟମର ଆକ୍ୱାଟିକ୍ ସେଣ୍ଟରରେ ରାଜ୍ୟ ପାରା ସୁଇମିଂ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ରାଜ୍ୟର ୧୪୦ରୁ ଊର୍ଦ୍ଧ୍ୱ ପାରା କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ବିଭାଗର ଉପ ସଚିବ ଅମିତ କୁମାର ନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପଦକ ବିଜେତାଙ୍କୁ ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନ ସଭାପତି କମଳା କାନ୍ତ ରଥ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପାରା ସୁଇମରଙ୍କୁ ଆଗାମୀ ଜାତୀୟ ପାରା ସୁଇମିଂ ଚାମ୍ପିୟନଶିପ୍ ପାଇଁ ଚୟନ କରାଯିବ। ଜାତୀୟ ପ୍ରତିଯୋଗିତାର ୨୫ତମ ସଂସ୍କରଣ ନଭେମ୍ବର ୧୫ରୁ ୧୮ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଅନୁଷ୍ଠିତ ହେବ।

# ସୁଜିତ ସେମିରେ

ନୋଭି ସାଦ୍ (ସର୍ବିୟା), ୨୬।୧୦ (ପି.ଟି.): ସୁଜିତ କାଲ୍‌କାଲ୍ ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଭାରତର ଅନ୍ୟ ୩ଜଣ ସେମାନଙ୍କ ଓଜନ ଶ୍ରେଣୀରେ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଗତବର୍ଷ ଏହି ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜପଦକ ହାସଲ କରିଥିବା ସୁଜିତ ଏହି ବର୍ଷ ୨୩ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍‌ରେ ଟାଇଟଲ ବିଜୟୀ ହୋଇଥିଲେ। ସେ ମାଲ୍‌ଡୋଭାର ଫିଓଦୋର ସିଏଭାରି (୨୧-୨) ଓ ପୋଲାଣ୍ଡର ଡୋମିନିକ ଜାକବ (୧୧-୦)ଙ୍କ ବିପକ୍ଷ ପ୍ରଥମ ଦୁଇ ବାଉଣ୍ଟ ଟେକ୍‌ନିକାଲ ସୁପରିୟରିଟି ଦ୍ୱାରା ପରାଜିତ ହୋଇଥିଲେ। ଏକଦା ବଶିର ମାଗୋମ୍‌ଦୋଭଙ୍କ ବିପକ୍ଷ କ୍ୱାର୍ଟରଫାଇନାଲରେ ଆରମ୍ଭରେ ପଛୁଆ ଥାଇ ଶେଷରେ ୪-୨ରେ ବିଜୟ ହାସଲକରି ସେମିଫାଇନାଲରେ ପ୍ରବେଶ କରିଥିଲେ।


# Classified Everyday
**0674-2580101, 9692975378**


REAL ESTATE
SALE

Gharabari bounded plot 10000sq.ft and 2400sq. ft for sale. Adjacent to Meera's Courtyard at Kurunti near Kuranga footballfield, 200mtr. from Niali-Nakhara SH Cuttack sadar. Contact- 9861044442. D-2364

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834

Bhubaneswar Gothapatna 100ft ମେନ୍‌ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952। D- 07




Newly open Jyoti spa positively health benefits (Expert therapist). 8458067955. D-76942

**AFFIDAVIT**

I, Bhajaram Pradhan son of Subal Pradhan of At/ Post.- Baradandi, P.S.- Bolagarh, Dist.-Khordha, PIN- 752066 declare by this affidavit No.- 2875, Dtd.- 23.10.25, that now onwards I shall be known as Bhajaman Pradhan for all future purposes. D-2395

I, Hari Hara Nath, S/o.- Bauribandhu Nath, Resident of Vill.- Sompur, Rajatei, Dist.- Puri, Odisha, declare by this affidavit No.-9, dtd.- 24.10.2025 that, now onwards I shall be known as Harihara Nath for all future purposes. D-76943

By virtue of an affidavit sworn before Executive Magistrate, Basudevpur, dated- 04.10.2025, I, Narayan Ghadai (71), S/o.- Late Jogendra Ghadai, Residing At- Apartipur, P.O.- Matipaka, P.S.- Naikanidihi, Dist.- Bhadrak, Odisha declare that my name is wrongly mentioned as Narayan Chandra Ghadai in the Passport of my son Krushna Chandra Ghadai. I declare that Narayan Ghadai and Narayan Chandra Ghadai is same and one person. D-2394

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

By virtue of an affidavit sworn before Executive Magistrate, Jajpur, dated- 25.10.2025, I, Kaikeyee Sahu, At- Indaroi, P.O.- Erabank, P.S.- Jajpur Sadar, Dist.- Jajpur, Odisha, PIN- 755017 declare that I have changed my name from Pokeya Sahu to Kaikeyee Sahu. Henceforth, I shall be known as Kaikeyee Sahu for all purposes.
Kaikeyee Sahu
D-2393

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ସପ୍ତଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ରେଣୁବାଳା ପଣ୍ଡା**
ଗୁଣ୍ଡିଚା ବିହାର, ପୁରୀ
ଆବିର୍ଭାବ :୧୨।୦୯।୧୯୫୨
ତିରୋଧାନ: ୦୪।୧୧।୨୦୦୮
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୨୩୯୨

ନୋବେଲ ପୁରସ୍କାର-୨୦୨୫ (ରସାୟନ ବିଜ୍ଞାନ)

# ମେଟାଲ ଅର୍ଗାନିକ୍ ଫ୍ରେମ୍‌ୱାର୍କ



ରମେଶ ଚନ୍ଦ୍ର ପରିଡ଼ା

"ଚଳିତବର୍ଷର ରସାୟନ ବିଜ୍ଞାନ ନୋବେଲ ପୁରସ୍କାର ମିଳିତ ଭାବେ ପ୍ରାପ୍ତ ହୋଇଛନ୍ତି ଜାପାନର କିୟୋଟୋ ବିଶ୍ୱବିଦ୍ୟାଳୟର ସୁସୁମୁ କିଟାଗାୱା, ମେଲବୋର୍ନ ବିଶ୍ୱବିଦ୍ୟାଳୟ (ଅଷ୍ଟ୍ରେଲିଆ)ର ରିଚାର୍ଡ ରୋବସନ୍ ଏବଂ ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ (ଆମେରିକା)ର ଓମାର ୟାଘି। ସେମାନଙ୍କ ମଧ୍ୟରେ ଏହାର ପୁରସ୍କାର ରାଶି ୧୧ ନିୟୁତ ସ୍ୱିଡଶ କୋନାର (ସ୍ୱିଡେନ୍ ମୁଦ୍ରା) ସମାନ ଭାବରେ ଭାଗ କରାଯିବ। ଏକ ନୂତନ ଶ୍ରେଣୀର ସଚ୍ଛିଦ୍ର ସଂରଚନାମାନ ଉଦ୍ଭାବନ ପାଇଁ ଏହି ତିନି ଜଣ ରସାୟନବିତ୍‌ଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ନିୟମିତ ଧାରାରେ ସ୍ଥାନିତ ହୋଇଥାଏ ବହୁ ସଂଖ୍ୟକ ବଡ଼ ବଡ଼ ଛିଦ୍ର। ଅତଏବ ତାହା ବାଷ୍ପ ଶୋଷଣ କରିବା ଏବଂ ଗଚ୍ଛିତ କରିବାଠାରୁ ଶରୀର ମଧ୍ୟରେ ଔଷଧର ପ୍ରବାହ, ଉତ୍ପ୍ରେରକ ରୂପେ କାର୍ଯ୍ୟ କରିବା ଏବଂ ଆହୁରି ଅନେକ କାର୍ଯ୍ୟ ସମ୍ପାଦନ ଲାଗି ସମର୍ଥ।"





ସୁସୁମୁ କିଟାଗାୱା



ରିଚାର୍ଡ ରୋବସନ୍



ଓମାର ୟାଘି

ଚଳିତବର୍ଷର ରସାୟନ ବିଜ୍ଞାନ ନୋବେଲ ପୁରସ୍କାର ମିଳିତ ଭାବେ ପ୍ରାପ୍ତ ହୋଇଛନ୍ତି ଜାପାନର କିୟୋଟୋ ବିଶ୍ୱବିଦ୍ୟାଳୟର ସୁସୁମୁ କିଟାଗାୱା, ମେଲବୋର୍ନ ବିଶ୍ୱବିଦ୍ୟାଳୟ (ଅଷ୍ଟ୍ରେଲିଆ)ର ରିଚାର୍ଡ ରୋବସନ୍ ଏବଂ ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ (ଆମେରିକା)ର ଓମାର ୟାଘି। ସେମାନଙ୍କ ମଧ୍ୟରେ ଏହାର ପୁରସ୍କାର ରାଶି ୧୧ ନିୟୁତ ସ୍ୱିଡିଶ କ୍ରୋନ୍ (ସ୍ୱିଡେନ୍ ମୁଦ୍ରା) ସମାନ ଭାବରେ ଭାଗ କରାଯିବ। ଏକ ନୂତନ ଶ୍ରେଣୀର ସଚ୍ଛିଦ୍ର ସଂରଚନାମାନ ଉଦ୍ଭାବନ ପାଇଁ ଏହି ତିନି ଜଣ ରସାୟନବିତ୍‌ଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ନିୟମିତ ଧାରାରେ ସ୍ଥାନିତ ହୋଇଥାଏ ବହୁ ସଂଖ୍ୟକ ବଡ଼ ବଡ଼ ଛିଦ୍ର। ଅତଏବ ତାହା ବାଷ୍ପ ଶୋଷଣ କରିବା ଏବଂ ଗଚ୍ଛିତ କରିବା ଠାରୁ ଶରୀର ମଧ୍ୟରେ ଔଷଧର ପ୍ରବାହ, ଉତ୍ପ୍ରେରକ ରୂପେ କାର୍ଯ୍ୟ କରିବା ଏବଂ ଆହୁରି ଅନେକ କାର୍ଯ୍ୟ ସମ୍ପାଦନ ଲାଗି ସମର୍ଥ। ତମ୍ବା, କୋବାଲଟ୍, ନିକେଲ ଆଦି ଧାତବ ଆୟନ ଚତୁଃପାର୍ଶ୍ୱରେ କେତେକ ଜୈବିକ ଲିଜେଣ୍ଡ ବା ସଂଯୋଜକ ସଜ୍ଜିତ ରହି ଏହାକୁ ଗଠନ କରିଥାଆନ୍ତି। ଏଣୁ ଏହାକୁ ଧାତବ-ଜୈବିକ ବ୍ୟବସ୍ଥା ବା 'ମେଟାଲ-ଅର୍ଗାନିକ୍ ଫ୍ରେମ୍‌ୱାର୍କ (ଏମ.ଏଫ.ଓ.) ରୂପେ ନାମିତ କରାଯାଇଛି।

**ବ୍ୟବସ୍ଥାର ବିକାଶ:** ପ୍ରଥମେ ରୋବସନ୍ ୧୯୮୦ ଦଶକରେ ହୀରାର ସଂରଚନା ଦ୍ୱାରା ପ୍ରଭାବିତ ହୋଇ ଏଥିପାଇଁ ଅନୁପ୍ରାଣିତ ହୋଇଥିଲେ। ସେ ତମ୍ବାଧାତୁର ଆୟନ ସହିତ ଏକ ଜୈବିକ ୪ଟି ଗ୍ରୁପ ଥିବା 'ଲିଜେଣ୍ଡ' ଅଣୁ ଯୋଡି ଏହା ପ୍ରସ୍ତୁତ କରିଥିଲେ। ଏହାର ସଂରଚନା ହୀରା ସହିତ ମେଳ ଖାଉଥିଲା। ତେବେ ସେଥିରେ ଥିଲା ବଡ଼ ବଡ଼ ରନ୍ଧ୍ର। ତପ୍ସରେ ସେ ଏକ ପ୍ରକାର ଆହୁରି ଅନେକ ଆଣବିକ ସଂରଚନାମାନ ପ୍ରସ୍ତୁତ କଲେ ଏବଂ ତାହାକୁ ନେଇ ୧୯୮୯ ମସିହାରେ ନିବନ୍ଧଟିଏ ପ୍ରକାଶ କଲେ 'ଦ ଜର୍ନାଲ ଅଫ ଆମେରିକାନ୍ କେମିକାଲ ସୋସାଇଟି'। ତେବେ ତାଙ୍କର ଏହି ସଂରଚନାଗୁଡିକ ଭଙ୍ଗୁର ଥିଲା।

ତପ୍ସରେ କିଟାଗାୱା ୧୯୯୦ ଦଶକର ପ୍ରାରମ୍ଭରେ ଏହି ଶ୍ରେଣୀର ଆଣବିକ ସଂରଚନାମାନ ପ୍ରସ୍ତୁତ କରି ତାହା ଅଧ୍ୟୟନ କରିବାକୁ ଲାଗିଲେ। ତାଙ୍କୁ ଏଥିରେ ବଡ ଧରଣର ସଫଳତା ମିଳିଲା। ସେ ୧୯୯୭ ମସିହାରେ ପ୍ରସ୍ତୁତ କଲେ କୋବାଲଟ ନିକେଲ କିମ୍ବା ଦସ୍ତା ଆୟନ ଏବଂ ୪.୪-ବାଇପିରିଡିନ ଜୈବିକ ଲିଜେଣ୍ଡ' ବ୍ୟବହାର କରି ନାନାଦି ୩-ସ୍ତରୀୟ ଏଫ୍.ଏମ୍.ଓ.। ଏଗୁଡ଼ିକ ଅତ୍ୟନ୍ତ ସୁଦୃଢ଼ ଥିଲା ଏବଂ ୩୫୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାତ୍ରା ସହ୍ୟ କରିପାରୁଥିଲା। ପୁନଶ୍ଚ ତାହା ଆକାର ପରିବର୍ତ୍ତନ ନ କରି ପ୍ରତ୍ୟାବର୍ତ୍ତୀ ଭାବେ ମିଥେନ୍, ଯବକ୍ଷାରଜାନ ଏବଂ ଅମ୍ଳଜାନ ଆଦି ବାଷ୍ପ ଶୋଷଣ କରି ପାରୁଥିଲା। ଏହାର ପ୍ରସ୍ତୁତି ଏବଂ ବିନିଯୋଗ ସମ୍ପର୍କରେ ସେ ୧୯୯୮ ମସିହାରେ 'ଦ ବୁଲେଟିନ୍ ଅଫ ଦି କେମିକାଲ ସୋସାଇଟି ଅଫ ଜାପାନ' ପ୍ରକାଶ କଲେ।

ଇତିମଧ୍ୟରେ ୟାଘି ଏ କ୍ଷେତ୍ରରେ ଆଉ ଏକ ପାଦ ଅଗ୍ରସର ହେଲେ। ସେ ଏବଂ ତାଙ୍କର ସହଯୋଗୀମାନେ ଏକ ନୂତନ ଶ୍ରେଣୀର ଏମ୍.ଓ.ଏଫ. ତିଆରି କରିବାକୁ ଲାଗିଲେ। ଏଗୁଡିକ ଥିଲା ଅଧିକ ଚଉଡା ଏବଂ ଅତ୍ୟନ୍ତ ମଜଭୁତ, ଯାହାକି ୩୦୦ ଡିଗ୍ରୀ ସେଲସିୟସ ତାପମାତ୍ରା ସହ୍ୟ କରିପାରୁଥିଲା। ଏହାକୁ ନେଇ ସେ ୨୦୦୨ ଏବଂ ୨୦୦୩ ମସିହାରେ ଯଥାକ୍ରମେ 'ଦ ସାଇନ୍ସ' ଏବଂ 'ଦ ନେଚର' ପତ୍ରିକାରେ ଦୁଇଟି ଗବେଷଣା ପତ୍ର ପ୍ରକାଶ କରିଥିଲେ। ତହିଁରେ ସେ ସୂଚିତ କରିଥିଲେ ଯେ ଭିନ୍ନ ଭିନ୍ନ ମୂଳବସ୍ତୁ ବ୍ୟବହାର କରି ନାନାପ୍ରକାର ଏମ.ଓ.ଏଫ.ମାନ ପ୍ରସ୍ତୁତ କରିବା ସମ୍ଭବ। ପୁନଶ୍ଚ ଏହା ନାନାକ୍ଷେତ୍ରରେ ବ୍ୟବହାର ପାଇଁ ଉପଯୋଗୀ।

**ଏମ.ଓ.ଏଫ.କାହିଁକି ଗୁରୁତ୍ୱପୂର୍ଣ୍ଣ:** ପ୍ରଥମେ ୟାଘି ଏବଂ ତାଙ୍କର ସହ ଗବେଷକଗଣ ନିର୍ମାଣ କରିଥିବା ଏମ.ଓ. ଏଫ.ଗୁଡିକ କେବଳ ବାଛି ବାଛି ଜଳକଣା ଶୋଷଣ କରିପାରୁଥିଲେ। ଏଣୁ ମରୁ ଅଞ୍ଚଳରେ ବାୟୁରୁ ଜଳୀୟ ବାଷ୍ପ ଗ୍ରହଣ କରି ତାହାକୁ ଜଳରେ ପରିଣତ କରିବାକୁ ଏହା ନିୟୋଜିତ ହେଉଥିଲା। କିନ୍ତୁ ବର୍ତ୍ତମାନ ଏଗୁଡିକର ବ୍ୟବହାର ଅତି ବ୍ୟାପକ ହେଲାଣି। ତାହା ଜଳରୁ ପ୍ରଦୂଷକ ଅଲଗା କରିବାଠାରୁ ଆରମ୍ଭ କରି ବିଭିନ୍ନ ବାଷ୍ପ ଶୋଷଣ ଓ ସଞ୍ଚୟ, ପରିସ୍ରବଣ, ବାୟୁମଣ୍ଡଳ ଓ କଳକାରଖାନାରୁ ନିର୍ଗତ ବାଷ୍ପରୁ ଅଙ୍ଗାରକାମ୍ଳ ଶୋଷଣ, ଉତ୍ପ୍ରେରଣ, ବିଦ୍ୟୁତ୍ ରସାୟନକ୍ଷେତ୍ର, ଫ୍ଲୋରେସେନ୍ସ ଭିତ୍ତିକ ଚିତ୍ରଗ୍ରହଣ ଆଦି କାର୍ଯ୍ୟରେ ନିୟୋଜନ କରାଯାଉଛି। ଏଣୁ ବିଭିନ୍ନ କମ୍ପାନୀମାନେ ଏହାର ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିଦେଲେଣି। ଉଦାହରଣସ୍ୱରୂପ, ଇଂଲଣ୍ଡର 'ନୂଆଡା' ନାମକ କମ୍ପାନୀ ଫଳ ଓ ପନିପରିବାକୁ ଦୀର୍ଘକାଳ ଧରି ଗଚ୍ଛିତ ରଖିବା ଲାଗି ଏହାର ଉପଯୋଗ କରୁଛି। ଏଥିରେ ସଞ୍ଚିତ ରହୁଛି ଏକ ରାସାୟନିକ ପଦାର୍ଥ, ଯାହାକି ସେଗୁଡିକୁ ସତେଜ ରଖୁଛି। ସେହିପରି ଆମେରିକାର 'ନୂମାର୍ଟ' ଏକ ପ୍ରକାର ଏମ.ଓ.ଏଫ. ତିଆରି କଲାଣି, ଯାହାକି ବିଭିନ୍ନ ଶିଳ୍ପରୁ ନିର୍ଗତ ପ୍ରଦୂଷଣକାରୀ ବାଷ୍ପରୁ ଅଙ୍ଗାରକାମ୍ଳ ଏବଂ ଅଲଗା ଅଲଗା ଭାବେ ଅନ୍ୟାନ୍ୟ ବାଷ୍ପ ଶୋଷଣ କରିପାରୁଛି। (କ୍ରମଶଃ..)

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ : ୯୯୩୭୩୦୧୪୬୦

## ଯକ୍ଷ୍ମା: କିଛି କଥା



ଯକ୍ଷ୍ମା ଏକ ଜୀବାଣୁଜନିତ ରୋଗ। 'ମାଇକୋବ୍ୟାକ୍ଟେରିୟସ' ଜୀବାଣୁ ଦ୍ୱାରା ଏହି ରୋଗ ବ୍ୟାପିଥାଏ।। ସଂକ୍ରମିତ ରୋଗୀର କାଶ ଓ ଛିଙ୍କ ଦ୍ୱାରା ଜୀବାଣୁ ବାୟୁରେ ମିଶି ସୁସ୍ଥ ଲୋକର ଶରୀରରେ ପ୍ରବେଶ କରେ ଓ ରୋଗ ସୃଷ୍ଟିର କାରଣ ହୋଇପଡେ। ଶରୀରର ପ୍ରାୟ ସବୁ ଅଙ୍ଗକୁ ଯକ୍ଷ୍ମା ଆକ୍ରାନ୍ତ କରିଥାଏ। କିନ୍ତୁ ପାଖାପାଖି ୮୦ ଶତାଂଶ କ୍ଷେତ୍ରରେ ଫୁସଫୁସରେ ଏହି ରୋଗ ହୋଇଥାଏ। ସାଧାରଣତଃ ଜୀବାଣୁଗୁଡିକ ବାୟୁବାହିକ। ହେଲେ ଏହି ରୋଗଟି ବଂଶଗତ ନୁହେଁ। ଡାଇବେଟିସ୍, କ୍ୟାନ୍ସର, ଏଚଆଇଭି ସଂକ୍ରମିତ ରୋଗୀ, ଅପପୁଷ୍ଟି ଆକ୍ରାନ୍ତ ବ୍ୟକ୍ତି, ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି, ମାନସିକ ଚାପଗ୍ରସ୍ତ ଲୋକ ଏବଂ ଷ୍ଟେରଏଡ୍ ଔଷଧ ଚିକିତ୍ସାରେ ରହିଥିବା ରୋଗୀ ଯକ୍ଷ୍ମାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଛି। ଯକ୍ଷ୍ମା ରୋଗର ପ୍ରଧାନ ଲକ୍ଷଣ ବିଷୟରେ ଜାଣି ରଖିବା ନିହାତି ଦରକାର। ସବୁରୋଗୀଙ୍କ ଠାରେ ଲକ୍ଷଣ ପ୍ରକାଶ ପାଇ ନ ଥାଏ। ଯେଉଁ ରୋଗୀମାନଙ୍କଠାରେ ଲକ୍ଷଣ ପ୍ରକାଶ ପାଇଥାଏ, ସେହି ଲକ୍ଷଣଗୁଡିକ ମଧ୍ୟରେ ପ୍ରଧାନ ହେଲା ସାମାନ୍ୟ ଜ୍ୱର ଓ କାଶ। ଏହି ଲକ୍ଷଣ ତିନି ସପ୍ତାହରୁ ବେଶି ସମୟ ଲାଗି ରହିପାରେ। ସାଧାରଣତଃ ସନ୍ଧ୍ୟା ସମୟରେ ଜ୍ୱର ଆସିଥାଏ। ଛାତିରେ ଯନ୍ତ୍ରଣା ହୋଇପାରେ। ଭୋକ ମରିଯାଏ। ଚିକିତ୍ସା ନ କଲେ ରୋଗୀ କଙ୍କାଳସାର ହୋଇଯାଏ। ତେଣୁ ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

## କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରେ ସୋସିଆଲ ମିଡିଆ



ଆଜିକାଲି ସୋସିଆଲ ମିଡିଆର ବ୍ୟବହାର କେତେ ବହୁଳ ହେଲାଣି ତାହା ପ୍ରାୟ ସମସ୍ତେ ଜାଣନ୍ତି। ଏଥିରୁ ଅନେକ କଥା ଜାଣିହୁଏ- ଏକଥା ସତ, ହେଲେ ସବୁବେଳେ ଏଥିରେ ନିମଗ୍ନ ରହିଲେ ତାହାର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିବା ସହ ଏହା ଦ୍ୱାରା କାର୍ଯ୍ୟଦକ୍ଷତାରେ ତାରତମ୍ୟ ଦେଖିବାକୁ ମିଳିଥାଏ ବୋଲି ଜଣାପଡିଛି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କେତେକ ବ୍ୟକ୍ତି ଯେଉଁମାନେ ପ୍ରାୟ ଅଧିକାଂଶ ସମୟ ସୋସିଆଲ ମିଡିଆ ସହ ଜଡିତ ରହୁଥିଲେ ସେମାନଙ୍କର କାର୍ଯ୍ୟଦକ୍ଷତାକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ଏମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତାରେ ତାରତମ୍ୟତା ଦେଖିବାକୁ ମିଳିଥିଲା। ତେଣୁ ସୋସିଆଲ ମିଡିଆ ସହ ଆବଶ୍ୟକତାଠାରୁ ଅଧିକ ସମୟ ଜଡିତ ହେବା ଠିକ୍ ନୁହେଁ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ପରାମର୍ଶ ଦେଇଛନ୍ତି।

## ସହଜରେ ନିୟନ୍ତ୍ରିତ ହେବ ଡିମେନସିଆ



ଡିମେନ୍‌ସିଆ ହେଉଛି ଏକ ସ୍ନାୟୁଜନିତ ରୋଗ। ଏଥିରେ ଆକ୍ରାନ୍ତ ଥିବା ଲୋକମାନଙ୍କର ମସ୍ତିଷ୍କ ବିକାଶରେ ବାଧା ସୃଷ୍ଟି ହେବା ସହ ଶାରୀରିକ, ମାନସିକ ଓ ବ୍ୟାବହାରିକ କ୍ଷେତ୍ରରେ ପରିବର୍ତ୍ତନ ଆସିଥାଏ। ତେଣୁ ଏହାକୁ ପ୍ରତିହତ କରିବା ପାଇଁ ଆମିନୋ ଏସିଡ୍ ଥିବା ୭ଟି ଜିନିଷର ସମ୍ମିଶ୍ରଣରେ 'ଆମିନୋ ଏଲ୍‌ପି-୭' ପ୍ରସ୍ତୁତ ହୋଇଛି। ନିକଟରେ ଜାପାନସ୍ଥିତ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ୱାଣ୍ଟମ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ପ୍ରକାଶିତ ଏକ ନିବନ୍ଧରେ ଏହା ଉଲ୍ଲେଖ କରାଯାଇଛି। ଏହାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିବା ପାଇଁ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରି ନଥିବା ବେଳେ 'ଆମିନୋ ଏଲ୍‌ପି-୭' ଏ କ୍ଷେତ୍ରରେ କେତେକାଂଶରେ ସହାୟକ ହେବ ବୋଲି ଜଣାପଡ଼ିଛି। ଆମିନୋ ଏସିଡ୍‌କୁ ନେଇ ପ୍ରୋଟିନ୍ ଗଠିତ ହୋଇଥିବା ବେଳେ ଶରୀରରେ ଯେତେବେଳେ ଏହାର ପରିମାଣ କମିଯାଏ, ସେତେବେଳେ କେତେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏହାର ପ୍ରଭାବ ମସ୍ତିଷ୍କ ଓ ସ୍ନାୟୁ ଉପରେ ଅନେକାଂଶରେ ପଡ଼ିଥାଏ। ତେଣୁ ଏହାକୁ ବ୍ୟବହାର କରିବା ଦ୍ୱାରା ମସ୍ତିଷ୍କ କାର୍ଯ୍ୟଧାରା ଠିକ୍ ଭାବରେ ଚାଲିବା ସହ ଜଣେ ଡିମନେସିଆରୁ କେତେକାଂଶରେ ଉପଶମ ଲାଭ କରିପାରିବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ଉପକାରୀ ଜୁସ୍

ତଟକା ଫଳମୂଳ ଆମ ଶରୀର ପାଇଁ ବେଶ୍ ଉପକାରୀ। ତା'ସହ ଏଥିରୁ ପ୍ରସ୍ତୁତ ଜୁସ୍‌ରେ ମଧ୍ୟ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ବିଶେଷଭାବରେ ଜୁସ୍‌ରେ ଭିଟାମିନ୍ 'ଏ', 'ସି' ଏବଂ 'ଇ' ବ୍ୟତୀତ ଫୋଲିକ୍ ଏସିଡ ଅଛି। ଏହାକୁ ନିୟମିତ ପିଇଲେ ତାହା ଶରୀରରୁ ଖରାପ କୋଲେଷ୍ଟରଲକୁ ବାହାର କରିଦେଇଥାଏ। ଏଥିରେ ଏଭଳି ଉପକାରୀ ତତ୍ତ୍ୱ ରହିଛି, ଯାହା ହୃତ୍ପିଣ୍ଡ ବା ହାର୍ଟର କାର୍ଯ୍ୟଧାରାକୁ ସକ୍ରିୟ କରିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ ଜୁସ୍ ଉପରେ ଗବେଷଣା କରି ଏକ ନୂତନ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ତାହା କ'ଣ ଜାଣନ୍ତି? ଯଦି ଜଣେ ବ୍ୟକ୍ତି ନିୟମିତ ଜୁସ୍ ପିଅନ୍ତି, ତେବେ ସେ ନିଜକୁ କ୍ୟାନ୍‌ସରଠାରୁ କେତେକାଂଶରେ ଦୂରେଇ ରଖିପାରିବେ। କାରଣ ଏଥିରେ ଥିବା ତତ୍ତ୍ୱ ସୁସ୍ଥ କୋଷକୁ କ୍ୟାନସର ଭାଇରସ ଆକ୍ରମଣରୁ ଅନେକାଂଶରେ ସୁରକ୍ଷା ଦେଇଥାଏ। ଏଥିରୁ ଶରୀରକୁ ମଧ୍ୟ ଶକ୍ତି ମିଳିଥାଏ।

## ସ୍ୱାସ୍ଥ୍ୟ ସୂଚନା

- ଯେତେ ସମ୍ଭବ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଆନ୍ତୁ। କାରଣ ରୋଗର ଲକ୍ଷଣକୁ ଭଲ ଭାବରେ ତର୍ଜମା କରି ସେଥିରୁ ଉପଶମ ପାଇବା ଲାଗି ଡାକ୍ତର ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି।
- ପ୍ରତିଦିନ ସକାଳେ ଖାଲି ପେଟରେ ଗ୍ଲାସେ ଉଷୁମ ପାଣି ପିଅନ୍ତୁ। ଏହା ଓଜନକୁ ନିୟନ୍ତ୍ରଣରେ ରଖିବାକୁ କେତେକାଂଶରେ ସାହାଯ୍ୟ କରିଥାଏ।



- ଆଜିକାଲିର ବ୍ୟସ୍ତମୟ ଜୀବନରେ ସକାଳୁ କିଛି ସମୟ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଶରୀର କେତେକାଂଶରେ ସୁସ୍ଥ ରହିବା ସହ ମନ ପ୍ରଫୁଲ୍ଲ ରହିଥାଏ।
- ସବୁବେଳେ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ତା' ସହ ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ।
- ଟେନ୍‌ସନ୍‌କୁ ନେଇ ଟେନ୍‌ସନ୍ ହେବା ପରିବର୍ତ୍ତେ ତାହାର କାରଣ ବାହାର କରି ସମାଧାନ କରନ୍ତୁ।
- ପେଟଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ତେଲ-ମସଲାଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ଯେତେ ସମ୍ଭବ ନିଜକୁ ଖୁସିର ମାହୋଲରେ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଜଣେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବ।

# ଡାଇବେଟିସ୍‌ଜନିତ ପାଦ ଘା'



ଡା. ଯତୀନ କୁମାର ମାଝୀ

"ଦୁର୍ଘଟଣାକୁ ବାଦ୍ ଦେଲେ ଅଧିକାଂଶ ପାଦ କାଟିବାର କାରଣ ହେଉଛି ଡାଇବେଟିସ୍‌ଜନିତ ପାଦ ଘା'। ଏହି ଘା' ନା କେବଳ ଶାରୀରିକ କଷ୍ଟ ଦେଇଥାଏ ଅବା ଏହାର ଚିକିତ୍ସା ବ୍ୟୟବହୁଳ, ବରଂ ଏହା ପ୍ରାଣଘାତୀ ମଧ୍ୟ। ତେଣୁ ଡାଇବେଟିସ୍ ରୋଗୀଙ୍କଠାରେ ପାଦ ଘା' ହେବା ମାତ୍ରେ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଇନେଲେ ସୁସ୍ଥ ଜୀବନ ଜିଇପାରିବେ।"

ଡାଇବେଟିସ୍ ରୋଗୀଙ୍କ ପାଇଁ ପ୍ରମୁଖ ସମସ୍ୟା ହେଉଛି ସୁଗାର ଏବଂ ଖାଦ୍ୟକୁ ନିୟନ୍ତ୍ରଣ କରିବା ଓ ନିୟମିତ ଔଷଧ ସେବନ କରିବା। ମାତ୍ର ଡାଇବେଟିସ୍‌ର ଏକ ଜଟିଳ ସମସ୍ୟା ହେଉଛି ଏହା ଜନିତ ପାଦ ଘା' ଯାହାର ପରିଣାମ ପ୍ରାଣଘାତୀ ହୋଇପାରେ। ଡାଇବେଟିସ୍ ପାଦ ଘା' ସାଧାରଣତଃ ଗୋଟିଏ ଛୋଟ ଖଣ୍ଡିଆ ବା ଫୋଟକାରୁ ଆରମ୍ଭ ହୋଇଥାଏ। ଯେହେତୁ ଅଧିକାଂଶ ଡାଇବେଟିସ୍ ରୋଗୀ ସ୍ନାୟୁ ବା ନର୍ଭ ଯନ୍ତ୍ରଣାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଭଲ ଭାବେ ଅନୁଭବ କରିପାରନ୍ତି ନାହିଁ ଏବଂ ସେମାନଙ୍କ କ୍ଷେତ୍ରରେ ପ୍ରାୟତଃ ଗୋଡକୁ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇପାରି ନ ଥାଏ ବା କମ୍ ହୋଇଥାଏ, ତେଣୁ ଏହି ଛୋଟ ଖଣ୍ଡିଆ ବା ଫୋଟକା ମଧ୍ୟ ସହଜରେ ନ ଶୁଖି ଘା'ରେ ପରିଣତ ହୋଇଯାଏ। କେତେକଙ୍କ କ୍ଷେତ୍ରରେ ଏହା ଧୀରେ ଧୀରେ ସଂକ୍ରମିତ ହୋଇ ହାଡକୁ ପହଞ୍ଚିବା ସହ ବେଳେ ବେଳେ ଜଟିଳ ହୋଇ ପାଦ କାଟିବା ଭଳି ସ୍ଥିତି ମଧ୍ୟ ଉପୁଜିଥାଏ। ତେବେ ଅତ୍ୟନ୍ତ ଦୁଃଖର ବିଷୟ ଯେ, ଆମ ଦେଶ ଭାରତକୁ ପୃଥିବୀର ଡାଇବେଟିସ୍ କ୍ୟାପିଟାଲ୍ ବୋଲି କୁହାଯାଉଛି। ଏଠାରେ ଥିବା ସମସ୍ତ ଡାଇବେଟିସ୍ ରୋଗୀଙ୍କ ମଧ୍ୟରେ ପ୍ରତି ଚାରିଜଣରେ ଜଣଙ୍କଠାରେ ପାଦ ଘା' ଜନିତ ସମସ୍ୟା ଦେଖାଦେଇଥାଏ। ଦୁର୍ଘଟଣାକୁ ବାଦ୍ ଦେଲେ ଅଧିକାଂଶ ପାଦ କାଟିବାର କାରଣ ହେଉଛି ଡାଇବେଟିସ୍ ଜନିତ ପାଦ ଘା'। ଏହି ଘା' ନା କେବଳ ଶାରୀରିକ କଷ୍ଟ ଦେଇଥାଏ ବରଂ ଏହାର ଚିକିତ୍ସା ଜନିତ ଖର୍ଚ୍ଚ ମଧ୍ୟ ବ୍ୟୟବହୁଳ। ଏମିତିକି ଏଥିପାଇଁ ବର୍ଷ ବର୍ଷର ସଞ୍ଚିତ ଆୟ ବି ଶେଷ ହୋଇଯାଇଥାଏ।

### ପ୍ରମୁଖ କାରଣ

ଭାରତୀୟମାନଙ୍କଠାରେ ଡାଇବେଟିସ୍ ଜନିତ ପାଦ ଘା' ସମସ୍ୟା ଅଧିକ ଦେଖାଦେବାର ମୁଖ୍ୟ କାରଣଗୁଡ଼ିକ ହେଉଛି-

- କେତେକ ସମୁଦାୟରେ ଏବେବି ପ୍ରଚଳିତ ଥିବା ଖାଲି ପାଦରେ ଚାଲିବା ପ୍ରଥା।
- ପାଦକୁ ଠିକ୍ ଭାବରେ ଫିଟ୍ ହେଉ ନ ଥିବା ବା ଟାଇଟ୍ ଜୋତା ପିନ୍ଧିବା।
- ଯଥା ସମୟରେ ଏହାର ଚିକିତ୍ସା ନ କରାଇବା, ବିଶେଷ ଭାବରେ ଗ୍ରାମୀଣ ଅଞ୍ଚଳରେ ଠିକ୍ ସମୟରେ ଚିକିତ୍ସାରେ ଅବହେଳା କରିବା।
- ଅନିୟନ୍ତ୍ରିତ ବ୍ଲଡ୍ ସୁଗାର।

### ନିୟନ୍ତ୍ରଣର ଉପାୟ

ଡାଇବେଟିସ୍‌ଜନିତ ପାଦ ଘା' ଏବଂ ଏହାର ଜଟିଳତାକୁ ରୋକିବା ପାଇଁ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେଲେ ଏହାକୁ ନିୟନ୍ତ୍ରଣ କରାଯାଇପାରେ। ସେହି ପଦକ୍ଷେପଗୁଡିକ ହେଲା:

- ଡାଇବେଟିସ୍ ସମସ୍ୟା ଥିଲେ ପ୍ରତିଦିନ ନିଜେ ପାଦକୁ ଯାଞ୍ଚ କରିବା ଦରକାର।
- ଖାଲି ପାଦରେ ଚାଲିବା ଅନୁଚିତ।
- ଠିକ୍ ଫିଟ୍ ହେଉଥିବା ଏବଂ କମ୍ଫର୍ଟେବଲ୍ ଜୋତା ପିନ୍ଧିବା।
- ପ୍ରତିଦିନ ଗୋଡ଼କୁ ଭଲ ଭାବେ ଧୁଅନ୍ତୁ, ବିଶେଷ କରି ଆଙ୍ଗୁଠି ସନ୍ଧିଗୁଡ଼ିକୁ ଭଲ ଭାବେ ଧୋଇ ସଫା କରନ୍ତୁ ଏବଂ ଭଲ ଭାବେ ପୋଛନ୍ତୁ।
- ଶୁଖିଲା ପାଦରେ ପ୍ରତିଦିନ ନଡ଼ିଆ ତେଲ କିମ୍ବା ମଶ୍ଚରାଇଜର୍ ଲଗାନ୍ତୁ।
- ନଖ କାଟନ୍ତୁ ଏବଂ ଏହାକୁ ପରିଷ୍କାର ରଖନ୍ତୁ।
- ପାଦରେ ଘା' ନ ଥିଲେ ବି ଡାଇବେଟିସ୍ ରୋଗୀ ବର୍ଷରେ ଥରେ ଡାକ୍ତରଙ୍କ ନିକଟରେ ପାଦ ପରୀକ୍ଷା କରାଇନେବା ଭଲ।
- ଯଦି ପାଦରେ ଘା' ହୁଏ ଏବଂ ଏହା ଶୁଖିବାରେ ବିଳମ୍ବ ହୁଏ, ସେଥିରୁ ଦୁର୍ଗନ୍ଧ କିମ୍ବା ପୂଜ ବାହାରେ ତେବେ ମନଇଚ୍ଛା ଔଷଧ ନ ଲଗାଇ ଅବା ଆଦୌ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଲେ ଏହା ଶୀଘ୍ର ଠିକ୍ ହୋଇପାରେ।



ଡାଇବେଟିସ୍‌ଜନିତ ପାଦ ଘା' ପ୍ରତିରୋଧ କେବଳ ରୋଗୀଙ୍କ ଦାୟିତ୍ୱ ନୁହେଁ। ତେଣୁ ଏଥିପାଇଁ ଡାକ୍ତର, ନର୍ସ, କମ୍ୟୁନିଟି ହେଲ୍‌ଥ କର୍ମଚାରୀ ଏବଂ ପରିବାର ସଦସ୍ୟମାନଙ୍କ ସହଯୋଗ ଆବଶ୍ୟକ। ଯଦିଓ ଭାରତରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କୁ ଏ ଦିଗରେ ସତର୍କ କରାଯାଇ ହଜାର ହଜାର ଲୋକଙ୍କ ପାଦ କାଟିବାରୁ ରକ୍ଷା କରାଯାଇପାରୁଛି। ତଥାପି ପରିତାପର ବିଷୟ ଯେ, ଏବେ ବି ପ୍ରତି ୩୦ ସେକେଣ୍ଡରେ ଗୋଟିଏ ପାଦ ଡାଇବେଟିସ୍ ଯୋଗୁ କଟାଯାଉଛି। ତେଣୁ ଏହି ସମସ୍ୟାକୁ ଏକ ଜରୁରିକାଳୀନ ସ୍ଥିତି ଭାବେ ଧରାଯିବା ଆବଶ୍ୟକ। ଡାଇବେଟିସ୍ ରୋଗୀ ନିଜ ପାଦର ଯତ୍ନ ନେବା ସହ ଘା'ର ଲକ୍ଷଣ ଦେଖିବା ମାତ୍ରେ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଇନେଲେ ଏହି ସମସ୍ୟାରୁ ଦୂରେଇ ରହିବା ସହିତ ଏକ ସୁସ୍ଥ ଜୀବନ ଜିଇପାରିବେ।

-ଡାଇବେଟୋଲୋଜିଷ୍ଟ ଆଣ୍ଡ ଏଣ୍ଡୋକ୍ରାଇନୋଲୋଜିଷ୍ଟ, ଭୁବନେଶ୍ୱର
ମୋ: ୯୪୩୮୩୭୦୬୩୯

# ରଣ୍‌ଜୀ ଟ୍ରଫି ; ଉତ୍ତର ପ୍ରଦେଶ ଅଗ୍ରଣୀ

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

କାନ୍‌ପୁରର ଗ୍ରୀନ୍‌ପାର୍କରେ ଚାଲିଥିବା ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶାର ବ୍ୟାଟିଂ ଓ ବୋଲିଂ ପ୍ରଭାବହୀନ ରହିଛି। ସମାନ କାରଣରୁ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ବରୋଦା ବିପକ୍ଷ ପ୍ରଥମ ମ୍ୟାଚରେ ପରାଜୟ ବରଣ କରିଥିବା ଓଡ଼ିଶା କାନ୍‌ପୁରରେ ରବିବାର ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଉତ୍ତର ପ୍ରଦେଶଠାରୁ ପ୍ରଥମ ଇନିଂସରେ ପଛୁଆ ହୋଇଯାଇଛି। ଓଡ଼ିଶା ପ୍ରଥମ ଇନିଂସରେ ୨୪୩ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଉତ୍ତର ପ୍ରଦେଶ ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ୩ ଉଇକେଟ ହରାଇ ୨୬୨ ରନ ସଂଗ୍ରହ କରି ନେଇଛି। ଆରାଧ୍ୟ ଯାଦବ ଓ ଅଧିନାୟକ କରନ ଶର୍ମା ଅସମାପ୍ତ ୪ର୍ଥ ଉଇକେଟରେ ୧୪୬ ରନ ଯୋଗକରି ଉତ୍ତର ପ୍ରଦେଶକୁ ଅଗ୍ରଣୀ କରାଇଛନ୍ତି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୧୭/୦ରୁ ଖେଳ ଆରମ୍ଭ କରିଥିବା ଉତ୍ତର ପ୍ରଦେଶ ୪୫ ରନରେ ୨ଟି ଏବଂ ୧୧୬ ରନରେ ତୃତୀୟ ଉଇକେଟ ହରାଇଥିଲା। ଅଭିଷେକ ଗୋସ୍ୱାମୀ ୨୪ ଓ ମାଧବ କୌଶିକ ୬୭ ରନ କରିଥିବାବେଳେ ଆର୍ଯ୍ୟନ ଜୁୟାଲ ଖାତା ଖୋଲିପାରି ନ ଥିଲେ। ମାତ୍ର କରନ ଓ ଆରାଧ୍ୟ ସତର୍କତାର ସହ ବ୍ୟାଟିଂ କରି ଉତ୍ତର ପ୍ରଦେଶକୁ ଆଉ କ୍ଷତି ହେବାକୁ ଦେଇ ନ ଥିଲେ। ଶତକୀୟ ଭାଗୀଦାରି ଗଢ଼ି ସାରିଥିବା କରନ ୮୩ ଓ ଆରାଧ୍ୟ ୮୦ ରନରେ ଅପରାଜିତ ରହି ଦଳକୁ ବଡ଼ ଅଗ୍ରଣୀ ଆଡ଼କୁ ନେଇ ଯାଇଛନ୍ତି। ଓଡ଼ିଶା ପକ୍ଷରୁ ୩ଟି ଯାକ ଉଇକେଟ ଡାହାଣହାତୀ ମିଡିୟମ ପେସ୍ ବୋଲର ସମ୍ବିତ ବରାଳ ହାସଲ କରିଛନ୍ତି। ସୋମବାର ତୃତୀୟ ଦିବସ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ। ବୋଲରମାନେ ଉତ୍ତର ପ୍ରଦେଶର ପ୍ରଥମ ଇନିଂସ ଶୀଘ୍ର ଶେଷ ନ କଲେ ଓଡ଼ିଶାକୁ ଯେ ପ୍ରଥମ ମ୍ୟାଚ ପରି ଆଉ ଏକ ବିପଦର ସମ୍ମୁଖୀନ ହେବାକୁ ନ ପଡ଼ିବ ତାହା କହି ହେବନାହିଁ।


ସମ୍ବିତ ବରାଳ

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୩। ଉତ୍ତର ପ୍ରଦେଶ ପ୍ରଥମ ଇନିଂସ: ୨୬୨/୩ (କରନ ଶର୍ମା-୮୩*, ଆରାଧ୍ୟ ଯାଦବ-୮୦*, ମାଧବ କୌଶିକ-୬୭, ସମ୍ବିତ ବରାଳ-୩/୩୫)।

## ଭାରତୀୟ ରଗ୍‌ବୀ ଦଳ ସେମିଫାଇନାଲରେ

**ମସ୍କଟ, ୨୬।୧୦ (ପି.ଟି.)**

ଭାରତର ପୁରୁଷ ରଗ୍‌ବୀ ଦଳ ଏଠାରେ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଦଳ ଏହାର ପ୍ରଥମ ମ୍ୟାଚରେ ଆଫଗାନିସ୍ତାନକୁ ୧୪-୧୦ରେ ପରାସ୍ତ କରିବା ପରେ ଦ୍ୱିତୀୟ ମ୍ୟାଚରେ ଆଫଗାନିସ୍ତାନ ବିପକ୍ଷରେ ୨୬-୫ରେ ବିଜୟ ହାସଲ କରିଥିଲା। କ୍ୱାର୍ଟରଫାଇନାଲରେ ଦଳ ୨୧-୭ରେ ଇରାନକୁ ହରାଇ ଦେଇଥିଲା। ଭାରତ ଏହାର ସମସ୍ତ ତିନୋଟି ମ୍ୟାଚରେ ବିଜୟ ହାସଲ କରିବା ପରେ ବର୍ତ୍ତମାନ ସେମିଫାଇନାଲରେ ସୋମବାର ସାଉଦି ଆରବକୁ ଭେଟିବାକୁ ଯାଉଛି। ଏଥିରେ ବିଜୟ ହାସଲ କରିବା ଦ୍ୱାରା ଭାରତ କେବଳ ଫାଇନାଲରେ ପ୍ରବେଶ କରିବ ତାହା ନୁହେଁ ବରଂ ଡିଭିଜନ-୧ ଦି ଏସିଆ ରଗ୍‌ବୀ ସେଭେନ୍ସ ସିରିଜ ପାଇଁ ପ୍ରଥମ ଥର ଯୋଗ୍ୟତା ଅର୍ଜନ କରିବ।

# ଅସ୍ମିତା ଖେଲୋ ଇଣ୍ଡିଆ ସାଇକ୍ଲିଂ



ଅସ୍ମିତା ଖେଲୋ ଇଣ୍ଡିଆ ସାଇକ୍ଲିଂ ଲିଗ୍‌ର ଶୁଭାରମ୍ଭ ଅବସରରେ ଅତିଥିଙ୍କ ସହ ସାଇକ୍ଲିଷ୍ଟମାନେ।

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାର ଖେଲୋ ଇଣ୍ଡିଆ ଅସ୍ମିତା ସାଇକ୍ଲିଂ ଲିଗ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନାରୀ ସଶକ୍ତୀକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଖେଲୋ ଇଣ୍ଡିଆ ଅସ୍ମିତା ଲିଗ୍ ପ୍ରତି ଜିଲ୍ଲା ଓ ସଦର ମହକୁମାରେ ହେବାପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ତାହା କଟକରେ ସମ୍ପନ୍ନ ହୋଇଛି। ଏହି ପ୍ରତିଯୋଗିତାରେ ୧୫୦ ମହିଳା ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ କୁମାର ରାଉତ, କୋଷାଧ୍ୟକ୍ଷ ସୁଜିତ ରାଉତ, ସାଇକ୍ଲିଷ୍ଟ ଦିଲୀପ କୁମାର ନାଟିଆ ଏବଂ ସ୍କୁଲଗୁଡ଼ିକର ଶାରୀରିକ ଖେଳ ଶିକ୍ଷକ ଉପସ୍ଥିତ ଥିଲେ। ସାଇକ୍ଲିଂର ଏହି କାର୍ଯ୍ୟକ୍ରମ ଇନ୍‌ଡୋର ଷ୍ଟାଡିୟମରୁ ଆରମ୍ଭ ହୋଇ ଚଣ୍ଡୀ ଛକ, ବକ୍ସି ବଜାର, ମଣିସାହୁ ଛକ, କ୍ୟାଣ୍ଟନମେଣ୍ଟ ରୋଡ ଦେଇ ପୁନର୍ବାର ଇନ୍‌ଡୋର ଷ୍ଟାଡିୟମରେ ପହଞ୍ଚିଥିଲା।

# ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସମ୍ପର୍କରେ ଆଲୋଚନା



ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

**ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକ**

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ୱତନ୍ତ୍ର ସାଧାରଣ ବୈଠକ ରବିବାର କଟକ ବାରବାଟୀ ଷ୍ଟାଡିୟମସ୍ଥିତ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏବଂ ଆପେକ୍ସ କାଉନ୍ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଅନ୍ୟ ଅନୁବନ୍ଧିତ ୟୁନିଟଗୁଡ଼ିକର ସଦସ୍ୟମାନେ ମଧ୍ୟ ଯୋଗଦେଇଥିଲେ। ବୈଠକରେ ଓଡ଼ିଶାରେ କ୍ରିକେଟର ବିକାଶ ଏବଂ ଆସନ୍ତା ଡିସେମ୍ବର ୯ରେ ହେବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଆୟୋଜନ ଆଦି କେତେକ ବିଷୟ ଉପରେ ଆଲୋଚନା ହୋଇଥିଲା। କୋଷାଧ୍ୟକ୍ଷଙ୍କ ପକ୍ଷରୁ ଆଗତ ବାର୍ଷିକ ଆର୍ଥିକ ରିପୋର୍ଟ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା।

# ଭାରତ-ବାଂଲାଦେଶ ପଏଣ୍ଟ ବାଣ୍ଟିଲେ

**ନଭି ମୁମ୍ବାଇ, ୨୬।୧୦**

ଚଳିତ ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ରବିବାର ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ଅନ୍ତିମ ଲିଗ୍ ମ୍ୟାଚ୍ ବର୍ଷାରେ ଧୋଇ ହୋଇଯାଇଛି। ଫଳରେ ଉଭୟ ଦଳକୁ ପଏଣ୍ଟ ଭାଗ କରିବାକୁ ପଡ଼ିଛି। ଏଥିଯୋଗୁ ଭାରତ ୭ ମ୍ୟାଚ୍‌ରୁ ୭ ପଏଣ୍ଟ ସହ ଚତୁର୍ଥ ଓ ବାଂଲାଦେଶ ଗୋଟିଏ ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

ଆରମ୍ଭରୁ ବର୍ଷା ବାଧକ ସାଜିବାରୁ ମ୍ୟାଚ୍‌କୁ ୨୭ ଓଭରରେ ସୀମିତ ରଖାଯାଇଥିଲା। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ବାଂଲାଦେଶ ଧାର୍ଯ୍ୟ ୨୭ ଓଭରରେ ୯ ଉଇକେଟ ହରାଇ ୧୧୯ ରନ କରିଥିଲା। ଶର୍ମିନ ଅଖତର ୩୬ (୪ ଚୌକା) ଓ ସୋଭନା ମୋଷ୍ଟାରୀ ୨୬ (୪ ଚୌକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରିନଥିଲେ। ବୋଲିଂରେ ରାଧା ଯାଦବ ୩ ଓ ଶ୍ରୀ ଚରନୀ ୨ ଉଇକେଟ ନେଇଥିଲେ। ଡିଏଲ୍‌ଏସ୍ ମେଥଡରେ ଭାରତ ଆଗରେ ୨୭ ଓଭରରେ ୧୨୬ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଫିଲ୍ଡିଂ ବେଳେ ପ୍ରତିକା ରାୱଲଙ୍କ ଆଙ୍କଲରେ ଆଘାତ ଲାଗିଥିବାରୁ ତାଙ୍କ ବଦଳରେ ଅମନଜୋତ, ସ୍ମୃତି ମନ୍ଧାନାଙ୍କ ସହ ଓପନିଂ କରିଥିଲେ। ଦୁହେଁ ୮.୪ ଓଭରରେ ୫୭ ରନ ଯୋଡ଼ିଥିଲେ। ଏହାପରେ ପୁଣି ବର୍ଷା ହେବାରୁ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ବର୍ଷା ବାଧକ ସାଜିଲ ବେଳକୁ ମନ୍ଧାନା ୩୪ ଓ ଅମନଜୋତ ୧୫ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୨୭ ଓଭରରେ ୧୧୯/୯(ଶର୍ମିନ ଅଖତର-୩୬, ସୋଭନା ମୋଷ୍ଟାରୀ-୨୬, ରାଧା ଯାଦବ-୩/୩୦, ଶ୍ରୀ ଚରନୀ-୨/୨୩)। ଭାରତ: ୮.୪ ଓଭରରେ ୫୭/୦ (ସ୍ମୃତି ମନ୍ଧାନା-୩୪*, ଅମନଜୋତ କୌର-୧୫*)।

# ରାଜ୍ୟ ଭାରୋତ୍ତୋଳନ ୨୮ରୁ

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଚଳିତ ମାସ ୨୮ରୁ ଆରମ୍ଭ ହେବ। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଉଭୟ ମହିଳା ଓ ପୁରୁଷ ବିଭାଗର ୟୁଥ୍, ଜୁନିୟର ଓ ସିନିୟର ବର୍ଗରେ ପ୍ରତିଯୋଗିତା ହେବ। ପ୍ରତିଯୋଗିତାରେ ରାଜ୍ୟର ୨୦ ଜିଲ୍ଲାରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ୫୦ କୋଚ୍, ମ୍ୟାନେଜର ଉପସ୍ଥିତ ରହିବା ସହ ୪୦ ଟେକ୍ନିକାଲ ଅଫିସିଆଲ ପ୍ରତିଯୋଗିତାକୁ ପରିଚାଳନା କରିବେ। ଏଥିରୁ ଆସନ୍ତା ଜାତୀୟ ପ୍ରତିଯୋଗିତା ପାଇଁ ଭାରୋତ୍ତୋଳକ ଚୟନ କରାଯିବ ବୋଲି ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।







1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ